

ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀକୁ ସମ୍ବୋଧନ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ରାମ୍ପରେ ଜଲୱା ଦେଖାଇଲେ ତାରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୮ Vol. 22 No-118 28 JULY 2025 MONDAY, BHUBANESWAR ସୋମବାର, ୨୮ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବନ୍ୟା ସ୍ଥିତିରେ ସୁଧାର

# ହ୍ରାସ ପାଉଛି ଜଳସ୍ତର





- କମୁଛି ବୈତରଣୀ, ଜଳକା ଜଳପତ୍ତନ
- ବଢୁଛି ସୁବର୍ଣ୍ଣରେଖା ଜଳସ୍ତର
- ୬ ଜିଲ୍ଲା ବନ୍ୟାରେ ପ୍ରଭାବିତ
- ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ: ରାଜସ୍ୱମନ୍ତ୍ରୀ
- ଭଟ୍ଟାରିକା ମନ୍ଦିରରେ ମହାନଦୀ ବନ୍ୟାଜଳ

ଭୁବନେଶ୍ୱର, ୨୭।୭ (ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣ ବର୍ଷା ପରେ ବିଭିନ୍ନ ନଦୀରେ ଦେଖା ଦେଇଥିବା ବନ୍ୟାସ୍ଥିତିରେ ସୁଧାର ଆସିଛି। ବୈତରଣୀ, ଜଳକା ସମେତ ବିଭିନ୍ନ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତେବେ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧି ପାଉଛି। ରବିବାର ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ଯେ ବୈତରଣୀ ନଦୀର ଜଳସ୍ତର ଆନନ୍ଦପୁରଠାରେ ୩୫.୭୮ ମିଟର ରହିଥିଲା। ସେଠାରେ ବିପଦ ସଂକେତ ୩୮.୩୬ ମିଟର। ସେହିପରି ଆଖୁଆପଦାଠାରେ ବିପଦସଂକେତ ସ୍ତର ୧୮.୩୩ ମିଟର ରହିଥିବାବେଳେ ଜଳସ୍ତର ୧୮.୫୪ ମିଟର ରହିଛି। ତେବେ ଏଠାରେ ଜଳସ୍ତର ହ୍ରାସ ପାଉଥିବା ମଧ୍ୟ ସୂଚନା ଦିଆଯାଇଛି। ଜଳକା ନଦୀରେ ମଥାନିଠାରେ ବିପଦସଂକେତ ସ୍ତର ୬.୫୦ ମିଟର ରହିଥିବାବେଳେ ସେଠାରେ ମଧ୍ୟ ଜଳପ୍ରବାହ ହ୍ରାସ ପାଉଛି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ନଦୀର ଜଳସ୍ତରରେ ବୃଦ୍ଧି ଘଟୁଥିବା ନେଇ ଏସଆରସି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ବନ୍ୟାରେ ୬ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଛି। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୧୧ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ୧ ହଜାରରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାସ୍ଥିତି ନେଇ ରବିବାର ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଏସଆରସି ଦେଓରଞ୍ଜନ କୁମାର ସିଂଙ୍କ ଉପସ୍ଥିତିରେ ଏହି ୬ଟି ଜିଲ୍ଲାର ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆବାସୀ ମାଧ୍ୟମରେ ବନ୍ୟାସ୍ଥିତିର ସମୀକ୍ଷା କରିଥିଲେ। ପରେ ଶ୍ରୀ ସିଂ କହିଥିଲେ ଯେ ବାଲେଶ୍ୱରରେ ୫ଟି ଓଡ୍ରାଫ ଟିମ୍ ସହ ଗୋଟିଏ ଏନଡିଆରଏଫ ଟିମ୍, ୨୬ଟି ଅଗ୍ନିଶମ ଓ ଜରୁରିକାଳୀନ ସେବାବାହିନୀ ନିୟୋଜିତ ହୋଇଥିବାବେଳେ ମୟୂରଭଞ୍ଜରେ ଗୋଟିଏ, ଭଦ୍ରକରେ ଗୋଟିଏ, ଯାଜପୁରରେ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ବନ୍ୟା ଅଞ୍ଚଳରେ ଜଳ ବିଶୋଧନ ଓ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। • ପୃଷ୍ଠା ୫ ଦେଖନ୍ତୁ

## ■ ମୋଦୀଙ୍କ ମନ କି ବାତ୍ ■

# କେନ୍ଦୁଝରର ସଂକୀର୍ତ୍ତନମଣ୍ଡଳୀ, ମୟୂରଭଞ୍ଜର ସାନ୍ତାଳି ଶାଢ଼ିକୁ ପ୍ରଶଂସା





ନୂଆଦିଲ୍ଲୀ, ୨୭।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କ ମନ କି ବାତ୍‌ର ୧୨୪ତମ ସଂସ୍କରଣରେ ଓଡ଼ିଶାର କେନ୍ଦୁଝରର ସଂକୀର୍ତ୍ତନମଣ୍ଡଳୀ ଏବଂ ମୟୂରଭଞ୍ଜର ସାନ୍ତାଳି ଶାଢ଼ିକୁ ଭୂରିଭୂରି ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଲୋକଗୀତ ଆମ ଦେଶର ସଂସ୍କୃତିକୁ ପ୍ରଦର୍ଶନ କରେ। ସାଂସ୍କୃତିକ ସଂରକ୍ଷଣ ଏବଂ ଆତ୍ମନିର୍ଭରଶୀଳତା ବିକଶିତ ଭାରତ ଗଠନରେ ପ୍ରମୁଖ ସ୍ତମ୍ଭ। ସେ କହିଥିଲେ, ୧୯୦୫ ଅଗଷ୍ଟ ୭ ତାରିଖରେ ଏକ ନୂତନ ବିପ୍ଳବ ଆରମ୍ଭ ହୋଇଥିଲା। ସ୍ୱଦେଶୀ ଆନ୍ଦୋଳନ, ସ୍ଥାନୀୟ ଉତ୍ପାଦ ବିଶେଷକରି ହସ୍ତତନ୍ତରେ ନୂତନ ଶକ୍ତିର ସଞ୍ଚାର କରିଥିଲା। ଏହାର ସ୍ମୃତିରେ ଦେଶ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛି। ବୟନଶିଳ୍ପ ଦେଶର ଏକ ଶକ୍ତି ପାଲଟିଛି। ମହାରାଷ୍ଟ୍ରର ପାଇଥାନ ଗାଁର କବିତା ଧାୱଲେ ପୂର୍ବରୁ ସ୍ଥାନ ଓ ସୁବିଧା ନଥିବା ଏକ ଛୋଟ କୋଠରୀରେ କାମ କରୁଥିଲେ। ସରକାରଙ୍କ ସହାୟତାରେ ସେ ହାତବୁଣା ପାଇଥାନି ଶାଢ଼ି ବିକ୍ରୟ କରି ଏବେ ଜୀବିକା ଅର୍ଜନ କରୁଛନ୍ତି। ସେହିପରି ଓଡ଼ିଶାର ମୟୂରଭଞ୍ଜରେ ମଧ୍ୟ ସମାନ କାହାଣୀ ରହିଛି। ଆଦିବାସୀ ମହିଳାମାନେ ସାନ୍ତାଳି ଶାଢ଼ିକୁ ନୂତନ ଜୀବନ ଦେଇଛନ୍ତି। ସେହିପରି ବିହାରର ନାଳନ୍ଦାର ନବୀନ କୁମାରଙ୍କ ସଫଳତା ମଧ୍ୟ ପ୍ରେରଣାଦାୟକ ରହିଛି। ମହିଳାମାନେ ସାନ୍ତାଳି ଶାଢ଼ିକୁ ପୁନର୍ଜୀବିତ କରୁଛନ୍ତି। ବୟନଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟ। ଦେଶରେ ୩ହଜାରରୁ ଅଧିକ ଷ୍ଟାର୍ଟଅପ୍ ଅଛନ୍ତି। ୨୦୪୭ ବିକଶିତ ଭାରତ ପାଇଁ ରହିଥିବା ସ୍ୱପ୍ନ ଆତ୍ମନିର୍ଭରତା ସହିତ ଜଡ଼ିତ। ସେଥିପାଇଁ ସ୍ଥାନୀୟ ଲୋକଙ୍କ ସ୍ୱର ଆବଶ୍ୟକ ବୋଲି ମୋଦୀ କହିଥିଲେ। ମୋଦୀ ଆହୁରି କହିଛନ୍ତି ଯେ ଓଡ଼ିଶାର କେନ୍ଦୁଝରରେ କିଛି ଉଲ୍ଲେଖନୀୟ ଘଟଣା ଘଟୁଛି। ରାଧାକୃଷ୍ଣ ସଂକୀର୍ତ୍ତନ ନାମକ ଏକ ଗୋଷ୍ଠୀ ରହିଛି। ଭକ୍ତିଭାବ ସହିତ ଏହି ଗୋଷ୍ଠୀ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରୁଥିବା ମନ୍ତ୍ର ମଧ୍ୟ ଜପୁଛି। ଏହି ପଦକ୍ଷେପ ପଛରେ ପ୍ରେରଣା ହେଉଛନ୍ତି ପ୍ରମିଳା ପ୍ରଧାନ। ତାଙ୍କ ଗୋଷ୍ଠୀ ଅନେକ ଗାଁ ପରିଦର୍ଶନ କରି ଜଙ୍ଗଲ ନିଆଁ ବିଷୟରେ ସଚେତନ କରୁଛନ୍ତି। ପ୍ରମିଳା ପ୍ରଧାନଙ୍କୁ ଭୂରିଭୂରି ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଅଗଷ୍ଟ ୯ରେ ସୁଭଦ୍ରା ତୃତୀୟ କିସ୍ତି

ଭୁବନେଶ୍ୱର, ୨୭।୭ (ଭାସ୍କର ନ୍ୟୁଜ): ଆସନ୍ତା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। କୋରାପୁଟର ଜୟପୁରରୁ ଏହାର ଶୁଭାରମ୍ଭ ହେବ। ୧ କୋଟି ୨ଲକ୍ଷ ୪୦ ହଜାର ଭଉଣୀମାନେ ରକ୍ଷାବନ୍ଧନ ଦିନ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ସହାୟତା ପାଇବେ। ଯେଉଁମାନେ ଜମିପଟ୍ଟା ଓ ଆୟକର ପାଇଁ ସୁଭଦ୍ରା ଯୋଜନା ଟଙ୍କା ପାଇପାରି ନାହାନ୍ତି ସେମାନେ ଯୋଗ୍ୟ ବିବେଚିତ ହେଲେ ସେହିଦିନ ହିଁ ପାଇବେ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

### ଆଜି ଶ୍ରୀମନ୍ଦିରରେ ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ, ୨୭।୭ (ଭାସ୍କର ନ୍ୟୁଜ): ସୋମବାର ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସର୍ବସାଧାରଣ ଦର୍ଶନ ୪ ଘଣ୍ଟା ବନ୍ଦ ରହିବ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ଖସାପଡ଼ା ନୀତି ପାଇଁ ଏହି ଦର୍ଶନ ବନ୍ଦ ରହିବ।


### ଦିଲ୍ଲୀରୁ ୮୦ଲକ୍ଷ ଚୋରି କରି ନୀଳଗିରି ଯୁବକ ଗିରଫ

ନୀଳଗିରି, ୨୭।୭ (ଭାସ୍କର ନ୍ୟୁଜ): ଦିଲ୍ଲୀର ଜଣେ କୋଟିପତିଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରୁଥିବା ନୀଳଗିରିର ଜଣେ ଯୁବକ ୮୦ଲକ୍ଷ ଟଙ୍କା ଚୋରି ଅଭିଯୋଗରେ ଗିରଫ ହୋଇଛନ୍ତି। ଦିଲ୍ଲୀ ପୋଲିସ ଓ ନୀଳଗିରି ପୋଲିସ ସହାୟତାରେ ତାଙ୍କୁ ନୀଳଗିରି ଘରୁ ଗିରଫ କରାଯାଇଛି। ତାଙ୍କ ଘରୁ ୨୦ଲକ୍ଷ ଟଙ୍କା ମଧ୍ୟ ଜବତ କରାଯାଇଛି। ସଂପୃକ୍ତ ଯୁବକ ୮୦ଲକ୍ଷ ଟଙ୍କା ଚୋରି କରିବା ପରେ ଦିଲ୍ଲୀରୁ ଫେରାର ହୋଇ ଘରକୁ ପଳାଇ ଆସିଥିଲେ।

ସେନ୍‌ସେକ୍ସ: ୮୧,୪୬୩.୦୯
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୨୭।୭।୨୦୨୫ ର ମତାମତ

ବର୍ଷା ପ୍ରପୀଡିତଙ୍କୁ ତୁରନ୍ତ ସହାୟତା ଦେବା ଜରୁରି ନୁହେଁ କି?




### ଆଜିର ପ୍ରସଙ୍ଗ

ମାଓବାଦୀଙ୍କ ଦବ୍‌ଦବା ସୁରକ୍ଷା କର୍ମୀ ରୋକିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ହରିଦ୍ୱାର ମନ୍‌ସା ମନ୍ଦିରରେ ଦଳାଚକଟା

# ୮ ଶ୍ରଦ୍ଧାଳୁ ମୃତ



ହରିଦ୍ୱାର, ୨୭।୭: ଉତ୍ତରାଖଣ୍ଡର ହରିଦ୍ୱାରରେ ଥିବା ପ୍ରସିଦ୍ଧ ମନ୍‌ସା ମନ୍ଦିରରେ ରବିବାର ସକାଳେ ଦଳାଚକଟା ଘଟି ୮ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ୩୫ରୁ ଅଧିକ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏହି ପ୍ରସିଦ୍ଧ ମନ୍ଦିରରେ ପାଣି ଢାଳିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ତେବେ ଗୁଜବ ପ୍ରଚାର ହେବାରୁ ଦଳାଚକଟା ଆରମ୍ଭ ହୋଇଥିଲା। କେହିଜଣେ ବ୍ୟକ୍ତି ବିଦ୍ୟୁତ ଖୁଣ୍ଟରେ କରେଣ୍ଟ ଥିବାର ପ୍ରଚାର କରିବା ପରେ ଏଭଳି ଅଭାବନୀୟ ସ୍ଥିତି ଦେଖା ଦେଇଥିଲା। ଘଟଣା ସଂପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନିକ କଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ • ପୃଷ୍ଠା ୫ ଦେଖନ୍ତୁ

## ଛାତ୍ରଛାତ୍ରୀ ପଢ଼ିବେ ଭାରତୀୟ ସେନାର ଶୌର୍ଯ୍ୟ ଗାଥା

# ସ୍କୁଲ ପାଠ୍ୟକ୍ରମରେ ସାମିଲ ହେବ 'ଅପରେସନ ସିନ୍ଦୂର'



**ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଐତିହାସିକ ଅପରେସନ ସିନ୍ଦୂରର ଶୌର୍ଯ୍ୟଗାଥାକୁ ଏଣିକି ଉଚ୍ଚ ମାଧ୍ୟମିକ ସ୍ତରରେ ପାଠ୍ୟକ୍ରମରେ ସାମିଲ କରାଯିବ। ଏହି ନିଷ୍ପତ୍ତି ପରେ ଦେଶର ଛାତ୍ରଛାତ୍ରୀମାନେ ପାଠ୍ୟପୁସ୍ତକ ମାଧ୍ୟମରେ ସେନାର ଏହି ଗୌରବମୟ ଅଧ୍ୟାୟ ବିଷୟରେ ଜାଣିବାକୁ ପାଇପାରିବେ।**

ନୂଆଦିଲ୍ଲୀ, ୨୭।୭: ଭାରତୀୟ ସେନାର ଅଦମ୍ୟ ସାହସ, ବୀରତ୍ୱ ଓ ତ୍ୟାଗର କାହାଣୀକୁ ଦେଶର ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଭାରତୀୟ ସେନାଦ୍ୱାରା କରାଯାଇଥିବା ଐତିହାସିକ ଅପରେସନ ସିନ୍ଦୂରର ଶୌର୍ଯ୍ୟଗାଥାକୁ ଏଣିକି ଉଚ୍ଚ ମାଧ୍ୟମିକ ସ୍ତରର ପାଠ୍ୟକ୍ରମରେ ସାମିଲ କରାଯିବ। ଏହି ନିଷ୍ପତ୍ତି ପରେ ଦେଶର ଛାତ୍ରଛାତ୍ରୀମାନେ ନିଜ ପାଠ୍ୟପୁସ୍ତକ ମାଧ୍ୟମରେ ସେନାର ଏହି ଗୌରବମୟ ଅଧ୍ୟାୟ ବିଷୟରେ ଜାଣିବାର ସୁଯୋଗ ପାଇବେ। ସୂଚନା ଅନୁଯାୟୀ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ ହେଉଥିବା ନୂଆ ପାଠ୍ୟପୁସ୍ତକରେ ଏହି ବିଷୟକୁ ସ୍ଥାନ ଦିଆଯିବ। ଏହି ଅଧ୍ୟାୟରେ ଅପରେସନ ସିନ୍ଦୂରର ପୃଷ୍ଠଭୂମି, ଏହାର ଆବଶ୍ୟକତା, ଭାରତୀୟ ସେନାର ରଣନୀତି ଏବଂ କିପରି କଠିନ ପରିସ୍ଥିତିରେ ଆମର ବୀର ଯବାନମାନେ ପିଓକେରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଥିଲେ, ତାହାର ବିସ୍ତୃତ ବିବରଣୀ ରହିବ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ରାଷ୍ଟ୍ରୀୟ ଗୌରବ ଏବଂ ସେନାପ୍ରତି ସମ୍ମାନ ଭାବନା ଜାଗ୍ରତ କରିବା। ପାଠ୍ୟକ୍ରମରେ ଏପରି ବିଷୟବସ୍ତୁ ସାମିଲ ହେବାଦ୍ୱାରା ଯୁବପିଢ଼ି କେବଳ ପରୀକ୍ଷା ପାଇଁ ପାଠ ପଢ଼ିବେ ନାହିଁ ବରଂ ନିଜ ଦେଶର ସୁରକ୍ଷା ପାଇଁ ସେନା କିପରି ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟକରେ ତାହା ମଧ୍ୟ ହୃଦୟଙ୍ଗମ କରିପାରିବେ। ଶିକ୍ଷାବିତଙ୍କ ମତରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପିଲାମାନେ ନିଜ ଦେଶର ଇତିହାସ ଏବଂ ବୀର ଯବାନମାନଙ୍କ ବଳିଦାନ ବିଷୟରେ ଜାଣିବା ଆବଶ୍ୟକ। • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ନଈନାଳ ସବୁ ଫୁଲି ଉଠୁଛନ୍ତି
ଚିନ୍ତାରେ ଉତ୍ତର ଓଡ଼ିଶା,
ବନ୍ୟା ଘେରରେ ଘେରାବନ୍ଦୀ ଗାଆଁ
ଭଗବାନ ଏକା ଭରସା ।
ରିଲିଫି ଦେଖାଏ ତାମସା,
ପୀଡ଼ିତ ଯେତେକ ସବୁ ହନ୍ତସନ୍ତ
ହମେସା, ହମେସା, ହମେସା !

## ବଳଙ୍ଗା ନାବାଳିକା ପୋଡ଼ି ମାମଲା

# ପୁଣି ବୟାନ ରେକର୍ଡ ପାଇଁ ପୋଲିସର ଦିଲ୍ଲୀ ଯାତ୍ରା

ନିମାପଡ଼ା, ୨୭।୭ (ଭାସ୍କର ନ୍ୟୁଜ): ନିମାପଡ଼ା ବଳଙ୍ଗା ବାୟାବର ପୀଡ଼ିତାଙ୍କ ଘଟଣା ଦିନକୁ ଦିନ ନୂଆମୋଡ଼ ନେଉଛି। ପୀଡ଼ିତାଙ୍କ ବୟାନରେ ତାଳମେଳ ରହୁନଥିବାରୁ ପୁଣିଥରେ ଦୁଇଜଣିଆ ପୋଲିସ ଟିମ୍ ବୟାନ ରେକର୍ଡ ପାଇଁ ଦିଲ୍ଲୀ ଯାତ୍ରା କରିଛନ୍ତି। ଜିଲ୍ଲା ପୋଲିସ ମୁଖ୍ୟାଳୟର ଡିଏସ୍‌ପି କଳ୍ପନା କହଁର ଓ ବଳଙ୍ଗା ଥାନା ଓଆଇସି ଚିତ୍ତରଞ୍ଜନ ପଣ୍ଡା ଏହି ଟିମ୍‌ରେ ସାମିଲ ହୋଇଛନ୍ତି। ଗତ ଶନିବାର ପୁରୀ ଏସ୍‌ପି ଘଟଣାରେ ମୁହଁଖୋଲି କହିଥିଲେ ଯେ ତଦନ୍ତ ଚାଲୁଥିବାରୁ ସଂପୂର୍ଣ୍ଣ ତଥ୍ୟ ହାସଲ ପାଇଁ ସମୟ ଲାଗୁଛି। ତଦନ୍ତରେ କୌଣସି ପ୍ରକାର ଖିଅ ଯେପରି ନ ଛାଡୁ ସେଥିପ୍ରତି ମଧ୍ୟ ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ପହଞ୍ଚି ପାରିନଥିଲେ ବି ଆମେ ମୂଲ୍ୟବାନ ପ୍ରମାଣ ପାଇପାରିଛୁ। ତେବେ ତଦନ୍ତ ପ୍ରକ୍ରିୟା ଭିତରେ ଗୋଟିଏ ଘଟଣା ସାମ୍ନାକୁ ଆସିଛି ତାହା ହେଉଛି ପୋଲିସର ନିଷ୍କ୍ରିୟତା। ପୋଲିସ କେବେ ତଦନ୍ତ ଶେଷ କରିବ ଓ ଦୁର୍ବୃତ୍ତ ଧରାହେବେ ତାହା ଏବେ ବି ରହସ୍ୟ ଘେରରେ ରହିଛି। ଏପଟେ ଘଟଣାକୁ ନେଇ ପୁଣି ମୁହଁ ଖୋଲିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ଓ ସେ ତାଙ୍କ ପରିବାର ସହ କଥା ହେଉଛନ୍ତି। ପୀଡ଼ିତାଙ୍କର ଦୁଇଥର ସ୍କିନ୍ ଗ୍ରାଫ୍ଟିଂ • ପୃଷ୍ଠା ୫ ଦେଖନ୍ତୁ

## ମାଓବାଦୀଙ୍କୁ ବଡ଼ ଝଟ୍‌କା

# ମାଟିତଳୁ ୩୫ଲକ୍ଷ ଟଙ୍କା ଜବତ



ରାଉରକେଲା, ୨୭।୭ (ଭାସ୍କର ନ୍ୟୁଜ): ଝାଡ଼ଖଣ୍ଡ ଚାଇଁବସା ପୋଲିସକୁ ରବିବାର ଏକ ବଡ଼ଧରଣର ସଫଳତା ମିଳିଛି। ମାଟିତଳେ ମାଓବାଦୀମାନେ ରଚିଥିବା ୩୫ଲକ୍ଷ ଟଙ୍କାକୁ ଚାଇଁବସା ପୋଲିସ ଜବତ କରିଛି। ଗୁଇନ୍ଦା ସୂତ୍ରରୁ ଖବର ପାଇ ପୋଲିସ ପକ୍ଷରୁ ଉକ୍ତ ସ୍ଥାନକୁ ଖୋଳା ଯାଇଥିଲା। ସେଠାରୁ ବାହାରିଥିଲା ନଗଦ ୩୫ ଲକ୍ଷ ଟଙ୍କା। ଘଟଣାଟି ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ଚାଇଁବସା ସରଣ୍ଡା ଜଙ୍ଗଲରେ ଘଟିଛି। ଏ ନେଇ ରାଞ୍ଚି ଆଇଜି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିସ୍ଫୋରକ କିଣିବା ପାଇଁ ମାଓବାଦୀମାନେ ଏହି ଟଙ୍କା ରଖିଥିଲେ। ସେଠାରୁ ୩୫ ଲକ୍ଷ ଟଙ୍କା ମିଳିଥିବାବେଳେ ଥାନାରେ ଗଣତି ପରେ ପ୍ରକୃତରେ କେତେ ଟଙ୍କା ରହିଛି ତାହା ଜଣାପଡ଼ିବ ବୋଲି ଆଇଜି କହିଥିଲେ। ଜବତ ଟଙ୍କାଗୁଡ଼ିକୁ ମାଓବାଦୀମାନେ ବିଡ଼ା ବିଡ଼ା କରି ଜରିରେ ପ୍ୟାକିଂ କରିବା ସହ ଷ୍ଟିଲ ଟିଫିନ ଡବାରେ ରଖି ଗାତଖୋଳି ପୋତି ଦେଇଥିଲେ। ସବୁ ବିଡ଼ାରେ ୫୦୦ଟଙ୍କିଆ ନୋଟ୍ ରହିଛି। କିଛି ନୋଟ୍‌ବିଡ଼ାଗୁଡ଼ିକୁ ଜରିରେ ଘୋଡ଼ାଇବା ପୂର୍ବରୁ ଖବରକାଗଜରେ ଗୁଡ଼ା ଯାଇଥିବା ଦେଖିବାକୁ ମିଳିଛି। ଉଦ୍ଧାର ଟଙ୍କା ମାଓବାଦୀମାନେ ସୁରକ୍ଷାବାହିନୀ ବିରୋଧରେ ଲ୍ୟାଣ୍ଡମାଇନ ବିଛାଇବା ଓ ବିସ୍ଫୋରକ କିଣିବା ପାଇଁ ରଖିଥିବା କୁହାଯାଉଛି। ଅନ୍ୟପକ୍ଷରେ ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ସୁରକ୍ଷାବାହିନୀ ମାଓବାଦୀଙ୍କ ସହିଦ ସ୍ତମ୍ଭକୁ ଧ୍ୱଂସ କରି ଦେଇଛନ୍ତି। ଛତିଶଗଡ଼ରେ ସୁରକ୍ଷାବାହିନୀ ପକ୍ଷରୁ ଜୋରଦାର • ପୃଷ୍ଠା ୫ ଦେଖନ୍ତୁ

## ଯୁବତୀଙ୍କୁ ଦୁଷ୍କର୍ମ ଘଟଣା

# ଗିରଫ ପରେ ଜେଲ୍ ଗଲେ କର୍ପୋରେଟର ଅମରେଶ ଜେନା



ଭୁବନେଶ୍ୱର, ୨୭।୭ (ଭାସ୍କର ନ୍ୟୁଜ): ଦୁଷ୍କର୍ମ ମାମଲରେ ଫସିଥିବା ଭୁବନେଶ୍ୱର ୪୫ ନମ୍ବର ୱାର୍ଡର କର୍ପୋରେଟର ଅମରେଶ ଜେନା ଓରଫ ବାୟାଁ ଗିରଫ ହୋଇଛନ୍ତି। ତାଙ୍କୁ ବାଲେଶ୍ୱରର ନୀଳଗିରିଥାନା ବରହମପୁର ଅଞ୍ଚଳରୁ ଗିରଫ କରାଯାଇଛି। ଗିରଫ କରାଯିବା ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ସେଠାରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଠିକ୍ ସମୟରେ ଠିକ୍ ତଥ୍ୟ ଆପଣମାନେ ପାଇପାରିବେ। ମୋତେ ଶହେ ପ୍ରତିଶତ ଫସାଯାଇଛି। ଅର୍ଚ୍ଚନା ନାଗ ମୋତେ ଫସାଇଥିବା ସେ ଅଭିଯୋଗ ବାଢ଼ିଛନ୍ତି। ସୂଚନାଯୋଗ୍ୟ ଯେ ଅମରେଶଙ୍କ ବିରୁଦ୍ଧରେ ଜଣେ ଯୁବତୀ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ, ଯେଉଁଥିରେ ସେ ଦର୍ଶାଇଥିଲେ ଯେ ୨୦୨୩ରେ ସେ ନାବାଳିକା • ପୃଷ୍ଠା ୫ ଦେଖନ୍ତୁ



ବ୍ରହ୍ମପୁର (ଭାସ୍କର ନ୍ୟୁଜ) ମାର୍ଥା ପେଟା ସାହି ସ୍ଥିତ ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଶ୍ରୀରାମଲିଙ୍ଗ ଚୌଡେଶ୍ୱରି ମା'ଙ୍କ ଦେବ ସ୍ଥାନର ୪୬ତମ ବାର୍ଷିକ ଉତ୍ସବ ଓ ୧୦୮ କଳସ ଅଭିଷେକ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ପ୍ରଥମ ଦିବସରେ ଆୟୋଜିତ କଳସ ଯାତ୍ରାରେ ଆଖ ପାଖ ଅଞ୍ଚଳର ବହୁ ଭକ୍ତ ଯୋଗ ଦେଇଥିଲେ। ସେହି ପରି ୨୪ ତାରିଖରେ ନିଜ ରୂପ ଦର୍ଶନ, ଦେବୀ ହୋମ, ୨୫ତାରିଖ ରେ ସାମୂହିକ କୁଙ୍କୁମ ପୂଜା ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ମା' ଙ୍କ ନିକଟରେ ରୁଦ୍ରା ଭିଷେକ, ଶିବ ପୂଜା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ରବିବାର ସକାଳ ୧୦ ଟାରେ ମା' ଙ୍କ ନଗର ପରିକ୍ରମା ସହ ଉଦଯାପନ ହୋଇଯାଇଛି । ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ସଭାପତି ଟି.ଗୋପୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ଡ ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର,ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ,ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ଶରତ ଚନ୍ଦ୍ର ପଟ୍ଟନାୟକ, ବନମାଳୀ ସେଠୀ , କାମନା ପାଢ଼ୀ, ଶିବ ଶଙ୍କର ସାହାଣୀ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହି ପରିମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ,ଅର୍ବାନ ବ୍ୟାଙ୍କ ସଭାପତି ଆର.ମୂରଲୀ ମୋହନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କର୍ପୋରେଟର ଟି.କିଶୋର, ଜେ.ଦେବଦାସ, କେ.ଜଗନ୍ନାଥମ , ଏ. ଶେଖର, ଏ.ନନ୍ଦ ରାଜୁ, ଏନ୍. ଗୀତା, ଏନ୍. ପଦ୍ମଜା, ଏ ଭି ରାମାରାଓ ଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ' କାର୍ଯ୍ୟକ୍ରମ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ସାରା ଦେଶରେ ରବିବାର ଦିନ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆକାଶବାଣୀ ଦୂରଦର୍ଶନ ନମୋ ଆପ୍ ମାଧ୍ୟମରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବଡଝରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେଶର ବୌଦ୍ଧିକ , ଐତିହ୍ୟ ପରମ୍ପରା, ଜ୍ଞାନ କୌଶଳ , ମାନବିକତାର ଭବିଷ୍ୟତକୁ ଉଚିତ୍ ମାର୍ଗରେ ନେଇ କାର୍ଯ୍ୟରେ ପରିଣତ କରିବା, ଜନସାଧାରଣଙ୍କର ପ୍ରତ୍ୟେକ ମୌଳିକ ସୁବିଧା ଯୋଗାଇ ଦେବା ଠାରୁ ଆରମ୍ଭ କରି ଜନହିତକର କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ଦିଗରେ ଗୁରୁତ୍ୱାରୋପ କରିବା, ଏହିପରି ଅନ୍ୟ କେତେକ ଯୋଜନା ଗୁଡିକ ଲୋକ ଲୋଚନକୁ ଆଣି ମୁଖ୍ୟ ସ୍ରୋତରେ ସାମିଲ କରିବା ଉପରେ ପ୍ରଧାନମନ୍ତ୍ରୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଏହି ମନ୍ କି ବାତ୍ କାର୍ଯ୍ୟକ୍ରମରେ ବିଜେପି ଦଳର ବରିଷ୍ଠ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ସାହୁ , ଅନ୍ତର୍ଯ୍ୟାମୀ ସାହୁ , ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ , ପଞ୍ଚାୟତ ସରପଞ୍ଚ ରୁନୁ ପ୍ରଧାନ , ବିଜେପିର ଦୁଇ ନମ୍ବର ମଣ୍ଡଳ ସଭାପତି ବିବସ୍ୱ ପ୍ରଧାନ ,୧ନଂ ସଭାପତି ବୈଷ୍ଣବ ନାଥ , ଅନିଲ ଭୂତିଆ , ରମେଶ ଚନ୍ଦ୍ର ସାହୁ , ଦୋଳ ଗୋବିନ୍ଦ ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଦଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଭିଡ଼ିଓ କନଫରେନ୍ସ ଜରିଆରେ ହୃଦୟଙ୍ଗମ କରିଥିଲେ ।

# କଣ୍ଟିଘାଇରେ ବନ୍ୟାଜଳ ପ୍ରବାହିତ, ୧୧ ପଞ୍ଚାୟତବାସୀ ଭୟଭୀତ



ବୈତରଣୀରେ ପ୍ରଥମ ବନ୍ୟା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ବୈତରଣୀ ନଦୀରେ ଚଳିତ ବର୍ଷାଋତୁର ପ୍ରଥମ ବନ୍ୟା ହୋଇଛି। ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ହେବା ପରେ ଶନିବାର ନଦୀ ହୁ ହୁ ହୋଇ ବଢ଼ିଚାଲିଥିଲା। ସକାଳ ୮ଟାରେ ନଦୀରେ ଜଳପତ୍ତନ ବୃଦ୍ଧି ଲକ୍ଷ୍ୟ କରାଯାଇଥିଲା। ଦିନ ଗୋଟାଏ ସୁଦ୍ଧା ନଦୀର ଜଳସ୍ତର ଆଖୁଆପଦାରେ ୧୮.୦୫ମିଟରରେ ପହଞ୍ଚିଥିଲା। ଅପରାହ୍ନ ୨ଟାରେ ଜଳସ୍ତର ଏକାବେଳେକେ ୨୮ମି.ମି. ବୃଦ୍ଧି ପାଇଁ ବିପଦ ସଙ୍କେତ ସ୍ତର ୧୮.୩୩ ମିଟରକୁ ସ୍ପର୍ଶ କରିଥିଲା। ସନ୍ଧ୍ୟା ୬ଟା ବେଳେ ଆଖୁଆପଦାରେ ଜଳସ୍ତର ୧୮.୭୬ ମିଟର ରହିଛି। ସନ୍ଧ୍ୟା ୫.୩୦ମି ସମୟରେ ନଦୀର ଜଳସ୍ତର ୧୮.୭୪ ଥିବା ବେଳେ ନଦୀର କଣ୍ଟିଘାଇ ଦେଇ ବନ୍ୟାଜଳ କ୍ରମଶଃ ପ୍ରବାହିତ ହେବାରେ ଲଗିଛି। କଣ୍ଟିଘାଇ ବନ୍ୟାଜଳ ପ୍ରବେଶକୁ ନେଇ ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର, ମାଳଦା, ରହଣିଆ, ନପଙ୍ଗ, କୁରିଗାଁ ସମେତ ୧୧ଟି ପଞ୍ଚାୟତର ଲୋକେ ଆତଙ୍କିତ ହୋଇ ରହିଛନ୍ତି। ଆଖୁଆପଦାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ବିପଦସଙ୍କେତ ସ୍ତର ୧୮.୩୩ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆ ଠାରେ ସର୍ବାଧିକ ୯୭.୨ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ସ୍ୱାମୀପାଟଣାରେ ୭୬.୪ମି.ମି., କେଉଁଝରରେ ୨୯.୨ମି.ମି., ଆନନ୍ଦପୁରରେ ୧୨.୪ମି.ମି. ଓ ଆଖୁଆପଦାରେ ୭.୦ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ଆନନ୍ଦପୁର ମିନିଡ୍ୟାମରୁ ଘଣ୍ଟା ପ୍ରତି ୩.୫ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାରୁ ଆଖୁଆପଦା ଓ ନଦୀର ତଳିହା ଅଞ୍ଚଳରେ ଜଳପତ୍ତନ ତୀବ୍ରଗତିରେ ବୃଦ୍ଧି ପାଇଛି ବୋଲି ଆଖୁଆପଦା ଜଳସମ୍ପଦ ବିଭାଜନ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ଜଳସ୍ତର ଅତିବେଶୀରେ ୧୯ମିଟର ହୋଇପାରେ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଥିବା ଜଣାଯାଇଛି। ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଓ ୩୨ ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯାଇ ନୋଡାଲ ଅଧିକାରୀଙ୍କୁ ମୁତୟନ କରାଯାଇ ଶୁଖିଲା ଖାଦ୍ୟ ରଖାଯାଇଛି। ଆବଶ୍ୟକ ହେଲେ ବନ୍ୟାଘେରରୁ ଲୋକଙ୍କୁ ଉଦ୍ଧାର କରାଯିବା ପାଇଁ ବନ୍ଦାଳୋ-ମଢ଼ିଆଳି ଓ ମାଳଦାରେ ଗୋଟିଏ ଲେଖାଏଁ ଡଙ୍ଗା ପ୍ରସ୍ତୁତ କରି ରଖାଯାଇଛି। ଭଣ୍ଡାରିପୋଖରୀର ୧୧ଟି ବନ୍ୟା ପ୍ରବଣ ପଞ୍ଚାୟତରେ ସମ୍ଭାବ୍ୟ ଉଦ୍ଧାର ଓ ରିଲିଫ କାର୍ଯ୍ୟପାଇଁ ପାଇଁ ଗୋଟିଏ ୟୁନିଟ ଏନ.ଡି.ଆର.ଏଫ. ଟିମ ଓ ୨ ସେକ୍ସନ ପୋଲିସ ପହଞ୍ଚି ଭଣ୍ଡାରିପୋଖରୀ ମହାବିଦ୍ୟାଳୟରେ ଅବସ୍ଥାନ କରୁଛନ୍ତି ବୋଲି ବିଡିଓ ଦେବଦତ୍ତ ଦାସ ସୂଚନା ଦେଇଛନ୍ତି।

# ନରଣପୁର ଉଚ୍ଚବିଦ୍ୟାଳୟ ରାସ୍ତା ପାଲଟିଛି ମରଣଯନ୍ତା



## ସମସ୍ୟାରେ ଛାତ୍ରଛାତ୍ରୀ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ବିଦ୍ୟାଳୟ ସମୂହ ଆନୁକୂଲ୍ୟରେ ପରିଚାଳିତ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲରେ କିଛି ଛାତ୍ରଛାତ୍ରୀ ରହି ନିକଟସ୍ଥ ନରଣପୁର ଉଚ୍ଚ ବିଦ୍ୟାଳୟକୁ ପଢିବା ପାଇଁ ଯାଇଥାନ୍ତି। ପ୍ରତିଦିନ ଏହି ଛାତ୍ରମାନଙ୍କୁ ନେଇ ଜଣେ ବିଦ୍ୟାଳୟର କର୍ମଚାରୀ ନିକଟସ୍ଥ ବିଦ୍ୟାଳୟରେ ଛାଡିବା ଓ ଆଣିବା କାର୍ଯ୍ୟରେ ବିଦ୍ୟାଳୟ ପକ୍ଷରୁ ନିୟୋଜିତ କରା ଯାଇଛି। ହେଲେ ସେମାନେ କେନ୍ଦୁଝରର ମୁଖ୍ୟ ରାସ୍ତାରେ ଚାଲିଚାଲି ବିଦ୍ୟାଳୟକୁ ଯିବା ଏବେ ବିପଦପୂର୍ଣ୍ଣ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବର୍ଷାଦିନ ହୋଇଥିବାରୁ ହଷ୍ଟେଲ ପରିସରରୁ ବାହାରି ଦୀର୍ଘ ଏକ କିଲୋମିଟର ଦୂରରେ ଥିବା ବିଦ୍ୟାଳୟକୁ ଯାତାୟାତ କରୁଥିବା ରାସ୍ତାରେ ଦ୍ରୁତଗତିରେ ଗାଡିମୋଟର ଚଳାଚଳ ଏକ ସମସ୍ୟା ହୋଇଥିବା ବେଳେ ନରଣପୁର ସରକାରୀ ଏସଏସଡ଼ି ହାଇସ୍କୁଲ ପରିସରରୁ ମୁଖ୍ୟ ରାସ୍ତା ଉପରେ ବଡ଼ ବଡ଼ ଗାଡ଼ ହୋଇ ସେଥିରେ ପାଣି ଜମା ହୋଇ ରହୁଥିବାରୁ ପିଲାମାନେ ପାଣି କାଦୁଅରେ ସ୍କୁଲ ଯିବା ପାଇଁ ବାଧ ହେଉଛନ୍ତି। ବିଦ୍ୟାଳୟକୁ ଯାଇଥିବା ଏହି ରାସ୍ତା ଦୀର୍ଘ ବର୍ଷ ହେବ ରହିଥିବା ବେଳେ ଏବେ କିଛି ସ୍ଥାନୀୟ ଲୋକ ଏହାକୁ ତାଙ୍କର ଜାଗା ଦାବି କରି ରାସ୍ତାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଇ ଦେଉ ନଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ନାଏକ କହିଛନ୍ତି । ଏହାକୁ ଗୁରୁତ୍ୱର ସହ ବିଚାର କରି ଜିଲା ପ୍ରଶାସନ ହସ୍ତକ୍ଷେପ କଲେ କେନ୍ଦୁଝରର ଏହି ହଷ୍ଟେଲରେ ରହୁଥିବା ଅନେକ ଅନ୍ତେବାସୀ ବହୁଳ ଭାବରେ ଉପକୃତ ହୁଅନ୍ତେ।

## 'ମା ପାଇଁ ଗଛଟିଏ' ଅଭିଯାନ

ଭଣ୍ଡାରୀପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୨୪ ନଂ ଜୋନର ବିଭିନ୍ନ ସ୍ଥାନରେ ବିଜେପି ପକ୍ଷରୁ 'ମା ପାଇଁ ଗଛଟିଏ' ଅଭିଯାନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆକୁଳିକଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା। ଏଥିରେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀ ନାରାୟଣ ଧଳ, ଗ୍ରୀନ ଓଡ଼ିଶାର ଉପ ସଭାପତି ଶ୍ରୀଧର ସ୍ୱାଇଁ, ଶିବାନୀ ଶଙ୍କର ସ୍ୱାଇଁ, ନଗେନ୍ଦ୍ର ଧଳ, ସୁଶାନ୍ତ ସାମଲ, ଅଜୟ ସେଠୀ, ଭୀମସେନ ନାୟକ, ସତ୍ୟଜିତ ରାଉତ, ବିକାଶ ନାୟକ, ଅଜୟ ରାଉତ, ରାଜେଶ ଧଳ, ଦୀପକ ରାଉତ ପ୍ରମୁଖ ବୃକ୍ଷରୋପଣ କରିଥିଲେ। ରହଣିଆ ସେବା ସମବାୟ ସମିତି ପରିସରରେ ସମିତିର ସଭାପତି ସାଗର ଲେଙ୍କା, ସମ୍ପାଦକ ସନ୍ତୋଷ ଦାସ ଓ ପରିଚାଳନା କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା। ଷୋଳମପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସମ୍ପାଦକ ବିଶ୍ୱମ୍ବର ରାଉତଙ୍କ ସହଯୋଗରେ ଚାରାରୋପଣ ମଧ୍ୟ କରାଯାଇଥିଲା।



# କେନାଲକୁ ଓଲଟିଲା କାର୍

## ■ ୫ଜଣଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ କାଜିପୁର ଗ୍ରାମର ଶନିମନ୍ଦିର ନିକଟରେ ଶୁକ୍ରବାର ରାତିରେ ଏକ କାର ଭାରସାମ୍ୟ ହରାଇ ୧୧ ନଂ କେନାଲକୁ ଓଲଟି ପଡ଼ିଥିଲା। ତେବେ ନାଳକୁ ଓଲଟିପଡ଼ିଥିବା କାରଟି ନାଳର ତୀବ୍ର ସ୍ରୋତରେ ଭାସିଯାଇ ସେଠାରେ ପୋଲ ମଧ୍ୟରେ ଅଟକି ଯାଇଥିଲା । ଫଳରେ କାର ମଧ୍ୟରେ ବସିଥିବା ଡ୍ରାଇଭରଙ୍କ ସମେତ ୫ ଜଣ କାର ମଧ୍ୟରୁ ବାହାରି ପାରିନଥିଲେ । ଏହି ସମୟରେ କାର ମଧ୍ୟରେ ପାଣି ପଶି ସେମାନେ ଅଣନିଶ୍ୱାସୀ ଅବସ୍ଥାକୁ ଆସିଯାଇଥିଲେ । ତେବେ ନିକଟରେ ଥିବା ଲୋକମାନେ ସେଠାରେ ପହଞ୍ଚି କାରର କାଚକୁ ଭାଙ୍ଗି ଏହି ପାଞ୍ଚଜଣଙ୍କୁ କାର ମଧ୍ୟରୁ ଉଦ୍ଧାର କରିଥିଲେ । ଶୁଣିବାକୁ ମିଳିଛି ସେମାନଙ୍କ ମଧ୍ୟରୁ ଦୁଇଜଣ ସ୍ଥାନୀୟ ଅରିଓ ଗ୍ରାମର ହୋଇଥିବା ବେଳେ ଅନ୍ୟ ତିନିଜଣ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାଯାଇଛି । ତେବେ ସେମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାଯାଇଛି। ୧୧ ନଂ କେନାଲର ଏହି ବନ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ ହୋଇଯିବା ପରେ ଏହି ରାସ୍ତା ଦେଇ ଦୈନିକ ଶହଶହ ଯାନବାହାନ ଚଳପ୍ରଚଳ ହେବା ସହିତ ସାଧାରଣ ଲୋକମାନେ ବହୁ ସଂଖ୍ୟାରେ ଯାତାୟତ କରୁଛନ୍ତି । ଏହି କେନାଲର ଶନିମନ୍ଦିର ନିକଟରେ ଥିବା ପୋଲକୁ ଲଗାଇ କେନାଲ ବନ୍ଧରେ ଗାର୍ଡ଼ୱାଲ ନିର୍ମାଣ ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଜୟବଜରଙ୍ଗ ପାଣିପଞ୍ଚାୟତର ସଭାପତି ରତ୍ନାକର ପରିଡ଼ା, ପଲେଇ ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟ ତୃପ୍ତିମୟୀ ଜେନା, ମୁକୁନ୍ଦ ପରିଡ଼ା, ରବିନ୍ଦ୍ର ବେହେରା, ଚିତରଞ୍ଜନ ରାଉତ, ରାମଚନ୍ଦ୍ର ପରିଡ଼ା, ତୃପ୍ତିରଞ୍ଜନ ପରିଡ଼ା ପ୍ରମୁଖ ଦାବି କରି ଉଭୟ ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଛନ୍ତି ।




# 'ବେଟି ବଚାଓ, ବେଟି ପଢ଼ାଓ' ସଚେତନତା




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ତରଫରୁ ବ୍ଲକର ୧୫ଗୋଟି ପଂଚାୟତ ରେ ଥିବା ୧୭୮ଟି ଅଙ୍ଗନବାଡି କେନ୍ଦ୍ର ଅଧୀନରେ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଅଧିକାରିଣୀ ଲୋଚନା ସେଠୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଅଞ୍ଚଳର ଛାତ୍ରୀମାନଙ୍କୁ ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ତେବେ ଝିଅମାନଙ୍କ ପ୍ରତି ଅବହେଳା ନ କରି ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯାଇ କିଭଳି ଭାବରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ତାହା କାର୍ଯ୍ୟକ୍ରମ ମୂଳଲକ୍ଷ୍ୟ ଥିବାବେଳେ ସମାଜରେ ନାରୀ ସଶକ୍ତିକରଣ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ଭୃଣହତ୍ୟା ଆଇନ, ବେଟି ବଚାଅ ଉପରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟ ରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳାମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଜରୁରୀ କାଳୀନ ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସଚେତନ କରାଯାଇଥିଲା।ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

## ଭୋଟର ପ୍ରମାଣପତ୍ରରେ ମା'ଙ୍କୁ ୬୪ବର୍ଷ ହୋଇଥିବା ବେଳେ ପୁଅକୁ ୬୨ ବର୍ଷ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଖରିନାସି ପଞ୍ଚାୟତ ହରିଆ ବାଙ୍କ ଗ୍ରାମର ବୃଦ୍ଧା ରୁକ୍ମିଣୀ ପ୍ରଧାନ (ସ୍ୱାମୀ ସ୍ୱର୍ଗତ ଅନୀଲ ପ୍ରଧାନ)ଙ୍କୁ ବର୍ତ୍ତମାନର ଭୋଟର କାର୍ଡ ଓ ଆଧାର କାର୍ଡ ଅନୁଯାୟୀ ବାସ୍ତବିକ ୮୦ ବର୍ଷ ବୟସ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ତାଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ମିଳି ପାରୁନଥିବା ଖବର ପାଇ ସମାଜସେବୀ ହରେକୃଷ୍ଣ ପାତ୍ର ଉକ୍ତ ପରିବାରକୁ ଭେଟି ତାଙ୍କର ଭୋଟର ଓ ଆଧାର କାର୍ଡ କାଗଜପତ୍ର ନେଇ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ହିତାଧିକାରୀ ଜଣକ ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କା ମାସିକ ପାଇ ଆସୁଥିବା ବେଳେ ବର୍ତ୍ତମାନ ବର୍ଦ୍ଧିତ ଭତ୍ତା ପାଇଁ ଆବେଦନ କରିବାରୁ ସରକାରୀ ଅନଲାଇନ ଭୋଟର ତାଲିକାରେ ତାଙ୍କର ବୟସ ମାତ୍ର ୬୪ ବର୍ଷ ବୋଲି ତଥ୍ୟ ଜଣା ପଡିବା ପରେ ଯାହାକି ବର୍ଦ୍ଧିତ ଭତ୍ତା ଟଙ୍କା ଉକ୍ତ ବୃଦ୍ଧା ଜଣଙ୍କୁ ମିଳିବାରେ ବାଧକ ସୃଷ୍ଟି ହୋଇଛି। ଅପରପକ୍ଷରେ ବୃଦ୍ଧା ରୁକ୍ମିଣୀ ପ୍ରଧାନଙ୍କ ବଡ଼ ପୁଅ ନନ୍ଦକିଶୋର ପ୍ରଧାନଙ୍କ ବର୍ତ୍ତମାନ ବୟସ ୬୨ ବର୍ଷ ଯାହାକି ତାଙ୍କର ଭୋଟର ତାଲିକା ଓ ଆଧାର କାର୍ଡ ଅନୁଯାୟୀ ପ୍ରମାଣିତ ହେଉଛି। ଏଠାରେ ପ୍ରଶ୍ନ ଉଠୁଛି କି ପୁଅର ୬୨ ବର୍ଷ ଓ ମା'ଙ୍କୁ ୬୪ ବର୍ଷ ଏହା କିପରି ସମ୍ଭବ ହେଲା ଓ ଏଥିପାଇଁ ସମ୍ପୃକ୍ତ ବିଭାଗୀୟ ସରକାରୀ ଅଧିକାରୀଙ୍କ ତ୍ରୁଟି ଯୋଗୁ ଜଣେ ଅସହାୟ ବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ମିଳିବାରେ ବାଧକ ସାଜିଛି।

# ମଣ୍ଡଳସ୍ତରୀୟ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ ସମୀକ୍ଷା ବୈଠକ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କେନ୍ଦୁଝର ମଣ୍ଡଳସ୍ତରୀୟ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଫଳର ସମୀକ୍ଷା ବୈଠକ ନରଣପୁର ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ୨୦୨୫ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ଏବଂ ଯୁକ୍ତ ଦୁଇ ପରୀକ୍ଷା ଫଳର ସମୀକ୍ଷା ଏହି ବୈଠକରେ କରା ଯାଇଥିଲା । ଏହି ସମୀକ୍ଷା ବୈଠକରେ ସମ୍ବଲପୁର ଆରଡ଼ିସି କାର୍ଯ୍ୟାଳୟର ବିଭାଗୀୟ ଉପନିର୍ଦ୍ଦେଶକ ପରୀକ୍ଷିତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ସହ ଗୁଣାତ୍ମକ ପରୀକ୍ଷା ଫଳ କରିବା ପାଇଁ ପ୍ରଧାନ ଶିକ୍ଷକ ଏବଂ ଅଧକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ କେନ୍ଦୁଝର ଜୋନର ଶିକ୍ଷାମଣ୍ଡଳାଧିଶ ସଞ୍ଚିତା ବେହେରା ଯୋଗ ଦେଇ ପରୀକ୍ଷା ଫଳ ସମୀକ୍ଷା କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଜିଲା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ଧଳ ଏବଂ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର ଏହି ବୈଠକରେ ଯୋଗ ଦେଇଥିଲେ। ଏହି ବିଭାଗର ବିଦ୍ୟାଳୟ ଗୁଡିକରେ ବହୁ ଆଭ୍ୟନ୍ତରୀଣ ଅଞ୍ଚଳରୁ ଆଦିବାସୀ ଓ ଅନୁନ୍ନତ ବର୍ଗର ଛାତ୍ରଛାତ୍ରୀମାନେ ପଢୁଥିବାବେଳେ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ମଧ୍ୟରେ ଶିକ୍ଷାଦାନ କରୁଥିଲେ ମଧ୍ୟ ପରୀକ୍ଷା ଫଳ ସନ୍ତୋଷଜନକ ହୋଇପାରୁଛି । ତଥାପି ପରୀକ୍ଷା ଫଳର ଗୁଣାତ୍ମକ ବୃଦ୍ଧି ନିମନ୍ତେ ସେମାନଙ୍କ ସହକର୍ମୀମାନଙ୍କୁ ନେଇ ପ୍ରଧାନ ଶିକ୍ଷକମାନେ କାମ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଜୋନରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମାତ୍ର ୨ ଜଣ ଏ-୧ ଗ୍ରେଡ ପାଇଥିଲେ । ଏ-୧ ଗ୍ରେଡ ବୃଦ୍ଧି ପାଇଁ ସମସ୍ତ ପ୍ରଧାନ ଶିକ୍ଷକମାନେ ନିଷ୍ଠାର ସହ ପ୍ରଚେଷ୍ଟା କରିବେ ବୋଲି ନିଜ ନିଜର ମତ ରଖିଥିଲେ । ସମୀକ୍ଷା ବୈଠକରେ କେନ୍ଦୁଝର ଜୋନ ଅନ୍ତର୍ଗତ କେନ୍ଦୁଝର ଜିଲ୍ଲା ସମେତ ୧୦ଟି ଜିଲ୍ଲାରୁ ୫୪ ଜଣ ପ୍ରଧାନ ଶିକ୍ଷକ ଏବଂ ୬ଜଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଯୋଗ ଦେଇଥିଲେ । ବୈଠକ ପ୍ରାରମ୍ଭରେ ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ କିଶୋର ଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାଇଡିହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ପ୍ରଦୀପ୍ତା କୁମାରୀ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକକୁ ସୁପରିଚାଳନା କରିବାରେ କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ,ରାଇଡିହା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ,ନରଣପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅପରିମିତା ବେହେରା ସହଯୋଗ କରିଥିଲେ ।

# ଦେବ ଇଣ୍ଟରନ୍ୟାସନାଲ ସ୍କୁଲରେ ନବ ନିର୍ବାଚିତ ଛାତ୍ରଛାତ୍ରୀଙ୍କୁ ବ୍ୟାଚ୍ ପ୍ରଦାନ ସହ ଦାୟିତ୍ୱ ବଣ୍ଟନ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର କୁସୁନପୁର ସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ନିର୍ବାଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନ ସୂଚକ ବ୍ୟାଚ୍ ପ୍ରଦାନ କରାଯାଇଛି। ଏଥି ସହ କାରଗିଲ ବିଜୟ ଦିବସ ମଧ୍ୟ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେନାପୁର ଆଇଆଇସି ନିରୁପମା ଜେନା ଯୋଗ ଦେଇ ବିଦ୍ୟାଳୟର ନିର୍ବାଚନୀ ପ୍ରକ୍ରିୟାର ମହତ୍ତ୍ୱ ଓ ଦାୟିତ୍ୱ ସମ୍ପର୍କରେ ନିଜର ମତ ପିଲାମାନଙ୍କ ସମ୍ମୁଖରେ ରଖିଥିଲେ। ସୁସ୍ଥ ସମାଜ ଗଠନ ପାଇଁ ଦାୟିତ୍ୱବୋଧତା ନିହାତି ଜରୁରୀ ଓ କାରଗିଲ ବିଜୟ ଦିବସ ଉପଲକ୍ଷେ ନାରୀ ସୁରକ୍ଷା ବିଷୟରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। କୁନି କୁନି ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଭିନ୍ନ ପଦପଦବୀ ଯଥା ହେଡ଼ ବୟ (ବିଶ୍ୱଜିତ ଦାସ), ହେଡ ଗର୍ଲ (ସାନବି ଚନ୍ଦା), କମାଣ୍ଡର (ଦେବସ୍ମାତ୍ ଦାସ) ଶାନ୍ତି ଶୃଙ୍ଖଳା, ପ୍ରାର୍ଥନା ସଭା , କ୍ରୀଡ଼ା,ଗତିବିଧି ଆଦିରେ ଶତ ପ୍ରତିଶତ ଭୋଟ ଗ୍ରହଣ କରି ବିଜୟୀ ହାସଲ କରିଥିବା ସଦସ୍ୟଙ୍କୁ ତାଙ୍କର ଦାୟିତ୍ୱ ପ୍ରଦାନ ସହ ସ୍ୱପ୍ରତିଜ୍ଞା କରାଇ ନାମ ପଦକ ପ୍ରଦାନ କରାଯାଇଥିଲା। ନିର୍ବାଚିତ ସଦସ୍ୟ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ସମସ୍ତେ ନିଜ ନିଜର ଦାୟିତ୍ୱ କିପରି ତୁଲାଇବେ ସେଥି ନିମନ୍ତେ ସମ୍ୟକ୍ ବିବରଣୀ ମଧ୍ୟ ପ୍ରଦାନ କରିଥିଲେ। ସ୍କୁଲର ଚେୟାରମ୍ୟାନ ବୁଦ୍ଧଦେବ ରାଉତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା, ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଓ ବଲବୀର ସିଂ , ନିର୍ବାଚନ ଅଧିକାରୀ ପଦରେ ଥିବା ବିଦ୍ୟାଧର ପରିଡ଼ା,ସତ୍ୟନାରାୟଣ ପଣ୍ଡାଙ୍କ ସହ ସମସ୍ତ ଅଧ୍ୟାପକ/ଅଧ୍ୟାପିକା,କର୍ମକର୍ତ୍ତା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଭାଗ୍ୟ ନିର୍ଣ୍ଣୟ ପ୍ରତି ଦୃଷ୍ଟି ରଖି ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉଦୟ କୁମାର ଓଝା ଓ ଅରୁଣ କୁମାର ଜେନା, ସପନ ବାନାର୍ଜୀ,ଦୀପକ ପାଣିଗ୍ରାହୀ, ବିଶ୍ୱଜିତ ପଣ୍ଡା,ପ୍ରଶାନ୍ତ ରଣା,ମଦନ ମୋହନ ମଲ୍ଲିକ, ବିଶ୍ୱରଂଜନ ଦ୍ୱିବେଦି,ସୁଚିତ୍ରା ମନ୍ତ୍ରୀ, ଶିବରାଜ ରାଉତ, ସନ୍ତୋଷ ନାୟକ,ପ୍ରମିଳା ବେହୁରା, ଅନିନ୍ଦିତା ବେହୁରା ,ସୁକାନ୍ତ ପାତ୍ର , କାଳୀ ଚରଣ ବାସ୍କେ, ସନ୍ଧ୍ୟାରାଣୀ ମାରାଣ୍ଡି,, ପ୍ରମୁଖ ସାଜସଜା ସହ ସମସ୍ତ ଆୟୋଜନ କରିଥିଲେ।

## ଶ୍ରୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବପଲ୍ଲବ ଉତ୍ସବ ପାଳିତ



ସୋରଡ଼ା(ଭାସ୍କର ନ୍ୟୁଜ୍): ସୋରଡ଼ା ବ୍ଲକ ବୋରସିଂ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବାଗତ ଶିକ୍ଷାର୍ଥୀମାନଙ୍କ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ନିହାର ରଞ୍ଜନ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ପିୟୁସି, ନନ୍ଦିନୀ, ମନିଷା ପଣ୍ଡା ଆୟୋଜନ କରିଥିଲେ । ବରିଷ୍ଠ ଆଇନଜୀବୀ ତଥା ସୋରଡା ଆଇନଜୀବୀ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ପ୍ରଭାତ କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ନିହାର ରଞ୍ଜନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହିଞ୍ଜଳକୁଦା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଜିର ସମାଜରେ ଶିକ୍ଷା ଓ ଶିକ୍ଷାର୍ଥୀର ଭୂମିକା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଇଥିଲେ । ବଡବଦାଙ୍ଗି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର୍ଥୀଙ୍କୁ କଣ ଭୂମିକା ରହିଛି ଅବଗତ କରାଇଥିଲେ। ଗେଞ୍ଜା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶ୍ଵିଳ କୁମାର ସେଠୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନବାଗତ ମାନଙ୍କୁ ସ୍ୱାଗତ କରିବା ପୂର୍ବକ ଶିକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରୋଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଯଦୁମଣି ତରାଇ ସମ୍ମାନିତ ଅତିଥି ରୂପେ ଯୋଗଦେଇ ନୂତନ ଶିକ୍ଷାନୀତି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବିଶଦ ବିବରଣୀ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ SMDC ସଦସ୍ୟ/ସଦସ୍ୟା ଯଥାକ୍ରମେ ବୋରସିଙ୍ଗି ଗ୍ରାମ ପଞ୍ଚାୟତ ସରପଞ୍ଚ ସୁନିତା ମଲ୍ଲିକ,ହାଡିବନ୍ଧୁ ଗୌଡ, ମୂରଲୀଧର ପାତ୍ର, ନାରାୟଣ ଗୌଡ , ମହେଶ୍ୱର ବେହେରା, ଧ୍ରୁବ ବିଷୋୟୀ , ଓ୍ୱାର୍ଡ ମେମ୍ବର ଭାସ୍କର ପ୍ରଧାନ , ଗୀତାଞ୍ଜଳି ସାଶମଲ ଉପସ୍ଥିତ ରହିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି, 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ମହାନ୍ ବୈଜ୍ଞାନିକ, 'ଭାରତ ରତ୍ନ' ଡ଼ଃ ଏପିଜେ ଅବ୍ଦୁଲ୍ କଲାମଙ୍କ ପୁଣ୍ୟତିଥିରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ଡ଼ଃ କଲାମଙ୍କ ସମଗ୍ର ଜୀବନ ଦେଶପ୍ରେମ, ନମ୍ରତା ଓ ବୈଜ୍ଞାନିକ ଚିନ୍ତାଧାରାର ଏକ ଆଦର୍ଶ ଉଦାହରଣ ଥିଲା। ସେ ତାଙ୍କର ଅକଥନୀୟ ପରିଶ୍ରମ ଦ୍ୱାରା ଭାରତକୁ ରକ୍ଷା, ଅନ୍ତରିକ୍ଷ ଓ ଶିକ୍ଷା କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଦେଇଥିଲେ। ଯୁବପିଢ଼ିଙ୍କ ସ୍ୱପ୍ନକୁ ଶକ୍ତି ଦେଇଥିବା 'ପିପଲ୍ସ ପ୍ରେସିଡେଣ୍ଟ' କଲାମ ଜୀ ତାଙ୍କର ବିଚାର, କାର୍ଯ୍ୟ ଓ ଆଚରଣ ଦ୍ୱାରା ଏହା ସିଦ୍ଧ କରିଥିଲେ ଯେ ସାଧାରଣ ପୃଷ୍ଠଭୂମି ଥିଲେ ମଧ୍ୟ ଅସାଧାରଣ ଶିଖରକୁ ପ୍ରାପ୍ତ କରିହେବ । ତାଙ୍କର ସରଳତା, ସଚ୍ଚୋଟତା ଓ ଦେଶପ୍ରେମ ଆଗାମୀ ପିଢ଼ିମାନଙ୍କୁ ସର୍ବଦା ପ୍ରେରଣା ଦେଉଥିବ ।

### ବନବାସୀ ଆଶ୍ରମରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ମୁଖ୍ୟମନ୍ତ୍ରୀ

# ଆଶ୍ରମ ପିଲାଙ୍କୁ ଭଲ ପାଠ ପଢ଼ିବାକୁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନ ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀ ପିଲାଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଜି ଥିଲା ୧୨୪ ତମ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପିଲାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥି ସହିତ ପିଲାମାନଙ୍କୁ ଭଲ ପାଠ ପଢ଼ି, କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ବୃକ୍ଷ ଚାରା ମଧ୍ୟ ରୋପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଆଜି ୧୨୪ ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଶାଢ଼ୀ ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମ ଦାୟିତ୍ୱ ବିଷୟରେ କେନ୍ଦୁଝର ଜିଲ୍ଲାର ନାମ ନେଇଛନ୍ତି। କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନ କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଜୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ସଂଘର୍ଷ, ସଫଳତା ଓ ନବସୃଜନ ଉପରେ ଗୁରୁତ୍ୱଦେଇ ପ୍ରେରଣା ଓ ମାର୍ଗଦର୍ଶନ ଦେଇ ଆସୁଛନ୍ତି ।

## ରକ୍ଷାବନ୍ଧନରେ ମିଳିବ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରକ୍ଷାବନ୍ଧନ ଦିନ କୋରାପୁଟର ଜୟପୁରରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ଏକ୍ସରେ ଶ୍ରୀମତୀ ପରିଡ଼ା ଲେଖିଛନ୍ତି ଅଗଷ୍ଟ ୯ ପବିତ୍ର ରକ୍ଷାବନ୍ଧନ ଅବସରରେ ୧ କୋଟି ୨ ଲକ୍ଷ ୪୦ ହଜାର ସୁଭଦ୍ରା ଭଉଣୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଉପହାର ପାଇବେ। କୋରାପୁଟର ଜୟପୁରରୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯିବ। କୋରାପୁଟର କୋଟିଆ ଗସ୍ତ କରି ସମୀକ୍ଷା କରିବା ସହ କୋଟିଆର ଓଡ଼ିଆମାନେ ସୁଭଦ୍ରା କିସ୍ତି ମିଳିବା ସୁନିଶ୍ଚିତ କରାଯିବ। ଯେଉଁମାନେ କିଛି ପ୍ରତିବନ୍ଧକ ପାଇଁ ଏହି ଯୋଜନାରେ ସାମିଲ ହୋଇପାରିନାହାନ୍ତି ଆମେ ପର୍ଯ୍ୟାୟକ୍ରମେ ସେମାନଙ୍କ ପାଇଁ ବ୍ୟବସ୍ଥା କରିବୁ।

## ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ: ରବି ନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରତିଘରକୁ ନଳ ଯୋଗେ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖିଛନ୍ତି ବିଜେପି ସରକାର । ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜଳଯୋଗାଣରେ ଫେଲ୍ ମାରିଥିଲା ତତ୍କାଳୀନ ବିଜେଡି ସରକାର । ମା, ଭଉଣୀ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଗରା, ବାଲଟି ଧରି ରାସ୍ତା ଉପରେ ଛିଡା ହେବାକୁ ପଡୁଥିଲା । ଜଳଯୋଗାଣ ଦାୟିତ୍ୱ ଦକ୍ଷିଣୀ ଠିକାଦାରଙ୍କୁ ଦିଆଯାଉଥିବାରୁ ଏଭଳି ସ୍ଥିତି ଉପୁଜିଥିଲା । ମୋହନ ସରକାରଙ୍କ ଅମଳରେ ଜଳଯୋଗାଣ ସ୍ଥିତିରେ ସୁଧାର ଆସିଛି । ହର୍ ଘର୍ ଜଳ ଯୋଜନାରେ ପ୍ରତ୍ୟେକ ଘରର ଦୁଆରେ ପିଇବା ପାଣି ପହଞ୍ଚିଛି । ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଜୋରରେ ଚାଲିଛି । ଜଣେ ବ୍ୟକ୍ତିଙ୍କ ଘର ହେଲେ ବି ସିଙ୍ଗଲ ପ୍ରୋଜେକ୍ଟର ପ୍ରାବଧାନ କରାଯାଉଛି । ୨୦୨୬ ସୁଦ୍ଧା ଲକ୍ଷ ପୂରଣ ପାଇଁ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶାର ବିଜେପି ସରକାର ବୋଲି ସେ କହିଛନ୍ତି ।

## ଲୋକ ଅଦାଲତରେ ୧୦୬୮ ମାମଲା ଫଇସଲା

କଟକ(ଭାସ୍କର ନ୍ୟୁଜ୍): ଓଡିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ, ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ଓଡିଶା ହାଇକୋର୍ଟର ବିଚାରପତି ସଙ୍ଗମ ସାହୁଙ୍କ ନିର୍ଦ୍ଦେଶରେ ଚେକ୍ ବାଉନ୍ସ ସମ୍ପର୍କିତ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ୧୮ ଜିଲ୍ଲା ଏବଂ ୭ ସବ୍ ଡିଭିଜିଓନାଲ୍ ହେଡ୍ କ୍ୱାର୍ଟରରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୭୦୩୮ ମାମଲା ଶୁଣାଣି ପାଇଁ ଗ୍ରହଣ କରାଯାଇଥିଲା । ମାମଲା ମଧ୍ୟରୁ ୧୦୬୮ ମାମଲାରେ ୨୧,୯୨,୯୮,୧୪୩ ଟଙ୍କାର ଚେକ୍ ବାଉନ୍ସ ମାମଲାର ଫଇସଲା ହୋଇଛି

## ବିଜେପିରେ ଯୋଗଦେଲେ ଚାନ୍ଦବାଲିର ବିଜେଡି ସମର୍ଥିତ ସରପଞ୍ଚ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ଉପରୁ ଆସ୍ଥା ହରାଇ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାନ୍ଦପୁର ଗ୍ରାମର ସରପଞ୍ଚ ଶାରଳା ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ଗଣେଷ ବିଶ୍ୱାଳ, ୱାର୍ଡ ମେମ୍ବର ରଂଜନ ପଣ୍ଡା, ବାବାଜୀ ଚରଣ ସେଠୀ, ଅମୁଲ୍ୟ ଦାସ, କୃଷ୍ଣ ଓଝା ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ରାଜ୍ୟ ସରକାରଙ୍କ ଜନାଭୀମୁଖୀ କାର୍ଯ୍ୟ ପ୍ରତି ଓଡିଶାବାସୀଙ୍କ ସମର୍ଥନ ବୃଦ୍ଧି ପାଇଚାଲିଛି । ବିଜେଡି ଏବଂ କଂଗ୍ରେସର ଜନାଧାର ଆହୁରି ହ୍ରାସ ପାଇବାକୁ ଲାଗିଛି । ଏପରିକି ଦଳୀୟ କର୍ମୀମାନେ ମଧ୍ୟ ଆସ୍ଥା ହରାଉଛନ୍ତି । ମିଶ୍ରଣ ପର୍ବ ହେଉଛି ଏହାର ଏକ ପ୍ରତିଫଳନ । ଆଜିର ମିଶ୍ରଣ ସ୍ଥାନୀୟ ଅଂଚଳର ବିକାଶକୁ ଆଗେଇ ନେବା ପାଇଁ ସହାୟକ ହେବା ସହିତ ଦଳୀୟ ସଂଗଠନକୁ ଆହୁରି ସୁଦୃଢ କରିବ ବୋଲି କହିବା ସହିତ ସ୍ଥାନୀୟ ପଂଚାୟତର ମୌଳିକ ସମସ୍ୟାର ସମାଧାନ ଓ ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ରାଜ୍ୟ ସଭାପତି ସାମଲ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତରତ୍ନ ଅବଦୁଲ କଲାମଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମହାନ ବୈଜ୍ଞାନିକ, ବିଶିଷ୍ଟ ଶିକ୍ଷାବିତ, ଭାରତର ପୂର୍ବତନ ରାଷ୍ଟ୍ରପତି, ମିସାଇଲ ମ୍ୟାନ, ଭାରତରତ୍ନ ଡ.ଏ.ପି.ଜେ.ଅବଦୁଲ କଲାମଙ୍କ ଶ୍ରାଦ୍ଧ ବାର୍ଷିକୀରେ ବିନମ୍ର ଶ୍ରଦ୍ଧାଞ୍ଜଳି।

## ସିଆରପିଏଫ୍ ପ୍ରତିଷ୍ଠା ଦିବସରେ ବୀର ଯବାନଙ୍କୁ ନମନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିଆରପିଏଫ ପ୍ରତିଷ୍ଠା ଦିବସରେ ବୀର ଯବାନଙ୍କୁ ନମନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ସିଆରପିଏଫ ପ୍ରତିଷ୍ଠା ଦିବସ ଅବସରରେ ଦେଶର ସୁରକ୍ଷା ପାଇଁ ସମର୍ପିତ ସମସ୍ତ ବୀର ଯବାନଙ୍କୁ ମୋର ପ୍ରଣାମ ଜଣାଉଛି। ଆପଣ ସମସ୍ତଙ୍କ ତ୍ୟାଗ, ସମର୍ପଣ ଏବଂ ବଳିଦାନକୁ ଦେଶ କେବେ ଭୁଲିବ ନାହିଁ।

## ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ଆଶୁଆରୋଗ୍ୟ କାମନା କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଏମସ୍ ରେ ଚିକିତ୍ସିତ ହେଉଥିବା ପଦ୍ମଶ୍ରୀ ଗୁରୁ ଗୋପୀନାଥ ସ୍ୱାଇଁ ଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏକ୍ସରେ ନବୀନ ଲେଖିଛନ୍ତି ସୁନାମଧନ୍ୟ କଳାକାର ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଗଞ୍ଜାମର, ଗୁରୁ ଗୋପୀନାଥ ସ୍ୱାଇଁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁଆରୋଗ୍ୟ କାମନା କରୁଛି।

## ମହିଳା ଦୁଷ୍କର୍ମକୁ ନେଇ ବିରୋଧୀଙ୍କ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଛି: ବିଜେପି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ଦୁଷ୍କର୍ମକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ଦୁଷ୍କର୍ମ ଘଟଣାରେ ଜେଲରେ ଥିବାବେଳେ ଆଜି ବିଜେଡିର ବିଏମସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ଦୁଷ୍କର୍ମ ଘଟଣାରେ ଗିରଫ ହୋଇଛନ୍ତି । ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭୀଚାର, ନିର୍ଯ୍ୟାତନାକୁ ଆଜି ପର୍ଯ୍ୟନ୍ତ ଓଡିଶାବାସୀ ଭୁଲିନାହାନ୍ତି। ଉଭୟ ଦଳର ଅପକର୍ମ କାରଣରୁ ଓଡିଶା ଏବଂ ଓଡିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି। ଓଡିଶାର ସାଧାରଣ ଜନତା ଗୋଟିଏ ମୁଦ୍ରାର ପାଶ୍ୱର୍ ଉଭୟ ବିଜେଡି ଓ କଂଗ୍ରେସ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ଭଲ ଭାବେ ଅତୀତରେ ଦେଖିଛନ୍ତି ଏବଂ ଆଜି ବି ଦେଖୁଛନ୍ତି । ଓଡିଶାବାସୀ ଉଭୟ ଦଳକୁ କେବେହେଲେ କ୍ଷମା କରିବେ ନାହିଁ ବୋଲି ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି । ମହିଳା ସୁରକ୍ଷା ପ୍ରସଙ୍ଗରେ ସମ୍ବେଦନଶୀଳ ବିଜେପି। ବିଜେପି ସରକାର ମହିଳାମାନଙ୍କ ପାଇଁ ସମର୍ପିତ ସରକାର । ମହିଳା ସଶକ୍ତିକରଣ ପାଇଁ ବିଜେପି ସରକାର ବଦ୍ଧପରିକର । ମହିଳା ହିଂସା କିମ୍ବା ଦୁଷ୍କର୍ମରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ବିଜେପି ସରକାରରେ ଛଡାଯିବ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

### ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# ପ୍ରମୁଖ ପରିମଳ କର୍ମଚାରୀଙ୍କ ସମ୍ମାନିତ କଲେ ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଗରିମା ପଦକ୍ଷେପ ଅଧୀନରେ 'ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତ୍ତା ଏବଂ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବା' ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରମୁଖ ପରିମଳ କର୍ମଚାରୀଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହା ପରିମଳ କାର୍ଯ୍ୟରେ ଅଂଶୀଦାରମାନଙ୍କୁ ସ୍ୱୀକୃତି ଦେବାରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ ଯେ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ । ଜାତୀୟ ଗରିମା କର୍ମଶାଳା ବର୍ତ୍ତମାନ ପ୍ରତିବର୍ଷ ଜୁଲାଇ ମାସରେ ଅନୁଷ୍ଠିତ ହେବ, ଯାହା ଏହି ଉଦ୍ଦେଶ୍ୟରେ ଏକ ସ୍ଥାୟୀ ଜାତୀୟ ପ୍ରତିବଦ୍ଧତାର ପ୍ରତୀକ ଅଟେ ଏବଂ କର୍ମଶାଳାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଉଦଘାଟନ ଭାଷଣ ସମୟରେ ଏହା ଘୋଷଣା କରିଥିଲେ। ଶ୍ରୀମତୀ ପାଢୀ ସଫେଇ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ ଦୃଢ଼ ସାମାଜିକ ସୁରକ୍ଷା ଢାଞ୍ଚାର ଆବଶ୍ୟକତା ସମେତ ଦୁଇଦିନିଆ ଆଲୋଚନାର ମୁଖ୍ୟାଂଶ ଉପରେ ମଧ୍ୟ ଆଲୋକପାତ କରିଥିଲେ। ବୃତିଗତ ସ୍ୱାସ୍ଥ୍ୟ ଏବଂ ନିରାପତା (ଓଏଚଏସ) ମାନର ବୃଦ୍ଧି, ଚୁକ୍ତିଭିତ୍ତିକ ସଂସ୍କାର ମାଧ୍ୟମରେ ଅନୌପଚାରିକ ଶ୍ରମିକଙ୍କ ଆନୁଷ୍ଠାନିକତା ଏବଂ କଲ୍ୟାଣକାରୀ ଯୋଜନାରେ ପ୍ରବେଶ, କଲ୍ୟାଣ ବିତରଣକୁ ଟ୍ରାକ୍ କରିବା ଏବଂ ମହିଳା ଏବଂ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ସମ୍ମାନ ଏବଂ ସୁରକ୍ଷା ସହିତ ପରିମଳ ଭୂମିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଟେକ୍ନୋଲୋଜି ଏବଂ ଡାଟା ସିଷ୍ଟମର ବ୍ୟବହାର ଉପରେ ସେ ଆଲୋକପାତ କରିଥିଲେ। ୨୦୨୦ ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଗରିମା ପଦକ୍ଷେପକୁ ଏକ ମଡେଲ ଭାବରେ ପ୍ରଶଂସା କରାଯାଇଛି। କର୍ମ କ୍ଷେତ୍ରରେ ନିରାପତା, ଉଚିତ ମଜୁରି, ବୀମା, ସାମାଜିକ ସୁରକ୍ଷା ଏବଂ ସମାଜରେ ସମ୍ମାନ ସୁନିଶ୍ଚିତ କରି ମୁଖ୍ୟ ସଫେଇ କର୍ମଚାରୀଙ୍କ ଅଧିକାରର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ସମ୍ମିଳନୀର ଏକ ଅଂଶ ଭାବରେ, ବିଭିନ୍ନ ରାଜ୍ୟ, ଆନ୍ତର୍ଜାତୀୟ ସଂଗଠନ, ଏନଜିଓ ଏବଂ ୟୁଏଲବିର ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ ଓ ସାମାଜିକ ସୁରକ୍ଷ୍ୟା , ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ଉଦ୍‌ଯାପନୀ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରାଜ୍ୟର ପ୍ରମୁଖ ପରିମଳ କର୍ମଚାରୀ, ପଞ୍ଚାୟତିରାଜ ବିଭାଗ ଏବଂ ଏସଟି ଏବଂ ଏସସି ଏମବିସିସି ବିଭାଗର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

## 'ରାଜେନ୍ଦ୍ର ସିଂ ଥିଲେ ଓଡ଼ିଶା ସମାଜବାଦ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର'

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶ୍ରମିକ ନେତା, ଓଡ଼ିଶାରେ ସମାଜବାଦ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂଙ୍କ ତୃତୀୟ ବାର୍ଷିକ ପୁଣ୍ୟତିଥିରେ ବୟାଳିଶ ମୌଜା ଚାନ୍ଦୁଲି ବଳିବାମନ ପୀଠସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସମାଜସେବୀ ଶେଷଦେବ ପାତ୍ରଙ୍କ ଆହ୍ୱାନ କ୍ରମେ ଅବିଭକ୍ତ କଟକ ସଦର ଅଞ୍ଚଳର ବହୁ ରାଜୁପ୍ରେମୀ ପ୍ରିୟ ନେତାଙ୍କ ପ୍ରତିମୂର୍ତ୍ତିରେ ଉତ୍ତରୀୟ, ପୁଷ୍ପମାଲ୍ୟ ପିନ୍ଧାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମାଜ ଗଠନ ପାଇଁ ତାଙ୍କର ଉତ୍ସର୍ଗିକୃତ ଜୀବନ ଧାରା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂହ, ଉଦୟନାଥ ରାଉତ, ବିଷ୍ଣୁଚରଣ ପ୍ରଧାନ, ପ୍ରମୋଦ ସ୍ୱାଇଁ, ନିରନ ପରିଡ଼ା, ଚନ୍ଦ୍ରମଣି ପ୍ରଧାନ, କମଳାକା' ଦାସ, ସୋମନାଥ ଦାସ, ଦିପକ ମହାନ୍ତି, ପ୍ରଫୁଲ୍ଲ ସାସମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

OIPR 10003/13/0240/2526
DSPL -187



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହେପାଟାଇଟିସ୍ ଦିବସ
୨୮ ଜୁଲାଇ ୨୦୨୫

- ଜନ୍ମର ୨୪ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ହେପାଟାଇଟିସ୍ ପ୍ରତିଷେଧକ ଟୀକା ଦିଆଯାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହା ବିନା ମୂଲ୍ୟରେ ମିଳେ।
- ହେପାଟାଇଟିସ୍‌ରୁ ରକ୍ଷା ପାଇବା ପାଇଁ :
  - ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ହେପାଟାଇଟିସ୍ 'ବି' ଓ 'ସି' ର ପରୀକ୍ଷା ବିନା ମୂଲ୍ୟରେ କରାଇ ନିଅନ୍ତୁ।
  - କେବଳ ସ୍ୱୀକୃତିପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରନ୍ତୁ।
  - ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
  - ଭଲ ଭାବରେ ହାତ ଧୋଇବା ସହ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
- ହେପାଟାଇଟିସ୍ ପଜିଟିଭ୍ ଗର୍ଭବତୀ ମହିଳାଙ୍କର ପ୍ରସବ ଡାକ୍ତରଖାନାରେ କରାନ୍ତୁ ଏବଂ ନବଜାତ ଶିଶୁକୁ ହେପାଟାଇଟିସ୍ ଇମ୍ୟୁନୋଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇ ସୁରକ୍ଷିତ ରଖନ୍ତୁ।

ଆର୍ଥିକ, ସାମାଜିକ, ବ୍ୟବସ୍ଥାଗତ ପ୍ରତିବନ୍ଧକ ତଥା ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଏବଂ ହେପାଟାଇଟିସ୍‌କୁ ପ୍ରତିରୋଧ କରିବା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

## ସିପିଆଇ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

କଟକ(ଭାସ୍କର ନ୍ୟୁଜ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଜିଲ୍ଲା କମିଟି ବୈଠକ ନବଯୁଗ ପ୍ରେସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ସାଥୀ ତ୍ରୈଲୋକ୍ୟ ନାଥ ଏଥିରେ ସଭାପତିତ୍ୱ କରିଥିଲେ । ଜିଲ୍ଲା ସଂପାଦକ ବିନୋଦ ବେହେରା ଜିଲ୍ଲା ସମ୍ମିଳନୀର ସାଂଗଠନିକ ଓ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଉପସ୍ଥିତ ସଭ୍ୟଙ୍କର ଆଲୋଚନା ଓ ସଂଶୋଧନ ପରେ କାର୍ଯ୍ୟକାରୀ କମିଟିରେ ଗୃହୀତ ହୋଇଥିଲା। ସିପିଆଇ ଜିଲ୍ଲାର ୨୩ ତମ ସମ୍ମିଳନୀ ଅଗଷ୍ଟ ୩୦ ଓ ୩୧ ଦୁଇଦିନ ଧରି ପୀରବଜାର, ଗୁଜରପୁରରେ ଜଗତପୁର ମହାନଦୀ ଆଞ୍ଚଳିକ କମିଟିର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ସମ୍ମିଳନୀ ପରିଚାଳନା କମିଟି ଜିଲ୍ଲା ସହ ସଂପାଦକ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଗଠନ ହୋଇଥିଲା । କମିଟିରେ ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ସମେତ ନେତୃତ୍ୱକାରୀ ସାଥି ଅମରେନ୍ଦ୍ର ମହାନ୍ତି, ଚିତ୍ତ ନନ୍ଦ, ପ୍ରଫୁଲ କୁମାର ତ୍ରିପାଠୀ, ବିଜୟ ପଡ଼ିହାରୀ, କିଶୋର ଜେନା, ସୁଶାନ୍ତ ମହାପାତ୍ର, ସୁକାନ୍ତ ବାରିକ ପ୍ରମୁଖ କମିଟିରେ ରହିଛନ୍ତି । ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ପୁଣି ଏକ ଯୁଦ୍ଧର କଳା ବାଦଲ

## ମୁହାଁମୁହିଁ ସ୍ଥିତିରେ କାମ୍ବୋଡିଆ-ଥାଇଲାଣ୍ଡ

ବର୍ତ୍ତମାନ ବିଶ୍ୱରେ ରୁଷ୍-ୟୁକ୍ରେନ୍, ଇସ୍ରାଏଲ୍-ହମାସ୍ ଏବଂ ଇରାନ୍-ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ବେଳେ ଗତ ୪ଦିନ ଧରି ଦୁଇ ପଡ଼ୋଶୀ ରାଷ୍ଟ୍ର ଥାଇଲାଣ୍ଡ-କାମ୍ବୋଡିଆ ମଧ୍ୟରେ ପୁଣି ଏକ ଯୁଦ୍ଧ ମୁଣ୍ଡ ଟେକିଛି। ପ୍ରାୟ ଏକ ହଜାର ବର୍ଷ ତଳର ଦୁଇଟି ପୁରୁଣା ଶିବ ମନ୍ଦିରକୁ ନେଇ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଯୁଦ୍ଧ ସ୍ଥିତି ଦେଖାଦେଇଛି। ରବିବାର ୪ର୍ଥ ଦିନରେ ପହଞ୍ଚିଥିବା ଏହି ଯୁଦ୍ଧରେ ଅନେକ ସାଧାରଣ ନାଗରିକ ଓ ସୈନ୍ୟ ପ୍ରାଣ ହରାଇଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ଉତ୍ତେଜନା ବୃଦ୍ଧି ପାଇଁ କାମ୍ବୋଡ଼ିଆ ସମ୍ପୂର୍ଣ୍ଣ ଦାୟୀ ବୋଲି ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। କାମ୍ବୋଡିଆ ସୈନ୍ୟ ବିନା କାରଣରେ ସାଧାରଣ ଲୋକଙ୍କ ଉପରକୁ ଗୁଳି ଚଳାଇବା ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ଟାର୍ଗେଟ୍ କରି ଆକ୍ରମଣ କରିବାରୁ ଉତ୍ତେଜନା ବୃଦ୍ଧି ପାଇଥିବାର ସେ ଦର୍ଶାଇଛନ୍ତି। କାମ୍ବୋଡିଆ-ଥାଇଲାଣ୍ଡ ଯୁଦ୍ଧ ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି ଏବଂ ଏହାର ଅବସାନ ନିମନ୍ତେ କୂଟନୈତିକ ସ୍ତରରେ ଜୋରସୋର ଉଦ୍ୟମ ଆରମ୍ଭ ହୋଇଛି। ଜାତିସଂଘ ନିରାପତ୍ତା ପରିଷଦର ଏକ ଜରୁରି ବୈଠକ ଶନିବାର ଅନୁଷ୍ଠିତ ହୋଇ ଏହି ସ୍ଥିତିର ସମୀକ୍ଷା କରାଯାଇଥିଲା। ଯଦିଓ ନିରାପତ୍ତା ପରିଷଦ ପକ୍ଷରୁ କୌଣସି ବିଧିବଦ୍ଧ ବିବୃତ୍ତି ଜାରି କରାଯାଇ ନାହିଁ, ତଥାପି ଦୁଇଦେଶ ମଧ୍ୟରେ ଚାଲିଥିବା ସଂଘର୍ଷକୁ ତୁରନ୍ତ ବନ୍ଦ କରିବା ପାଇଁ ପରିଷଦର ୧୫ଜଣ ଯାକ ସଦସ୍ୟ ରାଷ୍ଟ୍ର ଆହ୍ୱାନ ଦେଇଛନ୍ତି। କାମ୍ବୋଡିଆ ତୁଳନାରେ ଥାଇଲାଣ୍ଡର ଆୟତନ ୩ଗୁଣ ଅଧିକ ହୋଇଥିବା ବେଳେ ଏବଂ କାମ୍ବୋଡିଆର ନିଜସ୍ୱ ବାୟୁସେନା ନଥିବା ସତ୍ତ୍ୱେ ଏହା ଆକ୍ରମଣ କରିବାକୁ କିଭଳି ସାହସ କଲା ତାହା କୂଟନୈତିକ ମହଲକୁ ବିସ୍ମିତ କରିଛି। ଇତିମଧ୍ୟରେ ଥାଇଲାଣ୍ଡର ଉତ୍ତେଜନା ପ୍ରବଣ ସୀମାନ୍ତ ଅଞ୍ଚଳରୁ ୧ ଲକ୍ଷ ୩୮ ହଜାର ସାଧାରଣ ନାଗରିକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କାମ୍ବୋଡିଆ ସୀମାକୁ ଲାଗିଥିବା ୭ଟି ଜିଲ୍ଲାରେ ଥାଇଲାଣ୍ଡ ମାର୍ଶଲ ଆଇନ ଜାରି କରିଛି। ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଥାଇଲାଣ୍ଡ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇ ସୀମାନ୍ତବର୍ତ୍ତୀ ୮ଟି ଜିଲ୍ଲାକୁ ଭ୍ରମଣରେ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଥଇଲାଣ୍ଡ ଓ କାମ୍ବୋଡିଆର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ଦୁଇଦେଶ ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଓ ସଂଘର୍ଷ ଲାଗି ରହିଛି। ଫ୍ରାନ୍ସ ଓ ବ୍ରିଟିଶ ଶାସନ ଅଧୀନରେ ଥିବା ଏହି ଦୁଇ ଦେଶରେ ଥିବା ଦୁଇଟି ପୁରାତନ ଶିବ ମନ୍ଦିରର ମାଲିକାନାକୁ ନେଇ ଆଇନଗତ ଓ ରାଜନୈତିକ ସ୍ତରରେ ଯେଉଁ ବିବାଦ ରହିଥିଲା ତାହା ଥମିବା ପରିବର୍ତ୍ତେ ଦିନକୁ ଦିନ ଆହୁରି ବଢୁଥିବାର ଲକ୍ଷ୍ୟ କରାଯାଉଛି। ଗତ ୧୯୫୯ ମସିହାରେ ମନ୍ଦିରର ଜମିବିବାଦ ଆନ୍ତର୍ଜାତୀୟ ଅଦାଲତକୁ ଯାଇଥିଲା ଏବଂ ୧୯୬୨ରେ ଅଦାଲତ ମନ୍ଦିରର ଜମି କାମ୍ବୋଡିଆର ବୋଲି ରାୟ ଦେଇଥିଲେ। ମାତ୍ର ଏହି ରାୟକୁ ଥାଇଲାଣ୍ଡ ଆଦୌ ଭ୍ରୂକ୍ଷେପ ନକରିବାରୁ ଯେଉଁ ବିବାଦ ମୁଣ୍ଡ ଟେକିଥିଲା ତାହା ଏବେ ଚରମ ସୀମାରେ ପହଞ୍ଚିଛି।

# ପରିବେଶ ସଂଗ୍ରାମୀ ବାଙ୍କବିହାରୀ

ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ପରିବେଶ ସୁରକ୍ଷା ବିନା ପ୍ରଗତି ସମ୍ଭବ ନୁହେଁ, ଏହା ସମସ୍ତେ ଜାଣନ୍ତି। ପରିବେଶକୁ ନିଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଏବେ ଚାରିଆଡ଼େ ଜନସଚେତନତାମୂଳକ କାର୍ଯ୍ୟକ୍ରମ ଚାଲିଛି; ଆନ୍ଦୋଳନ ହେଉଛି। ଚିଲିକା ମଧ୍ୟ ଧ୍ୱଂସାଭିମୁଖୀ। ଏଥିପାଇଁ ମଣିଷ ଦାୟୀ। ଆଉ ଏହା ପ୍ରାୟ ଦୁଇ ଦଶନ୍ଧି ତଳେ ଅନୁଭବ କରିଥିଲେ ମହାନ ଓଡ଼ିଆ ସଂଗ୍ରାମୀ ଓ ପରିବେଶବିତ୍ ବାଙ୍କବିହାରୀ ଦାସ। ସେ ହିଁ ଚିଲିକା ବଞ୍ଚାଅ ଆନ୍ଦୋଳନର ସ୍ରଷ୍ଟା। ଗତ ଶତାବ୍ଦୀର ନବମ ଦଶକର ଆଦ୍ୟ ଭାଗରେ ତତ୍କାଳୀନ ରାଜ୍ୟ ସରକାର ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଚାଷ ପାଇଁ ଟାଟା କମ୍ପାନୀକୁ ଅନୁମତି ଦେଇଥିଲେ। ଏହା ହୋଇଥିଲେ ମରାଳମାଳିନୀ ଚିଲିକାର ମୃତ୍ୟୁ ନିଶ୍ଚିତ ଭାବେ ଘଟିଥାଆନ୍ତା। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରଥମେ ବିରୋଧ କରିଥିଲେ ବାଙ୍କବିହାରୀ। ଚିଲିକାର ମତ୍ସ୍ୟଜୀବୀଙ୍କୁ ନେଇ ସେ ଚିଲିକା ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରିଥିଲେ।

୧୯୯୩ରେ ଏଥିପାଇଁ ଏକ ବିରାଟ ସଭା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ପରିବେଶବିତ୍ ଅନୀଲ କୁମାର ଅଗ୍ରୱାଲ, ଅବସରପ୍ରାପ୍ତ ନ୍ୟାୟଧୀଶ ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି, ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟ, କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ, ସାହିତ୍ୟିକ ଚିତ୍ତରଞ୍ଜନ ଦାସ ପ୍ରମୁଖ ଏହି ସଭାରେ ନିଜ ନିଜର ମତ ରଖିବା ସହ ସରକାରର କଡ଼ା ସମାଲୋଚନା କରିଥିଲେ। ଏହାଦ୍ୱାରା ଆନ୍ଦୋଳନକାରୀମାନେ ଉତ୍ସାହିତ ହେବା ସହ ଆନ୍ଦୋଳନ ଜୋରଦାର ହୋଇଥିଲା। ସୁଫଳ ସ୍ୱରୂପ ଏଗାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିବା ଟାଟା କମ୍ପାନୀ ପ୍ରକଳ୍ପରୁ ଓହରିବାକୁ ବାଧ୍ୟ ହୋଇଥିଲା। ଏହାପରେ ପରେ ସେ ଭିତର କନିକା ବଞ୍ଚାଅ ଆନ୍ଦୋଳନ ଓ ସମଗ୍ର ଉପକୂଳ ରକ୍ଷା ଆନ୍ଦୋଳନ ସହ ସଂପୃକ୍ତ ହୋଇଥିଲେ। ବାଙ୍କବିହାରୀ ଥିଲେ ଲେଖକ ଓ ସାମ୍ବାଦିକ। ସଂଗ୍ରାମର ଶେଷ ନାହିଁ ତାଙ୍କର ଆତ୍ମ ଚରିତ। ଚିଲିକା ଓ ଭିତର କନିକାର ଅବସ୍ଥା ଉପରେ ସେ ଇଂରେଜୀ ଭାଷାରେ ଚିଲିକା ଲେକ୍ ୱିଲ୍ ଇଟ୍ ବି ଏଲାଉଡ୍ ଟୁ ଡାଏ, ହ୍ୱାଏ ସେଭ୍ ଭିତର କନିକା ଭଳି ଏକାଧିକ ପୁସ୍ତକ ଲେଖିଯାଇଛନ୍ତି। ସେ ଇକୋନୋମିକ୍ସ ପତ୍ରିକାର ବିଶେଷ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। କୃଷକ ଓ କୃଷକର ଆହ୍ୱାନ ପତ୍ରିକାର ସଂପାଦକ ଥିଲେ। ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ପାଇଁ ଆଜୀବନ ଲଢ଼ିଥିଲେ। ୨୦୦୧ ଜୁଲାଇ ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା।

# 'ନିଶା'ର ନିମନ୍ତ୍ରଣରେ ଅନିୟନ୍ତ୍ରିତ ଭବିଷ୍ୟତ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ଆଧୁନିକ ସଭ୍ୟତାରେ ନିଶା ସେବନ ହେଉଛି ଏକ ମାରାତ୍ମକ ସାମାଜିକ ବ୍ୟାଧି ଓ ଅପରାଧ। ଏହା କର୍କଟ ରୋଗ ଭଳି ଦିନକୁ ଦିନ କାୟା ବିସ୍ତାର କରି ଅନେକଙ୍କୁ ଆକ୍ରାନ୍ତ କରୁଅଛି। ସାଧାରଣତଃ ସମାଜରେ ବିଶୃଙ୍ଖଳିତ ନିର୍ଦ୍ଦିଷ୍ଟ କେତେକ ଶ୍ରେଣୀର ପରିବାରର ସଦସ୍ୟମାନେ ଆଧୁନିକ ସଭ୍ୟତାର ନିଶା ସେବନରେ ଅଭ୍ୟସ୍ତ ହୋଇ ଏହା ଏକ ସମ୍ଭ୍ରାନ୍ତ ରୀତିର ପରାକାଷ୍ଠା ବୋଲି ପ୍ରତିପାଦନ କରିଥାନ୍ତି ଓ ନିଜକୁ ଉନ୍ନତ ବୋଲି ଦର୍ଶାଇଥାନ୍ତି। ଉକ୍ତ କ୍ଷେତ୍ରର ବ୍ୟକ୍ତିମାନେ ହେରୋଇନ, ଅଫିମ, ଚରସ, କୋକାୟନ, ଗଞ୍ଜା ଓ ବ୍ରାଉନ ସୁଗାର ଭଳି ନିଶା ଗୁଡିକ ବ୍ୟବହାର କରିଥାନ୍ତି ଓ ନିଜକୁ ନିଶାରେ ନିମଜ୍ଜିତ କରି ନିୟନ୍ତ୍ରଣର ସୀମାରେଖାରୁ ବିଚ୍ୟୁତ ହୋଇଥାନ୍ତି। ନିଶା ସେବନ ପାଶ୍ଚାତ୍ୟ ସଂସ୍କୃତିର ଏକ ଅଙ୍ଗ ବୋଲି ବିବେଚନା କରାଯାଏ ଓ ଏହା ଆଭିଜାତ୍ୟର ସଉକ ବୋଲି ସମାଜକୁ ଉପସ୍ଥାପିତ କରାଯାଇଥାଏ। ମାତ୍ର ନିଶା ହେଉଛି ଅକାଳ ମୃତ୍ୟୁର ନିମନ୍ତ୍ରଣ ପତ୍ର। ଏଥିରେ ଥରେ ନିମଜ୍ଜିତ ହେଲେ ସେଥିରୁ ମୁକୁଳିବା ଅସମ୍ଭବ ହୋଇଥାଏ। ତେଣୁ ନିଶା ସେବନ ଦ୍ୱାରା ବିଶେଷତଃ ସର୍ବାଦୌ ନିଜର ଧ୍ୱଂସ ହୋଇଥାଏ ଓ ତତ୍ପରେ ପରିବାରର। ପୁରାତତ୍ତ୍ୱ ଯୁଗରେ ନିଶାକୁ ଜୀବନ ବଞ୍ଚାଇବା ପାଇଁ ଔଷଧ ରୂପେ ମାତ୍ରା ଅନୁଯାୟୀ ବ୍ୟବହାର କରାଯାଉଥିଲା। ରୋଗୀର ବ୍ୟଥାକୁ ଉପଶମ କରିବା ନିମନ୍ତେ ନିଶା ବ୍ୟବହାର କରାଯାଉଥିଲା। ସେତେବେଳେ ନିଶାର ଅପବ୍ୟବହାର କରାଯାଉନଥିଲା। ମାତ୍ର ବର୍ତ୍ତମାନ ନିଶା ଦ୍ୱାରା ମଣିଷ ଆକ୍ରାନ୍ତ ଓ ଶରୀର ରକ୍ଷା ପରିବର୍ତ୍ତେ ଶରୀରକୁ ବିସର୍ଜନ ପାଇଁ ନିଶା ଏକ ମାଧ୍ୟମ। ମଣିଷ ପ୍ରକୃତିର ପ୍ରକୃତ ଲୋଭୀ ପ୍ରାଣୀ ଯିଏ ଅର୍ଥରୁ ଅନର୍ଥ କରି କୌଣସି କ୍ରିୟାକୁ ଅପବ୍ୟବହାର କରି ତାହାକୁ ବିଷ କ୍ରିୟାରେ ପରିଣତ କରିଥାଏ। ନିଶାର ସୃଷ୍ଟି ହୋଇଥିଲା ଔଷଧୀୟ ବ୍ୟବହାର ଓ ଜୀବନ ରକ୍ଷା, ମାତ୍ର ସମୟକ୍ରମେ ଏହାର ଅପବ୍ୟବହାର କରି ମଣିଷ ସମାଜ ପାଇଁ ଏକ ବିପଦ ସୃଷ୍ଟି କରି ଦେଉଛି। ଆଧୁନିକ ସହର ଜୀବନଶୈଳୀରେ ନିଜକୁ ଅତ୍ୟାଧିକ ଆଧୁନିକତାର ସ୍ପର୍ଶରେ ମଣିଷ ନିଶା ସେବନକୁ ଜୀବନର ଏକ ବିଶେଷ ଅଙ୍ଗ ବୋଲି ମଣୁଥିବା ବେଳେ ଗ୍ରାମ୍ୟ ଜୀବନରେ ମଧ୍ୟ ଏହାର ପ୍ରଭାବ କିଛି କିଛି ମାତ୍ରାରେ ପରିଲକ୍ଷିତ ହେଲାଣି। ଏହାର ପରିଣାମରେ ସର୍ବତ୍ର ନିଶାର ଲହରୀରେ ମଣିଷ ସମାଜ ଆଜି ନିଶ୍ଚେତ। ନିଶା ସେବନ ବର୍ତ୍ତମାନ ଏକ ଅନ୍ତର୍ଜାତିକ ସମସ୍ୟା ଭାବରେ ସମଗ୍ର ପୃଥିବୀରେ ଦଣ୍ଡାୟମାନ। ନିଶାସକ୍ତର ନମୁନା ଭାବରେ ଭାରତର ୮୮% ହେରୋଇନ ବ୍ୟହାର କରୁଥିବା ନିଶାସକ୍ତ ବ୍ୟକ୍ତିମାନେ ହେଉଛନ୍ତି ୧୪ ରୁ ୨୫ ବର୍ଷ ବୟସର। ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଯେଉଁ ସମୟରେ ଜ୍ଞାନ ଆହରଣ କରି ଭବିଷ୍ୟତ ନିର୍ମାଣ କରିବା ସମୟ, ଉକ୍ତ ସମୟରେ ଉକ୍ତ ବର୍ଗର ଛାତ୍ରଛାତ୍ରୀ ମାନେ ନିଶାର କରାଳ କାୟା ଦ୍ୱାରା କବଳିତ। ସାଂପ୍ରତିକ ଚଳଚ୍ଚିତ୍ର ମାନଙ୍କରେ ନିଶା ସେବନର ଘଟଣାକ୍ରମ ଓ ନିଶା କାରବାର ତଥା ଦୂରଦର୍ଶନର ଅପବ୍ୟବହାର କରି ଯୁବଶକ୍ତି ବର୍ତ୍ତମାନ ନିଶାପାନ ଓ ଧୂମ୍ରପାନ କରି ନିଜ ଭବିଷ୍ୟତର ନିର୍ମାଣକୁ ଅବଜ୍ଞା କରି ଅତୀତ ହୋଇଯିବା ପାଇଁ ଚେଷ୍ଟିତ। ଔଦ୍ୟୋଗିକରଣରେ ଯେତେବେଳେ ଗାଁରୁ ମଣିଷ ଅଧିକ ରୋଜଗାର ଓ ସହର ସଭ୍ୟତାକୁ ଆଦର୍ଶ କରିବା ପାଇଁ ଆସିଥାଏ, ସେତେବେଳେ ମଣିଷ ଭବିଷ୍ୟତକୁ କେବଳ ସାକାର କରିବା ପାଇଁ ତତ୍ପର ଥାଏ, ମାତ୍ର ନିଶାର ମାୟା ଜାଲରେ ଥରେ ପଡିଗଲେ ସବୁ ଭବିଷ୍ୟତ ଅନ୍ଧକାର ହୋଇଯାଏ। ପୂର୍ବେ ଯୌଥ ପରିବାରରେ ମଣିଷ ପରିବାର ମଧ୍ୟରେ ଶାସନ ଓ ଅନୁଶାସନର ଶୃଙ୍ଖଳା ମଧ୍ୟରେ ଜୀବନ ନିର୍ବାହ କରୁଥିଲା ଓ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଯଥାମାନ୍ୟକରି ଶୃଙ୍ଖଳାର ଆଜ୍ଞା ପାଳନ କରୁଥିଲା, ମାତ୍ର ଯେତେବେଳେ ଯୌଥ ପରିବାରରୁ ଏକାଙ୍ଗୀ ପରିବାରରେ ମଣିଷ ଜୀବନ ନିର୍ବାହ କଲା, ସେତେବେଳେ ସେ ନିଜକୁ ନିଜେ ସ୍ୱେଚ୍ଛାଚାରିତା ମଧ୍ୟରେ ପ୍ରବେଶ କରି ନିଜର ରୋଜଗାରରେ ନିଜେ ସର୍ବମୟ କର୍ତ୍ତା ହୋଇ ନିଶାରେ ନିମଜ୍ଜିତ ରହିଲା। ତେଣୁ ଜୀବନଶୈଳୀର ମାନ ଓ ସାମାଜିକ ଭାରସାମ୍ୟ ହେଉଛି ଜୀବନର ବଞ୍ଚିବାର ସୁଗମ ମାର୍ଗ। ସମାଜରେ ସ୍ତ୍ରୀ ପୁରୁଷ ଉଭୟେ ଯେତେବେଳେ ରୋଜଗାର ଓ ଅର୍ଥ ପାଇଁ ବ୍ୟସ୍ତ ଥାନ୍ତି ସେତେବେଳେ ପରିବାର ପାଇଁ ସମୟ କଥା ଗୌଣ ହୋଇଯାଏ ଓ ଫଳ ସ୍ୱରୂପ ଭାରାକ୍ରାନ୍ତ ମଣିଷ ନିଶାର ସାଥି ହୋଇଯାଏ।

ମିଳିତ ଜାତିସଂଘର ପୃଷ୍ଠଭୂମିରେ ଅନ୍ତର୍ଜାତିକ ନିଶା ନିୟନ୍ତ୍ରଣ ବୋର୍ଡ ୨୦୧୮ରେ ଏକ ରିପୋର୍ଟ ପ୍ରଦାନ କରିଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ ଭାରତ ହେଉଛି ଅବୈଧ ନିଶା ସେବନ ଓ ବ୍ୟବସାୟର କ୍ଷେତ୍ର। ସମଗ୍ର ପୃଥିବୀର ୬% ବ୍ୟକ୍ତି ଭାରତରେ ଗଞ୍ଜା ବ୍ୟବହାର କରିଥାନ୍ତି ଯାହା ୨୦୧୬ ମସିହାରେ ୩୦୦ ଟନ୍ ଜବତ ହୋଇଥିଲା ବେଳେ ୨୦୧୭ରେ ୩୫୩ ଟନ୍ ଗଞ୍ଜା ଭାରତରେ ଜବତ କରାଯାଇଥିଲା। ଭାରତରେ ଚରସର ବ୍ୟବହାର ମଧ୍ୟ କମ୍ ନୁହେଁ, ଯାହା ୨୦୧୭ ରେ ୩.୨ ଟନ୍ ଜବତ କରାଯାଇଥିଲା। ବର୍ତ୍ତମାନ ଭାରତରେ ଅଧିକାଂଶ ବ୍ୟକ୍ତି ଇଣ୍ଟର୍ନେଟ୍ ପୃଷ୍ଠଭୂମିର ବ୍ୟବହାର କରି ଅନ୍‌ଲାଇନ୍ ଦ୍ୱାରା 'ଡାର୍କନେଟ' ମାଧ୍ୟମରେ ନିଶା ଦ୍ରବ୍ୟର ଉପଲବ୍ଧି ହୋଇପାରୁଛି ଓ ତାହା ଅନାୟସରେ ନିଶା ସେବନକାରୀ ନିକଟରେ ପହଞ୍ଚି ପାରୁଛି। ପୃଥିବୀରେ ଆଫଗାନିସ୍ଥାନ ଓ ମିଆଁମାରରେ ଅଧିକ ପରିମାଣର ନିଶା ଦ୍ରବ୍ୟ ଉତ୍ପନ୍ନ ହୋଇଥାଏ। ଭାରତବର୍ଷରେ ଆନୁମାନିକ ୨.୬ କୋଟି ଲୋକ ନିଶା ବ୍ୟବହାର କରିଥାନ୍ତି ଓ ୬୦ ଲକ୍ଷ ବ୍ୟକ୍ତି ନିଶା ସେବନ ଜନିତ ମାନସିକ ଓ ଶାରୀରିକ ବିକାର ଗ୍ରସ୍ତ ହୋଇଥାନ୍ତି। ବିଭିନ୍ନ ନିଶା ଗୁଡିକ ମଧ୍ୟରୁ ମୁଖ୍ୟ ନିଶା ଗୁଡିକ ହେଲା ଚରସ, ହେରୋଇନ, ଅଫିମ, ଗଞ୍ଜା, ଭାଙ୍ଗ। ଭାରତରେ ୬୩ ଲକ୍ଷ ବ୍ୟକ୍ତି ନିଜ ଶରୀରରେ ନିଜକୁ ନିଜେ ଇଞ୍ଜେକ୍ସନ ଦ୍ୱାରା ହେରୋଇନ ଆଦି ନିଶାକୁ ପ୍ରେରଣ କରିଥାନ୍ତି ଓ ଉକ୍ତ ଇଞ୍ଜେକ୍ସନ ଛୁଞ୍ଚିକୁ ଅନ୍ୟମାନଙ୍କୁ ବ୍ୟବହାର କରି ଆନନ୍ଦିତ ହୋଇଥାନ୍ତି ଯଦ୍ଦ୍ୱାରା ଏଡ୍ସ, ଏଚ୍‌ଆଇଭି ଭଳି ମାରାତ୍ମକ ରୋଗ ଯଥେଷ୍ଟ ମାତ୍ରାରେ ସଂକ୍ରମିତ ହୋଇଥାଏ। ସେହିପରି ୨୫ ଲକ୍ଷ ବ୍ୟକ୍ତି ଅଫିମ, ୫୦ ଲକ୍ଷ ବ୍ୟକ୍ତି ଗଞ୍ଜା ଓ ୪୦ ଲକ୍ଷ ବ୍ୟକ୍ତି ଭାଙ୍ଗ ଦ୍ୱାରା ଆସକ୍ତ। ଭାରତରେ ୧୬ କୋଟିରୁ ଊର୍ଦ୍ଧ୍ୱ ଲୋକ ମଦ ବ୍ୟବହାର କରିଥାନ୍ତି ଯାହା ସମାଜରେ ଆଇନ ଶୃଙ୍ଖଳା ରକ୍ଷା କରିବାରେ ବାଧକ ସୃଷ୍ଟି କରିଥାଏ। ନିଶା ସେବନ ଦ୍ୱାରା ମଣିଷର ମାନବିକ ମୂଲ୍ୟବୋଧ ଓ ମନୁଷ୍ୟତ୍ୱ ଲୋପ ହୋଇଯାଇଥାଏ ତଥା ଶାଳୀନତା ଆଦି ଗୁଣ ଗୁଡିକ ନଷ୍ଟ ହୋଇଥାଏ। ବ୍ୟକ୍ତିର ବ୍ୟକ୍ତିତ୍ୱ ଲୋପ ହୋଇ ଆବେଗ ଓ ସୁସ୍ଥ ଚିନ୍ତାଧାରା ନଷ୍ଟ ହୋଇଥାଏ। ଅତ୍ୟାଧିକ ନିଶା ସେବନ ଦ୍ୱାରା ଉଭୟ ପୁରୁଷ ଓ ସ୍ତ୍ରୀମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ନଷ୍ଟ ହୋଇଯାଇଥାଏ ଓ କେତେକ କ୍ଷେତ୍ରରେ ସେମାନଙ୍କ ନିକଟରୁ ଜନ୍ମିତ ଶିଶୁ ରୋଗାଗ୍ରସ୍ତ ହୋଇ ଜୀବନ ନିର୍ବାହ କରିଥାନ୍ତି। ବହିଃ ଦେଶରୁ ଭାରତକୁ ନିଶା କ୍ଷେତ୍ରରେ ଭୌଗଳିକ ଦୃଷ୍ଟିକୋଣରୁ ସୁବର୍ଣ୍ଣ ତ୍ରିକୋଣ ବୋଲି ବିବେଚନା କରାଯାଇଥାଏ କାରଣ ଥାଇଲାଣ୍ଡ, ମିଆଁମାର ଓ ଲାଓସେ ଭଳି ଦେଶ ମାନଙ୍କରୁ ପ୍ରଚୁର ପରିମାଣରେ ନିଶା ଚୋରା କାରବାର ହୋଇଥାଏ। ପୁନଶ୍ଚ ଭାରତକୁ ନିଶା କ୍ଷେତ୍ରରେ ଗୋଲଡେନ କ୍ରିସେଣ୍ଟ ବୋଲି କୁହାଯାଏ କାରଣ ଭାରତ ପାକିସ୍ଥାନ, ଆଫଗାନିସ୍ଥାନ ଓ ଇରାନ ଭଳି ଦେଶ ମାନଙ୍କ ଦ୍ୱାରା ନିଶା ବ୍ୟବହାରକାରୀ ମାନେ ଅନାୟସରେ ବାହାରକୁ ଯାଇ ପାରନ୍ତି ଓ ନିଶାର ଚୋରା କାରବାର ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ତେଣୁ ନିଶାରୁ ପ୍ରଚୁର ଅର୍ଥ ସମ୍ବଳ ସଂଗ୍ରହ କରି ଦେଶ ମାନଙ୍କରେ ଆତଙ୍କବାଦ, ସନ୍ତ୍ରାସବାଦ ଭଳି ମାରାତ୍ମକ ଦେଶଦ୍ରୋହୀ ଗୋଷ୍ଠୀ ସୃଷ୍ଟି ହେଉଛନ୍ତି ଓ ସେମାନଙ୍କର କାୟା ବିସ୍ତାର ହୋଇଚାଲିଛି।

ସମ୍ବିଧାନର ଧାରା ୪୭ ଅନୁଯାୟୀ ରାଜ୍ୟ ସରକାର ଜନସାଧାରଣଙ୍କ ହିତ ନିମନ୍ତେ ମାଦକ ଦ୍ରବ୍ୟ ଓ ନିଶା ସେବନକୁ ଔଷଧ ବ୍ୟବହାର ବ୍ୟତୀତ ଅନ୍ୟ ସମସ୍ତ ବ୍ୟବହାରରେ ସମ୍ପୂର୍ଣ୍ଣ ନିଷେଧ କରି ଦେଇ ପାରନ୍ତି। ଯାହା ଶରୀର ପ୍ରତି କ୍ଷତି କାରକ ତାହା ବର୍ଜନୀୟ ବୋଲି ଶାସ୍ତ୍ରରେ ନିର୍ଦ୍ଦେଶ ହୋଇଅଛି। ମାତ୍ର ନୀତି ନିୟମର ଧାରା ଏକ ସୁଚିନ୍ତିତ ମାର୍ଗରେ ଅନୁଧାବନ କରୁଥିବା ବେଳେ ତାହାର କାର୍ଯ୍ୟକାରିତା ଓ ପ୍ରୟୋଗ ଭିନ୍ନ ଦିଗରେ ହୋଇଥାଏ। ତେବେ ନିଶା ସେବନ ପାଇଁ ସରକାରଙ୍କ କେତେକ ନିୟମାବଳୀ ନିର୍ଦ୍ଧାରିତ ହୋଇଥାଏ ଯାହା ଦେଶର ଜନସାଧାରଣଙ୍କ ହିତ ନିମନ୍ତେ ପ୍ରଯୋଜ୍ୟ ହୋଇଥାଏ। ୧୯୮୫ ମସିହାରେ ଭାରତ ସରକାର ନିଶା ନିରୋଧ ଆଇନ ପ୍ରଣୟନ କରିଥିଲେ ଓ ଏଥିରେ କଠୋର ନିୟମ ମଧ୍ୟ ଅନ୍ତର୍ଭୁକ୍ତ ହେଲା ଯାହା ଉକ୍ତ ନିୟମକୁ ଉଲ୍ଲଙ୍ଘନ କଲେ ଜାମିନ ବିହୀନ କାରାବରଣ ଓ ମୃତ୍ୟୁଦଣ୍ଡ ମଧ୍ୟ ହୋଇପାରେ ବୋଲି ନିୟମରେ ଲିପିବଦ୍ଧ ହେଲା। ଉକ୍ତ ନିୟମକୁ ଅଧିକ ଫଳପ୍ରଦ କରିବାକୁ ଯାଇ ଜୁଲାଇ ୪ ତାରିଖ ୧୯୮୮ରେ ୧୯୮୫ର ନିୟମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଅଧିକ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ କରାଗଲା। ନିଶା ସେବନ ବ୍ୟକ୍ତିଗତ ହୋଇପାରେ, ମାତ୍ର ଏହା ଏକ ସାମାଜିକ ସମସ୍ୟା। ବ୍ୟକ୍ତିଗତ ସମସ୍ୟା ହେଉଛି ତାହା, ଯାହା କେବଳ ବ୍ୟକ୍ତିକୁ ଆକ୍ରାନ୍ତ କରିଥାଏ, ମାତ୍ର ବ୍ୟକ୍ତିର ବ୍ୟକ୍ତିଗତ ନିଶା ସେବନ ଦ୍ୱାରା ସମାଜ ଉକ୍ତ କ୍ରିୟାର ପ୍ରତିକ୍ରିୟା ଦ୍ୱାରା ସାମାଜିକ ସମସ୍ୟା ଦଣ୍ଡାୟମାନ ହୋଇଥାଏ। ଏହା ସମାଜର ବୃହତ୍ତର ଅଙ୍ଗକୁ ନଷ୍ଟ କରିଦିଏ। ଭାରତରେ ପ୍ରତି ବର୍ଷ ୧୫% ନିଶାସକ୍ତ ବ୍ୟକ୍ତି ବୃଦ୍ଧି ହେଉଛନ୍ତି। ନିଶାସକ୍ତ ବ୍ୟକ୍ତି ମାନେ ସ୍ୱାମୀ ବା ସ୍ତ୍ରୀଙ୍କୁ, ପିତା ମାତାଙ୍କୁ, ପିଲା ମାନଙ୍କୁ, ସାଙ୍ଗ ସାଥୀଙ୍କୁ, ସହକର୍ମୀଙ୍କୁ ଓ ଆତ୍ମୀୟ ସ୍ୱଜନଙ୍କୁ ବିଭିନ୍ନ ଦୃଷ୍ଟିକୋଣରୁ ଆଘାତ ଦେଇଥାନ୍ତି। ନିଶାକୁ ବସ୍ତୁତଃ ୬ ଭାଗରେ ବିଭକ୍ତ କରାଯାଇପାରେ ସେଗୁଡିକ ହେଲା ମଦ, ମଞ୍ଜିରୁ ସୃଷ୍ଟି ହେଉଥିବା ନିଶା ଦ୍ରବ୍ୟ, ଉତ୍ତେଜକ ନିଶା ଦ୍ରବ୍ୟ, ନାରକୋଟିକ, ମତିଭ୍ରମ ଓ ନିକୋଟିନ। ନାରକୋଟିକ ସେବନରେ ଶରୀରର କେନ୍ଦ୍ରୀୟ ସ୍ନାୟୁ ପଦ୍ଧତି ନଷ୍ଟ ହୋଇଯାଇଥାଏ ଯଦ୍ଦ୍ୱାରା କ୍ଷୁଧା ହ୍ରାସ ହୁଏ ଓ ସଙ୍କୋଚ, ଲଜ୍ୟା ଆଦି ହ୍ରାସ ହୁଏ। ମୁଖ୍ୟତଃ ଏଗୁଡିକ ହେଲା- ଅଫିମ, ହେରୋଇନ, ଅଫିମର ସତ୍ତ୍ୱ, କୋକେନ, କେନବିସ, ଚରସ, ଗଞ୍ଜା ଓ ଭାଙ୍ଗ। ଏତଦ ବ୍ୟତିତ ନିକୋଟିନର ବ୍ୟବହାରିକ ଉପାଦାନ ଗୁଡିକ ହେଲା ସିଗାରେଟ, ବିଡି, ସିଗର, ନାକ ଦ୍ୱାରା ନାସ ଦ୍ରବ୍ୟ ଓ ତମାଖୁ ଆଦି। ମାତ୍ର ବ୍ୟକ୍ତିର ମନୋବୃତ୍ତିର ପରିବର୍ତ୍ତନ ନହେଲେ ଯେତେ ଅନ୍ତର୍ଜାତିକ ସଂଗଠନ ଓ ନିୟମ କଲେ ମଧ୍ୟ ତାହା ଫଳପ୍ରସୂ ହେବା ଅସମ୍ଭବ। ତେଣୁ ନିଶାର ଅନ୍ଧାର ଭବିଷ୍ୟତରୁ ଥରେ ନିର୍ଗମନ ହୋଇ ପ୍ରକୃତିର ସୁନେଲି ସୂର୍ଯ୍ୟ କିରଣକୁ ଉପଲବ୍ଧି କଲେ ମଣିଷ ଜୀବନର ସାର୍ଥକ ଉପଲବ୍ଧି ହୋଇପାରନ୍ତା। ନିଶାର ଦଶାରେ ଥାଏ କେବଳ ସର୍ବନାଶ। ସମୟ ଆସିଛି ନିଶାକୁ ପ୍ରତ୍ୟାଖାନ କରି ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରିବା ଓ ଜୀବନର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା।

# ହେପାଟାଇଟିସ୍ ଓ ଲିଭର ସିରୋସିସ୍




ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା' ('Hepatitis: Let's Break It Down')। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ମଣିଷର ଯକୃତ ଜନିତ ମାରାତ୍ମକ ରୋଗ ଭାବେ ଲିଭର୍ ସିରୋସିସ୍ ପରିଚିତ। ଏହା ପ୍ରାଥମିକ ସ୍ତରରେ ରୋଗୀକୁ ଯନ୍ତ୍ରଣା ଲାଗୁନଥିବା ରୋଗଟି, କିନ୍ତୁ ପରବର୍ତ୍ତୀ ସମୟରେ ଜୀବନ ପାଇଁ ଘାତକ ହୋଇଥାଏ। ସବୁଠାରୁ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି - ଏହି ରୋଗରେ ରୋଗୀଟିର ଯକୃତ ଅନ୍ୟୁନ ୯୦ ପ୍ରତିଶତ କ୍ଷତି ହୋଇନଥିବା ପର୍ଯ୍ୟନ୍ତ ରୋଗୀଟି କୌଣସି ଯନ୍ତ୍ରଣା ଅନୁଭବ କରିପାରି ନଥାଏ। ତେଣୁ ବାହାରୁ ଏହି ରୋଗ ବିଷୟରେ ଜାଣିବା ବା ବୁଝିବା ଏତେ ସହଜ ନୁହେଁ। ଏହି ରୋଗର ପ୍ରାଥମିକ ଲକ୍ଷଣ ହେଉଛି ରୋଗୀଟିର ପାଚନ ଶକ୍ତି କମିଯିବା ଦ୍ୱାରା ଭୋକ କମ୍ ଲାଗିବା, ଦୁର୍ବଳ ଲାଗିବା, ଶରୀର କୁଣ୍ଡେଇ ହେବା ସହ ବିଭିନ୍ନ ପ୍ରକାର ଅସ୍ୱସ୍ତିକର ଯନ୍ତ୍ରଣା ଅନୁଭବ ହେବା। ତେବେ ସିରୋସିସ୍‌ର ମୁଖ୍ୟ କାରଣ ହେଉଛି ହେପାଟାଇଟିସ୍ ବି ଓ ସି ଭାଇରସ୍ ଇନ୍‌ଫେକ୍ସନ୍, ନିଶାଦ୍ରବ୍ୟ ସେବନ, ମଦ୍ୟପାନ, ଇମ୍ୟୁନ୍ ହେପାଟାଇଟିସ୍। ଏହା ବ୍ୟତୀତ କେତେକ କ୍ଷେତ୍ରରେ ଯକୃତରେ ଜମି ଯାଇଥିବା ଚର୍ବି କାରଣରୁ ମଧ୍ୟ ସିରୋସିସ୍ ହୋଇପାରେ। ନିଶାଦ୍ରବ୍ୟ ସେବନ, ମାଦକ ସେବନ ସହିତ ସଂପ୍ରତି ଜଳବାୟୁର ଅସ୍ୱସ୍ତିକର ପରିବେଶ ସହ ବଜାରର ତଥାକଥିତ ଫାଷ୍ଟଫୁଡ୍, ବାସି ଖାଦ୍ୟ, ଥଣ୍ଡାଖାଦ୍ୟ ଓ ଆବଶ୍ୟକୀୟ ଖାଦ୍ୟ ଠାରୁ ପ୍ରଚୁର ଓ ଅନିୟମିତ ଖାଦ୍ୟ ମଧ୍ୟ ଏହାର ଅନ୍ୟତମ କାରଣ ଭାବେ ଜଣାଶୁଣା। ଏହି ରୋଗୀମାନଙ୍କୁ ସର୍ବପ୍ରଥମେ ସେମାନଙ୍କ ଶରୀରକୁ ଆବଶ୍ୟକୀୟ ଖାଦ୍ୟସାର ଓ ପୁଷ୍ଟିକର ଶକ୍ତି ପାଇଁ ଦୃଷ୍ଟିଦେବାକୁ ହେବ। କାରଣ ଏହି ରୋଗୀମାନଙ୍କୁ ସାଧାରଣତଃ ଭୋକ କମିଯାଉଥିବାରୁ ସେମାନଙ୍କର ପାଚନ ଶକ୍ତି ପ୍ରଭାବିତ ହୋଇ ଯକୃତକୁ ସଂକ୍ରମଣ କରିବାର ସୁଯୋଗ ପାଇଥାଏ। ଏହି ରୋଗରେ ସ୍ୱାଭାବିକ ଭାବେ ଖାଇବାକୁ ଦିଆଯାଏ ନାହିଁ ଯାହାକି ବିଜ୍ଞାନ ସମ୍ମତ କାରଣ ନୁହେଁ ବୋଲି ବିଭିନ୍ନ ଜର୍ଣ୍ଣାଲରେ ତଥ୍ୟ ପ୍ରକାଶ ପାଇଛି। ତେବେ ଯକୃତ ଯନ୍ତ୍ରଣାର ସବୁ କାରଣ ଲିଭର ସିରୋସିସ୍ ହୋଇନଥାଏ। ପ୍ରାଥମିକ ସ୍ତରରେ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଇ ସିରୋସିସ୍‌ର ଲକ୍ଷଣକୁ ଦେଖି ଚିକିତ୍ସା ତ୍ୱରାନ୍ୱିତ ହେଲେ ରୋଗୀଟି ଉପଶମ ପାଇଥାଏ। ଆମ ଦେଶରେ ଲିଭର ସିରୋସିସ୍ ଚିକିତ୍ସାକୁ ବେଶ ଖର୍ଚ୍ଚ ସାପେକ୍ଷ ବୋଲି କେହି କେହି କହୁଥାନ୍ତି। ଆଉ କେହି କେହି ଭାବିଥାନ୍ତି ଯେ ସିରୋସିସ୍‌ମାନେ ମୃତ୍ୟୁ ନିଶ୍ଚିତ, ଏହା କିନ୍ତୁ ଭାବିବା ଭୁଲ୍। ସିରୋସିସ୍‌ର ପରୀକ୍ଷା ନିରୀକ୍ଷା ଦ୍ୱାରା ଏହାର କାରଣକୁ ଦେଖି ସିରୋସିସ୍‌ର ସଂକ୍ରମଣ ପର୍ଯ୍ୟାୟକୁ ଦେଖି ଚିକିତ୍ସା କରିଲେ ଏହା ନିଶ୍ଚିତ ଭାବରେ ଆରୋଗ୍ୟ ସାଧ୍ୟ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର ବଡ଼ମେଡ଼ିକାଲ ମାନଙ୍କରେ ଏହି ଚିକିତ୍ସା ସେବାକୁ ଲୋକମାନଙ୍କ ପାଖରେ ସୁଲଭ ଭାବରେ ପହଞ୍ଚାଇବା ପାଇଁ ବିଭିନ୍ନ ପ୍ରକାର କଲ୍ୟାଣଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅଭିଜ୍ଞ ଲିଭର ବିଶେଷଜ୍ଞମାନେ ରାଜ୍ୟର ସର୍ବବୃହତ ବଡ଼ମେଡ଼ିକାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ପରୀକ୍ଷା ନିରୀକ୍ଷା ଠାରୁ ଔଷଧ ପ୍ରଦାନର ବ୍ୟବସ୍ଥା ରଖିଛନ୍ତି। ତେବେ ଲିଭର ସିରୋସିସ୍ କ୍ଷେତ୍ରରେ କୌଣସି ପ୍ରକାର ତୁଟୁକା ଟୁଟୁକି ଓ କାନକୁହା କଥା ଶୁଣି ଚିକିତ୍ସାରୁ ଦୂରେଇ ନରୁହନ୍ତୁ। ସର୍ବପ୍ରଥମେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ବେଳେ ବେଳେ ଲିଭର ସିରୋସିସ୍ ସହିତ ଲିଭର କ୍ୟାନସର ମଧ୍ୟ ମିଶି ରହିଥାଏ। ପ୍ରାଥମିକ ଅବସ୍ଥାରେ ରୋଗ ଚିକିତ୍ସା କଲେ ସୁଫଳ ମିଳେ।

# ପରମ୍ପରାରେ ବୋଲବମ୍



ବିପିନ୍ ବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ ଖୋର୍ଦ୍ଧା, ମୋ : ୯୯୩୮୩୪୪୧୩୮

ପ୍ରତିବର୍ଷ ଶ୍ରାବଣ ମାସ ଆସିଲେ କାଉଡ଼ିଆଙ୍କର ରାସ୍ତା ସାରା ଓ ମହାଦେବ ପୀଠ ଭିଡ଼ ହୁଏ। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳ ନେଇ କୌଣସି ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଏ ଜଳ ଶ୍ରାବଣ ମାସର ପ୍ରତି ସୋମବାରେ ଲାଗିହୁଏ। ଆଜିକାଲି ଆଉ ସେମିତି କିଛି ନିର୍ଦ୍ଦିଷ୍ଟ ଦିବସ ନାହି। ତେବେ ସୋମବାର ହିଁ ମହାଦେବଙ୍କ ବାର।

ଏ ପରମ୍ପରା କେବେ ଠୁ ଆରମ୍ଭ ହୋଇଛି ତାହା ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ। ତେବେ ପୁରାଣ ମାନଙ୍କରେ ଏହାର ପ୍ରମାଣ ଅଛି। ପୁରାଣ ମତେ: 'ଧୂପୈଦୀପୈ ସ୍ତଥା ପୁଣେ ନୈବେଦ୍ୟୈ ର୍ବିବିଧୈରାପି। ନଂତୁଷ୍ୟତି ତଥା ଶମ୍ଭୁ ଯଥା କାମର ବାରିଣୀ।' ଏହାର ମାନେ ହେଲା ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ଯେତିକି ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି। ଏହି କାରଣରୁ ପୂର୍ବେ ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି। ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡ଼ି ବା କାଉଁରି ଭାର। କାଉଡ଼ି ବା କାଉଁରି ଅର୍ଥ ବାହିଙ୍ଗି ବା ବାହୁଙ୍ଗି। ଏହାକୁ ଯେଉଁମାନେ ବୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡ଼ିଆ ବା କାଉରିଆ।

ଏମାନେ ଭାରବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥାନ୍ତି। ତାହା ହେଉଛି : ବୋଲେବମ୍ ହରେବମ୍ ବମ୍ ବମ୍ ଭୋଲେ। ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରିକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି। 'ବମ୍ ବମ୍' ହେଉଛି ଗାଲ ବାଦ୍ୟର ଶବ୍ଦ। ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ। ଏମିତି ଡ଼ାକି ଡ଼ାକି ଚାଲନ୍ତି ସେମାନେ। ଏହା ଦ୍ୱାରା ମଧ୍ୟ ପଥଚଲା କଷ୍ଟ ଲାଘବ ହୋଇଯାଏ।

ଏମାନଙ୍କର ପୋଷାକ ସ୍ୱତନ୍ତ୍ର। ନାଲି ଅଥବା ହଳଦିଆ। ଖାଲି ପାଦ। କାନ୍ଧରେ ଭାର। ସବୁରେ ଶିବ ସଂକେତ। ସେମାନେ ଯେଉଁ ଢଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି:

"ସ୍କନ୍ଧେଚ ବାମରଂ ଧୃତ୍ୱା
ବମ୍‌ବମ୍ ପ୍ରୋଚ୍ୟ କ୍ଷଣେକ୍ଷଣେ,
ପଦେପଦେ ଅଶ୍ୱମେଧସ୍ତ
ଅକ୍ଷୟ ପୁଣ୍ୟମ୍ ସୁତେ।"

ଅର୍ଥାତ୍ - କାନ୍ଧରେ କାଉଡ଼ି ଭାରବୋହି ବୋଲବମ୍ ଡ଼ାକଦେଇ ଯିବା ଦ୍ୱାର ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ। ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡ଼ିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ୍ୟ କାଉଡ଼ିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ। ଏହିପରି ଆଉଜଣେ ହେଲେ ଭୂତନାଥ ଭୈରବ। ସେ ମଧ୍ୟ ଶିବଙ୍କୁ କାଉଡ଼ି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉଡ଼ିଆଙ୍କ ଜଳଅର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ।

କାଉଡ଼ିଆ ପାଇଁ କିଛିଟା ସ୍ୱତନ୍ତ୍ର ନିୟମ ଅଛି। ଏହି ନିୟମାନୁଯାୟୀ ଭାରବୋହି ନେଲାବେଳେ ଭାରକୁ ଭୂମିରେ ଥୋଇବେ ନାହିଁ, ସେମାନେ ଏହିକାଳରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବେ। ଅର୍ଥାତ୍ ମଦ, ମାଂସ ଓ ମାଛ ଇତ୍ୟାଦି ଖାଦ୍ୟ ଗ୍ରହଣ କରିବେ ନାହିଁ। ମନରେ ମନ୍ଦ ବା ଅଶ୍ଳୀଳ ଅଥବା ପରର ଅନିଷ୍ଟ ଚିନ୍ତା କରିବେ ନାହିଁ। କ୍ରୋଧ, ଲୋଭ, ମୋହ ଅଥବା କୁକର୍ମ ତ୍ୟାଗ କରିବେ। ଦେହ ଓ ମନରେ କେବଳ ଶିବଙ୍କୁ ରଖିଲେ ଏ ଯାତ୍ରା ସଫଳ ହୁଏ। ନୋହିଲେ ଏଥିରେ କିଛି ମାନେ ନଥାଏ।

ପାପ-ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡ଼ିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ଏବେ କିନ୍ତୁ କଥାଟି ଅଲଗା ହେବାରେ ଲାଗିଛି। ଜଣେ ତା' ନିଜର ଅଥବା ପିଲା ବା ପରିବାରର ମଙ୍ଗଳାର୍ଥେ କିଛି ମନାସେ। ମନାସିବା ଲୋକ ନିଜେ କାଉଡ଼ିଆ ହେବା କଥା। ମାତ୍ର ଏବେ କାଉଡ଼ିଆମାନେ ଭଡ଼ାରେ ମିଳନ୍ତି ଏବଂ ଜଳଭାର ବୋହି ଶିବ ମନ୍ଦିରରେ ଅଜାଡ଼ନ୍ତି। ବୁଝି ହୁଏନା ଯେ ଏଥିରେ କିମିତି ବାଞ୍ଛିତ ଫଳ ମିଳେ। କଥାରେ କହନ୍ତି ନିଜେ ନ ମଲେ କେହି ସ୍ୱର୍ଗ ଦେଖନ୍ତି ନାହିଁ।

ପୁନଶ୍ଚ ବିଧି ଅନୁସାରେ ଗଙ୍ଗାଜଳ ଢ଼ାଳିବା କଥା। ଗଙ୍ଗା ଯାଇ ହେଉଛି ନା, ସେ ଜଳ ଆଣି ଶିବଙ୍କ ଶିରରେ ଢ଼ାଳି ହେଉଛି ! ସେତିକି ନ ହୋଇପାରିଲେ, ଆମେ ସଂଗ୍ରହ କରିଥିବା ନଦୀ ବା ଜଳାଶୟ ଜଳରେ କିଛି ଗଙ୍ଗା ପାଣି ମିଶାଇବା କଥା।



ମାତ୍ର ସେତକ ମଧ୍ୟ ହେଉନାହିଁ। ତେବେ ମନ ଜାଣି ଗୋବର ଗାଡ଼ିଆ ବି ଗଙ୍ଗା। ଏହି ଅର୍ଥରେ ଯାହା ଫଳ ମିଳିବା କଥା ମିଳେ।

ଦିନକୁ ଦିନ କାଉଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡ଼ିଆମାନେ ଏଥିରେ ସଂପୃକ୍ତ। ଏମାନଙ୍କ ଗହଳିରେ ରାସ୍ତାଜାମ୍। ଅସାବଧାନତା କାରଣରୁ କେହି ବି ଦୁର୍ଘଟଣାରେ ମୁକ୍ତିପାଇ ଯାଉଛନ୍ତି ତ, ଜଳ ସଂଗ୍ରହ ବେଳେ କିଏ ଭାସି ଯାଉଛି। ଏହା ବର୍ତ୍ତମାନ ସରକାରଙ୍କ ପାଇଁ ଏକ ସମସ୍ୟା ପାଲଟିଛି। ସେହିପରି ପବିତ୍ରତା ନାଁରେ କେଉଁଠି ବି ନୈତିକ ସ୍ଖଳନ ଘଟୁଛି। ଅନେକ ବି ଯାତ୍ରା ପୂର୍ବରୁ ବା ପରେ ନିର୍ଦ୍ଦିଷ୍ଟ ଖାଦ୍ୟ ବା ପାନୀୟ ନେଉଛନ୍ତି। ସବୁସତ୍ତ୍ୱେ ଏ ପରମ୍ପରା ରହିଛି। ଏହିପରି ରହିଥିବ ବୋଲି ଆଶା କରାଯାଏ। ଏଥିପାଇଁ ପ୍ରଚଳିତ ନିୟମ ଏବଂ ଯାତ୍ରା, ଧର୍ମ ନେଇ ହେଲେ ହେଁ, ଏହା ବିଜ୍ଞାନ ସମ୍ମତ ରହିତ ନୁହେଁ।



ନିଆଳୀ(ଭାସ୍କର ନ୍ୟୁଜ): ସ୍ୱେଚ୍ଛାସେବୀ ସଂଗଠନ ଛାତ୍ରଯୁବ ବିକାଶ ପରିଷଧ (ସିଭିପି)ର କାର୍ଯ୍ୟକର୍ତ୍ତା ଆୟୁସମାନ ମହାନ୍ତି। (ସୋମ)ଙ୍କ ଜନ୍ମ ଦିନରେ ବିରଳ ଚାରାରୋପଣ କରାଯାଇଛି। ଏଥିପୂର୍ବରୁ ସୋମ ଓ ତାଙ୍କର ବନ୍ଧୁମାନେତ୍ରୀ ଯଥ ଜାରା ଶ୍ରମରେ ପହଞ୍ଚି ସେଠାରେ ଥିବା ମନ୍ଦିର ପ୍ରାଗଣରେ ପୂଜା ଅର୍ଚ୍ଚନା କରି ଜାରାଶ୍ରମର ଅନ୍ତେବାସି ମାନଙ୍କ ସହ ସମୟ ଅତିବାହିତ କରି ଏକାଠି ପ୍ରସାଦ ସେବନ କରିଥିଲେ।ସେଠାରୁ ଆସି ନିଜ ଗାଁ ନିଆଳୀ ବ୍ଲକ ଦେବୀ କନ୍ଦଳ ଦିପାଞ୍ଚଳ ରାଇ ଚା ଦୋଳ ଗ୍ରାମରେ ଗଡେଶ୍ୱର ମହାଦେବ ମନ୍ଦିର ସାମ୍ନା ପଡ଼ିଆରେ ଛାରା ରୋପଣ କରିଥିଲେ । ଏହି ଅଭିନବ କାର୍ଯ୍ୟକ୍ରମରେ ସୋମଙ୍କ ଭାଇ ଓମ ପ୍ରକାଶ ମହାନ୍ତି, ସୁନିଲମହାରଣା, ବାପିନା ଦାସ, ଚନ୍ଦନ ମହାନ୍ତି, ମିଲନସାହୁ, ନିଶିକାନ୍ତ ମହାପାତ୍ର, ଶୁଭାଶିଷ ଶୁଭଙ୍କର, ସିଭିପି ମୂଖ୍ୟ ସରୋଜ କୁମାର ସ୍ୱାଇଁ, ପ୍ରମୁଖ ଯୋଗଦେଇ ସୋମଙ୍କୁ ଜନ୍ମ ଦିନର ସୁଭେଚ୍ଛା ଜଣାଇ ବା ସହ ଜନ୍ମ ଦିନରେ ସମସ୍ତ ଯୁବବର୍ଗ ଓ ଛୋତ୍ର ସମାଜ ଏହିପରି ସେବାକାର୍ଯ୍ୟ କରିବା ଉଚିତବୋଲି ମତବ୍ୟକ୍ତି କରିଥିଲେ।



### ଧାମନଗରରେ ବନ୍ୟା ସ୍ଥିତିରେ ସୁଧାର

# ପ୍ରଭାବିତ ଅଞ୍ଚଳ ବୁଲିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜିଲ୍ଲାପାଳ



ଧାମନଗର(ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ବର୍ଷା ଦ୍ୱାରା ଧାମନଗରରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ଯଦିଓ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟାଜଳ କମିଛି ମାତ୍ର ଧାମନଗର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ଅର୍ଜୁନପୁର, ପଧାନୀ, ହସନାବାଦ, ସୋହଡ଼ା ପଞ୍ଚାୟତର ଅନେକ ଗ୍ରାମ ଏବେ ବନ୍ୟା ଘେରର ରହିଛି। ଅସ୍ତକ, ଅନଲଡିହ, ବନବାଗ, ମଠସାହି ଅଞ୍ଚଳର ଅନେକ ଲୋକ ଗାଁରୁ ବାହାରକୁ ବାହାରି ପାରୁନାହାନ୍ତି। ବୈତରଣୀ ନଦୀରେ ଜଳ ପତନ ହ୍ରାସ ପାଇଥିଲେ ସୁଦ୍ଧା ଧୁଷୁରୀ, ବମକୁରା, କାଶୀମପୁର, ହସନାବାଦ, ପାଳସାହି, ଭଟସାହି, ନଦୀଗାଁ, କୋଠାର ଅଞ୍ଚଳରେ ବନ୍ୟା ପାଣି ବଢୁଛି। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପର ଦକ୍ଷିଣ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଥିବାରୁ ବନ୍ୟା ନିୟନ୍ତ୍ରଣ ହୋଇପାରିଛି ଓ ଧାମନଗର ବଡ ବନ୍ୟାକୁ ମୁକାବିଲା କରିପାରିଛି। ପୂର୍ବରୁ ଏହି ଦୁଇ ଏସକେପ ମୁକୁଳା ଥିଲା। ଯାହା ଫଳରେ ବୈତରଣୀର ଜଳସ୍ତର ବିପଦ ସଂକେତରେ ପହଞ୍ଚିବା କ୍ଷଣି ଏହି ବାଟେ ବନ୍ୟା ଜଳ ଗାଁ ଭିତରକୁ ପଶୁଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଦୁଇ ଏସକେପରେ ସୁରକ୍ଷା ପ୍ରାଚୀର ଓ ବେସମେଣ୍ଟ ଉଚ୍ଚା କରାଯିବାରୁ ବନ୍ୟାରେ ଅଳ୍ପ ପାଣି ନିଷ୍କାସନ ହେଉଛି। ଅପର ପକ୍ଷରେ ବୈତରଣୀର ଶାଖା ଗେଙ୍ଗୁଟି ନଦୀବନ୍ଧରେ ଥିବା ପାହାଡ଼ପୁର ଏସକେପ, ମଠମାହାରା ଓ କନକେଇ ଏସକେପ ବାଟେ ପାଣି ପଶିବାରୁ ଖଡ଼ିପଦା, ସୋହଡ଼ା ଓ କରଦା ପଞ୍ଚାୟତର ବହୁ ଗାଁ ଜଳମଗ୍ନ ହୋଇଛି। ଖଡ଼ିପଦା ଓ କାଞ୍ଜିଆପାଳ ମଧ୍ୟରେ ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ବୁଡ଼ିଯିବାରୁ କାଞ୍ଜିଆପାଳ ଗ୍ରାମର ୨୦୦ ଘର ଜଳବନ୍ଦୀ ହୋଇଛନ୍ତି। ସେପଟେ ଏଥର ବନ୍ୟାରେ ଧାମନଗର ବ୍ଲକର ଶହ ଶହ ହେକ୍ଟର ଜମି ବୁଡ଼ିଯାଇଛି। ଅଧିକାଂଶ ଜମିରେ ରୁଆ ପୋତା ଆରମ୍ଭ ହୋଇ ଥିବାରୁ ପାଣିରେ ବୁଡ଼ି ଧାନଗଛ ପଚି ଯାଇଛି। ବନ୍ୟାର ଦ୍ୱିତୀୟ ଦିନରେ ରବିବାର ଦିନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହସନାବାଦ, ପଙ୍ଗଟା, ଅସ୍ତକ, ଗୋପବନ୍ଧୁନଗର, ପଧାନିର ଦାସପାରୀ, ଶଇଲୋ, ଅର୍ଜୁନପୁର ପଞ୍ଚାୟତ, ବମକୁରା, ଧୁଷୁରୀ, ସୋହଡ଼ାର ଗୌରାଙ୍ଗପୁର, ବାଲିପଡ଼ା, ପିତେଇପୁର ଓ ଆନନ୍ଦପୁରର ମଲ୍ଲିମାହାରା ଅଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ପାଣି ଘେରରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଆଯାଇଛି। ସ୍କୁଲ ଘର ଓ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ହୋଇଥିବା ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ ବନ୍ୟା ପ୍ରଭାବିତ ସୋହଡ଼ା ପଞ୍ଚାୟତରେ ଘର ଘର ବୁଲି ଶୁଖିଲା ଖାଦ୍ୟ ବାଣ୍ଟିଛନ୍ତି। । ଅଗ୍ନିଶମ ବାହିନୀ ସଜାଗ ହୋଇ ରହିଛନ୍ତି। ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି କୌଣସି ଭୟଭୀତ ନ ହେବାକୁ ଜିଲ୍ଲାପାଳ ଦିଲୀପ ରାଉତରାୟ ବିପନ୍ନଙ୍କୁ ପରାମର୍ଶ ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ଯୋଗଦେଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ନିଜ ନିର୍ବାଚନ ମଣ୍ଡଳୀ ୧ଶହ ୬୯ ନମ୍ବର ବୁଥ୍ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଭାରତର ପ୍ରଧାନମନ୍ତ୍ରୀ ୧୨୪ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ବଡ଼ ଏଲଇଡ଼ି ପରଦାରେ ପ୍ରସାରଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ହଜାର ହଜାର ସଂଖ୍ୟକ କର୍ମୀ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ହସ୍ତଶିଳ୍ପ ପର୍ଯ୍ୟଟନ ପାଇଁ କେନ୍ଦୁଝର ଓ ମୟୂରଭଞ୍ଜରେ ଅନେକ ମାଆ ମାନଙ୍କର ଉଦାହରଣ ଦେଇଥିଲେ। ନିମାପଡ଼ା ପର୍ଯ୍ୟଟନ ହସ୍ତଶିଳ୍ପ ଅଂଚଳ ହୋଇଥିବାରୁ ବିଶେଷ ଗୁରୁତ୍ୱ ନିମାପଡ଼ା ଉପରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ରହିଛି। ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ ଶୁଣିବା ଦ୍ୱାରା ପର୍ଯ୍ୟଟନ ଓ ଶିଳ୍ପ ବିକାଶ ପାଇଁ ମନୋବଳ ବଢ଼ାଇଛି ବୋଲି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, କାଉନସିଲର ତଥା ନଗର ସଭାପତି ନିରନ ନାୟକ, କବିତା ତରାଇ, ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବିଜେପି ସଂଗଠକ ଯତିନ୍ଦ୍ର ସ୍ୱାଇଁ, ଦିଲ୍ଲୀପ ପରିଡ଼ା, ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସରିବା ପରେ ଏହି ଅବସରରେ ଆସନ୍ତା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି କୋରାପୁଟର ଜୟପୁରରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ। କୋଟିଆର ଘରେ ଘରେ ସୁଭଦ୍ରା ଟଙ୍କା ପହଂଚିବ । ଏହା ପୂର୍ବରୁ କୋଟିଆ ଗସ୍ତ କରି ସୁଭଦ୍ରା ଏନ୍‌ରୋଲମେଣ୍ଟ ଚେକ୍ କରିବେ। ୧ କୋଟି ୨ ଲକ୍ଷ ୪୦ ହଜାର ମହିଳା ରକ୍ଷା ବନ୍ଧନ ଦିନ ରାକ୍ଷୀର ଉପହାର ସ୍ୱରୂପ ସୁଭଦ୍ରା ଟଙ୍କା ପାଇବେ । ବଂଚିତ ହୋଇଥିବା ଅଯୋଗ୍ୟ ହିତାଧିକାରୀ ଯୋଗ୍ୟ ବିବେଚିତ ହେଲେ ସୁଭଦ୍ରା ଟଙ୍କା ଅଗଷ୍ଟ ୯ରେ ପାଇବେ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିମାପଡ଼ାରେ ସୂଚନା ଦେଇଛନ୍ତି ।

## ଯାଜପୁରରେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ



ଯାଜପୁର(ଭାସ୍କର ନ୍ୟୁଜ): ରବିବାର ପୂର୍ବାହ୍ନରେ ଯାଜପୁରର ନୂତନ ଜିଲ୍ଲାପାଳ ଭାବେ ଅମ୍ବର କୁମାର କର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ଜିଲ୍ଲାପାଳ ଶ୍ରୀ କର ଅବକାରୀ ବିଭାଗ ର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ପ୍ରକାଶ ଥାଉକି କଟକ ରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ସମୟରେ ସଫଳ ଭାବେ ଜିଲ୍ଲା ପରିଷଦ ନିର୍ବାଚନ ଓ ନୋଡାଲ ଅଧିକାରୀ ଭାବେ କଟକ ବାଲିଯାତ୍ରା ପରିଚାଳନା କରିଥିଲେ। ଜିଲ୍ଲାପାଳ ଭାବେ ଯାଜପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ ।ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଦଳଗତ ଭାବେ ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସାକ୍ଷାତ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ।

## ପାରାଦୀପରେ ବିଏମଏସର ଜିଲ୍ଲା ବାର୍ଷିକ ସମ୍ମିଳନୀ



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ଜଗତସିଂହପୁର ଜିଲ୍ଲା ବାର୍ଷିକ ସମ୍ମିଳନୀ ପାରାଦୀପର ପୋର୍ଟ କ୍ଲବ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଏମଏସ ଜିଲ୍ଲା ସଭାପତି ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମଏସ ରାଜ୍ୟ ସଭାପତି ବାଦଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ବକ୍ତବ୍ୟରେ କହିଥିଲେ ଯେ ଭାରତୀୟ ମଜଦୁର ସଙ୍ଘ ଏକ ସର୍ବ ବୃହତ ଏବଂ ସର୍ବଶ୍ରେଷ୍ଠ ଅଣରାଜନୈତିକ ଶ୍ରମିକ ସଂଗଠନ । ଏଠି ଶ୍ରମିକଙ୍କ ଅଧିକାର ସୁରକ୍ଷା ଉପରେ ସର୍ବଦା ପ୍ରାଧାନ୍ୟ ଦିଆଯାଇଥାଏ । ମୁଖ୍ୟ ବକ୍ତା ଭାବେ ବିଏମଏସ ରାଜ୍ୟ ଉପସଭାପତି ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ପୋର୍ଟ ଆଣ୍ଡ ଡକ ମଜଦୁର ସଙ୍ଘ ରାଷ୍ଟ୍ରୀୟ ସଭାପତି ତଥା ପାରାଦୀପ ବନ୍ଦର ଶ୍ରମିକ ଟ୍ରଷ୍ଟି ଶ୍ରୀକାନ୍ତ ରାୟ, ଭାରତୀୟ ବନ୍ଦର ମଜଦୁର ସଙ୍ଘ ପାରାଦୀପ ଶାଖା ସଭାପତି ରାକେଶ କୁମାର ପଟ୍ଟନାୟକ, ନାରୀନେତ୍ରୀ ଯୋଗମାୟା ନନ୍ଦ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା କରିବା ସହ ସଂଗଠନକୁ ଆହୁରି ସୁଦୃଢ ଓ ଗତିଶୀଳ କରିବା ଏବଂ ସଂଗଠନ ସହ ସମସ୍ତ ଶ୍ରମିକ ଯୋଡିହୋଇ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଜିଲ୍ଲା ସମ୍ପାଦକ ଅବିନାଶ ଦାସ ଜିଲ୍ଲା ସଂଗଠନ ବିବରଣୀ ପାଠ କରିଥିଲେ । ଜିଲ୍ଲା ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ଏବଂ ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ରାଇଘର ଗସ୍ତ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗସ୍ତରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଏହି ଗ୍ରସ୍ତ ଅବସରରେ ଖାଦ୍ୟ ମନ୍ତ୍ରୀଙ୍କ ଦ୍ୱାରା ଖାଉଟି କାର୍ଡ ବଣ୍ଟନ, ଚାଷୀଙ୍କୁ ଶୀଘ୍ର ଇନପୁଟ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ । ସାମାଜିକ ପରିବର୍ତ୍ତନ ଶହ ଦେଶବାସୀଙ୍କ ଯୋଡ଼ିବାରେ ପ୍ରଧାନ ମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଉପସ୍ଥିତ ଅତିଥି ଗଣ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁରର ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ସାଂସଦ ପ୍ରତିନିଧି ପ୍ରୀତି ସ୍ନିଗ୍ଧା ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ରଙ୍କ ସମେତ ବହୁ ବିଜେପି କର୍ମୀ ତଥା ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କପିଳାସରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ସମ୍ଭାବନା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବ ପୀଠ କପିଳାସ ଠାରେ ଚଳିତ ମାସର ତୃତୀୟ ସୋମବାର ପାଳିରେ ଉକ୍ତ ପୀଠରେ ଦୁଇ ଲକ୍ଷରୁ ଉର୍ଦ୍ଧ କାଉଡିଆଙ୍କ ଭିଡ଼ ହେବାର ସମ୍ଭାବନା ରହିଛି । ସେଥିପାଇଁ ଦେବୋତ୍ତର ବିଭାଗ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ପକ୍ଷରୁ ଭିଡକୁ ନଜର ଆନ୍ଦାଜ କରି ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଭାବରେ କଡାକୁଡି କରାଯାଇଛି ଯେପରି କୌଣସି ଅଘଟଣ ନଘଟୁ ସେଥିପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିଛି । ନିଜ ନିଜର ମାନସିକ ପୂରଣ ପାଇଁ ଭକ୍ତ ମାନେ ଶୈବ ପୀଠଙ୍କରେ ଶ୍ରାବଣୀ ଜଳ ଶିବଙ୍କ ଉପରେ ଢାଳିଥାନ୍ତି । ଏହି ତୃତୀୟ ସୋମମବାର ପାଳିରେ କାଉଡିଆ ଭକ୍ତମାନେ ପାଖରେ ଥିବା ନଦୀମାନଙ୍କରୁ ପୂଜା ଅର୍ଚ୍ଚନା କରି ପବିତ୍ର ଜଳ କଳସି ବାହୁଙ୍ଗୀରେ ବୋଲ ବମ ହରେ ହରେ ବମ ଉଚ୍ଚାରଣ କରି ପୀଠକୁ ଆସିଥାନ୍ତି । ପ୍ରସିଦ୍ଧ ଶୈବ ପୀଠ କପିଳାସର ବାବା ଚନ୍ଦ୍ରଶେଖରଙ୍କଠାରେ ଶ୍ରାବଣୀ ଜଳ ଲାଗି ଶନିବାଠାରୁ ଛୋଟଠାରୁ ଆରମ୍ଭକରି ପୁରୁଷ, ମହିଳା କାଉଡିଆ ଭକ୍ତ ମାନେ କାନ୍ଧରେ ପାଣିଭାର ଧରୀ କପିଳାସ ଅଭିମୁଖେ ଚାଲିଛନ୍ତି ରବିବାର ମଧ ରାତ୍ରି ପ୍ରଯ୍ୟନ୍ତ ଜାରି ରହିବ ବୋଲି ଜଣାଯାଏ । ସ୍ଥାନୀୟ ଢେଙ୍କାନାଳ ଜିଲ୍ଲାଠାରୁ ଆରମ୍ଭ କରି ପଡୋଶୀ ଯାଜପୁର, କଟକ, ଅନୁଗୁଳ, କେନ୍ଦୁଝର, ଭଦ୍ରକ, ପୁରୀ, ଜଗତସିଂହପୁର ତଥା ରାଜଧାନୀ ଭୁବନେଶ୍ୱରରୁ କାଉଡିଆ ମାନେ ପାଣି ଭାର ଧରି ଉପୀଠକୁ ଆସୁଥିବା ଜଣାଯାଏ । ରବିବାର ଦିନ ଗଁଦିଆ, ଟାଙ୍ଗୀ, ଢେଙ୍କାନାଳ ଆଡୁ ଉକ୍ତ ପୀଠ କୁ କାଉଡିଆ ଭକ୍ତ ମାନଙ୍କର ଲମ୍ବା ଧାଡି ରାସ୍ତା ଉପରେ ଲାଗି ରହିଛି । ଚଳିତ ରବିବାର ଦିନ ପାଗ ଅନୁକୂଳ ଥିବା ସହିତ ସମୟେ ସମୟେ ସ୍ୱଳ୍ପ ବର୍ଷା ଫଳରେ ଭକ୍ତମାନେ ବିଶେଷ କଷ୍ଟ ଅନୁଭବ ନକରି ଗୋଟିଏ ଲକ୍ଷରେ ଚାଲୁଥିବାର ଦେଖିବାକୁ ମିଳିଛି । ଶନିବାର ଠାରୁ ଉକ୍ତ କପିଳାସ ପୀଠକୁ ଭକ୍ତଙ୍କର ଆଗମନ ଆରମ୍ଭ ହୋଇଛି । ଭିଡକୁ ନଜର କରି ଦେବୋତ୍ତର ବିଭାଗ ପକ୍ଷରୁ ଭକ୍ତଙ୍କ ବିଶ୍ରାମ ପାଇଁ ୫ଗୋଟି ଅସ୍ଥାୟୀ ବିଶ୍ରାମ ସ୍ଥଳୀ କରାଯାଇଛି ଓ ତତ ସହିତ ଫ୍ୟାନ ଓ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇଛି । ରାତ୍ରି ସମୟରେ ଯେପରି ଭକ୍ତମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ଆଲୋକ ବ୍ୟବସ୍ଥା ସୁବନ୍ଦୋବସ୍ତ ରହିଛି । ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଦାନଙ୍କ ନେତୃତ୍ୱରେ ପୋଲିସ ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିଛନ୍ତି । ରାତ୍ରି ୧୨ ଟାରୁ ଜଳ ଢ଼ାଳିବା ପ୍ରକ୍ରିୟା ଆରମ୍ଭ ହେବ ବୁର୍ସବଙ୍କଠାରୁ ଆରମ୍ଭ କରି ମୁଖ୍ୟ ମନ୍ଦିରରେ ଥିବା ଶିବ ପାର୍ବତୀ, ଶ୍ରାବଣୀ ଲିଙ୍ଗ ରେ ପାଣି ଢଳା ହେବ । ଭୋର ସମୟରେ ଠାକୁରଙ୍କ ରୀତିନୀତି ଅନୁଯାଇ ମଙ୍ଗଳ ଆଳତି ମଇଲମ ନୀତି ସୂର୍ଯ୍ୟ ପୂଜା ଆଦି ସମ୍ପନ୍ନ ପରେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାରା ଖୋଲା ଯିବ, ସିଂହଦ୍ୱାରଠାରୁ ଧାଡିରେ ଠିଆ ହୋଇ ଭକ୍ତମାନେ ଠାକୁରଙ୍କ ଦର୍ଶନ ସୁବିଧାରେ କରିବେ ତାହାର ବ୍ୟବସ୍ଥା କରାଯାଇଛି ।

## ଯାଜପୁରରେ ବନ୍ୟା ପରିସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ

ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁରରେ ନୂତନ ଜିଲ୍ଲାପାଳ ଭାବେ ଯୋଗଦେଇଥିବା ଅମ୍ବର କୁମାର କର ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ଭି.ସି. କକ୍ଷରେ ଜିଲ୍ଲାର ବନ୍ୟା ପରିସ୍ଥିତି ସମ୍ପର୍କରେ ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାଜପୁର ଓ ଦଶରଥପୁର ଦୁଇଟି ବ୍ଲକର ୧୩ ଟି ପଞ୍ଚାୟତ, ୨୪ ଗାଁ ପ୍ରଭାବିତ ହୋଇଛି। ୬୫୯୪ ଲୋକ ପ୍ରଭାବିତ ହୋଇଥିବା ବେଳେ ୬୪୪ ଜଣ ଲୋକଙ୍କୁ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଦୁଇଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଚାରୋଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରୀନାରୀ ଟିମ୍ ପ୍ରଭାବିତ ଅଂଚଳରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ବୈତରଣୀ ନଦୀରେ ଜଳସ୍ତର କମୁଛି। ଜିଲ୍ଲାପାଳ ବନ୍ୟାଜଳରେ ପ୍ରଭାବିତ ଲୋକଙ୍କୁ ଆଶ୍ରୟସ୍ଥଳୀରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଛାଡିଲା ପରେ ପାନୀୟଜଳ ଉତ୍ସ ନଳକୂପ, ପାନୀୟ ଜଳପ୍ରକଳ୍ପଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଲୋକମାନେ ଆଶ୍ରୟସ୍ଥଳୀରେ ଅଛନ୍ତି ସେମାନଙ୍କୁ ଘରକୁ ଛଡାଯିବ ନାହିଁ। ଯେଉଁ ଅଞ୍ଚଳରେ ଘରେ ପାଣି



ପଶିଛି ସେଠାରେ ସାପ ଓ ସରୀସୃପମାନେ ଥାଇପାରନ୍ତି ଏଣୁ ପାଣି ଛାଡ଼ିଲା ପରେ ଦିନବେଳା ଯେଉଁମାନେ ଚାହିଁବେ ଘରକୁ ଯାଇପାରିବେ। ଜିଲ୍ଲାର ଦଶାସ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଲା ଓ ଅନ୍ୟାନ୍ୟ ଜାଗାରୁ ଆଜି ଓ କାଲି ସକାଳେ ବୋଲବମ୍ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଟ୍‌ସର୍କିଟ୍ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ରେ କଲ କଲେ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ପରେ ଜିଲ୍ଲାପାଳ ଓ ଅତରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ମୋବାଇଲ ସହ ୨୫ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

କଣ୍ଟାପଡ଼ା(ଭାସ୍କର ନ୍ୟୁଜ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅଧିନସ୍ଥ ଡିମିରି ଫାଣ୍ଡି ଅନ୍ତରର୍ଗତ ଅରିଶୋଲ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଦୁର୍ବୃର୍ତ୍ତ ଘରେ ପଶି ଲୁଟି ନେଇଛନ୍ତି ମୋବାଇଲ ଏବଂ ନଗଦ ୨୫ ହଜାର ଟଙ୍କା। ଅରିଶୋଲ ଗାଁ ବାସିନ୍ଦା କପିଳେନ୍ଦ୍ର ସେଠୀ ବାହାରେ ରହୁଥିବା ବେଳେ ଘରେ କେବଳ ତାଙ୍କ ବୁଢ଼ା ବାପା ଓ କପିଳେନ୍ଦ୍ରଙ୍କ ସ୍ତ୍ରୀ ରୁହନ୍ତି। ନିଜର ଘର କାମ ନିମନ୍ତେ ୨୫ ହଜାର ଟଙ୍କା ଆଣି ଘରେ ରଖିଥିବା ବେଳେ ଶୁକ୍ରବାର ମଧରାତ୍ରିରେ ବିଦ୍ୟୁତ୍ ନଥିବା ବେଳେ ଏହାର ଫାଇଦା ନେଇ ଦୁର୍ବୃତ୍ତ ଜଣଙ୍କ ଭିଭୋର ଏକ ମୋବାଇଲ ଏବଂ ଟ୍ରଙ୍କରୁ ୨୫ ହଜାର ନେଇଯାଇଥିବା ଥାନରେ ଲିଖିତ ଅଭିଯୋଗ କରିଛନ୍ତି କପିଳେନ୍ଦ୍ର। ଶନିବାର ରାତିରେ ଗୋବିନ୍ଦପୁର ପୋଲିସ ବ୍ୟକ୍ତିଙ୍କ ଘର ବୁଲି ଦେଖିବା ସହ ଚୋରି ହେଇଥିବା ମୋବାଇଲ ଟ୍ରାକ କରାଯାଇ ଅଭିଯୁକ୍ତକୁ ଧରାଯିବ ବୋଲି କହିଛନ୍ତି ଥାନା ଅଧିକାରିଣୀ ସୋନିଲା ଆନନ୍ଦ।

## ଖବର ପ୍ରସାରଣ ପରେ କାମଚଳା କାର୍ଯ୍ୟ ଆରମ୍ଭ



ମହାକାଳପଡ଼ା(ଭାସ୍କର ନ୍ୟୁଜ): ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତର ତେରଗାଁ ଘାଟ ଗୋଡା ଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଥିଲା। କାଦୁଅ ଓ ଖାଲଖମା ରାସ୍ତା ମଝିରେ ଗାଡ଼ି ଚାଲିବା ଦୂରର କଥା ରାସ୍ତାରେ ପାଦ ରଖିବାକୁ ଭୟ କରୁଥିଲେ ଲୋକେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଡିକି ଖଣ୍ଡିଆ ଖାବରା ହେଉଥିଲେ । ଏନେଇ ଅଞ୍ଚଳରେ ଜନ ଅସୋନ୍ତଶ ଦେଖିବାକୁ ମିଳିଥିଲା । ଏନେଇ ବାରମ୍ୱାର ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ହେଲାପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଖାଲ ଖମା ହେଇଥିବା ରାସ୍ତାକୁ ବଜୁରୀଡଷ୍ଟ୍ ପକାଇ ଚାଲିବା ଉପଯୋଗୀ ହୋଇପାରିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ତେର ଗାଁ ପଞ୍ଚାୟତର ତେରଗାଁ ଘାଟ ଗୋଡାଠାରୁ ଘୋଡ଼ାବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟି ଥିଲା ।ବାଲିସାହି, ସାନ ତେରଗାଁ, ବଡ଼ ତେରଗାଁ, ଘୋଡ଼ା ବନ୍ଧ ଆଦି ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ହନ୍ତସନ୍ତ ହେଉଥିଲେ। କେବଳ ସେତିକି ନୁହେଁ ପଟଣା ପ୍ରାଇମେରୀ ସ୍କୁଲ, ତେର ଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ା ବନ୍ଧ ପ୍ରାଥମିକ ବିଦ୍ୟାଳୟ ଭଳି ୩ ବିଦ୍ୟାଳୟର ପାଖାପାଖି ୧୦୦୦ ଛାତ୍ରଛାତ୍ରୀ ଏହି ରାସ୍ତା ପାଇଁ ସମସ୍ୟା ଭୋଗୁଥିଲେ ।ନଦୀବନ୍ଧ ଅବସ୍ଥା ଦେଖି ଆମ୍ବୁଲାନ୍ସ ବି ଏହିରାସ୍ତା ରେ ପଶୁନଥିଲା। ଏହି ଘଟଣା ବିଭିନ୍ନ ମହଲରେ ଆଲୋଚନା ପରେ କେନ୍ଦ୍ରାପଡା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶରେ ଉକ୍ତ ରାସ୍ତାର ଠିକାଦାର ରାସ୍ତାରେ ଯାତାୟାତ ଉପଯୋଗୀ କରିବା ପାଇଁ ବଜୁରୀ ଡଷ୍ଟ୍ ପକାଇ ଥିଲେ। ବର୍ଷା ଋତୁ ପରେ ଉକ୍ତ ରାସ୍ତାକାର୍ଯ୍ୟ ନେଇଥିବା ଏଜେନ୍ସି ପିଚୁ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

## କାଉଡିଆଙ୍କ ସେବାରେ ମୋ ଗାଁ ସେବା ସାଥୀ ସଙ୍ଗଠନ



ଆଳି(ଭାସ୍କର ନ୍ୟୁଜ): ଶ୍ରାବଣ ମାସରେ ଭଦ୍ରକର ଆଖଣ୍ଡଳମଣି ପୀଠକୁ ପାଣି ନେଇ ଯାଉଥିବା କାଉଡ଼ିଆଙ୍କୁ ପଥ କଷ୍ଟରୁ କିଛିମାତ୍ରାରେ ଦୂର କରିବା ପାଇଁ ଅଣ୍ଟା ଭିଡ଼ିଛି ମୋ ଗାଁ ସେବା ସାଥୀନ୍ତ ସଙ୍ଗଠନ । କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଦେଇ ଆରଡ଼ି ଧାମକୁ ଯିବା ପାଇଁ ବିଶେଷ କରି କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲାର କାଉଡ଼ିଆମାନେ ପସନ୍ଦ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୋ ଗାଁ ସେବା ସାଥୀ ସଙ୍ଗଠନର ସ୍ୱେଚ୍ଛାସେବୀ ରାଜକନିକା ବ୍ଲକ କନପୁର ପୋଲ ନିକଟରେ କାଉଡ଼ିଆଙ୍କ ଲାଗି ଏକ ନିଃଶୁଳ୍କ ସେବା ଶିବିରର ବ୍ୟବସ୍ଥା କରିଛନ୍ତି । ଶିବିରରେ କାଉଡ଼ିଆଙ୍କ ପାଇଁ ପ୍ରାଥମିକ ଚିକିତ୍ସା ସେବା ସହ ପ୍ରସାଦ ସେବନ ଏବଂ ରାତ୍ର ରହଣି ସମୟରେ ମନୋରଞ୍ଜନ ପାଇଁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ସୁବ୍ୟବସ୍ଥା କରାଯାଇଛି । ମୋ ଗାଁ ସେବା ସାଥୀ ସଙ୍ଗଠନର ସ୍ୱେଚ୍ଛାସେବୀ ପ୍ରଥମେ କାଉଡ଼ିଆଙ୍କ ପାଦ ଧୋଇ ଦେଇ ତାଙ୍କର ପ୍ରସାଦସେବନ ସେବା ଯୋଗାଇବା ପରେ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ଏବଂ ଅବଶ୍ୟକ ଅନୁଯାୟୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବା ଦେଖିବାକୁ ମିଳିଛି । ଏହି ସଂଗଠନ ୨୦୧୮ରେ ପ୍ରତିଷ୍ଠା କରାଯାଇ ଏଯାବତ ମୋଟ ୧୧୫ ସଭ୍ୟ ଆଗକୁ ବଢ଼ି ଚାଲିଥିବା ବେଳେ ସମାଜରେ ବସବାସ କରୁଥିବା ଅସହାୟ ଓ ନିଷ୍ପେସିତ ଲୋକଙ୍କ ପାଇଁ ସହଯୋଗର ହାତ ବଢ଼ାଇ ଚାଲିଛି । ସଂଗଠନର ରାକେଶ ଧଳ, ଅମୀୟ କୁଅଁର, ଅଜୟ ଗାହାଣ, ନରେଶ ବିଶ୍ୱାଳ, ଜିତେନ୍ଦ୍ର ଧଳ, ଆଲୋକ ସାହୁ, ଅଙ୍କୁରା ସାହୁ, ବାସୁଦେବ ନାୟକ, ସତ୍ୟଜିତ ଜେନା, ନବଘନ ବେହେରା, କୃଷ୍ଣଚନ୍ଦ୍ର ବେହେରା, କୈଳାଶ ଚନ୍ଦ୍ର ଦାସ, ଶୁକଦେବ ମଲିକ, ଲିପୁ ଗାହାଣ, ସତ୍ୟଜିତ ଧଳ ଓ ଅଜିତ ଧଳ ପ୍ରମୁଖ ସଦସ୍ୟ ମାନେ ଏହି ସେବା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେବାକାର୍ଯ୍ୟ ପାଇଁ କାଉଡିଆମାନେ ସଂଗଠନକୁ ସାଧୁବାଦ ଦେଇଥିଲେ ।

## ନିମାପଡ଼ା କଲେଜର ପ୍ରତିଷ୍ଠା ଦିବସରେ ଯୋଗଦେଲେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୬୨ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ଅମିତା ମହାନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବହୁ ପୁରାତନ କଲେଜର ଅନେକ ଗାରିମା ରହିଛି । କଲେଜ ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ପାଇଁ ଯେକୌଣସି ସମସ୍ୟା ରହିଛି ତାହା ପୂରଣ ହେବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଲେଜର ପୂର୍ବତନ ଅଧକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର କହିଛନ୍ତି ୩୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି କଲେଜ ସହିତ ଜଡ଼ିତ ରହିଥିଲି । କଲେଜ ଆରମ୍ଭ ହୋଇଥିବା ବେଳେ ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥିଲା। ସମୟକ୍ରମେ କଲେଜର ଅନେକ ବିକାଶ ହୋଇଛି । ଆଗକୁ ସମସ୍ୟା ଦୂର ହେବ ବୋଲି କହିଥିଲେ । କଲେଜ ପରିଚାଳନା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଆଲିମିନି କମିଟିର ସଭାପତି ବସନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲିମିନି କାର୍ଯ୍ୟକାରୀ ସଭାପତି ସୁଧୀର ମହାନ୍ତି, ସଂପାଦକ ବସନ୍ତ ପାତ୍ର, ଉପ-ସଭାପତି ବିଚିତ୍ରାନନ୍ଦ ସାହୁ, ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରନ ନାୟକ, କେ. ଭେଙ୍କଟେଶ୍ୱର ରାଓ, ପୂର୍ବତନ କଲେଜ ଅଧକ୍ଷା ପୁଷ୍ପିତା ରାଜଗୁରୁ, ଅଧାପକ ରବୀନ୍ଦ୍ର ପାଢ଼ୀ, ପ୍ରଦୀପ ଦାସ, ପୁରୀ ଜିଲ୍ଲା ସୂଚନା ଅଧିକାରୀ ସନ୍ତୋଷ ସେଠୀ, ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଣିଜ୍ୟ, ଭୂତତ୍ତ୍ୱ, ସାହିତ୍ୟ, ଗଣିତ ଆଦି ବିଭାଗର କୃତିତ୍ୱ ହାସଲ କରିଥିବା ସ୍ନାତକ ଶ୍ରେଣୀର ୨୪ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ, ଅଧାପିକା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ କଲେଜ ପରିସରରେ ଏକ ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପୁଣି ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ସଜବାଜ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମ୍ମନ୍ୱୟ ସମିତି ଏକ ବୈଠକ ଶନିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ବୈଠକରେ ଶିକ୍ଷକ ଓ ଶିକ୍ଷା ଆୟତନର ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ମଧ ତାର କୌଣସି ସୁଫଳ ନ ମିଳିବା ହେତୁ ବୈଠକରେ ଅସନ୍ତୁଷ ପ୍ରକାଶ ପାଇଥିଲା। ତେଣୁ ବିଭିନ୍ନ ଦାବିଗୁଡ଼ିକ ନେଇ ଆଗାମୀ ଅଗଷ୍ଟ ୨ ତାରିଖ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଅଗଷ୍ଟ ୮ତାରିଖ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ୧୬ ତାରିଖ ଦିନ ଭୁବନେଶ୍ୱରରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବାର ସିଦ୍ଧାନ୍ତ ହୋଇଥିଲା। ଏହି ଆନ୍ଦୋଳନ ସମଗ୍ର ରାଜ୍ୟରେ ଅନୁଷ୍ଠିତ ହେବ। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳିତ ହୋଇଥିଲେ ମଧ ଶିକ୍ଷକ ମାରଣାନୀତି ଯୋଗୁଁ ସମସ୍ୟାର ସମାଧାନ ନ କରି ନୀରବତା ଓ ଦାବୀ ପୂରଣ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଆନ୍ଦୋଳନ ମାର୍ଗକୁ ଟାଣି ନେବାକୁ ବାଧ୍ୟବକ୍ୱବଳବ। ଆନ୍ଦୋଳନ ଦରମା ବଢ଼ାଇବା ପାଇଁ ବରଂ ଶିକ୍ଷା ଆୟତନ ଓ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ତଥା ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ସହିତ ଦୀର୍ଘ ଦିନ ଧରି ଅନୁଦାନ ପାଇ ନ ଥିବା ବିଦ୍ୟାଳୟ ମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମାନଙ୍କୁ ପୁରୁଣା ପେନସନ ସହିତ ଚାକିରୀ ସର୍ତ୍ତାବଳୀ, ଖାଲି ପଡ଼ିଥିବା ବିଦ୍ୟାଳୟ ମାନଙ୍କରେ ପଦବୀ ପୂରଣ ବିଭିନ୍ନ ଗ୍ରେଡେସନ ରେ ଅସଙ୍ଗତି ଦୂରୀକରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବରିଷ୍ଠତା ପ୍ରଦାନ, ସମସ୍ତ ପ୍ରକାର ବିଦ୍ୟାଳୟକୁ ସରକାରୀକରଣ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, କୌଣସି ଭିତ୍ତିଭୂମି ନ ଯୋଗାଇ ୟୁଏଏସ ପଟାଳରେ ଉପସ୍ଥାନ ବାଧତା ମୂଳକ କରିବା, ସମସ୍ତ ପ୍ରକାର ବିଦ୍ୟାଳୟରଛାତ୍ର ଛାତ୍ରୀ ମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ଆଦି ଦାବି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଜଳେଶ୍ୱର ବ୍ଲକ ଓଷ୍ଟା ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ଓଷ୍ଟାର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ବ୍ଲକ ସମ୍ପାଦକ ହରେକୃଷ୍ଣ ଜେନା, ଓଲ ଓଷ୍ଟା ବ୍ଲକ ସମ୍ପାଦକ କୁମୁଦ ରଞ୍ଜନ ଜେନା, ଓପିଟିଏର ସଭାପତି ପ୍ରଦୀପ କୁମାର ଜେନା, ପ୍ରାଥମିକ ଶିକ୍ଷକ ସଙ୍ଘର ନେତା ସୁବେଶ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ଏତତ ବ୍ୟତୀତ ଶିକ୍ଷକ ନେତା ସରୋଜ କୁମାର ପାଣିଗ୍ରାହୀ, ଅର୍ଜୁନ କୁମାର ଜେନା, ରବିନ୍ଦ୍ର ପାଳ, ଦୟାନିଧି ପ୍ରଧାନ, ସୁଶାନ୍ତ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ବାରିକ, ସତ୍ୟବ୍ରତ ଶତପଥୀ, ସୂର୍ଯ୍ୟକାନ୍ତ ଜେନା, ରତିକାନ୍ତ ମହାନ୍ତି, ବ୍ରଜମୋହନ ପରିଡ଼ା, ପରମାନନ୍ଦ ସେନ, ପ୍ରଣବ କୁମାର ବ୍ରହ୍ମ, ଗୌରୀବାଳା ଦତ୍ତ, ଶ୍ୟାମ ସୁନ୍ଦର ଦେ, ଦିଲ୍ଲୀପ କୁମାର ସେଠୀ, ନାରାୟଣ ଚନ୍ଦ୍ର ପରିଡ଼ା, ବିନୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରତ୍ୟେକ ବିଦ୍ୟାଳୟ ଓ ମହା ବିଦ୍ୟାଳୟରୁ କର୍ମଚାରୀ ମାନେ ଉପସ୍ଥିତ ଥିଲେ।





କୋରାପୁଟ, (ଭାସ୍କର ନ୍ୟୁଜ) : ରାଜ୍ୟରେ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଭିତରେ ନାରୀ ନିର୍ଯ୍ୟାତନା ବଢୁଥିବା ନେଇ ବିଜେଡି ପକ୍ଷରୁ ସ୍ଥାନୀୟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି । ବିଜେଡି ନେତା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ସଭା ପରିଚାଳନା କରିଥିଲେ । ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା , ପୂର୍ବତନ ଏମ୍‌ପି ରମେଶ ମାଝି, ପ୍ରଦୀପ ମାଝି, ଝିନ୍ନ ହକକା, ପୂର୍ବତନ ବିଧାୟକ ପ୍ରଭୁ ଜାନି, ରଘୁରାମ ପଡାଲ, ମନୋହର ରନ୍ଧାରୀ, ପଦ୍ମିନୀ ଦିଆନ ଓ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜେଡି ନେତ୍ରୀ ଅନୁସୂୟା ମାଝି, ଭୃଗୁ ବକ୍ସିପାତ୍ରଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀମାନେ ଧାରଣାରେ ସାମିଲ ହୋଇଥିଲେ । ଭାଜପା ସରକାର ସମୟରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟନ୍ତ ହୋଇପଡିଥିବା, ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ କରିଥିଲେ । ବିଜେଡି କର୍ମୀ ୩ ଘଣ୍ଟା ଯାଏ ଧାରଣାରେ ବସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । କୋରାପୁଟ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଧାରଣା ୨୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ କରାଯାଉଥିବାରୁ ଘଣ୍ଟାଏ ରାସ୍ତା ଅବରୋଧ ହୋଇ ଟ୍ରାଫିକ ସମସ୍ୟା ଉପୁଜିଥିଲା ।

# ନିର୍ମାଣ ହେଉନି ନୂଆପୋଲ: ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ



କାଲିମେଲା, (ଭାସ୍କର ନ୍ୟୁଜ୍) : ଲଗାଣ ବର୍ଷରେ ପୋଲ ଧୋଇହୋଇ ୨ ବର୍ଷ ବିତିଲା । ବାରମ୍ବାର ଦାବି ପରେ ବି ନୂଆ ପୋଲ ଆଜିଯାଏଁ ନିର୍ମାଣ ଆରମ୍ଭ ହେଲାନି । ଫଳରେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ୬ ଗୋଟି ଗ୍ରାମର ୪ ହଜାରରୁ ଅଧିକ ଗ୍ରାମବାସୀ । ଗାଁ ଲୋକେ ଅସ୍ଥାୟୀ ସିମେଣ୍ଟର ବିଦ୍ୟୁତ୍ ଖୁଣ୍ଟ ପକାଇ ବିପଦପୂର୍ଣ୍ଣ ଭାବେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ଏ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ବ୍ରିଟିଶ ଅମଳର ଗାଁ ଅନନ୍ତ ପାଲି ଗ୍ରାମ ଠାରେ । ତୁରନ୍ତ ପୋଲ ନିର୍ମାଣ ପାଇଁ ଗାଁ ଲୋକେ ଦାବି କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁକୁ ଯୋଗାଯୋଗ ପାଇଁ ଏକମାତ୍ର ପୁରୁଣା ପୋଲ ରହିଥିଲା । ଏହି ପୋଲ ଉପରେ ଅନନ୍ତପାଲି, ଜମାରଗୁଡ଼ା, କୁରସନପଲ୍ଲୀ, ନେଲାକଟା, ଏମ୍ବି- ୮୧ ଓ ତିନିରାଜପାଲ୍ଲୀ ଆଦି ୬ ଖଣ୍ଡ ଗାଁର ୪ ହଜାରରୁ ଅଧିକ ଲୋକ ଯାତାୟାତ ପାଇଁ ନିର୍ଭର କରୁଥିଲେ । ଏସବୁ ଗାଁ ଲୋକଙ୍କ ପାଇଁ ଏହି ପୋଇ ଲାଇଫ ଲାଇନ୍ ଥିଲା । ଅନ୍ୟ ଏକ ରାସ୍ତା ଥିଲେ ବି ଏହି ରାସ୍ତା ସେମାନଙ୍କୁ କମ୍ ଦୂରତା ପଡୁଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିଲେ । ୨ ବର୍ଷ ତଳେ ଲଗାଣ ବର୍ଷାରେ ପୁରୁଣା ପୋଲ ଧୋଇହୋଇ ଯାଇଥିଲା ଓ ପୋଲ ଧୋଇଯିବାରୁ ସେତେବେଳେ ଆର୍ ଡି ବିଭାଗ ଅସ୍ଥାୟୀ ଭାବେ ଗାତଗୁଡ଼ିକରେ ମୋରମ ପକାଇଥିଲା । ଯାତାୟାତ ପାଇଁ ତାଳଗଛର ପଗ ବିଛାଇଥିଲା । ବର୍ତ୍ତମାନ ତାହା ମଧ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯୋଗାଯୋଗ ବିଚ୍ଛିନ୍ନ ହେବା ଏବଂ ପୋଲ ଆରପାରିରେ ଗାଁ ଲୋକଙ୍କ ଜମି ଥିବାରୁ କିଛିଦିନ ତଳେ ଗାଁ ଲୋକେ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ପକାଇ ବିପଦପୂର୍ଣ୍ଣ ଭାବେ ଜୀବନକୁ ବାଜି ଲଗାଇ ବାଇକରେ ଯାତାୟାତ କରୁଛନ୍ତି । କେତେବେଳେ ଯେ ଅଘଟଣ ଘଟିବ, ତାହା କହିବା ମୁସ୍କିଲ । ଯଦି କୌଣସି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ପୋଲ ନିର୍ମାଣ ପାଇଁ ଗାଁ ଲୋକେ ପ୍ରଶାସନ ପାଖରେ ବହୁବାର ଲିଖିତ ଅଭିଯୋଗ କରିଛନ୍ତି । ତଥାପି କୌଣସି ସୁଫଳ ମିଳୁନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । କେବଳ ପୋଲ ନୁହେଁ, ବ୍ରିଟିଶ ଅମଳରୁ ଏହି ଗାଁକୁ ସରକାର ଅବହେଳା କରୁଥିବା ଗାଁ ଲୋକେ କହିଛନ୍ତି । ଗାଁରେ ଆଜି ପର୍ଯ୍ୟନ୍ତ ସିସି ରାସ୍ତା ଓ ଡ୍ରେନର ମଧ ସୁବିଧା ନାହିଁ । ଟେଲି ସେବା ଓ ଇଣ୍ଟରନେଟର ସୁବିଧା ମଧ ନାହିଁ । ଗାଁର ଯୁବକମାନେ ନେଟୱର୍କ ପାଇଁ ୧୦ କିମି ଯିବାକୁ ପଡୁଛି । ପ୍ରଶାସନର ଅଣଦେଖା ପାଇଁ ଅନନ୍ତପାଲି ଗାଁ ଅବହେଳିତ ହୋଇ ରହିଥିବା ଗ୍ରାମବାସୀ କହିଛନ୍ତି । ଏ ସମ୍ପର୍କରେ ଆମେ ଆରଡ଼ି-୨ ର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି, ପୋଲ ନିର୍ମାଣ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ କରାଯିବ । ଏଥିପାଇଁ ଟେଣ୍ଡର କରା ଯାଇଛି । ୧୫ ଦିନ ମଧ୍ୟରେ କେଉଁ ଏଜେନ୍‌ସି ପାଇବ, ତାହା ଜଣାପଡ଼ିବ । ଯେଉଁ ଏଜେନ୍‌ସି ଏହି କାମ କରିବ, ତାକୁ ଡାଇଭରସନ ରାସ୍ତା କରିବା ପାଇଁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯିବ । ଫଳରେ ଲୋକଙ୍କ ଯାତାୟାତର ସମସ୍ୟା ଦୂର ହେବ । ଖୁବ୍‌ଶୀଘ୍ର ନୂଆ ପୋଲ କାମ ଆରମ୍ଭ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ମାଲକାନଗିରିରେ ପୁଣି ଲଜ୍ଜା (ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କ ସହ ଦୁଷ୍କର୍ମ

ବାଲିମେଲା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଓରକେଲ ଥାନାରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବା ନେଇ ଶନିବାର ଏକ ମାମଲା ରୁଜୁ ହୋଇଛି । ତେବେ ଗତ ୭ ଦିନ ପୂର୍ବେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ ଆଜି ପୁନଃ ମାଲକାନଗିରି ଜିଲ୍ଲା ଓରକେଲ ଥାନାରେ ଏପରି ସମାନ ଘଟଣା ଦେଖିବାକୁ ମିଳିଛି । ମିଳିଥିବା ସୂଚନାନୁଯାୟୀ ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁଁ ଘର କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳରେ ରହୁଥିଲେ । ତେବେ ନାବାଳିକା ଜଣଙ୍କ ନିଜ ଘର ତାଙ୍କ ମାମୁଁ ଘର ଠାରୁ ୨୫ କିମି ଦୂରତା ହୋଇଥିବା ବେଳେ ସେ ନିଜ ଗ୍ରାମରୁ ଫେରିବା ବାଟରେ ଜଣେ ବାଇକ ଚାଳକ ତାଙ୍କ ମାମୁଁ ଘର ଗ୍ରାମ ଅଞ୍ଚଳର ହୋଇଥିବା ଦେଖି ସେ ତାଙ୍କ ବାଇକରେ ବସିଥିଲେ । ତେବେ ବାଇକ ଚାଳକ ଜଣକ ତାଙ୍କ ମାମୁଁ ଘର ଗ୍ରାମକୁ ନ ନେଇ ତାଙ୍କୁ ପ୍ରବର୍ତ୍ତାଇ ଚିତ୍ରକୋଣ୍ଡା ଡ୍ୟାମ ବୁଲିବାକୁ ଉକ୍ତ ନାବାଳିକାଙ୍କୁ ନେଇଥିଲେ । ପରେ ସନ୍ଧ୍ୟା ହେବାରୁ ସେ ଅନ୍ଧାରର ସୁଯୋଗ ନେଇ ନାବାଳିକାଙ୍କ ସହ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ଏହାପରେ ବାଇକ ଚାଳକ ଜଣଙ୍କ ଅତି ଚାଲାକର ସହ ରାତ୍ର ସମୟରେ ଉକ୍ତ ନାବାଳିକାଙ୍କୁ ନେଇ ତାଙ୍କ ମାମୁଁ ଘର ଗ୍ରାମର ଶେଷ ମୁଣ୍ଡରେ ଛାଡ଼ି ଦେଇଥିଲେ । ପରେ ସକାଳେ ନାବାଳିକା ଜଣଙ୍କ ତାଙ୍କ ସହ ଉକ୍ତ ବାଇକ ଚାଳକ ଲିଫ୍ଟ ଦେବା ବାହାନାରେ ଗତ ୨୦ ତାରିଖରେ ଦୁଷ୍କର୍ମ କରିଥିବା ନେଇ ସବୁ ସତ୍ୟତା ବଖାଣିଥିଲେ । ଏହାପରେ ନାବାଳିକାଙ୍କ ମାମୁଁ ଘର ଗ୍ରାମର ସବୁ ଭଦ୍ର ଲୋକମାନଙ୍କୁ ନେଇ ଏକ ପ୍ରଜାକୋର୍ଟ ବସାଇଥିଲେ । ଉକ୍ତ ବୈଠକକୁ ସେହି ବାଇକ ଚାଳକ ଜଣଙ୍କ ନ ଆସି ଅନ୍ୟତ୍ର ଫେରାର ହୋଇ ଯାଇଥିଲେ । ପରେ ପୀଡ଼ିତାର ମାମୁଁ ବାଧହୋଇ ଶନିବାର ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏନେଇ ଥାନାରେ କେସ ନଂ ୨୦୦/ ୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦୁଷ୍କର୍ମକାରୀରୁ ଗିରଫ ନିମନ୍ତେ ଖୋଜିବା ଆରମ୍ଭ କରିଥିବା ଜଣାପଡ଼ିଛି । ତେବେ ଦୁଷ୍କର୍ମକାରୀଙ୍କ ନାମ ଦୟା ମାଢ଼ି(୪୫) ବୋଲି ସୂଚନା ମିଳିଛି । ତେବେ ବର୍ତ୍ତମାନ ସୁଦ୍ଧା ସେ ଫେରାର ରହିଥିବା ବେଳେ ଓରକେଲ ଥାନା ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଖୋଜି ବାହାର କରିବା ନିମନ୍ତେ ଏକ ସକ୍ରିୟ ଟିମ୍ ଗଠନ କରିଥିବା ସୂଚନା ମିଳିଛି । ତେବେ ବର୍ତ୍ତମାନ ପୀଡିତାଙ୍କ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା ଚାଲିଥିବା ଜଣାପଡିଛି ।

# ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଆଜି ରବିବାର ଦିନ ବ୍ରଜରାଜନଗର ସର୍କଲସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ବୈଠକ ତଥା ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ବରିଷ୍ଠ ଶିକ୍ଷାବିତ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ଓ ନରେନ୍ଦ୍ର ଝାଙ୍କ ଅଧ୍ୟକ୍ଷତାରେ ଖଳିଆକାନି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାକୁ ଶିକ୍ଷକ ଚାନ୍ଦୁ ରାମ ଭୋଇ ପରିଚାଳନା କରିଥିଲେ । ଏହି କର୍ମକର୍ତ୍ତା ଚୟନ ପ୍ରକ୍ରିୟାରେ ଜିଲ୍ଲାସ୍ତରରୁ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ଜେନା ଓ ବାସୁଦେବ ପଟେଲ ପ୍ରତିନିଧିତ୍ୱ କରିଥିଲେ । ଏହି ମନୋନୟନ ପ୍ରକ୍ରିୟାରେ ରବିନାରାୟଣ ପ୍ରଧାନ ସଭାପତି, ସଞ୍ଜୀବ କୁମାର ସାହୁ ଉପସଭାପତି, ରାଖିବାଇ ଦାସ ଉପସଭାପତି, ଅକ୍ଷୟ କୁମାର ନାଏକ ସମ୍ପାଦକ, ଦୟାନିଧି ଲୁହା ସହ ସମ୍ପାଦକ, ମାଳତିଲତା ଦାସ ସହ ସମ୍ପାଦକ ମହିଳା ସେଲ ପାଇଁ ସୂର୍ଯ୍ୟ ଲରିଆ ମହିଳା କୋଷ ସଭାପତି, ସାଂଗଠାନିକ ସମ୍ପାଦକ ଅଶୋକ ବେହେରା, କୋଷାଧକ୍ଷ ଅକ୍ଷୟ କୁମାର ପଟେଲ, ସଂପାଦକ ଗୋପାଳ ରାଉଳ, ମିଡିଆ ସଂଯୋଜକ ସୁଶାନ୍ତ ବେହେରାଙ୍କୁ ମୋନାନିତ କରାଗଲା । ଆସନ୍ତା ମାସ ଅଗଷ୍ଟ ୫ତାରିଖରେ ଶପଥ ପାଠ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ୨୦ ମାସର ଶିଶୁକନ୍ୟା 'ଶ୍ରେୟାଂଶୀ'



ସାକ୍ଷୀଗୋପାଳ, (ଭାସ୍କର ନ୍ୟୁଜ୍) : ନିଜର ବିଚକ୍ଷଣ ବୁଦ୍ଧି ଏବଂ ତତ୍କାଳ ସଠିକ ଉତ୍ତର ଦେଇ ଭଲଭାବେ କଥା କହି ପାରିନଥିବା ୨୦ ମାସ ବୟସର ଶିଶୁ କନ୍ୟା ଶ୍ରେୟାଂଶୀ ପଣ୍ଡା ଇଣ୍ଡିଆ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି । ବିଭିନ୍ନ ପ୍ରଜାତିର ୧୯ ଟି ବନ୍ୟଜନ୍ତୁ, ୧୭ ଗୃହପାଳିତ ପଶୁ, ୧୩ ପକ୍ଷୀ, ୧୮ ପ୍ରକାର ପନିପରିବା, ୨୦ଟି ଯାନବାହାନ, ୨୬ଟି ଇଂରାଜୀ ଅକ୍ଷର ଓ ବ୍ୟବହୃତ ଶବ୍ଦାବଳି, ଭିନ୍ନ ଭିନ୍ନ ପ୍ରକାରର ୨୦ ଟି ଫଳ, ମଣିଷ ଶରୀରର ୧୪ଟି ଅଙ୍ଗ ପ୍ରତ୍ୟଙ୍ଗ ଚିହ୍ନିତ କରିବା ସଙ୍ଗେ ସଙ୍ଗେ ୫ଟି ସାଧାରଣ ଜ୍ଞାନର ତତ୍‌କ୍ଷଣାତ୍ ସଠିକ୍ ଉତ୍ତର ଦେବାରେ ସଫଳ ହୋଇଛନ୍ତି । ଏହି କୃତିତ୍ୱ ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ର ମୁଖ୍ୟ ସମ୍ପାଦକ ଡଃ ବିଶ୍ୱରୂପ ରାୟ ଚୌଧୁରୀ ଶିଶୁଟିକୁ ଚଳିତ ମାସ ୧୪ ତାରିଖରେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରି ଉତ୍ସାହିତ କରିଛନ୍ତି । ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର କୁନିଝିଅ ଶ୍ରେୟାଂଶୀର ମାତା ତପସ୍ୱିନ ପଣ୍ଡା ଓ ପିତା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଏଥିପାଇଁ ଖୁସିର ଲହରୀ ଖେଳିଯାଇଛି । ପୁରୀ ସହରରେ ରହୁଥିବା ଏହି ପରିବାରକୁ ବିଭିନ୍ନ ମହଲରୁ ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ପହଞ୍ଚିବାରେ ଲାଗିଛି ।

# ଭୂସ୍ଖଳନ ଯୋଗୁଁ ୫୨୦ ଜାତୀୟ ରାଜପଥରେ ଯାତାୟାତ ଠପ୍



କୋଇଡା, (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ କୋଇଡା ଠାରୁ ରାଜାମୁଣ୍ଡା ୫୨୦ ଜାତୀୟ ରାଜପଥ ଚୁନା ଘାଟିରେ ଲଗାଣ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇ ଯାତାୟତ ସମ୍ପୂର୍ଣ୍ଣ ଠପ୍ । ଆର୍‌କେଡ଼ି ଠିକା ସଂସ୍ଥା ଦ୍ୱାରା ଏହି ଜାତୀୟ ରାଜପଥ ରାସ୍ତା କାର୍ଯ୍ୟ ହୋଇଥିବା ବେଳେ ସଠିକ୍ ଉପାୟରେ ହୋଇ ନଥିବା ଯୋଗୁଁ ବାରମ୍ବାର ସଡ଼କ ଦୁର୍ଘଟଣା ହୋଇ ବହୁ ମୂଲ୍ୟବାନ ଜୀବନ ଯାଉଛି । କୋଇଡାରେ ଲଗାଣ ବର୍ଷା ଯୋଗୁଁ ଦୁଇ ଦିନ ହେଲା ଚୁନା ଘାଟିରେ ଭୂସ୍ଖଳନ ହୋଇ ପାହାଡ଼ରୁ ବଡ ବଡ ପଥର ଓ ମାଟି ଖସି ଜାତୀୟ ରାଜପଥ ଉପରେ ପଡି ରହିଥିବା ବେଳେ ଆଜି ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି । ବାରମ୍ବାର ଚୁନା ଘାଟିରେ ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ଏକ ପାର୍ଶ୍ୱରେ ହଜାର ହଜାର ଖଣି ବୋଝେଇ ଟ୍ରକ, ଟ୍ରଲର, ଯାତ୍ରୀବାହି ବସ, ଆମ୍ବୁଲାନ୍ସ ଓ ଛୋଟ ବଡ ଗାଡି ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ଗୋଟିଏ ପାର୍ଶ୍ୱରେ ସମସ୍ତ ଯାନ ବାହାନା ଯାତାୟାତ କରୁଥିବା ବେଳେ ଯଦି କୌଣସି ଦୁର୍ଘଟଣା ଘଟେ ଏଥିପାଇଁ ପ୍ରଶାସନ ନା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଦାୟୀ ରହିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଭୂସ୍ଖଳନ ହୋଇଥିବା ମାଟିଓ ପଥରକୁ ଯଥାଶୀଘ୍ର ଉଦ୍ଧାର କରି ପୂର୍ବପରି କିଭଳି ଯାତାୟାତ କରିପାରିବେ ତାହାର ବ୍ୟବସ୍ଥା ତୁରନ୍ତ କରିବାକୁ ପଥଚାରି ଦାବି କରିଛନ୍ତି ।

# ଗ୍ୟାରେଜରେ ଅଗ୍ନିକାଣ୍ଡ: ୩ ଗାଡି ଭସ୍ମୀଭୂତ



ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ବିଳମ୍ବିତ ରାତିରେ ଚାନ୍ଦିଲି ଥାନା ଅନ୍ତର୍ଗତ କଳିଙ୍ଗ ଅଟୋ ସିଣ୍ଡିକେଟ୍ ଗ୍ୟାରେଜରେ ଅଗ୍ନିକାଣ୍ଡ, ୩ ଗାଡି ଭସ୍ମୀଭୂତ ହୋଇଛି । ରାତ୍ର ପ୍ରାୟ ୧୨ ଘଂଟିକା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ସୂଚନା ମିଳିଛି । ଗ୍ୟାରେଜ ଭିତରେ ଥିବା ପାଞ୍ଚଟି ଗାଡ଼ି ମଧ୍ୟରୁ ତିନି ଗୋଟି ଗାଡି ସଂପୂର୍ଣ୍ଣ ଭାବେ ଭସ୍ମୀଭୂତ ହୋଇଛି । ଭସ୍ମୀଭୂତ ହୋଇଥିବା ଗାଡି ଗୁଡିକ ହେଲା ଦୁଇଟି ଟାଟା ମ୍ୟାଜିକ ସହିତ ଟାଟା ମାର୍କପଲ ଷ୍ଟାର ବସ୍ ଭସ୍ମୀଭୂତ ହୋଇଥିବା ବେଳେ ଗୋଟିଏ ଟାଟା ୱିଙ୍ଗର ଗାଡି ମଧ କ୍ଷତିଗ୍ରସ୍ତ ହୋଇଛି । ଅଗ୍ନିକାଣ୍ଡରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଥିବା ପ୍ରାରମ୍ଭିକ ସୂଚନାରୁ ଆକଳନ କରାଯାଇଛି । ଅଗ୍ନିକାଣ୍ଡର କାରଣ ସ୍ୱଷ୍ଟ ହୋଇନଥିଲେ ମଧ ଘଟଣା ସ୍ଥଳରେ ଚାନ୍ଦିଲି ପୋଲିସ ପହଞ୍ଚି ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି ।

# କୁକୁର କାମୁଡ଼ାରେ ମୃତକଙ୍କ ପରିବାରକୁ ସମାଜସେବୀଙ୍କ ସହାୟତା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମର ପାଣୁ ମଲିକ (୭୨)ଙ୍କ କୁକୁର କାମୁଡ଼ାରେ ମୃତ୍ୟୁ ହୋଇଯାଇଛି । ଏହି ଖବର ପାଇବା ପରେ ଗରିବ ସ୍ୱର୍ଗତ ମଲିକଙ୍କ ପରିବାର ନିକଟରେ ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଡ. ଅଜୟ କୁମାର ରାଉତ ପହଞ୍ଚି ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ସୂଚନା ଅନୁଯାୟୀ ଗତ ଏକ ମାସ ହେବ ଏକ ପାଗଳା କୁକୁର ଗ୍ରାମରେ ଆତଙ୍କ ଖେଳାଇବା ସହିତ ବିଭିନ୍ନ ବ୍ୟକ୍ତିଙ୍କ ସମେତ ବହୁ ଗାଇ ଗୋରୁଙ୍କୁ ମଧ କାମୁଡ଼ିଥିଲା । ତେବେ ମାସକ ତଳେ ପାଣୁ ଗ୍ରାମରେ କୌଣସି କାମରେ ଯାଉଥିବା ବେଳେ ତାଙ୍କୁ କୁକୁରଟି କାମୁଡ଼ି ଦେଇଥିଲ । ସେ ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁକୁର କାମୁଡ଼ା ଇଞ୍ଜେକସନ୍ ମଧ ନେଇଥିଲେ । ହେଲେ କିଛିଦିନ ପରେ ତାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କ ପରିବାର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଳାତଙ୍କ ରୋଗରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ଶୁଣିବାକୁ ମିଳିଛି ଏହି କୁକୁର କାମୁଡ଼ାରେ ଗାଁରେ ଆଉ ଦୁଇଜଣ ଚିକିତ୍ସିତ ହେଉଥିବା ବେଳେ ଦୁଇତିନୋଟି ଗାଈଙ୍କର ମୃତ୍ୟୁ ହୋଇଗଲାଣି ।

# ଚେକ ବାଉନ୍ସ ମାମଲାର ସମାଧାନ ପାଇଁ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

- ୧୫୧ ମାମଲା ଆଗତ
- ୭ ଫଇସଲା
- ୫,୬୯,୭୨୪ ଟଙ୍କା ଆଦାୟ

ବାରିପଦା (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ପକ୍ଷରୁ ବାରିପଦା କୋର୍ଟ ପରିସରରେ ଚେକ ବାଉନ୍ସ ସମ୍ବନ୍ଧିତ ମାମଲା ଗୁଡିକର ଫଏସଲା ପାଇଁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ମୋଟ ୧୫୧ ଟି ମାମଲା ମଧ୍ୟରୁ ୭ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୫,୬୯,୭୨୪/- ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସତ୍ୟନାରାୟଣ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ଏସ. ଡି. ଜେ. ଏମ. ଜୁଓ୍ୱେଲ ପଟ୍ଟନାୟକ, ଜେ. ଏମ. ଏଫ, ସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ପ୍ରଦୀପ କୁମାର ଜେନା ଓ ବିଶାଲ ରାମ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସଶିବିମ ବିଦ୍ୟାଳୟରେ କାରଗିଲ ବିଜୟ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନାଧିକାରୀ ଶୁଭାଶୀଷ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କାରଗିଲ ସମୟରେ ସୈନ୍ୟମାନଙ୍କର କଠିନ ପରିଶ୍ରମର ଜୟଯାତ୍ରା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ସେନା ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ପିଲାମାନଙ୍କୁ ଦେଶ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ବିଦ୍ୟାମନ୍ଦିର ପର୍ଯ୍ୟାୟର ପ୍ରମୁଖ ଜଗନ୍ନାଥ ମହାନ୍ତ ସ୍ୱାଗତ ଭାଷଣ ତଥା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଶିଶୁଙ୍କୁ କାରଗିଲ ଯୁଦ୍ଧର ଛାୟାଚିତ୍ର ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବର୍ଷା ହେଲେ ରାସ୍ତା ଅବସ୍ଥା ଶୋଚନୀୟ



ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ଅପରେଟର କଲୋନି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବଡ଼ବଡ଼ ପଥର ବାହାରି ପଡ଼ିଛି । ବର୍ଷା ହେଲେ ପାଣି କାଦୁଅରେ ଭରିଯାଉଛି । ଏଥିଯୋଗୁ ଗାଁକୁ ଆସିପାରୁନି କୌଣସି ଗାଡ଼ିମୋଟର । ଜରୁରୀ ସମୟରେ ମିଳିପାରୁନି ସ୍ୱାସ୍ଥ୍ୟସେବା । ଏଥିଯୋଗୁଁ ଦୀର୍ଘ ୧୦ ବର୍ଷ ହେଲା ଯାତାୟାତରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଅଞ୍ଚଳବାସୀ । ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଅପରେଟର କଲୋନି ଅଞ୍ଚଳରେ ବିଭିନ୍ନ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି । ପ୍ରତିଦିନ କୁଲି ବୃତ୍ତି ପାଇଁ ସେମାନେ ଚିତ୍ରକୋଣ୍ଡାକୁ ଆସନ୍ତି । କେବଳ ଲୋକେ ନୁହନ୍ତି, ଛାତ୍ରଛାତ୍ରୀମାନେ ସ୍କୁଲ, ଟ୍ୟୁସନ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମିବା ସହ କାଦୁଅ ପଚପଚ ହୋଇ ରହିଛି । ଗାଡ଼ିମୋଟର ତ ଦୂରର କଥା, ଲୋକେ ଚାଲି ଚାଲି ମଧ ଯିବାକୁ ଭୟ କରୁଛନ୍ତି । ଜରୁରୀ ସମୟରେ ଗାଁକୁ ଆସିପାରୁନି ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି । ଏଥିଯୋଗୁଁ ଗୁରୁତର ରୋଗୀ ଓ ଗର୍ଭବତୀଙ୍କୁ ଭାରରେ ବୋହି ମେଡିକାଲ୍ ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ ପାଇଁ ଗାଁ ଲୋକେ ପ୍ରଶାସନ ପାଖରେ ବହୁବାର ଲିଖିତ ଅଭିଯୋଗ କରିଛନ୍ତି । ତଥାପି କୌଣସି ସୁଫଳ ମିଳୁନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । କେବଳ ଅପରେଟର କଲୋନିବାସୀ ନୁହନ୍ତି, ଏହି ରାସ୍ତା ଉପରେ ୨ରୁ ୩ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି । ତେଣୁ ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ସେମାନେ ଦାବି କରିଛନ୍ତି ।

# ମଧୁମିତା ହେଲେ ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଆଜି ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଅର୍ଥାତ ଭାରତୀୟ ପ୍ରଶାସନିତ ସେବାରେ ମଧୁମିତା ଯୋଗଦାନ କରିଛନ୍ତି । ପୂର୍ବରୁ ଥିବା ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି କରାଯାଇଛି । ଆଜି ନୂତନ ଜିଲ୍ଲାପାଳ ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମାୟାନୁବର୍ତ୍ତିତା ଅବଲମ୍ବନ ସକାଶେ ଉପସ୍ଥିତ ପଦାଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀ ମାନଙ୍କ ନିକଟରେ ଏହାର ସଫଳତା ପହଞ୍ଚାଇବା ଓ ଜନସାଧାରଣଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ନୂତନ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାରେ ବିଭିନ୍ନ ବିକାଶ ମୂଳକ ଯୋଜନାକୁ ଗୁରୁତ୍ୱ ଦେବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ଶେଷ କରାଯିବ ଓ ଜିଲ୍ଲାର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବ ବୋଲି ନୂତନ ଜିଲ୍ଲାପାଳ କହିଛନ୍ତି । ମଧୁମିତା ପୂର୍ବରୁ ଗଞ୍ଜାମ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଭାବରେ କାର୍ଯ୍ୟ ନିର୍ବାହ କରୁଥିଲେ । ଜିଲ୍ଲା କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ ।

## ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବୈଠକ

# ନାଯ୍ୟ ଦାବି ପାଇଁ ସଂଘର ଆନ୍ଦୋଳନ ନିଷ୍ପତ୍ତି



କୋଣାର୍କ, (ଭାସ୍କର ନ୍ୟୁଜ୍) : ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ଆହ୍ୱାନ କ୍ରମେ କୋଣାର୍କ ନିକଟସ୍ଥ ସୋରଭା ଗ୍ରାମପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନାରାୟଣୀ ବିଦ୍ୟାପୀଠ ଠାରେ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋପ ବ୍ଲକ ଓଷ୍ଟାର ସଭାପତି ମହେନ୍ଦ୍ର କୁମାର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଷ୍ଟାର ଜିଲ୍ଲା ସଂପାଦକ ବିଭୂଦତ୍ତ ନାୟକ, ଗୋପ ବ୍ଲକ ସଂପାଦକ ରାମକୃଷ୍ଣ ମହାନ୍ତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ କୁମାର ଜେନା, କାକଟପୁର ବ୍ଲକ ଗୋପାଳ କୃଷ୍ଣ ବାରିକ, ଗୋପ ବ୍ଲକର ପ୍ରାକ୍ତନ ସଂପାଦକ କୃପାସିନ୍ଧୁ ବିଶ୍ୱାଳ, ପ୍ରାକ୍ତନ ସଭାପତି ଅର୍ଜୁନ ଚରଣ ବେହେରା, ଗୋପ ବ୍ଲକ କାର୍ଯ୍ୟକାରୀ ସଭାପତି କଳ୍ପନା ସାହୁ, ଉପସଭାପତି ମକର ଧ୍ୱଜ ବେହେରା ଓ ରମାକାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ । ସରକାରଙ୍କ ଏକ ବର୍ଷ ବିତିଯାଇଥିଲେ ମଧ ଶିକ୍ଷକ କର୍ମଚାରୀ ସଂଘର ନାର୍ଯ୍ୟ ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲା ବେଳେ ସମାସ୍ୟାର ସମାଧାନ ଦିଗରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ଦାବି ମାନଙ୍କ ମଧ୍ୟରେ ୧୯୪ ବିଦ୍ୟାଳୟ ପାଇଁ ଅନୁଦାନ ବ୍ୟବସ୍ଥା, ଅବସର ଗ୍ରହଣ କରିଥିବା ଶିକ୍ଷକ କର୍ମଚାରୀ ମାନଙ୍କୁ ପେନସନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଗୁହାରି କରାଯାଇଥିଲା ବେଳେ ସରକାର ଏଥିପ୍ରତି ବୈମାତୃକ ମନୋଭାବ ପୋଷଣ ଯୋଗୁଁ ଏହି ଦାବି ପୂରଣ ହୋଇପାରୁ ନାହିଁ ବୋଲି ଶିକ୍ଷକ କର୍ମଚାରୀ ସଂଘର କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୨୭ ତାରିଖରେ ସଂଘର ଜିଲ୍ଲାସ୍ତରୀୟ କନଭେନସନ, ଅଗଷ୍ଟ ତାରିଖରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ, ଅଗଷ୍ଟ ୮ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଧାରଣା ଓ ପ୍ରତିବାଦ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଆଇନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯିବ ବୋଲି ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ସଭାପତି ମହେନ୍ଦ୍ର କୁମାର ପାଢୀ ଓ ସଂପାଦକ ରାମକୃଷ୍ଣ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି । ଆସନ୍ତା ଅଗଷ୍ଟ ୧୬ ତାରିଖ ଦିନ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଗୋପ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଆଜିକାର ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା ।

# ହରିଅଙ୍କ ହାଇସ୍କୁଲରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ସରକାରୀ ଉଚ୍ଚବିଦ୍ୟାଳୟରେ ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂଜ୍ୟ ପୂଜା ଓଡ଼ିଶାର ସମ୍ପାଦକ ତଥା ବିଶିଷ୍ଟ ସାରସ୍ୱତ ସଂଗଠକ ରମାକାନ୍ତ ମିଶ୍ର ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ପରୀକ୍ଷା, ନିରୀକ୍ଷା କିମ୍ବା ଗବେଷଣାର ଆବଶ୍ୟକତା ନାହିଁ । ସେ କେବଳ ଭାବ, ଭକ୍ତି ଓ ସମର୍ପଣ ଏବଂ ବିଶ୍ୱାସରେ ଉପଲବ୍ଧ ହୁଅନ୍ତି ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପଡ଼ିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ମିଶ୍ର ପୁରାଣର ଭକ୍ତ ପ୍ରହ୍ଲାଦ, ଭକ୍ତ ଦାସିଆ, ବନ୍ଧୁମାହାନ୍ତି, ସାଲବେଗ, ଦୀନକୃଷ୍ଣ, ଜଗନ୍ନାଥ ଦାସ, ଶାରଳା ଦାସ ଆଦିଙ୍କ ଜୀବନ ଦର୍ଶନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍କଳମଣୀ ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉପରେ ଆଲୋଚନା କରାଯାଇଥିଲା ।



ଆସିକା (ଭାସ୍କର ନ୍ୟୁଜ୍) : କାରଗିଲ୍ ଦିବସ ଅବସରରେ ଆସିକା ଏନ୍ଏସି ହାଇସ୍କୁଲର ପୂର୍ବତନ ଛାତ୍ର ସହିଦ ଉମାକାନ୍ତ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାରଗିଲ୍ ଯୁଦ୍ଧରେ ଶତ୍ରୁପକ୍ଷ ସହ ଲଢ଼ି ଦେଶ ପାଇଁ ଜୀବନ ଦେଇଥିବା ସହିଦ ଉମାକାନ୍ତ ଜଣେ ଦକ୍ଷ ସୈନିକ ସାଙ୍ଗକୁ ମେଳାପୀ ଓ ମିଷ୍ଟଭାଷୀ ମଣିଷ ଥିଲେ। ପିଲାଟି ଦିନରୁ ସେ ସାହସ ଓ ଧୈର୍ଯ୍ୟ ପାଇଁ ବିଦ୍ୟାଳୟ ସ୍ତରରୁ ପ୍ରଶଂସିତ ହେଉଥିଲେ ବୋଲି ମତପ୍ରକାଶ କରିଥିଲେ ଉପସ୍ଥିତ ବ୍ୟକ୍ତି ବିଶେଷ ଓ ଅତିଥି ବୃନ୍ଦ। ଆସିକା ମାଟି ଏହିଭଳି ଯୋଦ୍ଧାକୁ ନେଇ ସବୁବେଳେ ଗର୍ବ ଅନୁଭବ କରିବା ସହିତ ଉଚିତ୍ ସମ୍ମାନ ଦେବାରେ ଅବହେଳା କରିବ ନାହିଁ ବୋଲି ଅଭିବକ୍ତା ନାରାୟଣ ମୁନି ନିଜ ଉଦବୋଧନରେ କହିଥିଲେ। ସହିଦ ଉମାକାନ୍ତ ପଟ୍ଟନାୟକ ଦେଶ ପାଇଁ ପ୍ରାଣବଳୀ ଦେଇ ଆମ ମାଟିକୁ ଗର୍ବିତ କରିଛନ୍ତି ବୋଲି କହିଥିଲେ ଅନ୍ୟତମ ଅଭିବକ୍ତା ନିର୍ମଳ କୁମାର ଦାଶ। କାରଗିଲ୍ ଦିବସ ଅବସରରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବି ବି ଦାଶ, ଏସ କେ ସାହୁ, ଏସ ସି ମହାନ୍ତି, ବିଜୟ କୁମାର ପାଣିଗ୍ରାହୀ, ସିମାଞ୍ଚଳ ମହାନ୍ତି, ଅଲେଖ ବେହେରା, ବି କେ ପାଣିଗ୍ରାହୀ, ପ୍ରଦୀପ ଶତପଥି, ବିଚିତ୍ର ବିହାରୀ ଦାଶ, ସୁରେନ୍ଦ୍ର ପଟ୍ଟନାୟକ, କିରଣ କୁମାର ପାଢୀ, ଧିରେନ କୁମାର ପଣ୍ଡା, ବାଳକୃଷ୍ଣ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଅଶୋକ ସ୍ୱାଇଁ, ସୂର୍ଯ୍ୟ ନାରାୟଣ କର ପ୍ରମୁଖ ଉପସ୍ଥିତ ରହି ସହିଦ ଉମାକାନ୍ତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।



# ପୂର୍ବତନ ବିଜେଡ଼ି ଜିଲ୍ଲା ଉପସଭାପତି କୋର୍ଟଚାଲାଣ

ବିଂଝାରପୁର(ଭାସ୍କର ନ୍ୟୁଜ): ବିଜେଡିର ପୂର୍ବତନ ଜିଲ୍ଲା ଉପସଭାପତି ତଥା ବିଂଝାରପୁର ବିଜେଡିର ଯୁବ ସଂଗଠକ ଜାୱେଦ ଅଲ୍ଲୀ ଖାନଙ୍କୁ ରବିବାର ବିଂଝାରପୁର ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ନ୍ୟାୟିକ ବିଚାରପତି ଯାଜପୁରଙ୍କ କୋର୍ଟରୁ ଗିରଫ ପରୱାନା ପ୍ରକାଶ ପାଇଥିବା ପୋଲିସ ପକ୍ଷରୁ ଜଣାଯାଇଛି। ପୋଲିସର ଏକ ଟିମ ଜାୱେଦଙ୍କ ଘରେ ଚଢ଼ାଉକରି ଗତକାଲି ବିଳମ୍ବିତ ରାତିରେ ତାଙ୍କୁ ଗିରଫ କରିଥିଲା। ଜାୱେଦଙ୍କୁ ମୁକୁଳାଇବା ପାଇଁ ସ୍ଥାନୀୟ ବିଧାୟିକା ପୋଲିସ ଉପରେ ଚାପ ପକାଇଥିଲେ ମଧ୍ୟ ପୋଲିସ କର୍ଣ୍ଣପାତ ନକରି କୋର୍ଟ ଚାଲାଣ କରିଛି। ପୋଲିସର ନିରପେକ୍ଷତାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି। ପ୍ରକାଶ ଥାଉକି ୨୦୧୮ ମସିହାରେ ସୟଦପୁର ପଞ୍ଚାୟତର ଜଣେ ବୃଦ୍ଧଙ୍କୁ ଜାୱେଦ ମାଡ଼ ମାରିବା ଅଭିଯୋଗରେ ବିଂଝାରପୁର ପୋଲିସ ଆଇପିସି ୩୪୧, ୩୨୩, ୫୦୬ରେ ୨୭୧/୧୮ ଏକ ମାମଲା ରୁଜୁ କରିଥିଲା। ଏହି ମାମଲା ଏବେ ଦୌରା ଜଜଙ୍କ କୋର୍ଟରେ ବିଚାରଧୀନ ରହିଛି।

## ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# ସାଧାରଣ ଜନତାଙ୍କ ଗହଣରେ ଶୁଣିଲେ ଶିଳ୍ପମନ୍ତ୍ରୀ



ପାରାଦୀପ (ଭାସ୍କର ନ୍ୟୁଜ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣ ରବିବାର ଦିନ ପ୍ରସାରିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦ୍ୱୀପସ୍ଥିତ ନିଜ ବାସଭବନ ପରିସରରେ ନିଜ ସମର୍ଥକ ଓ ସାଧାରଣ ଜନତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଥିଲେ। ସେହିପରି ପାରାଦୀପ ବିଜେପି କାର୍ଯ୍ୟାଳୟ ପରିସରରେ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ବହୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଏହି କାର୍ଯ୍ୟକ୍ରମ ଶୁଣିବା ସହ ବିଭିନ୍ନ ୱାର୍ଡ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ବହୁସଂଖ୍ୟାରେ ଲୋକେ ଶୁଣିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତରୀକ୍ଷରୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିବା ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ କଥା ଏବଂ ଚନ୍ଦ୍ରଯାନ-୩ ବିଷୟରେ ଉଲ୍ଲେଖ କରିବା ସହ ମହାକାଶକୁ ନେଇ ଦେଶର ଯୁବବର୍ଗଙ୍କ ମଧ୍ୟରେ ଉତ୍କଣ୍ଠା ଜାତ ହୋଇଥିବା କଥା ପ୍ରକାଶ କରିଥିଲେ। ଆସନ୍ତା ୨୩ ଅଗଷ୍ଟରେ ପାଳିତ ହେବାକୁ ଥିବା 'ଜାତୀୟ ଅନ୍ତରୀକ୍ଷ ଦିବସ' ଉପରେ ନୂତନ କଳ୍ପନାକୁ ନମୋ ଆପ୍ ମାଧ୍ୟମରେ ପଠାଇବା ପାଇଁ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଅଲମ୍ପିୟାଡ଼ରେ ପଦକ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ କଥା ଉଲ୍ଲେଖ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ଖୁଦିରାମ ବୋଷ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ ଏବଂ ଗାନ୍ଧିଜୀଙ୍କ ଭାରତ ଛାଡ ଆନ୍ଦୋଳନର ନେତୃତ୍ୱ କଥା ପ୍ରକାଶ କରିବା ସହ 'ବିଭାଜନ ବିଭୀଷିକା ସ୍ମୃତି ଦିବସ'କୁ ମନେ ପକାଇଥିଲେ ପ୍ରଧାନମନ୍ତ୍ରୀ। ଏହାସହ ସ୍ୱଦେଶୀ ଆନ୍ଦୋଳନ ହସ୍ତତନ୍ତକୁ କିପରି ଶକ୍ତି ପ୍ରଦାନ କରିଥିଲା ଏବଂ ଆସନ୍ତା ୭ ଅଗଷ୍ଟରେ 'ଜାତୀୟ ହସ୍ତତନ୍ତ ଦିବସ' ପାଳନର ୧୦ବର୍ଷ ପୂର୍ତ୍ତି ସମ୍ପର୍କରେ ଉଲ୍ଲେଖ କରିବା ସହ ଟେକ୍ସଟାଇଲ୍ ଶିଳ୍ପ ବିଷୟରେ ସୂଚନା ଦେଇ ମୟୂରଭଞ୍ଜ ଜିଲ୍ଲାର ୬୫୦ ଜନଜାତି ମହିଳା କିଭଳି ଭାବେ ସାନ୍ତାଳୀ ଶାଢ଼ୀ ବୁଣି ମାସକୁ ହଜାର ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ଏବଂ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ତାହା ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ପ୍ରକାଶ କରିଛନ୍ତି। ଏହାସହିତ ବଢୁଥିବା ଟେକ୍ସଟାଇଲ୍ ଓ ଆପାରେଲ୍ ମାର୍କେଟ ବିଷୟରେ ଅବଗତ କରାଇବା ସହ 'ଭୋକାଲ ଫର୍ ଲୋକାଲ'କୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ, କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଗାୟିକା ପ୍ରମିଳା ପ୍ରଧାନ, କୀର୍ତ୍ତନ ମାଧ୍ୟମରେ ଭକ୍ତି ଓ ପରିବେଶ ସୁରକ୍ଷା ପାଇଁ ଦେଉଥିବା ସଚେତନତାର ବାର୍ତ୍ତା କଥା କହିବା ସହ 'ଖେଲୋ ଭାରତ ନୀତି ୨୦୨୫'କୁ ଜନଆନ୍ଦୋଳନରେ ପରିଣତ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ', 'ୱେଷ୍ଟ ମ୍ୟାନେଜମେଣ୍ଟ' ଏବଂ 'ଗ୍ରୀନ ରୋଇଙ୍ଗ ଇନିସିଏଟିଭ' ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

# ସୁମନ୍ତ କୁମାର ଜେନାଙ୍କୁ ଅଟଳ ପ୍ରକୃତି ମିତ୍ର ସମ୍ମାନ




ବାଲେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ମହାନ୍ ରାଷ୍ଟ୍ର ନାୟକ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି ଓଡିଶା ଦ୍ୱାରା ଆୟୋଜିତ ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତି ମାନଙ୍କୁ ଅଟଳ ପ୍ରତିଭା ସମ୍ମାନ - ୨୦୨୫ରେ ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରାଯାଇଛି। ଏହି ଉତ୍ସବର ପ୍ରଥମ ଅଧିବେଶନରେ ବାଲେଶ୍ୱରରୁ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନାଙ୍କୁ ସମ୍ମାନ ଜନକ ଅଟଳ ପ୍ରକୃତି ମିତ୍ର ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶ୍ରୀ ଜେନାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜେନା ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ଜଣେ ସୁନାମଧନ୍ୟ ବ୍ୟକ୍ତିତ୍ୱ। ସାମ୍ପ୍ରତିକ ସ୍ଥିତିରେ ସେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଭଳି ମହତ୍ କାର୍ଯ୍ୟରେ ସକ୍ରିୟ ରହିବା ସହିତ ସମାଜର ଅବହେଳିତ, ଦୁସ୍ଥ ନିରାଶ୍ରୟ, ଅଭାବୀ ମଣିଷ ମାନଙ୍କୁ ଯଥା ସାଧ୍ୟ ସାହାଯ୍ୟ ସହଯୋଗରେ ହାତ ବଢ଼ାଇ ଥାନ୍ତି। ପୁଣି ରକ୍ତଦାନ ମହାପୁଣ୍ୟ ଆହ୍ୱାନରେ ଯୋଡି ହୋଇ ରକ୍ତ ସଂଗ୍ରହ ଅଭିଯାନରେ ଜଣେ ଅଗ୍ର ସେନାନୀ ହୋଇ ସାରା ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ତାଙ୍କର ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ତାଙ୍କୁ ପୂର୍ବରୁ ରାଜ୍ୟ ସରକାର, ଜିଲ୍ଲା ତଥା ରାଜ୍ୟରେ ଅନେକ୍ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ହୋଇ ନିଜର ପ୍ରତିକ୍ରିୟାରେ ଶ୍ରୀ ଜେନା କହିଛନ୍ତି ଯେ ଏହା ମୋର କୃତୀତ୍ୱ ନୁହେଁ ଏହା ମୋ ମାଟିର କୃତୀତ୍ୱ। ଏହା ଜଣାପଡିବା ପରେ ଶ୍ରୀ ଜେନାଙ୍କ ନିକଟକୁ ଜିଲ୍ଲାରୁ ତଥା ଜିଲ୍ଲା ବାହାରୁ ବହୁ ଅନୁଷ୍ଠାନ, ବ୍ୟକ୍ତି ବିଶେଷଙ୍କ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

# ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗରେ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ "ଛାତ୍ରଛାତ୍ରୀମାନଙ୍କ ସମଗ୍ର ଉନ୍ନତି ଓ ନୈତିକତାର ଗୁରୁତ୍ୱ" ବିଷୟବସ୍ତୁ ଉପରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଯୋଗଦେଇ ଛାତ୍ରଛାତ୍ରୀମାନେ କେବଳ ପ୍ରମାଣପତ୍ର ହାସଲ ପାଇଁ ଶିକ୍ଷାନୁଷ୍ଠାନରେ ପ୍ରବେଶ କରିନଥାନ୍ତି ବରଂ ସେଠାରୁ ଶୃଙ୍ଖଳା ଜ୍ଞାନ ଆହରଣ, ଚରିତ୍ର ଗଠନ, ଉତ୍ତମ ବ୍ୟବହାର ଶିକ୍ଷା, ବନ୍ଧୁତ୍ୱ ଓ ଭାତୃତ୍ୱ ଭାବରେ ବାନ୍ଧି ହେବାର ଆତ୍ମୀୟତା ଲାଭ ପାଇଁ ସେମାନଙ୍କ ପ୍ରବେଶର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ମଧ୍ୟ ନିହିତ ରହିଥାଏ ବୋଲି କହିଥିଲେ। ଏଥିସହ ଭକ୍ତି, ଜ୍ଞାନ ସହିତ କର୍ମଯୋଗର ସମନ୍ୱୟରେ ବ୍ୟକ୍ତିର ଜୀବନ ସାର୍ଥକ ହୁଏ ବଂ ବ୍ୟକ୍ତି ସର୍ବଜନ ହିତାୟ ନୀତିରେ ଜଗତକୁ ଆପଣା କରିପାରେ ବୋଲି ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ, ଗୁରୁଚରଣ ସେଠୀ, ଷ୍ଟାଲିନ ଦିଗଲ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଡ. ସନ୍ଦୀପ ବଳ କାର୍ଯ୍ୟକ୍ରମର ସଂଯୋଜନା ସହିତ ପ୍ରାରମ୍ଭିକ ବକ୍ତବ୍ୟରେ ଅତିଥି ପରିଚୟ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ରାଜନୀତି ବିଜ୍ଞାନ ବିଭାଗ ସମ୍ମାନ ଶ୍ରେଣୀର ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ଆୟୋଜନ କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗର କଳ୍ପତରୁ ସାହୁ, ଅଭିଜିତ ମଲିକ, ଅଭିଜିତ ସିଂହ, ଜ୍ୟୋତିର୍ମୟୀ ରାଉତ, ପୁଷ୍ପିତା ମଣ୍ଡଳ, ସୌମ୍ୟରଞ୍ଜନ ଭୋଇ ଓ ପ୍ରକାଶ ପ୍ରମୁଖ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଳି କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଆଳି (ଭାସ୍କର ନ୍ୟୁଜ୍): ଆଳି ବ୍ଲକ କଂଗ୍ରେସ କମିଟି ତରଫରୁ ବାଲେଶ୍ୱର ଜିଲ୍ଲାର ପୀଡିତା ସୌମ୍ୟାଶ୍ରୀଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ କଂଗ୍ରେସ ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ସହିତ ମାନଗୋବିନ୍ଦ ଦାସ, ଦର୍ପ ନାରାୟଣ ସାହୁ, ଅକ୍ଷୟ ଦାସ, ବିଜୟ ନାୟକ, ହରି ବିଶ୍ୱାଳ, ହବେଶ ପଲାଇ, ଚିରଞ୍ଜିବୀ ପଲାଇ, ରଜନୀକାନ୍ତ ସାହୁ, ଅରୁଣ ମଲିକ, ଅନାମ ମଲିକ, ମାନସ ପାଣ୍ଡବ, ବିଜୟ ସାମଲ, ସୁନାକର ମଲିକ, ଯୁବନେତା ରାକେଶ ଦାସ, ଅଶ୍ୱିନି କୁମାର ବେହେରା ଓ ଛାତ୍ରନେତା ଅଭିଷେକ ରାଉତଙ୍କ ସହିତ ବହୁତ ଛାତ୍ର ଯୋଗ ଦେଇଥିଲେ। ସମାଜର ବିଭିନ୍ନ ସ୍ତରରେ ମହିଳା ମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଯୋଗୁଁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି କଂଗ୍ରେସ ସାରା ରାଜ୍ୟରେ ସୌମ୍ୟାଶ୍ରୀଙ୍କ ଏକାଦଶ ପାଳନ କରୁଛି।

# ସେନା-ସିଆଇଏସ୍ଏଫ୍‌ର ମିଳିତ ତାଲିମ ଆରମ୍ଭ

କଣିହାଁ (ଭାସ୍କର ନ୍ୟୁଜ): ପ୍ରତିବର୍ଷ ବଢୁଥିବା ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ଏହାର କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ମଜବୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି ସିଆଇଏସ୍ଏଫ୍। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍ଏଫ୍) ଭାରତୀୟ ସେନା ସହିତ ସଘନ ମିଳିତ ତାଲିମ ଅଭ୍ୟାସ ଆରମ୍ଭ କରିଛି। ଏହା ଅପାରମ୍ପରିକ ଏବଂ ହାଇବ୍ରିଡ ବିପଦ ବିରୁଦ୍ଧରେ ବାହିନୀକୁ 'ଯୁଦ୍ଧ ପାଇଁ ପ୍ରସ୍ତୁତ' କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। 'ଯୁଦ୍ଧ ପାଇଁ ପ୍ରସ୍ତୁତ'ର ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ସିଆଇଏସ୍ଏଫ୍ ଯୁଦ୍ଧ-କଠୋରତା ହେଉଛି ଏହାର କର୍ମଚାରୀମାନଙ୍କୁ ଉଚ୍ଚ-ମୂଲ୍ୟ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ପ୍ରତିଷ୍ଠାନ-ଯେପରିକି ବିମାନବନ୍ଦର, ପରମାଣୁ ପ୍ରତିଷ୍ଠାନ, ସରକାରୀ କୋଠା ଏବଂ ସଂସଦରେ ସଙ୍କଟର ତୁରନ୍ତ ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ପାଇଁ ପ୍ରସ୍ତୁତ କରିବା। ଡ୍ରୋନ୍ ଅନୁପ୍ରବେଶ, ସମନ୍ୱିତ ଆତଙ୍କବାଦୀ ଆକ୍ରମଣ, ଆଭ୍ୟନ୍ତରୀଣ ଧମକ ଏବଂ ଅନ୍ତର୍ନିହିତ କାର୍ଯ୍ୟ ଭଳି ଜଟିଳ, ଉଚ୍ଚ-ଚାପ ପରିସ୍ଥିତିକୁ ଦ୍ରୁତ, ସଠିକତା ଏବଂ ଶାନ୍ତ ଭାବରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କାଶ୍ମୀର ଉପତ୍ୟକାରେ ସେନା ସହିତ ସ୍ୱତନ୍ତ୍ର ତାଲିମ ପ୍ରଥମ ଥର ପାଇଁ, ସିଆଇଏସ୍ଏଫ୍ ଉପତ୍ୟକାରେ ଉଚ୍ଚମାନର ଭାରତୀୟ ସେନା ଗଠନରେ ପୂର୍ଣ୍ଣ-ସ୍ତରର ତାଲିମ ବ୍ୟାଚ ପରିଚାଳନା କରୁଛି। ପୂର୍ବରୁ କେବଳ ସୀମିତ ସଂଖ୍ୟକ ସିଆଇଏସ୍ଏଫ୍ ଏପରି ଅଭ୍ୟାସ ପାଇଁ ଆସନ ବଣ୍ଟନ କରାଯାଇଥିଲା। ବର୍ତ୍ତମାନ, ସିଆଇଏସ୍ଏଫ୍ ସେନା ମଧ୍ୟରେ ଘନିଷ୍ଠ ସମନ୍ୱୟ ପରେ ଏବଂ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେନା ବଡ଼ ଦଳକୁ ବ୍ୟାପକ ତାଲିମ ମଡ୍ୟୁଲ୍ ପ୍ରଦାନ କରିବାକୁ ରାଜି ହୋଇଛି। ମଡ୍ୟୁଲ୍ ମଧ୍ୟରେ ରାତି ଅପରେସନ୍, ଜଙ୍ଗଲ ଯୁଦ୍ଧ, ନିକଟ ଯୁଦ୍ଧ କୌଶଳ ଏବଂ ସହନଶୀଳତା-ନିର୍ମାଣ ଅଭ୍ୟାସ ଇତ୍ୟାଦି ଅର୍ନ୍ତଭୁକ୍ତ। ଏହି ମଡ୍ୟୁଲ୍ ଗୁଡିକ ସହରାଞ୍ଚଳ ବିପଦ ବିରୋଧୀ ଅପରେସନରେ ସିଆଇଏସ୍ଏଫ୍ ପୂର୍ବରୁ ଦୃଢ଼ ଅଭିଜ୍ଞତା ଉପରେ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ବର୍ତ୍ତମାନ ଜଟିଳ ଭୂଖଣ୍ଡ ଏବଂ ଉଚ୍ଚ ବିପଦ ଜୋନରେ କାର୍ଯ୍ୟ କରିବାର କ୍ଷମତା ବୃଦ୍ଧି କରୁଛି। ଲକ୍ଷ୍ୟ ହେଉଛି ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଉଭୟ ପରିବେଶରେ ସଶସ୍ତ୍ର ଅନୁପ୍ରବେଶ, ଅନ୍ତର୍ଘାତ ଏବଂ ବହୁମୁଖୀ ଆତଙ୍କବାଦୀ ଆକ୍ରମଣ ଭଳି ଆକସ୍ମିକ ପରିସ୍ଥିତିକୁ ବୃତ୍ତିଗତ ଭାବରେ ପରିଚାଳନା କରିବା ପାଇଁ କର୍ମଚାରୀମାନଙ୍କୁ ସଜ୍ଜିତ କରିବା। କେବଳ ଶ୍ରେଷ୍ଠ ଚୟନ କରନ୍ତୁ ଏହି ଉଚ୍ଚ-ତୀବ୍ରତା ତାଲିମ ପାଇଁ ମନୋନୀତ କର୍ମଚାରୀମାନେ ସିଆଇଏସ୍ଏଫ୍ କ୍ୱିକ୍ ରିଆକ୍ସନ୍ ଟିମ୍‌ର ଅଂଶ ବାହିନୀର ସମସ୍ତ ୩୬୯ ୟୁନିଟ୍‌ରେ ଜରୁରୀକାଳୀନ ପରିସ୍ଥିତିର ପ୍ରଥମ ପ୍ରତିକ୍ରିୟାକାରୀ। କେବଳ ୩୫ ବର୍ଷରୁ କମ୍ ବୟସର ଏବଂ ଯେଉଁମାନେ ଜାତୀୟ ସୁରକ୍ଷା ଗାର୍ଡ (ଏନ୍ଏସ୍‌ଜି) ମାନଦଣ୍ଡ ସହିତ ସମନ୍ୱିତ ଯୁଦ୍ଧ ଶାରୀରିକ ଦକ୍ଷତା ପରୀକ୍ଷା (ବିପିଇଟି) ପାସ୍ କରିଛନ୍ତି ସେମାନେ ଯୋଗ୍ୟ ଥିଲେ। ଉଲ୍ଲେଖନୀୟ ଯେ, ଏହି କ୍ୟୁଆରଟି ସଦସ୍ୟମାନେ ସେନା ମଡ୍ୟୁଲରେ ଯୋଗଦେବା ପୂର୍ବରୁ ଛଅ ମାସର ଏକ କଠୋର ସିଆଇଏସ୍ଏଫ୍ ସମାପ୍ତ କରିସାରିଛନ୍ତି। ଆଗକୁ ବଢ଼ିବା ସହିତ, ସିଆଇଏସ୍ଏଫ୍ ପ୍ରକାରର ଉନ୍ନତ ଯୁଦ୍ଧ ତାଲିମକୁ ଅଧିକ ୟୁନିଟ୍ ପର୍ଯ୍ୟନ୍ତ ବିସ୍ତାର କରିବାକୁ ଯୋଜନା କରୁଛି, ଯାହା ସବୁଠାରୁ ସମ୍ବେଦନଶୀଳ ଏବଂ ଉଚ୍ଚ-ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରୁ ଆରମ୍ଭ ହେବ। ଲକ୍ଷ୍ୟ ହେଉଛି ଧୀରେ ଧୀରେ ସମସ୍ତ ସିଆଇଏସ୍ଏଫ୍ କର୍ମଚାରୀଙ୍କୁ ଶାରୀରିକ ସହନଶୀଳତା, କୌଶଳଗତ ଦକ୍ଷତା ଏବଂ ମାନସିକ ସ୍ଥିରତାର ଏକ ଉଚ୍ଚ ସୀମନ୍ତକୁ ଆଣିବା। ଏହା ନିଶ୍ଚିତ କରିବା ଯେ ବାହିନୀ ସର୍ବଦା ଉଦୀୟମାନ ବିପଦରୁ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ରକ୍ଷା କରିବା ପାଇଁ ପ୍ରସ୍ତୁତ ଅଛି।

# ପଲିଥିନ୍ ତଳେ ବିତୁଛି ୬ ପ୍ରାଣୀଙ୍କ ଜୀବନ

କଣାସ (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଦିନ ମଜୁରିଆ ଓ ଗରିବ ଲୋକକୁ ଆବାସ ଯୋଜନା ଯୋଗାଇ ଦିଆଯାଉଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଗଡିଶାଗୋଡା ଗ୍ରାମପଞ୍ଚାୟତର ଗଡିଶାଗୋଡା ଗ୍ରାମର ଦିଜରାଜ ପଲେଇ ଛଅ ପ୍ରାଣୀ କୁଟୁମ୍ବ ଧରି ପିଲିଥିନ୍ ତଳେ ଓ ବାଂଶତାଟିର କାନ୍ଥତଳେ ରହୁଥିବା ଦେଖିବାକୁ ମିଳିଛି। ଦିଜରାଜ ଜଣେ ଦିନମଜୁରିଆ



## ଆବାସ ଯୋଜନା ମିଳିବ କେବେ ?

ହୋଇଥିବା ବେଳେ ବାରମ୍ବାର ଆବାସ ଗୃହ ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଜଣାଇ ନିରାଶ ହୋଇ ରହିଥିବା ଜଣାପଡିଛି। ଦିଜରାଜ ଦୀର୍ଘ ୨୦ବର୍ଷ ଧରି ସରପଞ୍ଚ ଓ ଅଧିକାରୀମାନଙ୍କୁ ଜଣାଇ ଆସିଥିଲେ ମଧ୍ୟ କେହି ତାଙ୍କ କଥା କର୍ଣ୍ଣପାତ କରିନଥିବା କୁହନ୍ତି। ଏ ସଂପର୍କରେ ସ୍ଥାନୀୟ ସରପଞ୍ଚ ମଧୁସୁଦନ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ସେ ପୂର୍ବ ସରପଞ୍ଚମାନଙ୍କୁ ବହୁଥର ଆବାସଗୃହ କରିବା ପାଇଁ ନିବେଦନ କରିଛନ୍ତି, କିନ୍ତୁ କେହି ତାଙ୍କ କଥା ଶୁଣିନାହାନ୍ତି। ମୋତେ ଏବେ କହିବାରୁ ମୁଁ ତାଙ୍କ ନାମ ଗ୍ରାମସଭାରେ ପୁରାଇଛି। ସେହିପରି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଏ ସଂପର୍କରେ ପଚାରିବାରୁ ସେ କୁହନ୍ତି ମୁଁ ତଦନ୍ତ କରିବାକୁ ଯାଇଥିଲି। ଦିଜରାଜ ପରିବାର ଧରି ଜରିପାଲ ତଳେ ରହିଥିବା ଦେଖିବାକୁ ପାଇବା ସହ ତୁରନ୍ତ ତାଙ୍କୁ କିପରି ଆବସ ଗୃହ ଯୋଗାଇ ଦିଆଯିବ ସେଥିପ୍ରତି ଦୃଷ୍ଟି ଦେଇଛି।

# କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ ଉପରେ କର୍ମଶାଳା




ବାରିପଦା (ଭାସ୍କର ନ୍ୟୁଜ୍) : ଚାକିରି କରି ଆତ୍ମନିର୍ଭରଶୀଳ ହେବା ଆଶାରେ ଆଜିର ଯୁବକ ଯୁବତୀ ମାନେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବା ପାଇଁ ଅହରହ କଠିନ ପରିଶ୍ରମ କରିଚାଲିଛନ୍ତି। ଚାକିରି ପାଇବା ପାଇଁ ବା ଚାକିରି କରିବାବେଳେ ସେମାନେ ବହୁ ସମୟରେ ମାନସିକ ଚାପର ଶିକାର ହେଉଛନ୍ତି। ଏହି ପରିପେକ୍ଷୀରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାରିପଦା ଆନୁକୂଲ୍ୟରେ ନିଡ଼ସ ଏଜୁକେସନରେ ତାଲିମ ନେଉଥିବା ଯୁବକ ଯୁବତୀ ମାନଙ୍କୁ ନେଇ 'କର୍ମକ୍ଷେତ୍ରରେ ମାନସିକ ଚାପ ପ୍ରବନ୍ଧନ' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ପର୍ଯ୍ୟବେକ୍ଷକ ଦେବାଶିଷ ପାଇକରାୟ ମାନସିକ ଚାପରୁ ନିଜକୁ ମୁକ୍ତ କରିବାର ଉପାୟମାନ ଆଲୋଚନା କରିଥିଲେ। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ପ୍ରୋଗ୍ରାମ ଅଫିସର ଡ. ଜୟସ୍ୱରୂପ ମହାନ୍ତି ସ୍ମୃତିଶକ୍ତି ବଢାଇବା ପାଇଁ ଦିନକୁ ୬ ରୁ ୮ ଘଣ୍ଟା ଶୋଇବା ତଥା ନିୟମିତ ଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶୀଘ୍ର ରାଗ ଲାଗିଲେ ସଙ୍ଗେସଙ୍ଗେ ୧୦୦ରୁ ୧ ପର୍ଯ୍ୟନ୍ତ ଓଲଟା ଗଣିବା ପାଇଁ ସାମାଜିକ କର୍ମୀ ସଞ୍ଜୟ ଜେନା ପରାମର୍ଶ ଦେଇଥିଲେ। ଦିନର ପ୍ରଥମ ୪ ଘଣ୍ଟା ପାଠ ପଢ଼ିବାର ଉପଯୁକ୍ତ ସମୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ନିଡ଼ସ ଏଜୁକେସନର ନିର୍ଦ୍ଦେଶକ ଦୀପ୍ତି ପ୍ରକାଶ ବସା, ଶିକ୍ଷାର୍ଥୀ ପରାମର୍ଶଦାତା ଅନୁସୟା ଓ ଆରୟାନ ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ରାଜୀବ କୁମାର ଦାସ ସହଯୋଗ କରିଥିଲେ।

# ବୟାଳିଶମୌଜାରେ କାରଗିଲ୍ ବିଜୟ ଦିବସ ପାଳିତ





ଫୁଲନଖରା (ଭାସ୍କର ନ୍ୟୁଜ୍) : ବୟାଳିଶମୌଜା ସ୍ଥିତ ରଣେଷଣ୍ଡ ମନ୍ଦିର ପ୍ରାଙ୍ଗଣରେ ବୟାଳିଶମୌଜା ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଦ୍ୱାରା କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ବୀର ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବକ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସହିଦ ମାନଙ୍କ ପାଇଁ ଦୀପଦାନ ମଧ୍ୟ କରାଯାଇଥିଲା। ଆୟୋଜିତ ସଭାରେ ବୟାଳିଶମୌଜା ଥାନା ଭାରପ୍ରାପ୍ତ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, କ୍ୟାପଟେନ ସଞ୍ଜୟ କୁମାର ମହାନ୍ତି, କ୍ୟାପଟେନ ପ୍ରଦୀପ ବିଶ୍ୱାଳ, ସୁବେଦାର ରଞ୍ଜିତ ମହାନ୍ତି, ସୁବେଦାର ମେଜର ମଙ୍ଗରାଜ ବେହେରା, ସୁବେଦାର ମେଜର ସନ୍ତୋଷ କୁମାର ଦେବତା, ବିଭୂତି ଦେବତା, ସମାଜସେବୀ ସତ୍ୟଦୀପ ସାହୁ, ରାମଚନ୍ଦ୍ର ଗୋଚ୍ଛାୟତ, ସମୀର ପଣ୍ଡା, ବ୍ରହ୍ମପୁର ସରପଞ୍ଚ ସମୀର ପ୍ରଧାନ, ଝିଙ୍କିରିଆ ଗ୍ରାମ୍ୟ କମିଟି ସଂପାଦକ ଚିନ୍ମୟ ଦେବତା, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ନନ୍ଦଙ୍କ ସହିତ ଗ୍ରାମର ବହୁ ମୁରବୀ ଯୋଗ ଦେଇଥିଲେ। ଏଥିସହିତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ରାଶିଫଳ


**ସୋମବାର, ୨୮ ଜୁଲାଇ ୨୦୨୫**



**ମେଷ:** ଆପଣ ଉତ୍ସାହଜନକ ସୂଚନା ପାଇବେ। ଆପଣ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବେ। ଅପଚୟ ଖର୍ଚ୍ଚ ହେବ। କିଛି ଭଲ କାମ କରିବାକୁ ଇଚ୍ଛୁକ ହେବେ। ବ୍ୟବସାୟରେ ଲାଭ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦି ଅନୁକୂଳ ଲାଭ ଦେବ। ଭାଇମାନଙ୍କର ସମର୍ଥନ ପାଇବେ।




**ବୃଷ:** ଆଘାତ ଏବଂ ରୋଗ ହେତୁ ବାଧା ସମ୍ଭବ। ଅସୁବିଧାରେ ପଡ଼ନ୍ତୁ ନାହିଁ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଭ୍ରମଣ ଲାଭଦାୟକ ହେବ। ବ୍ୟବସାୟ ବୃଦ୍ଧି ପାଇବ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ।




**ମିଥୁନ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଅପଚୟ ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଏକାଠି ଖାଇବା ଠାରୁ ଦୂରେଇ ରୁହନ୍ତୁ। ପରିବାର ପାଇଁ ଚିନ୍ତା ହେବ। ଆତ୍ମ ସମ୍ମାନର ସହ ରୁହ। କୌଣସି ବ୍ୟକ୍ତିର ଉତ୍ତେଜନାରେ ଶିକାର ହୁଅନ୍ତୁ ନାହିଁ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟ ଜାରି ରହିବ।



**କର୍କଟ:** ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ, ଚେଷ୍ଟା କର। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ଲାଭ ଦେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ବୃଦ୍ଧି ପାଇବ। କିଛି ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଆସିପାରେ।



**ସିଂହ:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବିନିଯୋଗ ଭଲ ହେବ। ଚାକିରିରେ ଉଭୟ କାର୍ଯ୍ୟଭାର ଏବଂ ପ୍ରାଧିକରଣ ବୃଦ୍ଧି ପାଇପାରେ। ବାହାରକୁ ଯିବାକୁ ଏକ ଯୋଜନା ପ୍ରସ୍ତୁତ କରିବେ। ଶତ୍ରୁମାନେ ପରାସ୍ତ ହେବେ।




**କନ୍ୟା:** ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ରହିବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ଟଙ୍କା ପାଇବା ସହଜ ହେବ। ଚାକିରିରେ ଶାନ୍ତି ରହିବ। ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗତି ଲାଭ କରିବ। ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଥାଇପାରେ।



**ତୁଳା:** ଖରାପ ଖବର ଗ୍ରହଣ କରାଯାଇପାରେ, ଧର୍ଯ୍ୟବାନ ହୁଅ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। କାମ କରିବାକୁ ଇଚ୍ଛା ହେବ ନାହିଁ। ବିବାଦ କାରଣରୁ ଦ୍ୱନ୍ଦ୍ୱ ସମ୍ଭବ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ। କଠିନ ପରିଶ୍ରମ ଅଧିକ ହେବ ଏବଂ ଲାଭ କମ୍ ହେବ।




**ବିଛା:** ସ୍ୱାସ୍ଥ୍ୟର ଯତ୍ନ ନିଅ। ଅତ୍ୟଧିକ ଉତ୍ସାହ ଏବଂ ବ୍ୟସ୍ତତା ରହିବ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ବ୍ୟବସାୟ ଭଲ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ଲାଭ ସୁଯୋଗ ଆସିବ। ଭାଗ୍ୟ ଅନୁକୂଳ, ଏହାର ଲାଭ ନିଅ। ଘର ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।



**ଧନୁ:** ସ୍ଥିର ସମ୍ପତ୍ତି ବୃଦ୍ଧି ହୋଇପାରେ। ସମ୍ପତ୍ତି ଅପରେସନ୍ ବହୁତ ଲାଭ ଦେଇପାରେ। ବିନିଯୋଗ ଭଲ ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ତୁମେ ଚାକିରି ପାଇବ। ପ୍ରଗତିର ରାସ୍ତା ଖୋଲିଯିବ। ସହଭାଗୀମାନଙ୍କ ସହିତ ମତଭେଦ ସମାଧାନ ହେବ। ଶୀଘ୍ର କୈଣସି ନିଷ୍ପତ୍ତି ନିଅ ନାହିଁ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ବେପରୁଆ ହୁଅ ନାହିଁ।



**ମକର:** ସୃଜନଶୀଳ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ। ବ୍ୟସ୍ତ ରହିବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଘରେ ଏବଂ ବାହାରେ ସବୁ ଦିଗରୁ ସଫଳତା ଏବଂ ସୁଖ ମିଳିବ।



**କୁମ୍ଭ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ। ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ଅଧିକ ତ୍ୱରାନ୍ୱିତ ହେବ। ଚାକିରିରେ ଅଧସ୍ତନମାନଙ୍କ କମ୍ ସହଯୋଗ ହେବ।



**ମୀନ:** ପରିଶ୍ରମର ଫଳ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯିବ। ଭ୍ରମଣ ଲାଭଦାୟକ ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବହୁତ ଭଲ କାମ କରିବାକୁ ଇଚ୍ଛୁକ ହେବେ। ପରିବାର ସହାୟତା ଉପଲବ୍ଧ ହେବ। ଆୟ ବୃଦ୍ଧି ପାଇବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ସୁଖ ମିଳିବ। ଆପଣ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ।



ଜ୍ୟୋତିର୍ବିଦ୍ ସୃଷ୍ଟି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଢେଙ୍କାନାଳ ଜିଲ୍ଲାକୁ ବଦଳି ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଶ୍ରୀ ପାଟିଲ ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଭାବେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି।। ଜିଲ୍ଲାପାଳ ଶ୍ରୀ ପାଟିଲ ୧୧ ମାସର ରହଣୀରେ ଜିଲ୍ଲାରେ ଏକ ସ୍ୱତନ୍ତ୍ର ଛାପ ରଖି ଯାଇଛନ୍ତି। ତାଙ୍କ ପ୍ରଚେଷ୍ଟାରେ ମାଲକାନଗିରି ଜିଲ୍ଲାର ଆକାଂକ୍ଷୀ ବ୍ଲକ୍ ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୀତି ଆୟୋଗ ଦ୍ୱାରା ପୁରସ୍କୃତ ହେବାକୁ ଯାଉଛି। ସେହିପରି ଜିଲ୍ଲାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଓ ରେଳ ପ୍ରକଳ୍ପ କ୍ଷତିପୂରଣ ଅର୍ଥ ରାଶି ବଣ୍ଟନରେ ଶ୍ରୀ ପାଟିଲ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ସମସ୍ତ ଅଧିକାରୀ ବିଦାୟୀ ଜିଲ୍ଲାପାଳ ଶ୍ରୀ ପାଟିଲ ଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ବଖାଣିଥିଲେ। ସେହିପରି ତାଙ୍କର କାର୍ଯ୍ୟ କରିବାର ଅଭିନବ ଶୈଳୀକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଥିଲେ। ଜିଲ୍ଲାପାଳ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ମାଲକାନଗିରି ଜିଲ୍ଲାରେ କାମ କରିବାର ଅନୁଭୂତି ତାଙ୍କ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ହୋଇ ରହିବ । ଏହି ଜିଲ୍ଲାର ନିରୀହ ଜନଜାତି ଓ ଜନସାଧାରଣଙ୍କ ଅକୁଣ୍ଠ ସ୍ନେହ ଶ୍ରଦ୍ଧା ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ପାଟିଲ ନିଜ ବିଦାୟକାଳୀନ ସଭାରେ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଟିମ୍ ୱର୍କ୍ ମାଧ୍ୟମରେ ଅସାଧ୍ୟକୁ ସାଧନ କରାଯାଇପାରେ । ଉକ୍ତ ସଭା ରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସେନାପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



# ■ ମରାମତି ହେଲା କଲଭର୍ଟ ■



'ଓଡ଼ିଶା ଭାସ୍କର'ର ମହାପ୍ରଭାବ

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଗତ ମାସ ୧ତାରିଖରେ 'ମରଣ ଯନ୍ତା ପାଲଟିଛି ରାସ୍ତା ପାର୍ଶ୍ୱରେ ଥିବା ଗର୍ତ୍ତ'ଶୀର୍ଷକରେ ଓଡିଶା ଭାସ୍କର ଦୈନିକ ଖବର କାଗଜରେ ଏକ ଖବର ପ୍ରକାଶ ପାଇଥିଲା ।ଉକ୍ତ ଖବରଟି ଓଡ଼ିଶା ଭାସ୍କର ଖବର କାଗଜରେ ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଉକ୍ତ କଲଭର୍ଟ ଟି ମରାମତି ହୋଇଛି । ପ୍ରକାଶ ଥାଉ କି,ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାରୁ ପାପଡାହାଣ୍ଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କୋଷାଗୁମୁଡା ମାଉସୀ ମା' ମନ୍ଦିର ନିକଟସ୍ଥ କଲଭଟ ପାର୍ଶ୍ୱ ଗାତ ଯାନବାହାନ ପାଇଁ ମରଣଯନ୍ତା ପାଲଟିଥିଲା ।ଅନେକ ସମୟରେ ମୋଟର ଚାଳକମାନେ ଏହି ଗାତରେ ପଡି ଲହୁଲୁହାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଥିଲେ । ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ରାସ୍ତାଟି କୋଷାଗୁମୁଡାରୁ କୋଡିଙ୍ଗା, ପାପଡାହାଣ୍ଡି, ନବରଙ୍ଗପୁର, ବସ୍ତର, କଳାହାଣ୍ଡି ଆଦି ଅଞ୍ଚଳକୁ ସଂଯୋଗ କରୁଥିବାରୁ ବିଶେଷ କରି ଏହି ଅଂଚଳର ଶତାଧିକ ଯାନବାହାନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି ।ଏହି ରାସ୍ତା ଉପରେ ଯାନବାହାନ ଚଳାଚଳ ଅଧିକ ହେଉଥିବାରୁ ତାକୁ ଦୃଷ୍ଟିରେ ରଖି ପ୍ରଶାସନ ୨୮କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାର ପ୍ରଶସ୍ତିକରଣ କରାଯାଇଥିଲା । ୨୦୨୪-୨୫ଆର୍ଥିକ ବର୍ଷରେ ଏହି ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ କରାଯାଇଥିବା ବେଳେ ପୂର୍ତ୍ତ ବିଭାଗ ଏହାର ଦାୟିତ୍ୱ ନେଇଥିଲା ।ରାସ୍ତା ପ୍ରଶସ୍ତିକରଣ ହେବା ପରେ ରାସ୍ତା ଉପରେ ଅନେକ ଛୋଟ ବଡ଼ କଲଭର୍ଟ ମଧ୍ୟ ନିର୍ମାଣ କରାଯାଇଥିଲା ।ହେଲେ କୋଷାଗୁମୁଡାର ମାଉସୀ ମନ୍ଦିର ନିକଟରେ ଥିବା କଲଭର୍ଟ ପାର୍ଶ୍ୱରେ ଏକ ବିରାଟ ଗାତ ସୃଷ୍ଟି ହୋଇଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରି ଛାଡି ଦେଇଥିଲେ । ଏହି ଗାତ ରାସ୍ତାରେ ଚଳାଚଳ କରୁଥିବା ଯାନବାହାନ ପାଇଁ ମରଣଯନ୍ତା ପାଲଟି ଯାଇଥିଲା ।ଅନେକ ସମୟରେ ମୋଟର ବାଇକ ଚାଳକମାନେ ଏହି ଗାତରେ ପଡି ଲହୁ ଲୁହାଣ ହେଉଥିବା ମଧ୍ୟ ଦେଖିବାକୁ ମିଳୁଥିଲା। ତେଣୁ ଦୁର୍ଘଟଣା ଏଡେଇବାକୁ ହେଲେ ପ୍ରଶାସନ ତତ୍ପରତା ଦେଖେଇ ଏହି ଗର୍ତ୍ତକୁ ସମତୁଲ କରିବା ଅତି ଆବଶ୍ୟକ ରହିଛି ବୋଲି ସାଧାରଣ ଲୋକେ ଦାବି କରିଥିଲେ ।ଏହି ଖବରଟି ଓଡ଼ିଶା ଭାସ୍କର ଦୈନିକ ଖବର କାଗଜରେ ଗତ ମାସର ୧ତାରିଖରେ ପ୍ରକାଶ ପାଇଥିଲା । ଖବର ପ୍ରସାରିତ ହେବା ପରେ ପ୍ରଶାସନ ଉକ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିବା ସୂଚନା ମିଳିଛି ।କଲଭର୍ଟ କାମ ସମ୍ପୂର୍ଣ୍ଣ ହୋଇଥିବାରୁ ଅଞ୍ଚଳବାସୀ ଉଭୟ ପ୍ରଶାସନ ଓ ଓଡିଶା ଭାସ୍କର ଖବର କାଗଜକୁ ଧନ୍ୟବାଦ ଜଣେଇଛନ୍ତି ।

## ଶତାୟୁ ପୁରୁଷଙ୍କ ପରଲୋକ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ବନମାଲ ଗ୍ରାମର ଦଶରଥ ଭୋଇଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କର ପୁଅ ସଦାନନ୍ଦ ପୁତୁରା ବିକ୍ରମ, ବିବେକ,ଶାନ୍ତନୁ ସତ୍ୟ ତଥା ତାଙ୍କର ନାତି, ନାତୁଣୀ ସମସ୍ତେ ଉପସ୍ଥିତ ଥିଲେ । ତାଙ୍କର ଶେଷ କୃତ୍ୟ ଗାଁ ମୁଣ୍ଡ ଶ୍ମଶାନରେ କରାଯାଇଥିଲା । ତାଙ୍କ ପୁଅ ସଦ୍ଦାନନ ମୁଖାଗ୍ନି ଦେଇଥିଲେ । ଏହି ସମୟରେ ଖପ୍ରାଖୋଲ ଅଞ୍ଚଳର ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ଗ୍ରାମବାସୀ ଉପସ୍ଥିତ ରହିଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ମାଲକାନଗିରି ବିଧାୟକଙ୍କ ଲ୍ୟାମ୍ପସ୍ ପରିଦର୍ଶନ



ଚାଷୀ ପଞ୍ଜୀକରଣ ଉପରେ ସମୀକ୍ଷା

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମାଲକାନଗିରି ଓ ପୋଟେରୁ ବୃହଦ୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଲିମିଟେଡ (ଲ୍ୟାମ୍ପସ୍) ପରିଦର୍ଶନ କରି ଖରିଫ ଋତୁ ୨୦୨୫-୨୬ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଓଡ଼ିଶା ସରକାରଙ୍କ ନିୟମାନୁସାରେ ଏହି ପଞ୍ଜୀକରଣ କାର୍ଯ୍ୟ ୧୯ ଜୁଲାଇରୁ ୨୦ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରକ୍ରିୟାରେ ଇ-କେୱାଇସି ବାଧ୍ୟତାମୂଳକ ଥିବା ସୂଚନା ମିଳିଛି। ଚାଷୀମାନେ ନିଜର ଜମି ରେକର୍ଡ (ପଟ୍ଟା), ଆଧାର କାର୍ଡ ଓ ମୋବାଇଲ ନମ୍ବର ସହିତ ଲେମ୍ପସ୍‌ରେ ନାମ ଲେଖାଇ ପଞ୍ଜୀକରଣ କରିପାରିବେ। ପରିଦର୍ଶନ ସମୟରେ ଶ୍ରୀ ମାଡ଼କାମି ଚାଷୀ ଓ ଅଧିକାରୀଙ୍କ ସହ ଆଲୋଚନା କରି ସବସିଡି ଓ ଅନ୍ୟାନ୍ୟ ସରକାରୀ ଲାଭ ଲାଗି ସୁଗମ ପ୍ରବେଶ ନିଶ୍ଚିତ କରିବା ଉପରେ ଜୋର ଦେଇଛନ୍ତି। ସେ ଡକ୍ୟୁମେଣ୍ଟେସନରେ ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। "ଚାଷୀମାନେ ମାଲକାନଗିରିର ମେରୁଦଣ୍ଡ," ବୋଲି ଶ୍ରୀ ମାଡ଼କାମି କହି ଚାଷୀଙ୍କୁ ଇ-କେୱାଇସି ପୂରଣ କରି ସମୟ ମଧ୍ୟରେ ପଞ୍ଜୀକରଣ କରିବାକୁ ଉତ୍ସାହିତ କରିଛନ୍ତି। ଚାଷୀମାନେ ମଧ୍ୟ ବିଧାୟକଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରି ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ବିଧାୟକ ମାଡ଼କାମି କହିଛନ୍ତି ଯେ ସେ ସମବାୟ ସମିତି ସହ ମିଳିତ ଭାବେ କାମ କରି ସରକାରୀ ଯୋଜନାଗୁଡ଼ିକ ଉପକୃତ ହେବା ଲାଗି ଚାଷୀମାନଙ୍କ ପର୍ଯ୍ୟନ୍ତ ପହଞ୍ଚେଇବେ ବୋଲି ପ୍ରକାଶ କରିଛନ୍ତି। ଏହି ପ୍ରଚେଷ୍ଟା ମାଲକାନଗିରି ଅଞ୍ଚଳର କୃଷି କ୍ଷେତ୍ରରେ ଏକ ନୂଆ ଦିଶାରେ ନେଇଯିବ ବୋଲି ଆଶା କରାଯାଉଛି। ଏହା ମାଲକାନଗିରି କୃଷକ ଏବଂ କୃଷି କ୍ଷେତ୍ରରେ ସମୃଦ୍ଧି ଆଣିବ।

## ପ୍ରେସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ୍):ବୌଦ୍ଧ ଜିଲ୍ଲା ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ରକ୍ତଭଣ୍ଡାର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସକାଳୁ ମା' ଭୈରବୀ ପୁରୁଣାକଟକ ପୀଠ ଠାରେ ପ୍ରେସ କ୍ଲବ ତଥା ବିଶ୍ୱର ମଙ୍ଗଳ କାମନାକରି ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା । ବୌଦ୍ଧ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବରେ ଡା. ଶାନ୍ତନୁ ମିଶ୍ର ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିବା ବେଳେ ରକ୍ତ ଭଣ୍ଡାରର ଡା ହେମ୍‌ରମ ଓ ଷ୍ଟାଫ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଜିଲ୍ଲାପ୍ରେସ କ୍ଲବର ସଭାପତି ପ୍ରଦୋଷ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ସହ ସମ୍ପାଦକ ଦୁର୍ଯ୍ୟୋଧନ ବିଶି, ସଦସ୍ୟ ଶମ୍ଭୁ ପ୍ରସାଦ ମିଶ୍ର, ଦିବ୍ୟ ପଟ୍ଟନାୟକ, ଉପସଭାପତି ସମରେଶ ମିଶ୍ର, ସଂଜୀବ ମହାକୁଳ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିବାବେଳେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ, ସାମ୍ବାଦିକ, ବ୍ୟବସାୟୀ,ତଥା ମହିଳା ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସମୁଦାୟ ୨୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅନୁବିଭାଗୀୟ ଅଧିକାରୀ ସମ୍ବର୍ଦ୍ଧନା ଦେଇଥିଲେ ।ସେହିପରି ସ୍ଥାନୀୟ ପ୍ରଦକ୍ଷିଣ ଗୃହ ସମିଳନୀ କକ୍ଷରେ ରାଜସ୍ୱ ଅଧିକାରୀ ମାନଙ୍କ ତରଫରୁ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରମେଶ କୁମାର ଜେନା,ଉପଜିଲ୍ଲାପାଳ ରାୟଗଡ,ଶ୍ରୀ ଚନ୍ଦ୍ର କାନ୍ତ ମାଝୀ, ପିଏ ଆଇଟିଡ଼ିଏ ରାୟଗଡ଼, ଜିଲ୍ଲାର ସମସ୍ତ ତହସିଲଦାର ଏବଂ ଅତିରକ୍ତ ତହସିଲଦାର, ଅନ୍ୟାନ୍ୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ରାୟଗଡ ଜିଲାରୁ ବଦଳି ହୋଇ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗର ନିର୍ଦ୍ଦେଶକ ହୋଇ ଯାଉଛନ୍ତି ଏବଂ ଶ୍ରୀମତୀ ପଟାୱରୀଙ୍କ ଜିଲ୍ଲାରେ ସ୍ୱଳ୍ପକାଳୀନ ସମୟ ଭିତରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେଉଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଜିଲ୍ଲା ମଣ୍ଡଳ ଶୁଭାରମ୍ଭ, ସ୍ୱାମୀତ୍ୱ ଯୋଜନାରେ ସହାୟତା ବଣ୍ଟନ କାର୍ଯ୍ୟକ୍ରମକୁ ସୁପରିଚାଳନା, ଆକାଂକ୍ଷା ଜିଲ୍ଲା ସର୍ବୋତ୍କୃଷ୍ଟ ସ୍ଥାନ ପାଇଁ ପୁରସ୍କୃତ ହେଇ ପାରିଥିଲା, ଆଦିମ ଜନଜାତି ଅଧ୍ୟୁଷିତ ସକଟା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ମାନ୍ୟତା ମିଳିପାରିଛି । ଜିଲ୍ଲାପାଳ ଜିଲ୍ଲାରେ କମ ସମୟ କାର୍ଯ୍ୟ କାଳରେ ତାଙ୍କ କାର୍ଯ୍ୟ ଶୈଳୀ,କାର୍ଯ୍ୟ ପରିଚାଳନା ଓ ଦିଗଦର୍ଶନ ଉପରେ ସମସ୍ତ କର୍ମଚାରୀ ଆଲୋକପାତ କରିଥିଲେ। ଜିଲ୍ଲାପାଳଙ୍କ ପରବର୍ତ୍ତୀ ଜୀବନ ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।

## ତେଲିବନ୍ଧ ଉଚ୍ଚବିଦ୍ୟାଳୟରେ ବନ ମହୋତ୍ସବ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ତେଲିବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ବନରକ୍ଷୀ ପ୍ରଶାନ୍ତ ସେଠି, ପଞ୍ଚସଖା ସେତୁର ସଭାପତି ସୁଶୀଲ କୁମାର ହୋତା ଯୋଗଦେଇ ବନ ମହୋତ୍ସବ ପାଳନ ସମ୍ପର୍କରେ କହିଥିଲେ ଏବଂ ବୃକ୍ଷରୋପଣର ଉପକାରୀତା ସମ୍ପର୍କରେ ବୁଝାଇଥିଲେ। କୃତୀଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ପ୍ରକୃତି ମିତ୍ର ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ ପାଇଥିବାରୁ ଇକୋ କ୍ଲବ ର ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କୁ କରତାଳି ଦେଇ ସ୍ୱାଗତ କରାଯାଇଥିଲା। ଶ୍ରୀ ପ୍ରଧାନ, ଶିକ୍ଷକ ପ୍ରଦୀପ୍ତ ଶର୍ମା, ସଞ୍ଜୟ ନାଏକ ପରିବେଶ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସହକାରୀ ଶିକ୍ଷକ ଶମ୍ଭୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।ଏହା ପରେ ବିଦ୍ୟାଳୟ ପରିସରରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ଚାରା ରୋପଣ କରାଯାଇଥିଲା ।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ■ ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ କନ୍‌ଭେନ୍‌ସନ୍

# ୧୬ରେ ରାଜରାସ୍ତାକୁ ଓହ୍ଲାଇବ ଶିକ୍ଷକ ସଂଘ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଶନିବାର ଦିନ ରାୟଗଡ଼ ବ୍ଲକର କୁଜା ସିଂ ରାଜୀବ ଗାନ୍ଧୀ ସ୍ମାରକ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଓଷ୍ଟା ସଂଘର ସଭାପତି ଶ୍ରୀ ପି ମେନକା ରାଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ କନଭେନସନ ଅନୁଷ୍ଠିତ ହୋଇଯାଇଛି। ଏହି କାନଭେନସନରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଜନପ୍ରତିନିଧି ଶିକ୍ଷାବିତ୍ ଅଂଶ ଗ୍ରହଣ କରିଥିଲେ ।ପ୍ରଥମ ପର୍ଯ୍ୟାୟରେ ମଞ୍ଚାସୀନ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଏହି କନଭେନସନରେ ମୁଖ୍ୟତଃ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀମାନଙ୍କୁ ପେନସନ ପ୍ରଦାନ,ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀ କରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ପ୍ରଦାନ, ପ୍ରତ୍ୟେକ ବର୍ଗର ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସୁବିଧା ସୁଯୋଗ ପ୍ରଦାନ ଏବଂ ଅବସର ବୟସ ସୀମାକୁ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଏଭଳି ଅନେକ ସମସ୍ୟା ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଉପସ୍ଥାପନ କରିବା ସହ ଆଗାମୀ ଅଗଷ୍ଟ ୨ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା ଓ ତାଙ୍କ ଜରିଆରେ ସରକାରଙ୍କୁ ଜଣାଇବା ଆଗାମୀ ୮ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ନିଜର ସମସ୍ୟା ଅବଗତ କରାଇବା ଓ ଅଗଷ୍ଟ ୧୬ ତାରିଖ ଦାବି ଦିବସରେ ଭୁବନେଶ୍ୱର ପିଏମ୍‌ଜି ଛକରେ ଜିଲ୍ଲାରୁ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବା ପାଇଁ ନିବେଦନ କରିଥିଲେ ।ପ୍ରଧାନ ଶିକ୍ଷକ ସୁଶାନ୍ତ ଚୌଧୁରୀ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌ଭି ୭୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଭ୍ୟନ୍ତରୀଣ କମିଟି ଗଠିତ



କାଲିମେଳା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମଭି ୭୯ ଡ଼ ଶ୍ୟାମା ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଡ଼ ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି ।କମିଟି ଗଠନ କରିବାର ଉଦ୍ଦେଶ୍ୟ କଲେଜ ପରିସର ମଧ୍ୟରେ ଶୃଙ୍ଖଳା, ନାରୀ ନିର୍ଯ୍ୟାତନା ଅଭିଯୋଗ, ଛାତ୍ରଛାତ୍ରୀଙ୍କ ସୁରକ୍ଷାର ଅଭିଯୋଗକୁ ତର୍ଜମା କରି ଏହାର ପ୍ରତିକାର କରିବା ପାଇଁ ଏହା ଗଠନ କରାଯାଇଛି । ଉକ୍ତ କମିଟିରେ ସଦସ୍ୟ ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରବି ଶଙ୍କର ବାରିକ, ସନ୍ତୋଷ କୁମାର ପ୍ରହରାଜ, ଲୋକନାଥ ମହାକୁଡ଼, ରିକି ବାରିକ, ରବୀନ୍ଦ୍ରନାଥ ମଲ୍ଲିକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲିପି ମାଢ଼ି, ରଶ୍ମିତା ବୈରାଗୀ, ରାକ୍ଷୀ ସନ୍ଧି, ଗଣେଶ ମାଡକାମୀ, ବବୁଲୁ ପାଙ୍ଗି, ଶଙ୍କର ସୋଡି ଆଦି ଉକ୍ତ କମିଟିରେ ରହି ଏହାର ତଦାରଖ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବେ ବୋଲି ଅଧ୍ୟକ୍ଷ ଡ଼ ମିଶ୍ର କହିଛନ୍ତି।

# ଜିଲ୍ଲା ଯୋଗାଣ ଅଫିସରେ ମିଲରଙ୍କ ଆତ୍ମାହୁତି ଉଦ୍ୟମ

- ଗତବର୍ଷର ୬୦ ଲକ୍ଷ ଟଙ୍କାର ବିଲ୍ ଅଟକ ଅଭିଯୋଗ
- ଧାନଚାଉଳ ସଂଗ୍ରହରେ ସହଯୋଗ କରୁଥିବା ମିଲର୍ସଙ୍କୁ ହଇରାଣ

ସଇଁତଳା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲାର ମିଲର୍ସଙ୍କ ସହଯୋଗରେ ସରକାର ପ୍ରତିବର୍ଷ ଖରିଫ ଓ ରବିଧାନ କିଣୁଥିବା ସହିତ ଚାଉଳ ସଂଗ୍ରହରେ ବରାବର ସରକାରୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ଚାଷୀ , ଶ୍ରମିକ ଓ ନିୟନ୍ତ୍ରିତ ବଜାର ବ୍ୟବସ୍ଥାକୁ ସମ୍ଭାଳି ଆସୁଥିବା ବେଳେ, ସରକାର ବା ପ୍ରଶାସନ ବା ଯୋଗାଣ ବିଭାଗ ପକ୍ଷରୁ ଏହି କୃଷିଭିତ୍ତିକ ଶିଳ୍ପକୁ ବିଭିନ୍ନ ଉପାୟରେ ନିରୁତ୍ସାହିତ କରିଆସୁଥିବା ଅଭିଯୋଗ ହେଉଛି । ଏପରିକି ଠିକ୍ ସମୟରେ ମିଲର୍ସଙ୍କ ବିଲ୍ ଦିଆଯିବାରେ ଜାଣିଶୁଣି ହଇରାଣ ହରକତ କରାଯାଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖାଯାଇଛି ଏବେ ବଲାଙ୍ଗୀର ଜିଲ୍ଲା ଯୋଗାଣ ବିଭାଗ ଅଫିସ୍ ଆଗରେ। ଜଣେ ମିଲର୍ ତାଙ୍କର ଲକ୍ଷାଧିକ ଟଙ୍କାର ବିଲ୍ ଅଟକ ରଖାଯିବାରୁ ଆତ୍ମାହୁତି ଉଦ୍ୟମ କରିବା ଘଟଣାରୁ ପ୍ରକାଶ ଯେ ବେଲପଡାର ଶଙ୍କର ଜୈନ ନାମକ ଜଣେ ମିଲର୍ ତାଙ୍କର ଗତ ୨୦୨୩- ୨୪ ବର୍ଷର ଚାଉଳର ୬୦ ଲକ୍ଷ ଟଙ୍କା କଷ୍ଟମ୍ ମିଲିଂ ମୂଲ୍ୟ ପାଇବାକୁ ବହୁବାର ଅଫିସକୁ ଧାଇଁ ଧାଇଁ ସମ୍ପୂର୍ଣ୍ଣ ନିରାଶ ହୋଇପଡିବାରୁ ରେଳଲାଇନ୍‌ରେ ଆତ୍ମହତ୍ୟା କରିବାକୁ ଦୌଡିଥିଲେ। ଅନ୍ୟ ମିଲର୍‌ମାନେ ତାଙ୍କୁ ଅଟକାଇ ନିବୃତ୍ତ କରିଥିଲେ । ଖବରପାଇ ସେଠାରେ ଗଣମାଧ୍ୟମର ପ୍ରତିନିଧି ମାନେ ଜମା ହୋଇଯିବାରୁ ସେ କାନ୍ଦି କାନ୍ଦି କିପରି ନାନାଦି ଆଳରେ ସିସିଏସଓ ଅଫିସରେ ତାଙ୍କ ବିଲ୍‌କୁ ଅଟକାଇ ହଇରାଣ କରାଯାଉଛି ତାହା ବଖାଣିଥିଲେ । 'ମନା କରୁ ନାହାଁନ୍ତି , ହଁ କରୁଛି । ଆଜି କରିଦେବି ' କହି ଦିନ ଗଡାଉଛନ୍ତି। ଚାରିମାସ ହେଲା । ସିସିଏସଓ ଓ ଏଏମ୍ ବୁଝି ନପାରି ପରସ୍ପର ଉପରେ ଦୋଷ ଲଦାଲଦି ହୋଇ କାଳେ ସେମାନଙ୍କ ଉପରେ ରିକଭରି ପଡିଯିବ, ଏଇ ଆଶଙ୍କାରେ ବିଲ୍ ପଠାଉନାହାଁନ୍ତି । କ'ଣ ଚାହୁଁଛନ୍ତି, ହେଲେ କହୁ ବି ନାହାଁନ୍ତି । ମୋ ସହିତ ଜିଲ୍ଲାର ୬୮ ଟି ମିଲ୍ କଷ୍ଟମ୍ ମିଲିଂ ପାଉଣା ପାଇ ନ ଥିବା ସେ କହିଛନ୍ତି । ଏହି ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇ ପଡିଛି। ଏ ସମ୍ପର୍କରେ ସିସିଏସ୍ ଓ ରଞ୍ଜନ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା । କିନ୍ତୁ ସେ କୌଣସି ଉତ୍ତର ଦେଇ ନଥିବା ବେଳେ, ଯୋଗାଣ ନିଗମର ଜଣେ ଅଧିକାରୀ ଗିରିଜା ଶଙ୍କର ବେହେରା ଏଥିରେ ବିଭାଗ ପକ୍ଷରୁ ସେମିତି କିଛି ଜାଣିଶୁଣି ପ୍ରତିବନ୍ଧକ ସୃଷ୍ଟି କରାଯାଉ ନ ଥିବା ଓ ମିଲର୍ସ ପାଉଣା ଦିଆଯିବାର ପ୍ରକ୍ରିୟା ଚାଲିଥିବା ସଫେଇ ଦେଇଛନ୍ତି । ତାଙ୍କ କହିବାନୁଯାୟୀ, ମୋଟ ୪୯ ମିଲର୍ସଙ୍କ ବକେୟା ବିଲ୍‌ରୁ ଇତିମଧ୍ୟରେ ୩୧ ଟି ଓ ଶଙ୍କର ଜୈନଙ୍କ ୬ ଟି ମିଲ୍ ରୁ ୩ ଟିର ପାଉଣା କ୍ଲିଅର୍ ହୋଇ ସାରିଲାଣି। ତାଙ୍କର ଅବଶିଷ୍ଟ ବାକି ୩ ଟି ମିଲ୍‌ରୁ ଗୋଟିଏ ଭୁବନେଶ୍ୱର ଏମ୍‌ଡି ସ୍ତରରେ ଓ ଦୁଇଟି ଏଠାରେ ଆବଶ୍ୟକ କାଗଜପତ୍ର ଦାଖଲ ହୋଇ ନଥିବାରୁ ଅଟକି ରହିଛି । ତେବେ ଶେଷରେ ତାଙ୍କୁ ଅଧାପାଉଣା ଦିଆଗଲାଣି ବୋଲି ଜଣାଯାଇଛି। ଏ ସମ୍ପର୍କରେ ଅନ୍ୟ ମିଲରଙ୍କୁ ପଚାରିବାରୁ ଅଯଥାଟାରେ ଆବଶ୍ୟକ ନଥିବା କାଗଜପତ୍ର ମରାଯାଇ ବିଲ୍ ଅଟକାଯାଉଥିବା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଏହାପୂର୍ବରୁ କିଛିମାସ ତଳେ ବଲାଙ୍ଗୀର ଓ ସୋନପୁର ସିସିଏସ୍ ଓ ଓ ବଲାଙ୍ଗୀର ଜିଲ୍ଲା ଯୋଗାଣ ଅଫିସର ଜଣେ ଅଧିକାରୀଙ୍କୁ ଭିଜିଲାନ୍ସ ଧରିଥିଲା । ଆହୁରିମଧ୍ୟ ଏଭଳି ମିଲର୍ସଙ୍କ ବିଲ୍ ଅଟକ ପଛରେ ରାଜନୈତିକ ଅଭିସନ୍ଧି ଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି ।

## କାରଗିଲ ବିଜୟ ଦିବସ ପାଳିତ

ବାଲିମେଳା (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଡ୍ରଗ ଲାଇନ ସ୍ଥିତ ସହିଦ ଗୋପୀ ପୂଜାରୀ ଯୁବ ସାଂସ୍କୃତିକ କ୍ଲବରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଏଚପିସିର ପରିଚାଳକ ବିଜୟ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶିକ୍ଷକ ପ୍ରଦ୍ୟୁମ୍ନ ସ୍ୱାଇଁ , ମନୋଜ ଖଣ୍ଡୁଆଳ, ବିରେନ ସାହୁଙ୍କ ସମେତ କ୍ଲବ ସଭାପତି ଟୁକୁଲୁ ପ୍ରଧାନ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ କାରଗିଲ ଯୁଦ୍ଧରେ ସହିଦ ହୋଇଥିବା ଯବାନମାନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସହିଦମାନଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ଏହାପରେ ସମସ୍ତ ଅତିଥି ସହିଦମାନଙ୍କ ବୀରତ୍ୱର ଗାଥା ବଖାଣିବା ସହିତ ଆସିଥିବା ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଦେଶଭକ୍ତି ଉପରେ ଆଲୋକପାତ କରାଇଥିଲେ। ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ତଥା କ୍ଲବର ପୂର୍ବତନ ସଭାପତି ଶେଷଦେବ ପ୍ରଧାନ। କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ କ୍ଲବର ସମସ୍ତ କର୍ମକର୍ତ୍ତା ।

## ବିଜେଡି ପକ୍ଷରୁ ଭାରତ୍ତୋଳନକାରୀ ହାଡ଼ିଆଙ୍କୁ ସମ୍ବର୍ଦ୍ଧନା



ଗୁଣୁପୁର(ଭାସ୍କର ନ୍ୟୁଜ୍): କୋଲକତାର ମେଦିନପୁରରେ ଚଳିତ ଜୁଲାଇ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାୟଗଡା ଖେଳାଳି ଗୋଟାଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଜିଲ୍ଲାର ଖେଳାଳିମାନେ ନିଜର ଦକ୍ଷତା ପ୍ରତିପାଦନ କରି ଜାତୀୟସ୍ତରରେ ଗୌରବ ଆଣିଥିବାରୁ ଜିଲ୍ଲାବାସୀଙ୍କ ମନରେ ଉତ୍କଣ୍ଠା ଭରି ଯାଇଥିଲା । ଜିଲ୍ଲାରୁ ୪ ଜଣ ପଦକ ହାସଲ କରିଥିବା ବେଳେ ଗୁଣୁପୁର ଅଞ୍ଚଳରୁ ହାଡିଆ ଶବର ବରିଷ୍ଠ ବର୍ଗରେ ୮୫ କିଲୋରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ନେପାଳରେ ହେଉଥିବା ଏସିଆ କପ୍ ଗେମ ପାଇଁ ମନୋନୀତ ହୋଇଥିବା ଖେଳାଳି ଜଣାଇଛନ୍ତି। ଏହି ଅବସରରେ ଗୁଣୁପୁର ଇଣ୍ଡୋରଷ୍ଟାଡିୟମ୍‌ରେ ଭାରଉତ୍ତୋଳନକାରୀ ଖେଳାଳି ହାଡିଆ ଶବରଙ୍କୁ ବିଜୁ ଜନତା ଦଳ ପକ୍ଷରୁ ଶନିବାର ଦିନ ସମ୍ବର୍ଦ୍ଧିତ କରାଯାଇଛି। କୃତି ପ୍ରତିଯୋଗିଙ୍କୁ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ବିଜେଡି ଦଳ ର ନେତା ରାମ ପଣ୍ଡା, ସାନ ବାଉରୀ,ମୁନାପାଣି,ସୁଜିତ୍ ଶତପଥୀ, ଗୁଣୁପୁର ପୌରପରିଷଦ କାଉନ୍ସିଲର ଭାଗିରଥି ବିଶୋଇ, ଶିବ ପାଢୀ, ବୈକୁଣ୍ଠ ଶ୍ରୀରାମ, ଏସ୍ ବାବା ପ୍ରସାଦ, ଜି ଶ୍ରୀନୁ, ମୀନା ରାଓ, ଦିପୁନୁ ଗଉଡ, ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ଓ ପ୍ଲାଷ୍ଟିକ୍ ବିରୋଧୀ ଅଭିଯାନରେ ଜିଲ୍ଲାପାଳ




ନୂଆପଡ଼ା (ଭାସ୍କର ନ୍ୟୁଜ୍): ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବିରୋଧରେ ଦୃଢ଼ ପଦକ୍ଷେପ ତଥା ପରିବେଶ ସୁରକ୍ଷା ପ୍ରତି ସଚେତନତା ଉଦ୍ଦେଶ୍ୟରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ବେଲଟୁକରି ଗ୍ରାମପଞ୍ଚାୟତରେ ଏକ ବୃହତ୍ ସ୍ୱଚ୍ଛତା ଓ ସଚେତନତା ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅଭିଯାନ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ। ୨୦୨୫ ଅକ୍ଟୋବର ୨ ସୁଦ୍ଧା ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଗଠନର ଲକ୍ଷ୍ୟ ସହ ଜନ ଭାଗିଦାରୀରେ ଅନୁଷ୍ଠିତ ହେଉଛି। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ସୁରମୀ ସୋରେନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଙ୍ଗୀତା ପାତ୍ର, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ନିର୍ଦ୍ଦେଶକ ସ୍ୱୟଂପ୍ରଭା ସିଂହ, ଜିଲ୍ଲା ସ୍ୱଚ୍ଛତା ସହାୟକ ଅନିଲ କୁମାର ଲେଙ୍କା, ବି.ଡି.ଓ ରୋହିତ କୁମାର ଭୋଇ, ବି.ଆର୍.ସି କମଲ ସାହୁ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଅଭିଯାନର ଆରମ୍ଭ ବେଲଟୁକରିର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା କରାଯାଇଥିଲା। ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନଙ୍କୁ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପ୍ଲାଷ୍ଟିକ୍ ବ୍ୟବହାରକୁ କମ୍ କରିବା ଦିଗରେ ସଚେତନ କରାଗଲା। ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷେଧ ଅଭିଯାନରେ ଯୁବପିଢିଙ୍କ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ପରେ ବେଲଟୁକରି ବଜାର ଅଞ୍ଚଳରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ସାପ୍ତାହିକ ହାଟ ବେଳେ ବ୍ୟବସାୟୀମାନେ ଓ ଦୋକାନୀମାନେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ହାନିକାରକ ପ୍ରଭାବ ବିଷୟରେ ସଚେତନ ହେଲେ। ଜିଲ୍ଲାପାଳ ନିଜେ ବଜାରକୁ ଯାଇ ସମାଜର ସମସ୍ତ ଶ୍ରେଣୀର ଲୋକଙ୍କ ସହ କଥାବାର୍ତ୍ତା କରି ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର ପ୍ରତି ସଚେତନ କରିଥିଲେ ।ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଏହାର ନିବାରଣ ଉପରେ ଶିକ୍ଷା ଓ ସଚେତନତା ବୃଦ୍ଧି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।ଏହି ଅଭିଯାନ ସମୟରେ ଅନ୍ୟୁନ ୩୮୫ କି.ଗ୍ରା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ହୋଇଛି, ଯାହା ଗ୍ରାମବାସୀଙ୍କ ସଚେତନତା ଏବଂ ସକ୍ରିୟ ଅଂଶଗ୍ରହଣକୁ ପ୍ରମାଣିତ କରିଛି। ଏହି ଉଦ୍ୟମ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନା ଓ ସ୍ୱଚ୍ଛତା ଟିମ୍ ସହିତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରେ ସଫଳ ଭାବରେ ଅନୁଷ୍ଠିତ ହୋଇଛି। ଏହି ଅଭିଯାନ ନୂଆପଡ଼ାକୁ ଏକ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା କରିବା ଲକ୍ଷ୍ୟ ଦିଗରେ ଆଉ ପାଦେ ଆଗକୁ ନେଇଛି ।

# ଗ୍ରାମ ବିକ୍ରିରେ ଜିଲ୍ଲା ପ୍ରଶାସନର ସଂପୃକ୍ତି ଅଭିଯୋଗ ଆଣିଲେ ବିଧାୟକ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଅନ୍ତର୍ଗତ କତଲ ଇଠା ପଞ୍ଚାୟତର ଡାକ୍ତରବାଞ୍ଝିରୀ ଗ୍ରାମ ବିକ୍ରି ନେଇ ପୂର୍ବତନ ବିଧାୟକ ନାରାୟଣ ରାଓ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୪୨ଏକର ଜମି ବିକ୍ରିରେ ଜିଲ୍ଲାପ୍ରଶାସନର ସଂପୃକ୍ତ ରହିଛି । ଖାତା ନଂ୫୧ର ୪୨,୯୭୪୩ଏକର ଜମି ବିକ୍ରି ହୋଇଛି। ଏଥିରେ ୧୬୨ଟି ପ୍ଲଟ୍‌ରେ ୫୦ ଘର ଓ ୧୬୬ ପ୍ଲଟ୍‌ରେ ବିଦ୍ୟାଳୟ ଅଛି । ଏହି ୫୦ ଘର ବାସିନ୍ଦାମାନେ ଆଦିବାସୀ ଅଟନ୍ତି । ଏହି ବାସିନ୍ଦାମାନଙ୍କୁ ବିଦ୍ୟୁତ୍ ସହ ପାନୀୟ ଜଳ ଯୋଗାଣ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଜମିମାଲିକ ମାଟୁର ଚନ୍ଦ୍ରଶେଖର ରାଓ ଏକା ନୁହନ୍ତି ତାଙ୍କର ୧୦ଜଣ ଭାଇ ଭଉଣୀ ଅଛନ୍ତି । ସେମାନଙ୍କ ବିନା ଦସ୍ତଖତରେ କିପରି ହେଲା । ପୂର୍ବତନ ଜିଲ୍ଲାପାଳ ବିଜୟ କୁମାର ଦାଶ ନିଜେ ରେଜିଷ୍ଟ୍ରେସନରେ ଉପସ୍ଥିତ ରହି ଏହି ଗ୍ରାମକୁ ବିକ୍ରି ହୋଇଛି ବୋଲି ତଥ୍ୟ ପ୍ରମାଣ ସହ ରାଓ ଅଭିଯୋଗ କରିଛନ୍ତି। ଚନ୍ଦ୍ରଶେଖର ବାର୍ଦ୍ଧକ୍ୟ ଅବସ୍ଥା ରେ ଅଛନ୍ତି । ଅନ୍ୟ ପଟେ ଏହି ଗ୍ରାମ ଜମିର ରେଜିଷ୍ଟ୍ରେସନ ପୂର୍ବରୁ ଟ୍ରେସିଂ ମ୍ୟାପ୍‌ରେ ଆର୍‌ଆଇଙ୍କ କିପରି ଦସ୍ତଖତ ହୋଇନାହିଁ। ତାକୁ ଅନ୍ୟତ୍ର ବଦଳି କରାଗଲା । ମ୍ୟାପକୁ ତହସିଲଦାର ପ୍ରସ୍ତୁତ କରିଦେବା କଥା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବତନ ଜିଲ୍ଲାପାଳଙ୍କ ସମୟରେ ବିଭିନ୍ନ ଦୁର୍ନୀତି ହୋଇଛି । ଏହା ପର୍ଯ୍ୟାୟକ୍ରମରେ ଖୁଲାସା କରିବେ ବୋଲି ସେ କହିଛନ୍ତି । ଏହି ଗ୍ରାମର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଚାନ୍ଦବାଲି(ଭାସ୍କର ନ୍ୟୁଜ): ଅସହାୟ ଅବସ୍ଥାରେ ବୃଦ୍ଧ ବାପା, ମା'ଙ୍କ ସହିତ ଅସହାୟ ଅବସ୍ଥାରେ ତିନି ଭିନ୍ନକ୍ଷମ ପିଲା ଛୁଆ। ଯାହାକି ବର୍ତ୍ତମାନ ଦୁନିଆରେ ପରିବାରର ବାପା ମା'ଙ୍କ ବୟସର ଶେଷ ଅବସ୍ଥାରେ ପୋଷିବାର କ୍ଷମତା ପୁଅ ଏବଂ ଝିଅଙ୍କ ନିକଟରେ ବାପା ମା'ଙ୍କ ଆଶା ବାନ୍ଧି ଥାଏ। କିନ୍ତୁ ତାହା ଆଜି ବୟସ୍କ ବାପ ମା'ଙ୍କ ନିକଟରେ ପୁରା ଭିନ୍ନ। ଏମାନଙ୍କ ପାଇଁ ବୁଢ଼ା ବାପଟି ଡଙ୍ଗାରେ ଜାଲ ଟାଣି ମାଛ ଧରି ବିକ୍ରି କରି କିଛି ଅର୍ଥ ପୋଷଣ କରୁଥିଲେ । କିନ୍ତୁ ଏବେ ବୟସର ଅପରାହ୍ନରେ ପାରାଲିସି ପରେ ବୃଦ୍ଧ ବାପା ଆଉ ପୂର୍ବ ପରି କାର୍ଯ୍ୟ କରି ପାରୁ ନାହାଁନ୍ତି। ଏବେ ମା'ଙ୍କ କାନକୁ ମଧ ଭଲ ଶୁଭୁ ନାହିଁ। ଉଭୟ ବାପା ମା ମଧ ଭଲଭାବରେ କଥା ବାର୍ତ୍ତା କରି ପାରୁ ନାହାଁନ୍ତି। ସରକାରଙ୍କ ଠାରୁ ଯେଉଁ ଚାଉଳ ଓ ଭତ୍ତା ପାଆନ୍ତି ସେଥିରୁ ବହୁ କଷ୍ଟରେ ଚଳି ଆସୁଛନ୍ତି ଭିନ୍ନକ୍ଷମଙ୍କ ପରିବାର। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧିନସ୍ଥ ଚାନ୍ଦବାଲି ଏନ୍ ଏ ସି ନୟା ଧାମରା ଗାଁର।ଏହି ଭଙ୍ଗା କୁଡ଼ିଆରେ ରହୁଛନ୍ତି ୮୦ ବର୍ଷର ବୃଦ୍ଧ ଫଟିକ ମଣ୍ଡଳ ଏବଂ ତାଙ୍କର ପତ୍ନୀ ସହ ତିନି ଭିନ୍ନକ୍ଷମ ପିଲା। ସରକାରୀ ସ୍ତରରେ ମାସକୁ ହଜାର ହଜାର ଟଙ୍କା ବାପା ମା ପାଉଥିବା ବେଳେ ଏମାନେ ପାଉଛନ୍ତି ୧୨ ଶହ ଟଙ୍କା।ପରିବାରରେ ପାଞ୍ଚ ପ୍ରାଣୀଙ୍କୁ ମିଳୁଛି ୨୫ କେଜି ଚାଉଳ। ଏତକରେ ମଧ ପେଟକୁ ଅଣ୍ଟୁ ନାହିଁ, ଦିନେ ଚୁଲି ଜଳିଲେ ଆଉ ଦୁଇ ଓଳି ଉପାସ। ସରକାରୀ ସ୍ତରରେ ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ ପରେ ମଧ କୋଠା ଘର ବଦଳରେ ରହୁଛନ୍ତି ଏହି ଝାଟିମାଟି ନୂଆଣିଆଁ ଚାଳ ଘରେ। ବର୍ଷା ହେଉ କି ବାତ୍ୟା ହେଉ ଜୀବନ ବିକଳରେ ପଲିଥିନ ବିଛା ଚାଳ ଛପର ଘରେ ଭୟରେ ଜୀବନ ବିତାଉଛନ୍ତି।

### ଆଦିବାସୀଙ୍କ ନିଆରା ଉଆଁସ ପରବ

## ଚାଷ ଜମିରେ ପୋତନ୍ତି କେନ୍ଦୁ ଡାଳ



ମାଲକାନଗିରି(ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ଥାନୀୟ ଆଦିବାସିଙ୍କ ୧୨ ମାସରେ ୨୨ପର୍ବ ପାଳନ କରିଥାନ୍ତି ।ସେଥିମଧ୍ୟରୁ ଉଆଁସ ପରବ ଅନ୍ୟତମ। ଜମିରେ ଭଲ ଫସଲ ଅମଳ ହେବା ଫସଲରେ ରୋଗପୋକ ନ ଲାଗିବା, ଫସଲକୁ ବନ୍ୟଜନ୍ତୁ ଦାଉରୁ ରକ୍ଷା କରିବା, ପରିବାରରେ ମଙ୍ଗଳ ହେବା ପାଇଁ ଆଦିବାସୀଙ୍କ ନିଆରା ଉଆଂସ ପର୍ବ ପାଳନ ହୋଇଥାଏ । ଏହା ଏକ କୃଷିଭିତ୍ତିକ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପର୍ବ ସାଧାରଣତ ଶ୍ରାବଣ ମାସ ଚିତା ଲାଗି ଆମାବାସ୍ୟାଠାରୁ ୭ଦିନ ଧରି ବିଭିନ୍ନ ଗ୍ରାମରେ ପାଳନ ହୋଇଥାଏ । ଜମିରେ ବୁଣା ଯାଇଥିବା ଧାନ ବିହନଗୁଡ଼ିକ ଗଛ ହୋଇ କଅଁଳିଆପତ୍ର ହୋଇଥିବାରୁ ସହଜରେ ଧାନ ଗଛରେ ରୋଗ ପୋକ ଲାଗି ଯାଇଥାଏ । ଆଦିବାସୀ ଅଞ୍ଚଳର ଚାଷୀମାନେ ପାରମ୍ପରିକ ଭାବେ ଚାଷ ଜମିରେ କେନ୍ଦୁ ଡାଳ ପୋତି ହଳଦୀପତ୍ରରେ ଭୋଗ ଲଗାଇ ଦୀପ, ଧୂପ ଦେଇ ଧାନଗଛକୁ ପୂଜା କରିବା ସହ ମାଟି ମା'ଙ୍କୁ ମଧ ପୂଜା କରିଥାନ୍ତି ।ମାଟି ଦେବତାଙ୍କ ସହ କୁଳଦେବତା, ଗ୍ରାମଦେବୀଙ୍କୁ ପୂଜା କରିଥାନ୍ତି । ଏଥିସହ ଗୋରୁଗାଈ, ଛେଳିମେଣ୍ଢା ଆଦି ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଗାଧୋଇ ସଫାସୁତରା କରି, ଗୁଡ଼ ଚକୁଳି ଖାଇବାକୁ ଦେଇଥାନ୍ତି ଓ ନଦୀ ପୋଖରୀରେ ବଳକା ଚକୁଳି ପିଠା ପକାଇ ଦେଇଥାନ୍ତି । ମାଲକାନଗିରି ଜିଲ୍ଲା ସଦରର ତଳସାହି, ପ୍ରଧାନୀଗୁଡ଼ା ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଚାଲାଣଗୁଡା, ତାଣ୍ଡିକି ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଚାଷୀମାନେ ଆଡ଼ମ୍ବର ସହ ଏହି ପର୍ବ ପାଳିଛନ୍ତି । ଚାଷୀମାନେ ଜଙ୍ଗଲକୁ ଯାଇ କେନ୍ଦୁଡାଳ, ଶତାବରୀ, ଦଶମୂଳ କନ୍ଦ ଆଦି ଔଷଧୀୟ ଗୁଳ୍ମଲତା ସଂଗ୍ରହ କରି ନିଜ ବାଡିରୁ ହଳଦୀପତ୍ର ନେଇ ଜମିକୁ ନିଜ ପରିବାରଙ୍କ ସହ ଯାଇଥାନ୍ତି । ଜମି ମଝିରେ ପ୍ରଥମେ କେନ୍ଦୁଡାଳ ପୋତି ଗଛ ନିକଟରେ କ୍ଷୀର, ଦେଓବାଡ଼ନି, ରସନା, ଦିଉନା, ବାତ୍ରି, ଭେଲୁଆ, କେନ୍ଦୁଗଛର ଡାଳ ଆଣି ପୂଜାର୍ଚ୍ଚନା ପରେ ନିଜ ବିଲରେ ପୋତିଥିଲେ। ଏହି ପର୍ବ କେଉଁ ଆବାହନ କାଳରୁ ପୂର୍ବପୁରୁଷ ଅମଳରୁ ପାଳିତ ହୋଇଆସୁଛି । ଏହା ମୁଖ୍ୟତଃ କୃଷି ଭିତ୍ତିକ ପର୍ବ, ଜମିରେ ଭଲ ଫସଲ ଅମଳ ହେବା, ବନ୍ୟଜନ୍ତୁ ଫସଲ ଉପରେ କୁଦୃଷ୍ଟି ନ ପକାଇବା, ରୋଗ ପୋକ ନ ହେବା, ପରିବାରରେ ମଙ୍ଗଳ ହେବା ପାଇଁ ଏହି ଆମାସ ବା ଉଆଁସୀ ପର୍ବ ପାଳନ ହୋଇଥାଏ ବୋଲି ମାଲକାନଗିରିର ଗୋଇପର୍ବତ ନିକଟ ବହୁ ପୁରାତନ ଗାଁ ପୋଡାପଦରର କିଛି ଚାଷୀ କହିଛନ୍ତି।



ସିଆରପିଏଫ୍‌ର ୮୭ତମ ରେଜିଂ ଦିବସରେ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସହିଦ ମେମୋରିଆଲରେ ସହିଦମାନଙ୍କୁ ଶଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

### ଯେଉଁପରି ଭାବେ ମେଟ୍ରୋ ହେଉଥିଲା, ତାହା ସଫଳ ହୋଇନଥାନ୍ତା: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମେଟ୍ରୋ ପ୍ରକଳ୍ପ ବାବଦରେ ବିଜେଡିର ଅଭିଯୋଗକୁ ଖଣ୍ଡନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେଉଁପରି ଭାବେ ମେଟ୍ରୋ ହେଉଥିଲା, ତାହା ସଫଳ ହୋଇ ନ ଥାନ୍ତା। ମୋହନ ସରକାର ତର୍ଜମା କରି ଲୋକାଭିମୁଖୀ ବ୍ୟବସ୍ଥା କରୁଛନ୍ତି। ଆନ୍ତଃମନ୍ତ୍ରିସ୍ତରୀୟ କମିଟି ହୋଇଛି ।ମୁଖ୍ୟମନ୍ତ୍ରୀ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ଦାୟିତ୍ୱ ଦେଇଛନ୍ତି। ବିଭିନ୍ନ ରାଜ୍ୟ ଗସ୍ତ କରି କମିଟି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ କରିବେ। ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ମେଟ୍ରୋର ଆବଶ୍ୟକତା ଅଛି। ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ବଢ଼ିଛି। ଏହାର ସମାଧାନ ପାଇଁ ନିଷ୍ପତି ହୋଇଛି। କଳ୍ପନା ପାଖରୁ ନନ୍ଦନକାନନକୁ ଯାଉଥିବା ରାସ୍ତାକୁ ପ୍ରଥମେ ଓଭର ବ୍ରିଜ ନିର୍ମାଣ ହେବ। ବୃହତ ଭୁବନେଶ୍ୱର ପାଇଁ ଏହି ଯୋଜନା ହୋଇଛି। ଏହା ପରେ ମେଟ୍ରୋ ନିଷ୍ପତି ହେବ। ତର ତର ହେଲେ ହେବ ନାହିଁ। ଏହା ଦୀର୍ଘ ସ୍ଥାୟୀ। ସେଥିପାଇଁ ପୁରା ଟିମ୍ ଲାଗିଛି। ଲୋକଙ୍କ ଉପଯୋଗୀ ହେବ ସେ ନିଷ୍ପତି କମିଟି ନେବ ବୋଲି ମନ୍ତ୍ରୀ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ପରିବେଶ ସଚେତନତା ମନ୍ତବ୍ୟ

## ଓଡ଼ିଶାର ଗରିମା ବୃଦ୍ଧି କରିଛି: ଧର୍ମେନ୍ଦ୍ର



ଭୁବନେଶ୍ୱର (ଭାସ୍କର ନ୍ୟୁଜ): 'ମନ୍ କୀ ବାତ୍ କାର୍ଯ୍ୟକ୍ରମ'ର ୧୨୪ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୟୂରଭଞ୍ଜରେ ଜନଜାତି ମହିଳାଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ଏବଂ କେନ୍ଦୁଝର ଜିଲ୍ଲାରେ 'ରାଧା କୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ'ର ସଦସ୍ୟମାନଙ୍କ ଦ୍ୱାରା ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ମନ୍ କୀ ବାତ୍ ଦେଶର ସାମୂହିକ ସଫଳତା ଏବଂ ଆମ ନାଗରିକଙ୍କ ପ୍ରେରଣାଦାୟୀ ସଫଳତାକୁ ଲୋକଲୋଚନକୁ ଆଣିବାର ଏକ ବୃହତ ମଞ୍ଚ ଭାବରେ ବିକଶିତ ହୋଇଛି । ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ଜନଜାତି ମହିଳାମାନଙ୍କ ଦ୍ୱାରା ବୁଣାଯାଉଥିବା ସଫଳତାର କାହାଣୀ ବିଷୟରେ କହିଥିଲେ । ଏହା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ସମଗ୍ର ଓଡ଼ିଶା ଏବଂ ଜନଜାତି ସମୁଦାୟର ନାରୀଶକ୍ତିଙ୍କ କାର୍ଯ୍ୟକୁ ଲୋକଲୋଚନକୁ ଆସିପାରିଛି । ଏହି ମହିଳାମାନେ କେବଳ ଶାଢୀ ତିଆରି କରୁନାହାନ୍ତି ବରଂ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଆତ୍ମନିର୍ଭର ହେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ତଥା ଜାତୀୟ ମଞ୍ଚରେ ସ୍ୱୀକୃତି ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣର ନୂତନ ଅଧ୍ୟାୟ ଲେଖିବାକୁ ପ୍ରେରଣା ଦେବ । କେନ୍ଦୁଝର ଜିଲ୍ଲାରେ 'ରାଧା କୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ'ର ସଦସ୍ୟମାନଙ୍କ ଦ୍ୱାରା ଅଭିନବ ଉପାୟରେ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଭଜନ-କୀର୍ତ୍ତନ-ଲୋକଗୀତ ଦ୍ୱାରା ବନାଗ୍ନି ସମ୍ପର୍କରେ ସଚେତନତାକୁ ପ୍ରୋତ୍ସାହିତ କରିବା ଏକ ଅନନ୍ୟ ଏବଂ ପ୍ରେରଣାଦାୟୀ ପ୍ରୟାସ । ଏହି ସଂକୀର୍ତ୍ତନ ମଣ୍ଡଳୀ ପ୍ରମିଳା ପ୍ରଧାନଙ୍କ ପ୍ରେରଣାରେ ଗାଁ ଗାଁ ବୁଲି ଗୀତ ସାହାଯ୍ୟରେ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି । ପ୍ରମିଳାଙ୍କ ପରି ଲୋକମାନେ ହିଁ ପ୍ରକୃତରେ ସମାଜ ପାଇଁ ଏକ ପ୍ରେରଣା । ଏହାବ୍ୟତୀତ ଭାରତର ବୌଦ୍ଧିକ ଐତିହ୍ୟ, କାଳଜୟୀ ଜ୍ଞାନ ଏବଂ ଜ୍ଞାନ ପରମ୍ପରା ବିଶ୍ୱକୁ ସମୃଦ୍ଧ କରିଛି ଏବଂ ମାନବତାର ଭବିଷ୍ୟତକୁ ଆଲୋକିତ କରିବାର ସମ୍ଭାବନା ରଖିଛି । ଆମ ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ଜ୍ଞାନ ଭାରତମ୍ ମିଶନ ଭାରତର ବୌଦ୍ଧିକ ଐତିହ୍ୟକୁ ସୁରକ୍ଷା ଦେବା ସହିତ ଏହାର ବ୍ୟାପକ ସୁଗମତା ଏବଂ ଶୈକ୍ଷିକ ସମନ୍ୱୟକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଜ୍ଞାନ ଭାରତମ୍ ମିଶନ ବିଷୟରେ କହିଥିଲେ । ଏହି ମିଶନ ଭାରତର ସମୃଦ୍ଧ ଐତିହ୍ୟକୁ ଉପଯୋଗ କରି ଦେଶକୁ ଏକ ବିଶ୍ୱ ଜ୍ଞାନ ସୁପର ପାୱାର କରିବାରେ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ ।

### ପୋଲ ଉପରେ ବିପଦସଂକୁଳ ଗର୍ତ୍ତ

କନ୍ଧମାଳ(ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ମନମୁଣ୍ଡା ତେଲନଦୀ ପୋଲ ଉପରେ ଏକାଧିକ ବିରାଟ ଗାତ ବିପଦସଂକୁଳ ଅବସ୍ଥାରେ ରହିଛି । ଏଥିପାଇଁ ପ୍ରତିଦିନ ଦୁର୍ଘଟଣା ମାନ ଘଟୁଛି। ଗଣମାଧମରେ ଖବର ପ୍ରକାଶିତ ହେଲା ପରେ ବିଭାଗ ପକ୍ଷରୁ କିଛି ପିଚୁ ଓ ଚିପ୍ସ ପକାଇ ଗାତଗୁଡ଼ିକୁ ମରାମତି କରାଯାଉଛି। ହେଲେ ପୁଣି କିଛିଦିନ ପରେ ଉକ୍ତ ଗାତରୁ ଚିପ୍ସ ବାହାରି ପୁନର୍ବାର ଗାତ ସୃଷ୍ଟି ହେଉଛି। ନିମ୍ନମାନର ମରାମତି କାର୍ଯ୍ୟ ଯୋଗୁଁ ବାରମ୍ବାର ଏପରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପୋଲ ଉପରେ ଦୈନନ୍ଦିନ ହଜାର ହଜାର ଯାନବାହନ ଚଳାଚଳ କରୁଛି। ଅନେକ ସମୟରେ ଯାନବାହନ ଚଳାଚଳ ବେଳେ ଏହି ଗାତ ଉପରେ ପଡ଼ି ଅନେକ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ବିଭାଗୀୟ ଅଧିକାରୀ ଏହାକୁ ଦୃଷ୍ଟିରେ ରଖି ସଠିକ ଢଙ୍ଗରେ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପିଏମ୍‌ଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର କଥା ଉଠାଇ ସମଗ୍ର ଓଡ଼ିଶା ଏବଂ ଜନଜାତି ସମୁଦାୟର କାର୍ଯ୍ୟକୁ ଲୋକଲୋଚନକୁ ଆଣିଥିବାରୁ ପିଏମ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମନ୍ କୀ ବାତ କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ଜନଜାତି ମହିଳାଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ଉପରେ ଆଲୋକପାତ କରି ଆନ୍ତର୍ଜାତିକ ସ୍ତରରେ ସମଗ୍ର ଓଡ଼ିଶା ଏବଂ ଜନଜାତି ସମୁଦାୟର ନାରୀଶକ୍ତିଙ୍କ କାର୍ଯ୍ୟକୁ ଲୋକଲୋଚନକୁ ଆଣିଥିବାରୁ ଧନ୍ୟବାଦ । ଏହି ମହିଳାମାନେ କେବଳ ଶାଢୀ ତିଆରି କରୁନାହାନ୍ତି ବରଂ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଆତ୍ମନିର୍ଭର ହେଉଛନ୍ତି ।

## ଟିପିସିଓଡିଏଲ ପକ୍ଷରୁ ବନ ମହୋତ୍ସବ ପାଳିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍ ?) ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରାଯାଇଛି । ବୃକ୍ଷରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୋଷ୍ଠୀ ସଦସ୍ୟମାନଙ୍କୁ ବୃକ୍ଷରୋପଣ ଅଭିଯାନରେ ସାମିଲ ହେବା ପାଇଁ ଉତ୍ସାହିତ କରାଯିବା ସହ ବୃକ୍ଷର ସୁରକ୍ଷା ଓ ଯତ୍ନ ନେବା ପାଇଁ ଉତ୍ସାହିତ କରାଯାଇଥିଲା। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ଏକ ଉନ୍ନତ ଭବିଷ୍ୟତ ପାଇଁ ପରିବେଶର ନିରନ୍ତରତା ସୁନିଶ୍ଚିତ କରିବାରେ ଜଙ୍ଗଲ ଏବଂ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ପାରମ୍ପରିକ ଲୋକ କଳାକୃତି ସମାଜକୁ ନୂତନ ଦିଗ ଦେବାର ଶକ୍ତି ରଖିଛି: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ବର୍ଷରେ କିଛି ଅସମ୍ଭବ ନୁହେଁ । ଭାରତ ବର୍ଷରେ ଯେଉଁ ଜ୍ଞାନ ଓ ଅନୁଭବର ଶକ୍ତି ରହିଛି, ତାର ଶତ ପ୍ରତିଶତ ବିନିଯୋଗ ହେବା ଉଚିତ। ଦିନ ପ୍ରତିଦିନର ଶାସନ ସଂପର୍କିତ ବିଷୟଗୁଡିକୁ ସାଧାରଣ ଲୋକଙ୍କ ଭିତରେ ଆଲୋଚନା କରିବା ଉଦ୍ଦେଶ୍ୟରେ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମନ୍ କି ବାତ୍ ବାସ୍ତବରେ ପ୍ରେରଣାଦାୟୀ ଓ ଉତ୍ସାହିତ କାର୍ଯ୍ୟକ୍ରମ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ମୟୁରଭଞ୍ଜରେ ୬୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାମାନେ ସାନ୍ତାଳୀ ଶାଢୀକୁ ପୁଣି ଥରେ ଜୀବନ୍ତ କରିଥିବାର ସଫଳ ଗାଥା ଦେଖିବାକୁ ମିଳିଛି। ଏବେ ଏହି ମହିଳାମାନେ ପ୍ରତି ମାସରେ ହଜାର ହଜାର ଟଙ୍କା ଆୟ କରୁଛନ୍ତି ।ସେମାନେ କେବଳ ବସ୍ତ୍ର ବୁଣୁ ନାହାନ୍ତି, ବରଂ ନିଜ ଅସ୍ତିତ୍ୱ ଓ ପରିଚୟକୁ ନୂଆ ଆକାର ଦେଉଛନ୍ତି ବୋଲି ଶ୍ରୀ ମୋଦି ନିଜ ବାର୍ତାରେ କହିଛନ୍ତି । ସେହିପରି କେନ୍ଦୁଝରରେ କୀର୍ତନ ମାଧ୍ୟମରେ ଜଙ୍ଗଲ ଅଗ୍ନିକାଣ୍ଡ ବିଷୟରେ ସଚେତନତା ଭଳି ଅଦ୍ଭୁତ ପଦକ୍ଷେପ ଦେଖାଯାଉଛି । ଭକ୍ତି ସଙ୍ଗୀତ ପରିବେଷଣ କରି ପ୍ରମିଳା ପ୍ରଧାନଙ୍କ ନେତୃତ୍ୱରେ ରାଧାକୃଷ୍ଣ ସଂକୀର୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରୁଛନ୍ତି । ଜଙ୍ଗଲ ଅଗ୍ନିକାଣ୍ଡର ଭୟାଭୟତା ସଂପର୍କରେ ଓ ଜଙ୍ଗଲ ପରିବେଶ ସୁରକ୍ଷା ପାଇଁ ଗାଁ ଗାଁ ବୁଲି ପାରଂପାରିକ ଗୀତଗୁଡିକୁ ନୂତନ ଶବ୍ଦ ଓ ବାର୍ତା ସହିତ କୀର୍ତନ ଜରିଆରେ ଲୋକଙ୍କୁ ବୁଝାଉଛନ୍ତି । ପାରପାଂରିକ ଲୋକ କଳାକୃତି କେବଳ ଅତୀତର ଅଂଶ ନୁହେଁ, ବରଂ ସମାଜକୁ ଏକ ନୂତନ ଦିଗ ଦେବାର ଶକ୍ତି ରଖିଛି । ଏଥି ସହ କ୍ରୀଡା, ମହାକାଶ ବିଜ୍ଞାନ, ଚାଷ ଆଦି କ୍ଷେତ୍ରରେ ରହିଥିବା ଭାରତ ବର୍ଷର ସମ୍ଭାବନାକୁ ମଧ ଦୋହରାଇଛନ୍ତି । ଏହା ନିଶ୍ଚିତ ଭାବେ 'ବିକଶିତ ଓଡିଶା, ବିକଶିତ ଭାରତ' ଗଠନ ଦିଗରେ ପାହାଚ ସଦୃଶ ବୋଲି ଶ୍ରୀ ସାମଲ କହିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ରବିବାର ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଳାଶପଲ୍ଲିସ୍ଥିତ ୧୧୪ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୧୮୯ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଉତ୍ତର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଶୈଳଶ୍ରୀ ବିହାରସ୍ଥିତ ୬୭ ନମ୍ବର ବୁଥରେ ସ୍ଥାନୀୟ କାର୍ଯ୍ୟକର୍ତା ଏବଂ ବାସିନ୍ଦାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ । ସେହିଭଳି ଅଜି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରମୁଖ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ବୁଥରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ ।



ନୂଆଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା

## ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦ ପକ୍ଷରୁ ମହାନ୍ ବୈଜ୍ଞାନିକ, ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ସ୍ୱର୍ଗତ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଚେତନା ସ୍ୱତନ୍ତ୍ର ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ସ୍ମୃତି ତ୍ରିପାଠୀ ଏବଂ ଅନ୍ୟମାନଙ୍କ ଦ୍ୱାରା ଡ଼ଃ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ଼ଃ ବସନ୍ତ କୁମାର କର, କୁଏଲସ୍ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚନ୍ଦ୍ର ପତି,ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦର ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଚିତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଡ଼ଃ ରାମ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦେଶପ୍ରେମ ଓ ଭାରତକୁ ବିକାଶ ପଥରେ ନେବାରେ ତାଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଡକ୍ଟର କଲାମ ବିଜ୍ଞାନ ଏବଂ ସାର୍ବଜନୀନ ଜୀବନ କ୍ଷେତ୍ରରେ ଏକ ଅଲିଭା ଛାପ ଛାଡି ଯାଇଛନ୍ତି। ତାଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଆଜିର ସମାଜ ପାଇଁ ପ୍ରେରଣା ଉତ୍ସ ହୋଇ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ଡ଼ଃ କଲାମଙ୍କ ସହ ଅଙ୍ଗାଙ୍ଗୀ ଭାବେ ପରିଚିତ ବୈଜ୍ଞାନିକ କାର୍ତିକ ସ୍ୱାଇଁ, ଡଃ ଜ୍ଞାନଦେବ ମହାରଣା,ଏନ ସି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଲଲାଟେନ୍ଦୁ କର ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚେତନା ଅନୁଷ୍ଠାନର ଭିନ୍ନକ୍ଷମ ଛାତ୍ରଛାତ୍ରୀ, ସ୍ୱତନ୍ତ୍ର ଶିକ୍ଷା ତାଲିମ ନେଉଥିବା ଛାତ୍ରଛାତ୍ରୀ ଏବଂ ସମସ୍ତ କର୍ମକର୍ତାଙ୍କ ସହ ଅନେକ ଜ୍ଞାନୀ ଗୁଣି ବ୍ୟକ୍ତି ଯୋଗ ଦେବା ସହ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗିରଫ ପରେ...

ଥିବାବେଳେ ଅମରେଶ ତାଙ୍କ ସହିତ ସଂପର୍କ ରଖିଥିଲେ। ଏଥିସହ ସେ ଦୁଷ୍କର୍ମ କରି ତାଙ୍କୁ ଗର୍ଭବତୀ କରାଇଥିଲେ। ଏହାପରେ ତାଙ୍କୁ ଧମକଚମକ ଦେଇଥିଲେ ବୋଲି ସେ ଏଫଆଇଆରରେ ଦର୍ଶାଇଥିଲେ। ଏ ନେଇ ଲକ୍ଷ୍ମୀସାଗର ଥାନା ପୋଲିସ ମାମଲା ରୁଜୁ କରିଥିଲା। ବିଏନଏସ୍‌ର ଧାରା ୧୮୩ ଅନୁଯାୟୀ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏଥିପୂର୍ବରୁ ଶନିବାର ବାୟାଁଙ୍କୁ ଫେରାର କରିବା ଅଭିଯୋଗରେ କମିଶନରେଟ ପୋଲିସ ତାଙ୍କର ୫ଜଣ ସହଯୋଗୀଙ୍କୁ ଗିରଫ କରିଥିଲା। ଅମରେଶ ଗିରଫ ହେବାପରେ ରାଜନୀତି ତେଜିବାରେ ଲାଗିଛି। ବିଜେଡି ତୁରନ୍ତ ଆକ୍ସନକୁ ଆସି ତାଙ୍କୁ ନିଲମ୍ବିତ କରିଛି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ପଣ୍ଡା କହିଛନ୍ତି ଯେ ବିଜେଡି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ଅମରେଶଙ୍କ ଅଭିଯୋଗ ପରେ ମୁହଁ ଖୋଲିଛନ୍ତି ଅର୍ଚ୍ଚନା ନାଗ। ସେ କହିଛନ୍ତି ଏହି ମାମଲାରେ ମୋର କୌଣସି ଭୂମିକା ନାହିଁ। ତେବେ ଅମରେଶ ମୋତେ ଚିହ୍ନିନଥିବା ନେଇ ଯେଉଁ କହିଥିଲେ, ଏବେ ଭଲଭାବରେ ମୋତେ ଚିହ୍ନିଥିବେ ବୋଲି କହିଥିଲେ।

### ମାଟିତଳୁ...

ଅପରେସନ ଚାଲିଥିବାବେଳେ କାହେନାର ଗ୍ରାମ ନିକଟରେ ନକ୍ସଲମାନଙ୍କ ଦ୍ୱାରା ନିର୍ମିତ ୩ଟି ସହିଦ ସ୍ତମ୍ଭ ଦେଖିବାକୁ ମିଳିଥିଲା। ସେଥିମଧ୍ୟରୁ ୨ଟି କାଠରେ ତିଆରି ହୋଇଥିବାବେଳେ ଅନ୍ୟଟି ସିମେଣ୍ଟ କଂକ୍ରିଟରେ ତିଆରି ହୋଇଥିଲା। ସୁରକ୍ଷାବାହିନୀ ୩ଟି ସହିଦ ସ୍ତମ୍ଭକୁ ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ସୂଚନାଯୋଗ୍ୟ ଯେ ମାଓବାଦୀମାନେ ପ୍ରତିବର୍ଷ ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରିଥାନ୍ତି। ଯେଉଁଥିରେ ସେମାନେ ନିହତ ମାଓବାଦୀଙ୍କ ସ୍ମୃତିରେ ସ୍ମାରକୀ ନିର୍ମାଣ କରି ବ୍ୟାନର ଓ ପୋଷ୍ଟର ଲଗାଇଥାନ୍ତି।

### ସ୍କୁଲ ପାଠ୍ୟକ୍ରମରେ...

ଅପରେସନ ସିନ୍ଦୂର ଭଳି ସାମରିକ ଅଭିଯାନର କାହାଣୀ ସେମାନଙ୍କୁ ଅନୁପ୍ରାଣିତ କରିବା ସହିତ ଦେଶପାଇଁ କିଛି କରିବାର ଇଚ୍ଛାଶକ୍ତି ସୃଷ୍ଟି କରିବ। ଏହି ନୂଆ ଅଧ୍ୟାୟ ଆଗାମୀ ଶିକ୍ଷାବର୍ଷରୁ ଲାଗୁ ହେବାର ସମ୍ଭାବନା ରହିଛି। ଯାହା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ।

### ପୁଣି ବୟାନ ରେକର୍ଡ...

ହୋଇଛି। ଏଭଳି ସ୍ୱାସ୍ଥ୍ୟରେ ଉନ୍ନତି ଆସିଲେ ସେ ଖୁବ୍‌ଶୀଘ୍ର ସୁସ୍ଥ ହେବେ ବୋଲି ସେ ଆଶା କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ତା କାମ କରିବ ଓ ଆଇନ ତା କାମ କରିବ। ତେବେ ଘଟଣାକୁ ୯ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ରହସ୍ୟର ପେଡ଼ି ଖୋଲୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗତ ଶନିବାର ସନ୍ଧ୍ୟାରେ ରୁଦ୍ଧ କୋଠରୀରେ ତିନିଜଣ ମହିଳା ଓ ଜଣେ ପୁରୁଷଙ୍କ ଜମାନବନ୍ଦୀ ରେକର୍ଡ କରାଯାଇଥିବାବେଳେ ଏହି ଜମାନବନ୍ଦୀରେ ଚାଞ୍ଚଲ୍ୟକର ତଥ୍ୟ ଥିବାର ଅନୁମାନ କରାଯାଉଛି।

### କେନ୍ଦୁଝରର ସଂକୀର୍ତ୍ତନମଣ୍ଡଳୀ...

କେନ୍ଦୁଝର ଜିଲ୍ଲାରେ ତାଙ୍କ ନେତୃତ୍ୱରେ ଏକ କୀର୍ତ୍ତନମଣ୍ଡଳୀ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। କୀର୍ତ୍ତନମଣ୍ଡଳୀ ଜରିଆରେ ଲୋକଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ପରାମର୍ଶ ଦେଉଛନ୍ତି। ଜଙ୍ଗଲରେ ନିଆଁ ଲାଗିଲେ ମିଳିମିଶି ଲିଭାଇବା, ଜଙ୍ଗଲ ବିଭାଗକୁ ସାହାଯ୍ୟ କରିବା, ଦମକଳ ବିଭାଗକୁ ଖବର ଦେବାଭଳି କାର୍ଯ୍ୟ କରିବା ପାଇଁ ମଧ୍ୟ ସଚେତନ କରୁଛନ୍ତି। ରାମନାମ ଜରିଆରେ ପ୍ରମିଳା ସଚେତନ କରୁଥିବାରୁ ମୋଦୀ କହିଛନ୍ତି ଯେ ପ୍ରମିଳାଙ୍କ ଏହି ପ୍ରୟାସ ସମାଜକୁ ନୂଆ ଦିଗ ଦେବା ସହ ପ୍ରେରଣା ଯୋଗାଇବ।

### ହ୍ରାସ ପାଉଛି...

ସହ ଆବଶ୍ୟକ ପରିମାଣର ଆଣ୍ଟିଭେନମ ମହଜୁଦ ରଖାଯାଇଛି। ଅତିରିକ୍ତ ରିଲିଫ କମିଶନର ମନୀଶ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ କାର୍ଯ୍ୟର ତଦାରଖ ପାଇଁ ପଠାଯାଇଛି। ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଏବେ ବନ୍ୟା କମିଥିବାରୁ ଆଶ୍ରୟସ୍ଥଳୀରେ ଥିବା ଲୋକମାନେ ଘରକୁ ଫେରୁଛନ୍ତି। ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ସୁବର୍ଣ୍ଣରେଖା ବନ୍ୟାଜଳ ବଢୁଥିବାରୁ ୧୫ଟି ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ସୁବର୍ଣ୍ଣରେଖାର ୫ମ ବନ୍ୟାପାଣି ଗାଁ ଭିତରକୁ ପଶିଯାଇଛି। ୫୦ଟି ପଞ୍ଚାୟତର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଲୋକେ ହାତ ତିଆରି ଡଙ୍ଗାରେ ନିଜର ଜିନିଷପତ୍ର ସୁରକ୍ଷିତ ସ୍ଥାନକୁ ଆଣୁଛନ୍ତି। ଅନ୍ୟପକ୍ଷରେ ମହାନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଭଟ୍ଟାରିକା ମନ୍ଦିରରେ ବନ୍ୟାଜଳ ପଶିଥିବା ସୂଚନା ମିଳିଛି। ହୀରାକୁଦ ଡ୍ୟାମର ବନ୍ୟାଜଳ କଟକର ମୁଣ୍ଡଳୀରେ ପହଞ୍ଚିଛି। ରବିବାର ସକାଳେ ମୁଣ୍ଡଳୀରେ ୩ଲକ୍ଷ ୮୩ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ହୀରାକୁଦରୁ ଦ୍ୱିତୀୟ ବନ୍ୟାଜଳ ଆସିବା ପରେ ମହାନଦୀ ଫୁଲୁଛି।

### ୮ ଶ୍ରଦ୍ଧାଳୁ...

ପ୍ରବଳ ଭିଡ଼ ଯୋଗୁ ଏଭଳି ଅଘଟଣ ଘଟିଛି। ଏହି ଘଟଣାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହରିଦ୍ୱାରରେ ଅବସ୍ଥିତ ମନ୍‌ସା ଦେବୀ ମନ୍ଦିରରେ ଦଳାଚକଟା ସଂପର୍କରେ ଅତ୍ୟନ୍ତ ଦୁଃଖଦ ଖବର ମିଳିଛି। ସ୍ଥାନୀୟ ପୋଲିସ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୁଁ ଏ ସଂପର୍କରେ ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ଯୋଗାଯୋଗରେ ରହିଛି। ସ୍ଥିତି ଉପରେ ସଂପୂର୍ଣ୍ଣ ନଜର ରଖାଯାଇଛି। ମୁଁ ସମସ୍ତ ଭକ୍ତଙ୍କ ସୁରକ୍ଷା ପାଇଁ ମାତା ରାଣୀଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ଧାମି କହିଛନ୍ତି। ଅନ୍ୟପକ୍ଷରେ ଗଡ଼ୱାଲ ଡିଭିଜନାଲ କମିଶନର ବିନୟଶଙ୍କର ପାଣ୍ଡେ କହିଛନ୍ତି ଯେ ହରିଦ୍ୱାରର ମନ୍‌ସା ମନ୍ଦିରରେ ପ୍ରବଳ ଭିଡ଼ ହେବାପରେ ଦଳାଚକଟା ହୋଇଥିଲା। ଏଥିରେ ୬ଜଣଙ୍କର ମୃତ୍ୟୁ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ଏହି ଘଟଣା ଶିଡି ରାସ୍ତାରେ ଘଟିଥିଲା। ଶିଡିରେ ବିଦ୍ୟୁତ କରେଣ୍ଟ ଥିଲା। ଏ ନେଇ କେହି ଅପପ୍ରଚାର କରିଥିଲା। ଫଳରେ ଭକ୍ତମାନେ ଭୟଭୀତ ହୋଇ ପଦାକୁ ବାହାରିବା ପାଇଁ ପ୍ରୟାସ କଲାବେଳେ ଦଳାଚକଟା ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଧିକାରୀ କହିଛନ୍ତି ଯେ ମୃତାହତଙ୍କ ସଠିକ୍ ସଂଖ୍ୟା ସରକାରୀ ସ୍ତରରେ ଏଯାଏ ନିଶ୍ଚିତ କରାଯାଇନାହିଁ। ତେଣୁ ମୃତ୍ୟୁସଂଖ୍ୟା ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ସ୍ଥିତି ନିୟନ୍ତ୍ରଣ ପାଇଁ ଅଧିକ ପୋଲିସ ମୁତୟନ କରାଯାଇଛି।

## ପରିବେଶର ସୁରକ୍ଷା ପାଇଁ ଜୟ ଜଗନ୍ନାଥ ଫାଉଣ୍ଡେସନର ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଗ୍ରଣୀ ସମାଜ ସେବା ସଙ୍ଗଠନ କଲ୍ୟାଣୀ ସେବା ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ରାଜନଗରର ଜୟ ଜଗନ୍ନାଥ ଫାଉଣ୍ଡେସନକୁ ସମ୍ମାନିତ କରାଯାଇଛି। ଜୟ ଜଗନ୍ନାଥ ଫାଉଣ୍ଡେସନର ସଦସ୍ୟ ମନୋଜ କୁମାର ବେହେରା ଉତ୍ସବରେ ଯୋଗଦେଇ ସମ୍ମାନୀତ ହୋଇଛନ୍ତି। ଜୟ ଜଗନ୍ନାଥ ଫାଉଣ୍ଡେସନର କର୍ମକର୍ତ୍ତାମାନେ କଲ୍ୟାଣୀ ସେବା ଟ୍ରଷ୍ଟର ସଭାପତି ଗୀତା ବିଶ୍ୱାସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଜୟ ଜଗନ୍ନାଥ ଫାଉଣ୍ଡେସନ ଗ୍ରାମାଞ୍ଚଳରେ ବୃକ୍ଷ ରୋପଣ, ଚାରା ବଣ୍ଟନ, ଜଳ ବଣ୍ଟନ, ରକ୍ତଦାନ, ବୃଦ୍ଧାଶ୍ରମ ସେବା, ଗରିବ ଏବଂ ରୋଗୀଗ୍ରସ୍ତ ଲୋକଙ୍କୁ ସ୍ୱଳ୍ପ ଆର୍ଥିକ ସହାୟତା ଯୋଗାଇ ଦେଇଥାଏ।



ନୂଆଦିଲ୍ଲୀ: ଉତ୍ତରପ୍ରଦେଶର ପିଲିଭିତ ଜିଲାରେ ୫ ଜଣ ମଣିଷଙ୍କୁ ମାରି ଆତଙ୍କ ଖେଳାଇଥିବା ବାଘୁଣୀ ଶେଷରେ ଧରାପଡ଼ିଛି। ବନ ବିଭାଗ କର୍ମଚାରୀମାନେ ବାଘୁଣୀକୁ ଧରିବାରେ ସଫଳ ହୋଇଛନ୍ତି। ଏହା ପରେ ବାଘୁଣୀର ଠିକଣା ସାରା ଜୀବନ ପାଇଁ ବଦଳି ଯାଇଛି। ଏଣିକି ବାଘୁଣୀ ଆଜୀବନ କାନପୁର ଚିଡ଼ିଆଖାନାରେ ରହିବ। ସେଥିଲାଗି ଶନିବାର ଦିନ ବାଘୁଣୀକୁ କାନପୁର ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଛି। ପିଲିଭିତ ଜିଲାର ୫ଟି ଗାଁରେ ଏହି ବାଘୁଣୀ ଗତ ୨ମାସ ଧରି ଆତଙ୍କ ଖେଳାଇଥିଲା। ମେ ୧୪ ତାରିଖରୁ ଜୁଲାଇ ୧୭ ତାରିଖ ମଧ୍ୟରେ ବାଘୁଣୀଟି ଜଣକ ପରେ ଜଣେ ୫ ଜଣଙ୍କୁ ଶିକାର କରି ଖାଇଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ବାଘୁଣୀକୁ ଧରିବାକୁ ଉଦ୍ୟମ କରାଯାଇଥିଲା। ତା'କୁ ଠାବ କରିବା ଲାଗି ଥର୍ମାଲ ଡ୍ରୋନ କ୍ୟାମେରାର ସହାୟତା ନିଆଯାଇଥିଲା। ଉତ୍ତରପ୍ରଦେଶର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ଅନୁରାଧା ବେମୁରି କହିଛନ୍ତି, ସାଢ଼େ ୩ ବର୍ଷୀୟା ଏହି ବାଘୁଣୀକୁ ବାହାରକୁ ଛାଡ଼ି ଆଉ ବିପଦକୁ ଆମନ୍ତ୍ରଣ କରାଯିବ ନାହିଁ।

## ଏପିଜେ ଅବଦୁଲ କଲାମଙ୍କ ପୂଣ୍ୟତିଥିରେ ପ୍ରଧାନମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପୂଣ୍ୟତିଥି ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଡକ୍ଟର ଏପିଜେ ଅବଦୁଲ କଲାମଙ୍କୁ ଜଣେ ପ୍ରେରଣାଦାୟକ ଦୂରଦୃଷ୍ଟି ସମ୍ପନ୍ନ, ଉତ୍କୃଷ୍ଟ ବୈଜ୍ଞାନିକ, ମାଗଦର୍ଶକ ଏବଂ ଜଣେ ମହାନ ଦେଶପ୍ରେମୀ ଭାବରେ ମନେ ରଖାଯାଏ। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି- ଆମ ଦେଶ ପ୍ରତି ତାଙ୍କର ସମର୍ପଣ ଅନୁକରଣୀୟ ଥିଲା । ତାଙ୍କର ଚିନ୍ତାଧାରା ଭାରତର ଯୁବପିଢ଼ିଙ୍କୁ ଏକ ବିକଶିତ ଏବଂ ସଶକ୍ତ ଭାରତ ଗଠନ ଦିଗରେ ଯୋଗଦାନ ଦେବାକୁ ପ୍ରେରଣା ଯୋଗାଇ ଥାଏ।

## ହରିଦ୍ୱାର ଦଳାଚକଟା ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମନସା ଦେବୀ ମନ୍ଦିର ରାସ୍ତାରେ ଦଳାଚକଟା ଯୋଗୁ ଜୀବନହାନି ଘଟଣାରେ ଶୋକ ପ୍ରକାଶ କରିଛନ୍ତି । ଏକ୍ସର ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି: ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମନସା ଦେବୀ ରାସ୍ତାରେ ଦଳାଚକଟା ଯୋଗୁ ଜୀବନହାନି ଘଟଣାରେ ଗଭୀର ଦୁଃଖିତ। ସମ୍ପର୍କୀୟଙ୍କୁ ହରାଇଥିବା ବ୍ୟକ୍ତିମାନଙ୍କ ପ୍ରତି ମୋର ସମବେଦନା । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ପ୍ରଭାବିତମାନଙ୍କୁ ସ୍ଥାନୀୟ ପ୍ରଶାସନ ଯଥାସମ୍ଭବ ସହାୟତା କରୁଛି।

## ଉପମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ



ପାଟନା: ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ହତ୍ୟା ଧମକ ମିଳିଛି। ମୋବାଇଲରେ ମେସେଜ ପଠାଇ ଗୁଳି କରି ହତ୍ୟା କରିବାକୁ ଏହି ଧମକ ଦିଆଯାଇଛି। ଯାହାକୁ ନେଇ ଚାଞ୍ଚଲ୍ୟ ଖେଳିଥିବା ବେଳେ ଏନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ମନ୍ତ୍ରୀଙ୍କ ସୁରକ୍ଷାକୁ ଆହୁରି କଡା କରାଯାଇଛି। ତେବେ ମିଳିଥିବା ସୂଚନା ଅନୁସାରେ, ସମ୍ରାଟ ଚୌଧାରୀଙ୍କ ଜଣେ ସମର୍ଥକଙ୍କ ମୋବାଇଲରେ ଏକ ମେସେଜ ଆସିଥିଲା, ଯେଉଁଥିରେ ଲେଖାଯାଇଥିଲା ଯେ 'ମୁଁ ୨୪ ଘଣ୍ଟା ମଧ୍ୟରେ ସମ୍ରାଟ ଚୌଧାରୀଙ୍କୁ ଗୁଳି କରିବି, ମୁଁ ସତ୍ୟ କହୁଛି । ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ହତ୍ୟା ଧମକ ସମ୍ବନ୍ଧୀୟ ମେସେଜ ପାଇବା ପରେ, ସମର୍ଥକ ପୋଲିସକୁ ସୂଚନା ଦେଇଥିଲେ। ଏବେ ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି। ତେବେ ସାମ୍ପ୍ରତିକ ସମୟରେ ବିହାରରେ ଅପରାଧିକ ଘଟଣାଗୁଡ଼ିକ ତୀବ୍ର ହେବାରେ ଲାଗିଛି, ଯାହା ରାଜ୍ୟର ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି। ଆଉ ତା ଭିତରେ ଉପମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ, ଯାହା ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ କିଏ ଏବଂ କାହିଁକି ଏଭଳି ମେସେଜ ପଠାଇଛି ସେନେଇ କୌଣସି ପତ୍ତା ଲାଗିନାହିଁ । ସୂଚନା ଅନୁସାରେ ବିହାରରେ ବିଧାନସଭା ନିର୍ବାଚନ ଆଗକୁ ହେବାକୁ ଯାଉଛି। ଏପରି ପରିସ୍ଥିତିରେ ବିରୋଧୀ ଦଳ ବଢୁଥିବା ଅପରାଧ ମାମଲାକୁ ନେଇ ସରକାରଙ୍କୁ ଲଗାତାର ଟାର୍ଗେଟ କରୁଛନ୍ତି। ସରକାର ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେଉଛି କି ନାହିଁ ନା ଅପରାଧୀମାନେ ଏହିପରି ଭାବରେ ସରକାରଙ୍କୁ ଚ୍ୟାଲେଞ୍ଜ କରି ଚାଲିବେ ତାହା ଦେଖିବାକୁ ବାକି ରହିଲା।

## ଘରୋଇ ମେଡିକାଲ କଲେଜ ଫି ବୃଦ୍ଧି


ଲକ୍ଷ୍ନୌ: ଉତ୍ତରପ୍ରଦେଶ (ୟୁପି)ରେ ଘରୋଇ ମେଡିକାଲ କଲେଜଗୁଡିକରେ ଫି ବୃଦ୍ଧି ଘଟିଛି। ଏହି ବୃଦ୍ଧି ଦେଢରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଛି। ତେବେ ଏଥିରେ ଏପରି କିଛି କଲେଜ ମଧ୍ୟ ଅଛନ୍ତି ଯେଉଁମାନଙ୍କ ଫି ଗତ ବର୍ଷ ଭଳି ରହିଛି। ୟୁପିରେ ମୋଟ ୩୧ଟି ଘରୋଇ ମେଡିକାଲ କଲେଜ ଅଛନ୍ତି। ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ନନ-ମିନୋରିଟି ମେଡିକାଲ କଲେଜ ଫି ନିର୍ଦ୍ଧାରିତ କରିଦିଆଯାଇଛି। ଶୁଳ୍କ ବୃଦ୍ଧି ପଛରେ କଲେଜମାନଙ୍କ ସଂଶାଧନ ବଢାଇବାର ତର୍କ ଦିଆଯାଇଛି। ଫଳରେ ଏବେ ଘରୋଇ ମେଡିକାଲ କଲେଜମାନଙ୍କର ପାଠ୍ୟକ୍ରମ ଫି ୧୨ରୁ ୧୯ ଲକ୍ଷ ଟଙ୍କାକୁ ପହଞ୍ଚିଛି। ଏହି ସବୁ କଲେଜମାନଙ୍କରେ ପୂର୍ବରୁ ନନ ଏସି ହଷ୍ଟେଲ ଫି ୧.୬୫ଲକ୍ଷ ଟଙ୍କା ଥିଲା। ଏବେ ଏହି ଫି ବଢାଇ ବାର୍ଷିକ ୧.୭୩ଲକ୍ଷ ଟଙ୍କା କରାଯାଇଛି। ସେହିପରି ଏସି ହଷ୍ଟେଲ ଫି ୧.୯୨ ଲକ୍ଷରୁ ବଢାଇ ୨.୦୨ଲକ୍ଷ ଟଙ୍କା କରାଯାଇଛି। ସିକ୍ୟୁରିଟି ରାଶି ପୂର୍ବ ଭଳି ୩ଲକ୍ଷ ଟଙ୍କା ସ୍ଥିର ଥିବା ବେଳେ ଲିଗାଲ ଫି ୯୪,୧୬୦ ଟଙ୍କା ରହିଛି। ତେବେ ଚିକିତ୍ସା ଶିକ୍ଷା ବିଭାଗ ପକ୍ଷରୁ ଶୈକ୍ଷଣିକ ଶୁଳ୍କ କୌଣସି ପରିସ୍ଥିତିରେ ମଧ୍ୟ ଏକକାଳୀନ ଗ୍ରହଣ କରାଯିବ ନାହିଁ ବୋଲି କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ମେଡିକାଲ କଲେଜରେ ଏହି ଶୁଳ୍କ ପ୍ରତ୍ୟେକ ବର୍ଷ ଛାତ୍ରଛାତ୍ରୀ ଜମା କରିବେ। ୟୁପିରେ ସରକାରୀ ମେଡିକାଲ କଲେଜମାନଙ୍କ ଫି ୧ ଲକ୍ଷ ଟଙ୍କାରୁ ମଧ୍ୟ କମ ରହିଛି। କେଜିଏମୟୁରେ ବାର୍ଷିକ ୫୪ ହଜାର ଫି ଧାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ସରକାରୀ କଲେଜରେ ୩୦ରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଛି। ସେହିପରି ହଷ୍ଟେଲ ଫି ମଧ୍ୟ ୪୦ରୁ ୫୦ ହଜାର ଟଙ୍କା ମଧ୍ୟରେ ରହିଛି।

## ବଦଳିଗଲା ଆୟୁଷ୍ମାନ କାର୍ଡର ନିୟମ




ନୂଆଦିଲ୍ଲୀ : ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ କାର୍ଡର ନିୟମ ପରିବର୍ତ୍ତନ କରାଯାଇଛି। ସୂଚନା ଅନୁସାରେ ଆୟୁଷ୍ମାନ କାର୍ଡ ମାଧ୍ୟମରେ ଏବେ କିଛି ରୋଗର ଚିକିତ୍ସା ଘରୋଇ ହସ୍ପିଟାଲମାନଙ୍କରେ ମାଗଣାରେ ହୋଇ ପାରିବ ନାହିଁ। ଏଥିଲାଗି ପ୍ରାଇଭେଟ ହସ୍ପିଟାଲଙ୍କୁ ଦେୟ ପୈଠ କରିବାକୁ ପଡିବ। ଉଲ୍ଲେଖଯୋଗ୍ୟ ଯେ ଆୟୁଷ୍ମାନ କାର୍ଡରେ ଲୋକଙ୍କୁ ସରକାରୀ ହସ୍ପିଟାଲ ସମେତ ଘରୋଇ ହସ୍ପିଟାଲରେ ମଧ୍ୟ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ କାର୍ଡଧାରୀଙ୍କୁ ସରକାରୀ ହେଉ ବା ଘରୋଇ ହସ୍ପିଟାଲରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଓ ଯାଞ୍ଚ ବ୍ୟବସ୍ଥା ନିଶୁଳ୍କ କରାଯାଇଛି। ହେଲେ ଏବେ ଏହି କାର୍ଡରେ ଚିକିତ୍ସା ନିୟମ ବଦଳି ଯାଇଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳୁଥିବା ସୂଚନା ଅନୁସାରେ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ପ୍ରାଇଭେଟ ହସ୍ପିଟାଲମାନଙ୍କରେ ୩ଟି ରୋଗର ଚିକିତ୍ସା ଓ ଅପରେସନ ଉଭୟ ବନ୍ଦ କରାଯାଇଛି। ଏଥିରେ ମସ୍ତିଷ୍କ, ପ୍ରସୂତୀଙ୍କ ଡେଲିଭରୀ ଏବଂ ଓଭାରୀ ୟୁଟ୍ରସ ଅପରେସନ ଏବେ ଆୟୁଷ୍ମାନ କାର୍ଡରେ ପ୍ରାଇଭେଟ ହସ୍ପିଟାଲରେ ହୋଇ ପାରିବନି। ଏପରି ଚିକିତ୍ସା ସୁବିଧା କେବଳ ସରକାରୀ ହସ୍ପିଟାଲରେ ମାଗଣାରେ ଉପଲବ୍ଧ ହେବ। ଏଣୁ ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ଆୟୁଷ୍ମାନ କାର୍ଡଧାରୀଙ୍କୁ ଏହି ସବୁ ରୋଗର ଚିକିତ୍ସା ସରକାରୀ ହସ୍ପିଟାଲରେ କରିବାକୁ ପଡିବ। ଆୟୁଷ୍ମାନ ଯୋଜନା ଦେଶରେ ଗରୀବଙ୍କ ନିମନ୍ତେ ବେଶ୍ ଲାଭଜନକ ସାବ୍ୟସ୍ତ ହେଉଛି। ଏହି କାର୍ଡ ଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ସରକାରୀ ହେଉ କି ଘରୋଇ ହସ୍ପିଟାଲରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଓ ପରୀକ୍ଷା ମାଗଣାରେ କରାଇ ପାରୁଛନ୍ତି। ଏଥିରେ ରୋଗ ଓ ଅସ୍ତ୍ରୋପଚାର ମଧ୍ୟ ଲୋକେ ପ୍ରାଇଭେଟ ହସ୍ପିଟାଲରେ କରାଇ ପାରୁଛନ୍ତି।

## ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀକୁ ସମ୍ବୋଧିତ କଲେ ଶାହ



ନୂଆଦିଲ୍ଲୀ: ଅଷ୍ଟମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ/ଏନ୍‌ଏସ୍‌ଏସସି ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଭିଭାଷଣ ସହିତ ସମାପ୍ତ ହୋଇଛି। କାର୍ଗିଲ ବିଜୟ ଦିବସ ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଅପରେସନ-ସିନ୍ଦୁର ସମୟରେ ସଶସ୍ତ୍ର ବାହିନୀ ଏବଂ ବିଏସ୍‌ଏଫ୍‌ର ପ୍ରୟାସକୁ ଅଭିବାଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ସଂକଳ୍ପ ଏବଂ ଦେଶବାସୀଙ୍କ ସମର୍ଥନ ସମଗ୍ର ବିଶ୍ୱରେ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତାର ଏକ ଦୃଢ଼ ବାର୍ତ୍ତା ପଠାଇଛି। ମୋଦୀ ସରକାର ବିଭିନ୍ନ ରାଜ୍ୟରେ ବିକ୍ଷିପ୍ତ ହୋଇ ରହିଥିବା ଅନେକ ସମସ୍ୟାର ସମାଧାନ କରିଛନ୍ତି ବୋଲି ଉଲ୍ଲେଖ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଆଗାମୀ ୫ ରୁ ୧୦ ବର୍ଷ ଦେଶର ବିକାଶ ଏବଂ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଭାରତର ଭୂ-ରାଜନୈତିକ ପଡ଼ୋଶୀଙ୍କୁ ଦୃଷ୍ଟିରେ ରଖି ଆଭ୍ୟନ୍ତରୀଣ ସୁରକ୍ଷା ଆହ୍ୱାନ ଗତିଶୀଳ ରହିବ ବୋଲି ଦର୍ଶାଇ ସେ ରାଜ୍ୟ ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିମାନଙ୍କୁ 'ସୁରକ୍ଷା, ସଜାଗତା ଏବଂ ସମନ୍ୱୟ' (ସୁରକ୍ଷା, ସତର୍କତା ଏବଂ ସମନ୍ୱୟ) ର ଲକ୍ଷ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ନାଗରିକମାନଙ୍କ ଜୀବନ, ସମ୍ପତ୍ତି ଏବଂ ମର୍ଯ୍ୟାଦାର ସୁରକ୍ଷା ପାଇଁ ପୋଲିସର ପ୍ରାଥମିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତ୍ୟେକ ରାଜ୍ୟ ପୋଲିସ ବାହିନୀ ଏବଂ କେନ୍ଦ୍ରୀୟ ଏଜେନ୍ସିକୁ ଉତ୍କର୍ଷତା ଦିଗରେ ପ୍ରୟାସ କରିବାକୁ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତାର ଭାବନା ପୋଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସାମଗ୍ରିକ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଅମିତ ଶାହ ଡିଜିପି ମାନଙ୍କୁ ରାଜ୍ୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରିବା ଲାଗି ଅନୁରୋଧ କରିଥିଲେ, ଯାହାଦ୍ୱାରା ତୃଣମୂଳ ସ୍ତରରେ ୩୦୦ରୁ ଅଧିକ କେନ୍ଦ୍ରୀୟ ଏବଂ ରାଜ୍ୟ ବିକାଶ ଯୋଜନାର କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରାଯାଇପାରିବ। ଆମ ସାମୁଦ୍ରିକ ସୀମାରେ ଛୋଟ ଛୋଟ ବନ୍ଦରଗୁଡ଼ିକର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ଶାହ ଅନୁପ୍ରବେଶ ଏବଂ ଚୋରାଚାଲାଣ କାର୍ଯ୍ୟକଳାପର ମୁକାବିଲା ପାଇଁ ରାଜ୍ୟ ପୋଲିସର ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆତଙ୍କବାଦ ବିରୋଧୀ ପଦକ୍ଷେପଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ ଏବଂ ବାରମ୍ବାର ଅପରାଧ ଘଟାଉଥିବା ଅପରାଧୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଛତିଶଗଡ ଅଲମ୍ପିକ୍ ଆସୋସିଏସନ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ବିଷ୍ଣୁଦେବ

## କ୍ରୀଡାର ପ୍ରସାର ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ




ରାୟପୁର: ଛତଶଗଡ ଅଲମ୍ପିକ୍ ଆସୋସିଏନର କାର୍ଯ୍ୟନିର୍ବାହୀ କମିଟି ବୈଠକ ରବିବାର ସର୍ଦ୍ଦାର ବଲ୍ଲବୀର ସିଂ ଜୁନେଜା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୫-୨୬ର ବାର୍ଷିକ ବଜେଟକୁ ଉପସ୍ଥାପନ କରାଯିବା ସହ ଏହାକୁ ଗୃହିତ କରାଯାଇଥିଲା। ଏହି ଅବସରରେ ଅଲମ୍ପିକ ଆସୋସିଏନର ସଭାପତିଙ୍କ ନୂଆ ଅଫିସ ଚାମ୍ବରକୁ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉଦ୍‌ଘାଟନ କରିଥିଲେ। ଏଥିରେ ଶ୍ରୀ ସାଏ ଯୋଗଦେଇ କହିଥିଲେ ଯେ, ତାଙ୍କ ସରକାର ରାଜ୍ୟରେ କ୍ରୀଡାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ସେ କହିଥିଲେ ଗତ କିଛିଦିନ ହେବ ରାଜ୍ୟର କ୍ରୀଡାବିତ୍‌ଙ୍କୁ ଦିଆଯାଉଥିବା ସମ୍ମାନ ବନ୍ଦ ରହିଥିଲା। ଏବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମୋ ସରକାର ଆଗକୁ ବଢୁଛି। କ୍ରୀଡାର ବିକାଶ ଉପରେ ମତ ରଖି ଶ୍ରୀ ସାଏ କହିଥିଲେ, କ୍ରୀଡାର ଭିତ୍ତିଭୂମି ବିକାଶ ପାଇଁ ବିକାଶ ତଥା କ୍ରୀଡାବିତ୍‌ଙ୍କ ଉତ୍‌ଥାନ ପାଇଁ ଆମେ କାର୍ଯ୍ୟ କରୁଛୁ। ସେ କହିଥିଲେ ଯେଉଁମାନେ ଅଲମ୍ପିକ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିବେ ସେମାନଙ୍କୁ ଛତିଶଗଡ ସରକାର ୩କୋଟି, ରୌପ୍ୟ ବିଜେତାଙ୍କୁ ୨କୋଟି ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧କୋଟି ପୁରସ୍କାର ରାଶି ପ୍ରଦାନ କରିବେ। ସେ କହିଥିଲେ ମୁଁ ଛତିଶଗଡ ଆରଚେରୀ ଆସୋସିଏସନର ସଭାପତି ଥାଇ କ୍ରୀଡାର ବିକାଶ ପାଇଁ ଉଦ୍ୟମ ଜାରି ରଖିଛି।

## ଚର୍ଚ୍ଚରେ ଆତଙ୍କବାଦୀ ଆକ୍ରମଣ: ୨୧ ମୃତ

ନୂଆଦିଲ୍ଲୀ : ପୂର୍ବ କଙ୍ଗୋରେ ଆତଙ୍କବାଦୀମାନେ ଏକ ଚର୍ଚ୍ଚ ଉପରେ ଆକ୍ରମଣ କରିଛନ୍ତି। ରବିବାର ଏହି ଆକ୍ରମଣରେ ଅତିକମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ସିଭିଲ ଲିଡର ଏ ବିଷୟରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ପୂର୍ବ କଙ୍ଗୋର କୋମାଣ୍ଡାରେ ଏକ କ୍ୟାଥୋଲିକ୍ ଚର୍ଚ୍ଚ କମ୍ପ୍ଲେକ୍ସ ଭିତରେ ଆଲାଇଡ୍ ଡେମୋକ୍ରାଟିକ୍ ଫୋର୍ସ (ଏଡିଏଫ)ର ସଦସ୍ୟମାନେ ରାତି ପ୍ରାୟ ୧ଟା ସମୟରେ ଏହି ଆକ୍ରମଣ କରିଥିଲେ। ଆକ୍ରମଣ ସମୟରେ ଅନେକ ଘର ଏବଂ ଦୋକାନ ମଧ୍ୟ ପୋଡ଼ି ଦିଆଯାଇଥିଲା। ଏଡିଏଫ ହେଉଛି ଏକ ଇସଲାମିକ୍ ଷ୍ଟେଟ୍ ସହିତ ଜଡିତ ବିଦ୍ରୋହୀ ଗୋଷ୍ଠୀ ଯାହା ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ସୀମାବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଅଛି ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସାଧାରଣ ଲୋକଙ୍କ ଉପରେ ବାରମ୍ବାର ଆକ୍ରମଣ କରିଆସୁଛି। କୋମାଣ୍ଡାର ଜଣେ ନାଗରିକ ସମାଜ ସଂଯୋଜକ ଡିୟୁଡୋନ୍ ଡୁରାଣ୍ଟବୋ ଗଣମାଧ୍ୟମକୁ କହିଛନ୍ତି, 'ଭିତରେ ଏବଂ ବାହାରେ ୨୧ ରୁ ଅଧିକ ଲୋକଙ୍କୁ ଗୁଳି କରାଯାଇଥିଲା ଏବଂ ଆମେ ଅତି କମରେ ତିନୋଟି ପୋଡ଼ି ଯାଇଥିବା ମୃତଦେହ ଏବଂ ଅନେକ ଘର ପୋଡ଼ି ଯାଇଥିବା ରିପୋର୍ଟ କରିଛୁ, ଯଦିଓ ଆହତ ଏବଂ ମୃତଦେହ ପାଇଁ ସନ୍ଧାନ ଜାରି ରହିଛି। କଙ୍ଗୋର ସେନା ଦୀର୍ଘ ଦିନ ଧରି ଏହି ବିଦ୍ରୋହୀ ଗୋଷ୍ଠୀ ସହିତ ଲଢ଼େଇ କରିଆସୁଛି ଏବଂ ଏବେ ରୱାଣ୍ଡା ସମର୍ଥିତ ୨୩ ବିଦ୍ରୋହୀଙ୍କ ସହିତ ନୂତନ ହିଂସା ମଧ୍ୟରେ ଏକ ଦ୍ୱିଗୁଣିତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) କୁ ଇସ୍ପାତ ସୁରକ୍ଷା ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମନ୍ୱିତ ଇସ୍ପାତ କାରଖାନାର ବିଭିନ୍ନ ଜୋନରେ ଶୂନ୍ୟ ପ୍ରାଣଘାତକ ଦୁର୍ଘଟଣା ବର୍ଗ ଅଧୀନରେ ଆରଏସପି ୨୦୨୩ ଓ ୨୦୨୪ କ୍ୟାଲେଣ୍ଡର ବର୍ଷ ପାଇଁ ବହୁ ପୁରସ୍କାର ଅର୍ଜନ କରିଛି । ଏହା ବର୍ଷ ୨୦୨୩ ପାଇଁ ୩ଟି ପୁରସ୍କାର ଏବଂ ବର୍ଷ ୨୦୨୪ ପାଇଁ ୭ଟି ପୁରସ୍କାର ଲାଭ କରିଛି। ଏସଏମଏସ-୧ ବିଭାଗର ସିଜିଏମ ବି ସୁନୀଲ କାର୍ଥା, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା ଏସ. କାର୍ଥା, କୋକ୍ ଓଭେନ ବିଭାଗର ଡ଼ିଜିଏମ ବି ସି ସାହୁ, ଏସ ଆଣ୍ଡ ଏଫ ବିଭାଗର ସିନିୟର ମ୍ୟାନେଜର ଅରୁଣ ସାହୁ, ନୂତନ ପ୍ଲେଟ ମିଲ ବିଭାଗର ଡେପୁଟି ମ୍ୟାନେଜର ପି . କେ ପାଲ, ସୁରକ୍ଷା ବିଭାଗର ଡେପୁଟି ମ୍ୟାନେଜର ଆର. ଏନ ପାଣିଗ୍ରାହୀ , ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପି କେ ବେହେରା ଏବଂ ଓଡିଶା ଗ୍ରୁପ ଅଫ ମାଇନ୍ସ ବିଏମଏସ ର ସାଧାରଣ ସମ୍ପାଦକ କେ ସି ପଣ୍ଡା, ଆରଏସପି ପକ୍ଷରୁ ପ୍ରତିନିଧିତ୍ୱ କରି ଜେସିଏସଏସଆଇର ଉପାଧ୍ୟକ୍ଷ ଏବଂ ଏସଏସଓର ନିର୍ବାହୀ ନିର୍ଦ୍ଦେଶକ ଅନୁପ କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ପତଞ୍ଜଳି ଯୋଗପୀଠରେ ଏକଦିବସୀୟ ନିଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଯାପିତ



ହରିଦ୍ୱାର: ପତଞ୍ଜଳି ବାଲାନ୍ସ ଏବଂ ଉଦ୍ଧାର ଜେଫରିଜ୍ ନାଗପୁରର ମିଳିତ ସହଯୋଗରେ ପତଞ୍ଜଳି ଯୋଗପୀଠରେ ଏକଦିବସୀୟ ନିଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଜୁଲାଇ ୨୬ ଓ ୨୭ତାରିଖ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହରିଦ୍ୱାର ଏବଂ ଦେଶରେ ଥିବା ଦିବ୍ୟାଂଗମାନଙ୍କ ସଶକ୍ତିକରଣ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଶିବିର ସଫଳତାର ସହ ସଂପନ୍ନ ହୋଇଥିବା ନେଇ ପତଞ୍ଜଳି ଯୋଗପୀଠର ମୁଖ୍ୟ ସ୍ୱାମୀ ରାମଦେବଜୀ କହିଛନ୍ତି। ଏହି ଶିବିରରେ ୨୫୦ରୁ ଅଧିକ ଦିବ୍ୟାଂଗଜନଙ୍କୁ କୃତ୍ରିମ ହାତ ଏବଂ ଅନ୍ୟାନ୍ୟ ସହାୟକ ଉପକରଣ ମାଗଣାରେ ବଣ୍ଟନ କରାଯାଇଥିଲା। ଏହି ଶିବିର ପ୍ରତି ୨/୪ମାସ ଅନ୍ତରରେ ଆୟୋଜନ କରାଯିବ ବୋଲି ପ୍ରତିଷ୍ଠାନର ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି। ଆଚାର୍ଯ୍ୟ ବାଳକୃଷ୍ଣ ଏହି ଶିବିରରେ ଉପସ୍ଥିତ ହୋଇ ଦିବ୍ୟାଂଗଜନମାନଙ୍କ ସହ କଥା ହୋଇଥିଲେ। ସେ କହିଥିଲେ ପତଞ୍ଜଳିର ଉଦ୍ଦେଶ୍ୟ କେବଳ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରିବା ନୁହେଁ। ପ୍ରତ୍ୟେକ ମଣିଷଙ୍କୁ ଆତ୍ମନିର୍ଭର କରିବା ପାଇଁ ଆମେ ମଧ୍ୟ ଉଦ୍ୟମ ଜାରି ରଖିଛୁ। ଏହି ସେବା ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି, ଉଦ୍ଧାର ସେବା ସମିତି ତଥା ବିଶେଷଜ୍ଞ ଡାକ୍ତର ଏବଂ ପତଞ୍ଜଳିର ସେବା ବିଭାଗ କାର୍ଯକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା।

## ଦେଶବ୍ୟାପୀ ଗ୍ରାହକ ସେବାର ସୁଦୃଢ଼ୀକରଣ କଲା ଏସ୍‌ବିଆଇ

ନୂଆଦିଲ୍ଲୀ: ଦେଶର ସର୍ବବୃହତ୍ ଓ ସବୁଠୁ ବିଶ୍ୱସନୀୟ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷୁ ନୂତନ ଭାବେ ନିଯୁକ୍ତ ହୋଇଥିବା ୧୩,୪୫୫୬ ଜୁନିଅର ଆସୋସିଏଟ୍‌ସ (କନିଷ୍ଠ ସହକାରୀ)ଙ୍କୁ ଏହାର ସାରା ଦେଶରେ ଥିବା ବ୍ୟାପକ ନେଟ୍‌ୱର୍କରେ ସାମିଲ କରିବା ଆରମ୍ଭ କରିଛି। ଏହି ନୂଆ ଆସୋସିଏଟ୍‌ସମାନେ ବ୍ୟାଙ୍କର ସେବା ପ୍ରଦାନକାରୀ ଶ୍ରମଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଏବଂ ସେମାନେ ନୂଆ ଶକ୍ତି, ପ୍ରତିବଦ୍ଧତା ଓ ଗ୍ରାହକ ପ୍ରଥମ ଭାବ ଆଣିଛନ୍ତି ଯାହା ଏସ୍‌ବିଆଇ ପ୍ରଦାନ କରୁଥିବା ସେବାର ସଂଜ୍ଞା ନିର୍ଧାରଣ କରିବ। ଗ୍ରାହକ ସେବାରେ ଉନ୍ନତି ଆଣିବା ଏବଂ ପ୍ରତି ଟଚ୍‌ପଏଂଟ୍‌ରେ ପରିଚାଳନା ଦକ୍ଷତା ବଢ଼ାଇବା ପାଇଁ ବ୍ୟାଙ୍କର ଜାରି ରହିଥିବା ଉଦ୍ୟମରେ ଏହା ଏକ ମାଇଲଖୁଂଟ। ଜୁନ୍ ୧୧ରେ ଏସ୍‌ବିଆଇ ପକ୍ଷରୁ ଜୁନିଅର ଆସୋସିଏଟ୍‌ସଙ୍କୁ ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଥିଲା ଯେଉଁଠାରେ ବ୍ୟାଙ୍କର ଅଧ୍ୟକ୍ଷ ସି ଏସ୍ ସେଟ୍ଟି ଉଦୀୟମାନ କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତି ଆବଶ୍ୟକତା ସହ ସମନ୍ୱିତ ହୋଇ ଢାଂଚାଗତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରି ମାନବ ସମ୍ବଳ ଦକ୍ଷତାକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ। ଏସ୍‌ବିଆଇ ୨,୩୬,୦୦୦ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ ପରବର୍ତ୍ତୀ ପିଢ଼ିର ବ୍ୟାଙ୍କିଂ ପ୍ରଫେସନାଲ୍‌ମାନଙ୍କୁ ସୁଦୃଢ଼ କରିବ।

## 'ମନ କି ବାତ୍'ରେ ଦେବେଶ ଏବଂ ଦେବଦତ୍ତଙ୍କ ସଫଳତାକୁ ପ୍ରଶଂସା



Devesh Pankaj



Debadatta Priyadarshi

କୋଟା, (ଭାସ୍କର ନ୍ୟୁଜ୍): କ୍ୟାରିଅର୍ ଏବଂ କେୟାର ସିଟି କୋଟାର ଛାତ୍ରମାନେ ସେମାନଙ୍କର ସଫଳତା ସହିତ ଦେଶକୁ ଗର୍ବିତ କରୁଛନ୍ତି। ଭାରତୀୟ ପ୍ରତିଭାର ଏହି ପ୍ରଦର୍ଶନକୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ରବିବାର ପ୍ରସାରିତ ମନ କି ବାତର ୧୨୪ତମ ସଂସ୍କରଣରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେବେଶ ପଙ୍କଜ ଭୈୟା ଏବଂ ଦେବଦତ୍ତ ପ୍ରିୟଦର୍ଶୀଙ୍କ ସଫଳତାକୁ ପ୍ରଶଂସା କରିଛନ୍ତି। ସେମାନେ ଉଭୟ ଆଲେନଙ୍କ ଶ୍ରେଣୀଗୃହ ଛାତ୍ର। ରସାୟନ ବିଜ୍ଞାନ ଅଲିମ୍ପିଆଡର ଫାଇନାଲ ୟୁଏଇରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪ ଜଣ ଛାତ୍ର ଭାରତକୁ ପ୍ରତିନିଧିତ୍ୱ କରିଥିଲେ, ଯେଉଁଥିରୁ ଦୁଇଜଣ ଆଲେନ୍ କୋଟାଙ୍କ ଶ୍ରେଣୀଗୃହ ଛାତ୍ର ଥିଲେ। ଦେବେଶ ପଙ୍କଜ ଭୈୟା ସ୍ୱର୍ଣ୍ଣ ପଦକ ଏବଂ ଦେବଦତ୍ତ ପ୍ରିୟଦର୍ଶୀ ରୌପ୍ୟ ପଦକ ଜିତିଥିଲେ। ଦେବେଶ ଦ୍ୱାଦଶ ଶ୍ରେଣୀରେ ପରୀକ୍ଷା ଦେବା ସମୟରେ ଏହି ସଫଳତା ହାସଲ କରିଥିଲେ ଏବଂ ଦେବଦତ୍ତ ଦଶମ ଶ୍ରେଣୀରେ ପରୀକ୍ଷା ଦେବା ସମୟରେ ଏହି ସଫଳତା ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କିଛି ଦିନ ପୂର୍ବରୁ ଆମର ଛାତ୍ରମାନେ ଆନ୍ତର୍ଜାତୀୟ ରସାୟନ ବିଜ୍ଞାନ ଅଲିମ୍ପିଆଡରେ ପଦକ ଜିତିଛନ୍ତି। ଏଥିରେ ଦେବେଶ ପଙ୍କଜ, ସନ୍ଦୀପ କୁଚି, ଦେବଦତ୍ତ ପ୍ରିୟଦର୍ଶୀ ଏବଂ ଉଜ୍ଜ୍ୱଳ କେଶରୀ ଭାରତ ପାଇଁ ଗୌରବ ଆଣିଛନ୍ତି। ଏହା ସହିତ, ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ମଧ୍ୟ ଭାରତ ନିଜର ପରିଚୟକୁ ମଜବୁତ କରିଛି। ଆନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛି। ଉଲ୍ଲେଖଯୋଗ୍ୟ ଯେ ଦେବେଶ ପଙ୍କଜ ଭାଇୟା ଗତ ସାତ ବର୍ଷ ଧରି ଆଲେନ କୋଟାର ଶ୍ରେଣୀଗୃହ ଛାତ୍ର ଅଛନ୍ତି। ସେହିପରି, ଦେବଦତ୍ତ ମଧ୍ୟ ଗତ ତିନି ବର୍ଷ ଧରି ଆଲେନର ଶ୍ରେଣୀଗୃହ ଛାତ୍ର ଅଛନ୍ତି। ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡର ସିଇଓ ନୀତିନ କୁକ୍ରେଜା କହିଛନ୍ତି ଯେ ଆଲେନ କ୍ୟାରିଅର ଇନଷ୍ଟିଚ୍ୟୁଟ୍ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଅଲିମ୍ପିଆଡରେ ଦେଶର ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛି। ଏହି କାରଣରୁ ପ୍ରତିବର୍ଷ ଆଲେନ ଛାତ୍ରମାନେ ଆନ୍ତର୍ଜାତୀୟ ଅଲିମ୍ପିଆଡରେ ଭଲ ପ୍ରଦର୍ଶନ କରି ଭାରତ ପାଇଁ ଗୌରବ ଆଣୁଛନ୍ତି। ଆଲେନ୍ ୨୦୧୩ ମସିହାରୁ ଅଲିମ୍ପିଆଡ୍ ପ୍ରସ୍ତୁତି ପାଇଁ ପ୍ରୟାସ ଆରମ୍ଭ କରିଥିଲେ। କିଛି ବର୍ଷ ମଧ୍ୟରେ ଭଲ ଫଳାଫଳ ଆସିବା ଆରମ୍ଭ ହୋଇଥିଲା। ୨୦୨୪ ମସିହା ସୁଦ୍ଧା, ଆଲେନ୍ ଛାତ୍ରମାନେ ବିଭିନ୍ନ ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ୬୯ଟି ସ୍ୱର୍ଣ୍ଣ ପଦକ, ୫୪ଟି ରୌପ୍ୟ ପଦକ ଏବଂ ୧୨ଟି କାଂସ୍ୟ ପଦକ ଜିତିଛନ୍ତି। ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଜୁନିଅର୍ ସାଇନ୍ସ ଅଲିମ୍ପିଆଡ୍‌ରେ ସର୍ବାଧିକ ୩୮ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ, ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍‌ରେ ୧୦ଟି, ରସାୟନ ବିଜ୍ଞାନରେ ୬ଟି, ଜୀବବିଜ୍ଞାନରେ ୪ଟି, ଗଣିତ ଅଲିମ୍ପିଆଡ୍‌ରେ ୩ଟି, ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନରେ ୫ଟି ଏବଂ ଜୁନିଅର୍ ଜ୍ୟୋତିର୍ବିଜ୍ଞାନରେ ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରସାୟନ ବିଜ୍ଞାନ ଅଲିମ୍ପିଆଡ୍‌ର ସଫଳତାକୁ ପ୍ରଶଂସା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇ ଦେବେଶ ପଙ୍କଜ କହିଛନ୍ତି ଯେ ଅଲିମ୍ପିକ ଗେମ୍ସ ପରି ବିଜ୍ଞାନ ଅଲିମ୍ପିଆଡ୍‌କୁ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ। ଦେବଦତ୍ତ ପ୍ରିୟଦର୍ଶୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ମୋର କଠିନ ପରିଶ୍ରମ ସହିତ ଏହି ସଫଳତାରେ ଆଲେନ୍ ଏବଂ କୋଟାଙ୍କର ବଡ଼ ଅବଦାନ ରହିଛି।

## ଦୀର୍ଘସ୍ଥାୟୀ ପ୍ରଗତି ପଥରେ ଟାଟା ଷ୍ଟିଲ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଟାଟା ଷ୍ଟିଲ୍‌ର ଇଣ୍ଡଷ୍ଟ୍ରିଆଲ ବାଇ-ପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନ (ଆଇବିଏମଡି) ପକ୍ଷରୁ ଏହାର ଅଭିନବ ତଥା ପରିବେଶ ଉପଯୋଗୀ ଗ୍ରାଉଣ୍ଡ୍ ଗ୍ରାନୁଲେଟେଡଜ୍ ବ୍ଲାଷ୍ଟ୍ ଫର୍ଣ୍ଣେସ୍ ସ୍ଲାଗ୍ (ଜିଜିବିଏ) ଉତ୍ପାଦ-ଟାଟା ଡ୍ୟୁରୋକୋର ସଫଳ ପ୍ରୟୋଗ କରାଯାଇଛି। ଏହାକୁ ଜାତୀୟ ରାଜପଥ ୫୩ର ୭୬ କିମି ରାସ୍ତାକୁ ଚଉଡ଼ା କରିବାରେ ବ୍ୟବହାର କରାଯାଇଛି। ଓଡ଼ିଶାର ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ଏବେ ଚାରି ଲେନ୍‌ରୁ ଛଅ ଲେନ୍‌କୁ ସମ୍ପ୍ରସାରଣ କରାଯାଉଛି, ଯାହା ହଜାର ହଜାର ଲୋକଙ୍କ ପାଇଁ ଗମନାଗମନ ସଂଯୋଗ, ସୁରକ୍ଷା ଓ ଯାତାୟାତ ଦକ୍ଷତାରେ ଉନ୍ନତି ଆଣିବ। ଟାଟା ଷ୍ଟିଲ୍ ଆଇବିଡିଏମ୍‌ର ଇନ୍‌ଚାର୍ଜ ଦୀପଙ୍କର ଦାସଗୁପ୍ତା କହିଛନ୍ତି ଯେ, 'ଚଣ୍ଡିଖୋଲରୁ ପାରାଦୀପ ଜାତୀୟ ରାଜପଥ-୫୩ ପ୍ରକଳ୍ପରେ ଜିଜିବିଏସ୍‌ର ବ୍ୟବହାର, ଆଧୁନିକ ଏବଂ ସ୍ଥାୟୀ ନିର୍ମାଣ ସାମଗ୍ରୀ ଉନ୍ନତି ସହିତ ସର୍କୁଲାର ଇକୋନମିର ଚନ୍ତ'ାଧାରାକୁ କିପରି ସଫଳ ଉପଯୋଗ କରାଯାଇ ପାରିବ ତାହାର ଏକ ଭଲ ଉଦାହରଣ। ଏହାଦ୍ୱାରା ଜାତୀୟ ଭିତ୍ତିଭୂମି ବିକାଶରେ ସବୁଜ ନିର୍ମାଣ ପ୍ରକ୍ରିୟାକୁ କିଭଳି ଆଗକୁ ନିଆଯାଇପାରିବ, ତାହା ପ୍ରମାଣିତ କରାଯାଇଛି। ଏହି ସବୁଜ ସମାଧାନ 'ଟାଟା ଡ୍ୟୁରେକୋ,' ଭାରତର ବୃଦ୍ଧି ପାଉଥିବା ଭିତ୍ତିଭୂମିର ଆବଶ୍ୟକତା ପାଇଁ ଶକ୍ତି, ସ୍ଥାୟିତ୍ୱ ଏବଂ ଦୀର୍ଘସ୍ଥାୟିତ୍ୱର ଏକ ପ୍ରତିଶ୍ରୁତି। ଏହାକେବଳ ପରିବେଶଗତ ଉପକାରିତା ପ୍ରଦାନ କରିବ ନାହିଁ ବରଂ ଏଥିରେ ଅଧିକ ଦୃଢ଼ତା ଏବଂ କ୍ଷୟକୁ ରୋକିବ, ଯାହା କଂକ୍ରିଟକୁ କୌଣସି ସଲଫେଟ୍ ଏବଂ କ୍ଲୋରାଇଡ୍ ଆକ୍ରମଣରୁ ରକ୍ଷା କରିପାରିବ ବୋଲି ଶ୍ରୀ ଦାସଗୁପ୍ତା କହିଛନ୍ତି। ଏହାର ଶକ୍ତି ଏବଂ ଦୀର୍ଘସ୍ଥାୟୀ ପ୍ରଦର୍ଶନ ପାଇଁ ପରିଚିତ ଟାଟା ଡ୍ୟୁରେକୋକୁ କଂକ୍ରିଟ୍ ମିଶ୍ରଣରେ ମିଶାଇଲେ ରାସାୟନିକ ଆକ୍ରମଣରୁ ପ୍ରତିରୋଧ ମିଳିବ, କମ୍ କ୍ଷୟ ଏବଂ ବର୍ଦ୍ଧିତ ଭାର ବହନ କ୍ଷମତା ସୁନିଶ୍ଚିତ ହେବ। ଏହା ଓଡ଼ିଶାର ଶିଳ୍ପ କରିଡର୍ ଏବଂ ପାରାଦୀପର ମୁଖ୍ୟ ବନ୍ଦର ମଧ୍ୟରେ ଭାରି ମାଲ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ।

## ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କଲା ବିଓବି

ନୂଆଦିଲ୍ଲୀ: ରାଷ୍ଟ୍ରାୟତ ବ୍ୟାଙ୍କ୍ ବ୍ୟାଙ୍କ୍ ଅଫ୍ ବରୋଦା ପକ୍ଷରୁ ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କ୍ ନିଟ୍ ଲାଭ ୧.୯ ପ୍ରତିଶତ ବୃଦ୍ଧି ପାଇ ୪,୫୪୧ କୋଟି ଟଙ୍କା ହୋଇଛି। ପୂର୍ବ ଆର୍ଥିକ ବର୍ଷର ଏହି ସମୟରେ ବ୍ୟାଙ୍କର ନିଟ୍ ଲାଭ ୪,୪୫୮ କୋଟି ଟଙ୍କା ଥିଲା। ବ୍ୟାଙ୍କ ନିଟ ସୁଧ ଆୟ ୧୧,୪୩୫ କୋଟି ଟଙ୍କା, ଅଣ ସୁଧ ଆୟ ୮୮ ପ୍ରତିଶତ ବୃଦ୍ଧି ପାଇ ୪,୬୭୫ କୋଟି ଟଙ୍କା, ପରିଚାଳନାଗତ ଲାଭ ୧୫ ପ୍ରତିଶତ ବୃଦ୍ଧି ପାଇ ୮,୨୩୬ କୋଟି ଟଙ୍କା ରହିଛି। ସମ୍ପତ୍ତି ମାନ ଦୃଷ୍ଟିରୁ ବ୍ୟାଙ୍କର ମୋଟ ଏନପିଏ ୧୦.୭ ପ୍ରତିଶତ ହ୍ରାସ ପାଇ ୨୭,୫୭୨ କୋଟି ଟଙ୍କା ହୋଇଛି। ମୋଟ ଏନପିଏ ଅନୁପାତ ୨.୨୮ ପ୍ରତିଶତ ଭଳି ଉନ୍ନତ ସ୍ଥିତିରେ ପହଂଚିଛି। ବ୍ୟାଙ୍କର ନିଟ୍ ଏନପିଏ ୦.୬୦ ପ୍ରତିଶତକୁ ହ୍ରାସ ପାଇଛି। ପ୍ରୋଭିଜନ କଭରେଜ ଅନୁପାତ ୯୩.୧୮ ପ୍ରତିଶତ, ସ୍ଲିପେଜ ରେସିଓ ୧.୧୬ ପ୍ରତିଶତ ଏବଂ କ୍ରେଡ଼ିଟ୍ କଷ୍ଟ ୦.୫୫ ପ୍ରତିଶତ ରହିଛି। ଆଲୋଚ୍ୟ ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ପୁଁ ସ୍ୱଚ୍ଛତା ହାର ୧୭.୬୧ ପ୍ରତିଶତ, ଟାୟାର-୧ରେ ୧୫.୧୫ ପ୍ରତିଶତ ଓ ଟାୟାର-୨ରେ ୨.୪୬ ପ୍ରତିଶତ ରହିଛି। ଲକ୍ୱିଡ କଭରେଜ ରେସିଓ ୧୧୯ ପ୍ରତିଶତ ରହିଛି। ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ତ୍ରୈମାସିକରେ ବ୍ୟାଙ୍କର ଘରୋଇ ଅଗ୍ରୀମ ୧୨.୪ ପ୍ରତିଶତ ବୃଦ୍ଧି ପାଇ ୯,୯୧,୩୬୩ କୋଟି ଟଙ୍କା, ବିଶ୍ୱସ୍ତରୀୟ ଅଗ୍ରୀମ ୧୨.୬ ପ୍ରତିଶତ ବୃଦ୍ଧି ପାଇ ୧୨,୦୭,୦୫୬ କୋଟି ଟଙ୍କା, ଘରୋଇ ଜମା ୮.୧ ପ୍ରତିଶତ ବୃଦ୍ଧି ପାଇ ୧୨,୦୪,୨୮୩ କୋଟି ଟଙ୍କା ଏବଂ ବିଶ୍ୱସ୍ତରୀୟ ଜମା ୯.୧ ପ୍ରତିଶତ ବୃଦ୍ଧି ପାଇ ୧୪,୩୫,୬୩୪ କୋଟି ଟଙ୍କା ହୋଇଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର



ନୂଆଦିଲ୍ଲୀ: ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ପ୍ରମୁଖ ଜୋନାଲ୍ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ଦଲୀପ ଟ୍ରଫି ପୁଣି ଥରେ ତା'ର ପାରମ୍ପରିକ ଫର୍ମାଟକୁ ଫେରୁଛି। ଅଗଷ୍ଟ ୨୮ ତାରିଖରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ପୁଣି ଥରେ ଜୋନ୍ ଭିତ୍ତିକ ଖେଳାଯିବ। ଗତ ମାସରେ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଏହି ପରିବର୍ତ୍ତନ ପାଇଁ ଆସିଥିବା ସୁପାରିସ୍ ?କୁ ମଞ୍ଜୁରି ମିଳିଛି। ଗତ ଋତୁରେ ଦେଶର ପ୍ରମୁଖ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ୪ଟି ଦଳରେ (ଏ,ବି,ସି,ଡି) ବିଭକ୍ତ କରାଯାଇ ଦଲୀପ ଟ୍ରଫି ଖେଳାଯାଉଥିଲା। ଏବେ ପୂର୍ବଭଳି ୬ଟି ଜୋନ୍- ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ର ଓ ଉତ୍ତର-ପୂର୍ବ ଦଳ ଭାବେ ଖେଳିବେ। ଏହା କ୍ରିକେଟ୍ ? ସ୍ତରକୁ ଅଧିକ ଉନ୍ନତ କରିବ ବୋଲି ବିସିସିଆଇ ଆଶା କରିଛି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଅନ୍ୟତମ ମହାନ ଖେଳାଳି ତଥା ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ରଶ୍ମିରଂଜନ ପରିଡ଼ା ବି ଦଲିପ ଟ୍ରଫି ଫର୍ମାଟ୍‌ର ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି। ବିଶେଷ କରି ଏହା ଓଡ଼ିଶା ଖେଳାଳିଙ୍କୁ ଫାଇଦା ଦେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଗତ ଋତୁରେ ସର୍ବଭାରତୀୟ ସ୍ତରରୁ ୪ଟି ଦଳ ମନୋନୀତ ହେବା ଫଳରେ ଆମ ଖେଳାଳିମାନେ ବହୁ ତଳେ ରହିଯାଉଥିଲେ। ଦଳୀୟ ଭାବନାରେ ଖେଳିବା ବି ବଢ଼ିପାରିବ। ଜୋନାଲ ଭିତ୍ତିରେ ଦଳ ଚୟନ ବେଳେ ଓଡ଼ିଶା ଖେଳାଳିଙ୍କୁ ପୂର୍ବାଞ୍ଚଳ କୋଟା ହେଉ ଅବା ଜୋନ୍ ଖେଳାଳିଙ୍କ ଭିତରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନାୟାସରେ ଜାତୀୟ ଚୟନକର୍ତ୍ତାଙ୍କୁ ଆକୃଷ୍ଟ କରିବାକୁ ସୁଯୋଗ ମିଳିବ ବୋଲି ପ୍ରକାଶ କରିଛନ୍ତି। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଦୁଇ ଥର (୨୦୧୦-୧୧, ୨୦୧୧-୧୨) ରଣଜୀ ଟ୍ରଫି ଜିତିଥିବା ମହାନ ବ୍ୟାଟର୍ ରଶ୍ମି ରଂଜନ ପରିଡ଼ା।



## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜର ଚତୁର୍ଥ ମ୍ୟାଚ୍

# ଦମ୍ଭ ଦେଖାଇଲେ ବ୍ୟାଟର, ମ୍ୟାଚ୍ ଡ୍ର



ମାଞ୍ଚେଷ୍ଟର : ମାଞ୍ଚେଷ୍ଟର ଟେଷ୍ଟ ଡ୍ର ହୋଇ ଶେଷ ହୋଇଛି । ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ବୀରତ୍ୱପୂର୍ଣ୍ଣ ଲଢେଇ ବଳରେ ଭାରତ ଏକ ନିଶ୍ଚିତ ପରାଜୟକୁ ଏଡ଼େଇପାରିଛି । ଏହା ସହିତ ଭାରତୀୟ ଦଳ ଏକ ମନସ୍ତାତ୍ତ୍ୱିକ ବିଜୟ ହାସଲ କରିଛି ବୋଲି କୁହାଯାଇପାରେ । ବିଶେଷକରି ଶୁବମନ ଗିଲ, କେଏଲ ରାହୁଲଙ୍କ ଭାଗିଦାରୀ ପରେ ରବୀନ୍ଦ୍ର ଜାଡେଜା ଓ ୱାସିଂଟନ ସୁନ୍ଦରଙ୍କ ଶତକ ଭାରତକୁ ନିଶ୍ଚିତ ପରାଜୟ କବଳରୁ ବାହାର କରିଆଣିଥିଲା। ଜିତିବାର ସମ୍ଭାବନା ନଥିଲା। ହାରିବାର ଆଶଙ୍କା ଥିଲା। କିନ୍ତୁ ଚାପ ଆଗରେ ହାର ମାନି ନଥିଲା ଟିମ୍ ଇଣ୍ଡିଆ। ଧୈର୍ଯ୍ୟର ସହିତ ଖେଳିଥିଲା ଓ ମାଞ୍ଚେଷ୍ଟରରେ ଟେଷ୍ଟକୁ ଡ୍ର'ରେ ଶେଷ କରିଛି। ଏହି ଡ୍ର'ର ଶ୍ରେୟ ଯାଉଛି କେ ଏଲ ରାହୁଲ, ଅଧିନାୟକ ଶୁବମନ ଗିଲ, ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜାଙ୍କୁ। ରାହୁଲ ୯୦ ରନ୍ କରିଥିବା ବେଳେ ଅନ୍ୟ ୩ ଜଣ ଶତକ ମାରିଛନ୍ତି। ମାଞ୍ଚେଷ୍ଟରରେ ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ଟସ୍ ଜିତି ବୋଲିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଯଶସ୍ୱୀ ଜୈସୱାଲଙ୍କ ୫୮, ସାଇ ସୁଦର୍ଶନଙ୍କ ୬୧, କେଏଲ ରାହୁଲଙ୍କ ୪୬ ଓ ଋଷଭ ପନ୍ତଙ୍କ ୫୪ ରନ୍ ବଳରେ ୩୫୮ ରନ୍ କରିଥିଲା। ଅପରପକ୍ଷରେ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ବିଶାଳ ୬୬୯ ରନ୍ କରିଥିଲା। ତା' ମଧ୍ୟରେ ଥିଲା ଜୋ ରୁଟ୍ ? ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଶତକ। ରୁଟ୍ ୧୫୦ ରନ୍ କରିଥିବା ବେଳେ ବେନ୍ ? ଷ୍ଟୋକ୍ସ ୧୪୧ ରନ୍ କରିଥିଲେ। ସେହିଭଳି ବେନ୍ ଡକେଟ ୯୪ ଓ ଓଲି ପୋପ୍ ୭୧ ରନ୍ କରିଥିଲେ। ଭାରତୀୟ ବୋଲର ସେମାନଙ୍କୁ ଅଟକାଇବାରେ ପୂରା ବିଫଳ ହୋଇଥିଲେ। ଯଶପ୍ରୀତ ବୁମ୍ରା ବି କିଛି କରି ପାରି ନଥିଲେ। ୩୩ ଓଭର ବୋଲିଂ କରିଥିବା ବୁମ୍ରା ମାତ୍ର ୨ଟି ୱିକେଟ୍ ନେଇଥିବା ବେଳେ ସେଥିପାଇଁ ୧୧୨ ରନ୍ ବ୍ୟୟ କରିଥିଲେ। ଇଂଲଣ୍ଡ ପ୍ରଥମ ଇନିଂସରେ ୩୧୧ ରନ୍ ଲିଡ୍ ନେଇଥିବା ବେଳେ ଦ୍ୱିତୀୟ ଇନିଂସ ଖେଳିବାକୁ ଓହ୍ଲାଇଥିଲା ଟିମ୍ ଇଂଡିଆ । ହେଲେ ଦଳକୁ ପ୍ରଥମ ଓଭରରେ ଲାଗିଥିଲା ଡବଲ ଝଟକା। ପ୍ରଥମ ଓଭରରେ ଆଗପଛ ହୋଇ ଆଉଟ୍ ହୋଇଥିଲେ ଯଶସ୍ୱୀ ଜୈସୱାଲ ଓ ସାଇ ସୁଦର୍ଶନ। ଦୁହେଁ ଶୂନରେ ଆଉଟ୍ ହୋଇଥିଲେ। ଏହା ପରେ ମ୍ୟାଚ୍‌କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କେଏଲ୍ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍। ସଫଳ ମଧ୍ୟ ହୋଇଥିଲେ। ଏହି ଯୋଡ଼ିକୁ ଭାଙ୍ଗିବାକୁ ଇଂଲଣ୍ଡକୁ ୭୦ ଓଭର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ରାହୁଲ ୨୩୦ଟି ବଲ୍‌ର ସମ୍ମୁଖୀନ ହୋଇ ୯୦ ରନ୍ କରି ଆଉଟ୍ ହୋଇଥିଲେ। ସେହିପରି ଶୁବମନ ଗିଲ ୨୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୦୩ ରନ୍ କରି ଆଉଟ୍ ହୋଇଥିଲେ। ଦୁହେଁ ଏକାଠି ପ୍ରାୟ ୭୦ ଓଭର ଖେଳିଥିଲେ। ସେମାନଙ୍କ ମଧ୍ୟରେ ୧୮୮ ରନର ଭାଗିଦାରୀ ହୋଇଥିଲା। ୭୦.୨ ଓଭରରେ ରାହୁଲ ଓ ୮୭.୪ ଓଭରରେ ଗିଲ ଆଉଟ୍ ହୋଇଥିଲେ। ଏହା ପରେ ଇଂଲଣ୍ଡ ପୁଣି ଆଶାବାଦୀ ହୋଇଥିଲା ମ୍ୟାଚକୁ ନିଜ କବଜାରେ ରଖିବାକୁ। କିନ୍ତୁ ଇନିଂସକୁ ସମ୍ଭାଳି ନେଇଥିଲେ ୱାଶିଂଟନ ସୁନ୍ଦର ଓ ରବୀନ୍ଦ୍ର ଜାଡେଜା। ଏହି ଯୋଡ଼ିକୁ ଶେଷ ପର୍ଯ୍ୟନ୍ତ ଭାଙ୍ଗି ପାରିନଥିଲା ଇଂଲଣ୍ଡ।ୱାଶିଂଟନ ସୁନ୍ଦର ୧୦୧ (୨୦୬ ବଲ) ଓ ରବୀନ୍ଦ୍ର ଜାଡେଜା ୧୦୭ (୧୮୫ ବଲ) ରନ୍ କରି ନଟ୍ ଆଉଟ୍ ରହିଥିଲେ। ଏହି ଯୋଡି ୫୬ରୁ ଅଧିକ ଓଭର ଏକାଠି ଖେଳିଥିଲେ।

# ଟି୨୦ରେ ମ୍ୟାକ୍ସୱେଲଙ୍କ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ: ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ଆନ୍ତର୍ଜାତୀୟ ଟି୨୦ରେ ବିଶ୍ୱରେକର୍ଡ ସ୍ଥାପନ କରିଛନ୍ତି । ୱେଷ୍ଟଇଣ୍ଡିଜ ବିପକ୍ଷ ୪ର୍ଥ ଟି୨୦ରେ ସେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇଥିଲେ । ସେ ୧୮ ବଲରେ ୪୭ ରନ କରିଥିଲେ । ଏଥିରେ ୬ଟି ଛକା ରହିଥିଲା। ରନ ଚେଜ କରିବା ବେଳେ ସର୍ବାଧିକ ଛକା ମାରିବାରେ ସେ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଲକ୍ଷ୍ୟକୁ ପିଛା କରିବା ବେଳେ ସେ ଓଭରାଲ ୮୪ ଛକା ମାରିଛନ୍ତି । ସେ ପଲ ଷ୍ଟର୍ଲିଂଙ୍କ ୮୩ ଛକା ରେକର୍ଡକୁ ଅତିକ୍ରମ କରିଛନ୍ତି। ରବିଜା ସନ୍ଧୁରୱାନ(୭୭), ନିକୋଲସ ପୂରନ (୭୬), ଜୋସ ବଟଲର(୭୬), ରୋହିତ ଶର୍ମା(୭୪) ଓ ଡେଭିଡ ୱାର୍ଣ୍ଣର ୭୪ ଛକା ସହ ଯଥାକ୍ରମେ ତୃତୀୟରୁ ୭ମ ସ୍ଥାନରେ ରହିଛନ୍ତି । ୱେଷ୍ଟଇଣ୍ଡିଜ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୨୦୯ ରନ କରିଥିଲା । ଅଷ୍ଟ୍ରେଲିଆ ୧୯.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଜୋଶ ଇଂଲିଶ ୫୧ ଓ କ୍ୟାମେରୁନ ଗ୍ରୀନ ୫୫ ରନ କରିଥିଲେ ।

# ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏକା ସମୟରେ ଖେଳାଯିବ ହଜାରେ ହକି ମ୍ୟାଚ୍




ମହାବଲିପୁରମ: ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ବର୍ଷ ପୂରିବ। ଏହି ପରିପ୍ରେକ୍ଷିରେ ହକି ଇଣ୍ଡିଆ (ଏଚ୍ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଜାତୀୟ ଓ ତୃଣମୂଳସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ ବୋଲି ଏଚ୍ଆଇ ପକ୍ଷରୁ ଘୋଷଣା କରାଯାଇଛି । ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି । ଏହାଦ୍ୱାରା ହଜାର ହଜାର ଉଦୀୟମାନ ଖେଳାଳି, କୋଚ୍, ତୃଳମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି । ଏଚ୍ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।

# ବିଦେଶ ମାଟିରେ ଗିଲ୍‌ଙ୍କ ବଡ ଉପଲବ୍ଧି



ମାଂଚେଷ୍ଟର: ଭାରତୀୟ ଟେଷ୍ଟ କ୍ରିକେଟ ଟିମର ଅଧିନାୟକ ଶୁଭମନ ଗିଲ ଏକ ବଡ ଉପଲବ୍ଧି ହାସଲ କରିଛନ୍ତି । ଇଂଲଣ୍ଡ ଗସ୍ତରେ ସେ ଅନେକଗୁଡିଏ ରେକର୍ଡ ସ୍ଥାପନ କରିଛନ୍ତି । ବିଦେଶ ମାଟିରେ ଗୋଟିଏ ସିରିଜରେ ସେ ୭୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି । ସୁନୀଲ ଗାଭାସ୍କରଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି । ୧୯୭୧ ୱେଷ୍ଟଇଣ୍ଡିଜ ଓ ୧୯୭୯ ଇଂଲଣ୍ଡ ଗସ୍ତରେ ଗାଭାସ୍କର ଏହି କୀର୍ତିମାନ ସ୍ଥାପନ କରିଥିଲେ । ସେହିପରି ୯୩ ବର୍ଷ ପରେ ଇଂଲଣ୍ଡରେ ଗୋଟିଏ ସିରିଜରେ ସେ ୭୦୦ରୁ ଉର୍ଦ୍ଧ୍ୱ ରନ କରି ରେକର୍ଡ କରିଛନ୍ତି । ପାକିସ୍ତାନର ମହମ୍ମଦ ୟୁସୁଫ ୨୦୦୬ରେ ୬୩୧ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ କେଏଲ ରାହୁଲ ଓ ଗିଲ ଇଂଲଣ୍ଡରେ ସର୍ବାଧିକ ବଲ ଖେଳିବାରେ କୀର୍ତିମାନ ସ୍ଥାପନ କରିଛନ୍ତି । ସେମାନେ ୪୨୧ ବଲରେ ୧୮୮ ରନ କରିଥିଲେ। ପୂର୍ବରୁ ସଞ୍ଜୟ ବାଙ୍ଗର ଓ ରାହୁଲ ଦ୍ରାବିଡ ୪୦୫ ବଲ ଖେଳିଥିଲେ। ଚଳିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ୪ର୍ଥ ଟେଷ୍ଟରେ ସୁବିଧାଜନକ ସ୍ଥିତିରେ ରହିଥିବାରୁ ଘରୋଇ ଦଳ ଏହାକୁ ଜିତି ସିରିଜ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି ।

# ସିରାଜଙ୍କ ତୁଳନାରେ ବୁମ୍‌ରାଙ୍କ ଆୟ ଅଧିକ



ମାଞ୍ଚେଷ୍ଟର: ଭାରତୀୟ କ୍ରିକେଟ ଟିମ୍ ବର୍ତ୍ତମାନ ଇଂଲଣ୍ଡ ସହ ମାଞ୍ଚେଷ୍ଟରରେ ଏକ ରୋମାଞ୍ଚକର ଟେଷ୍ଟ ମ୍ୟାଚ୍ ଖେଳୁଛି। ଭାରତୀୟ ଟିମ ପ୍ରଥମେ ବ୍ୟାଟିଂ କରି ୩୫୮ ରନ ସଂଗ୍ରହ କରିଥିବା ବେଳେ, ଇଂଲଣ୍ଡ ଦଳ ଜବାବରେ ୬୬୯ ରନ୍‌ର ଜବରଦସ୍ତ ଇନିଂସ ଖେଳିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲର ଜସପ୍ରୀତ ବୁମରା ଏବଂ ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ଖୁବ ଚର୍ଚ୍ଚାରେ ରହିଛି। ଭାରତୀୟ ଷ୍ଟାର ବୋଲର ଜସପ୍ରୀତ ବୁମ୍‌ରାଙ୍କୁ ବର୍ତ୍ତମାନର ସର୍ବଶ୍ରେଷ୍ଠ ବୋଲରମାନଙ୍କ ମଧ୍ୟରୁ ଜଣେ ବୋଲି ଗଣାଯାଏ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ତାଙ୍କ ଉପରେ ଟିମ ଓ ଦେଶର ବହୁତ ଆଶା ରହିଛି। ବୁମ୍‌ରାଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ଆନ୍ତର୍ଜାତୀୟ କ୍ରିକେଟ, ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବା ଏବଂ ବ୍ରାଣ୍ଡ ପ୍ରମୋଶନ। ମିଡିଆ ରିପୋର୍ଟ ଅନୁସାରେ, ବୁମ୍‌ରାଙ୍କ ମୋଟ ସମ୍ପତ୍ତି ପ୍ରାୟ ୭୦ କୋଟି ଟଙ୍କା। ବିସିସିଆଇ ତାଙ୍କୁ ଟପ୍ ଗ୍ରେଡ୍ କଣ୍ଟ୍ରାକ୍ଟ ଅନୁଯାୟୀ ବାର୍ଷିକ ୭ କୋଟି ଟଙ୍କା ଦିଅନ୍ତି। ଏହା ବ୍ୟତୀତ ସେ ବିଜ୍ଞାପନ ଓ ବ୍ରାଣ୍ଡ ପ୍ରମୋଶନ ମାଧ୍ୟମରେ ମଧ୍ୟ ଆୟ କରନ୍ତି। ଅନ୍ୟପକ୍ଷରେ, ଭାରତୀୟ ଟିମର ଅନ୍ୟତମ ଷ୍ଟାର ବୋଲର ମହମ୍ମଦ ସିରାଜ ମଧ୍ୟ ଟେଷ୍ଟ କ୍ରିକେଟ୍ରେ ନିଜର ଛାପ ଛାଡିଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ସିରାଜଙ୍କ ମୋଟ ସମ୍ପତ୍ତି ପ୍ରାୟ ୫୭ କୋଟି ଟଙ୍କା। ତାଙ୍କ ଆୟର ମୁଖ୍ୟ ଉତ୍ସ ହେଉଛି ବିସିସିଆଇ କଣ୍ଟ୍ରାକ୍ଟ, ଆଇପିଏଲ ସାଲାରୀ ଏବଂ ବ୍ରାଣ୍ଡ ପ୍ରମୋଶନ। ମିଡିଆ ରିପୋର୍ଟ ଅନୁଯାୟୀ, ଜସପ୍ରୀତ ବୁମ୍‌ରାଙ୍କ ସମ୍ପତ୍ତି (୭୦ କୋଟି) ମହମ୍ମଦ ସିରାଜଙ୍କ (୫୭ କୋଟି) ତୁଳନାରେ ଅଧିକ। ତେଣୁ ବୁମ୍‌ରା ସିରାଜଙ୍କଠାରୁ ଅଧିକ ଧନୀ ବୋଲି କୁହାଯାଇପାରେ।

# ତୃତୀୟ ଖେଳାଳି ଭାବେ ୭ହଜାର ରନ୍ କଲେ ବେନ୍ ଷ୍ଟୋକ୍ସ



ମାଞ୍ଚେଷ୍ଟର: ଭାରତ ବିପକ୍ଷ ୪ର୍ଥ କ୍ରିକେଟ ଟେଷ୍ଟରେ ବେନ ଷ୍ଟୋକ୍ସଙ୍କ ଆକର୍ଷଣୀୟ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଇଂଲଣ୍ଡ ସୁବିଧାଜନକ ସ୍ଥିତିରେ ରହିଛି । ଷ୍ଟୋକ୍ସ ଏହି ମ୍ୟାଚ ଅବସରରେ ଏକ ବଡ ଉପଲବ୍ଧି ହାସଲ କରିଛନ୍ତି । ସେ ଟେଷ୍ଟ କ୍ରିକେଟର ତୃତୀୟ ଅଲରାଉଣ୍ଡର ଭାବେ ୭୦୦୦ ଓ ୨୦୦ ୱିକେଟ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ କେବଳ ୱେଷ୍ଟଇଣ୍ଡିଜର ମହାନ ଅଲରାଉଣ୍ଡର ଗ୍ୟାରୀ ସୋବର୍ସ ଓ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ସ କାଲିସ ଏହି ସଫଳତା ହାସଲ କରିଛନ୍ତି । ପାଖାପାଖି ୨ ବର୍ଷ ପରେ ଷ୍ଟୋକ୍ସ ଶତକ ହାସଲ କରି ପ୍ରଶଂସକଙ୍କ ମନ ଜିଣିଛନ୍ତି। ସେ ୧୧୫ ଟେଷ୍ଟରେ ୩୫.୭ ଆଭରେଜରେ ୭୦୩୨ ରନ ସଂଗ୍ରହ କରିଛନ୍ତି । ଏଥିରେ ୧୪ ଶତକ ଓ ୩୫ ଅର୍ଦ୍ଧଶତକ ସାମମିଲ । ଗତ ବର୍ଷ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୨୦୦ ୱିକେଟ ପୂରଣ କରିଥିଲେ । ଚଳିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି । ସିରିଜରେ ୫ଟି ମ୍ୟାଚ ଖେଳାଯିବ। ୪ର୍ଥ ଟେଷ୍ଟରେ ମ୍ୟାଚକୁ ବଂଚାଇବା ପାଇଁ ଭାରତ ସଂଘର୍ଷ ଜାରୀ ରଖିଛି ।

# ଆଞ୍ଚଳିକ ଟାଏକୋଣ୍ଡୋ ଚାମ୍ପିଅନ୍‌ସିପ୍‌ରେ ଅଦମ୍ୟ ଅରିଜିତ୍‌ଙ୍କୁ ରୌପ୍ୟ ପଦକ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ୨୦୨୫ ବର୍ଷ ପାଇଁ ସିବିଏସ୍ଇର ଆଞ୍ଚଳିକ ଟାଇକୋଣ୍ଡ ଚାମ୍ପିଅନସିପ୍ ଚଳିତ ମାସ ୨୪ ରୁ ୨୬ ତାରିଖ ଯାଏ ମେଘାଳୟର ଶିଲଂ ଠାରେ ବିଡିଡ଼ବ୍ଲୁ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଓଡ଼ିଶା, ଆସାମ, ଛତିଶଗଡ, ମେଘାଳୟ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବିଭିନ୍ନ ବିଭାଗରେ ପ୍ରାୟ ୬୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତନ୍ମଧ୍ୟରେ କେନ୍ଦୁଝରର ତାଏକୋଣ୍ଡୋ ଖେଳାଳି ଶ୍ରୀମାନ ଅଦମ୍ୟ ଅରିଜିତ ରାୟ ୧୪ ବର୍ଷରୁ କମ୍ ଓ ୪୧ କେଜିରୁ ଅଧିକ ବିଭାଗରେ ପ୍ରଶିକ୍ଷକ ରାଜେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଂଶ ଗ୍ରହଣ କରିଥିଲେ । ମୋଟ ୨୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ୫ ରାଉଣ୍ଡରେ ମେଘାଳୟ, ଛତିଶଗଡ, ଆସାମ ଓ ଓଡ଼ିଶା ଖେଳାଳୀଙ୍କ ସହ ଖେଳି ଅଦମ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ମାନସ ଡୋରା ଓ ମିତାଲି ମହାପାତ୍ରଙ୍କ ଏକମାତ୍ର ପୁତ୍ର ଅଦମ୍ୟ କେନ୍ଦୁଝର ରବୀନ୍ଦ୍ର ବିଦ୍ୟା ନିକେତନର ଅଷ୍ଟମ ଶ୍ରେଣୀର ଛାତ୍ର ଅଟନ୍ତି । ତାଙ୍କର ଏହି ସଫଳତାରେ ପ୍ରଶିକ୍ଷକ ମୌଳିନ୍ଦୁ କୁମାର ମହାନ୍ତ ଓ ମନିଶ ପ୍ରସାଦ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଓଡ଼ିଶା ତାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ମଧ୍ୟ ଅଦମ୍ୟଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଇଂଲଣ୍ଡରେ କୀର୍ତ୍ତିମାନ ସ୍ଥାପନ କଲେ ଜାଡେଜା



ମାଞ୍ଚେଷ୍ଟର: ଭାରତର ଷ୍ଟାର ଅଲରାଉଣ୍ଡର ଚଳିତ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜବରଦସ୍ତ ଫର୍ମରେ ରହିଛନ୍ତି । ସେ ଉଭୟ ବ୍ୟାଟିଂ ଓ ବୋଲିଂରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାରେ ଲାଗିଛନ୍ତି । ଚତୁର୍ଥ ଟେଷ୍ଟରେ ଜାଡେଜା ଇଂଲଣ୍ଡରେ ଆଉ ଏକ କୀର୍ତିମାନ ସ୍ଥାପନ କରିଛନ୍ତି । ସେ ପ୍ରଥମ ଏସୀୟ ଅଲରାଉଣ୍ଡର ଭାବେ ଇଂଲଣ୍ଡରେ ୧୦୦୦ ରନ ଓ ୩୦ ୱିକେଟ ହାସଲ କରିଛନ୍ତି। ସେହିପରି ଗ୍ୟାରୀ ସୋବର୍ସଙ୍କ ପରେ ସେ ୬ରୁ ୧୧ ସ୍ଥାନ ମଧ୍ୟରେ ବ୍ୟାଟିଂ କରି ଇଂଲଣ୍ଡରେ ୧୦୦୦ ରନ ପୂର୍ଣ୍ଣ କରିଛନ୍ତି। ୪ର୍ଥ ଟେଷ୍ଟର ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଇଂଲଣ୍ଡ ହାତରୁ ମ୍ୟାଚ ଛଡାଇ ଆଣିଥିଲେ । ଶୁଭମନ ଗିଲ ଶତକ ହାସଲ କରିଥିବା ବେଳେ କେଏଲ ରାହୁଲ ଅଳ୍ପକେ ସୁଯୋଗ ହାତଛଡା କରିଛନ୍ତି । ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଥିଲା।

# ଜୁଲିଆନ୍ ଉଡ୍ ବାଂଲାଦେଶର ପ୍ରଶିକ୍ଷକ ନିଯୁକ୍ତ



ନୂଆଦିଲ୍ଲୀ: ବିଶ୍ୱ ପ୍ରସିଦ୍ଧ ପାୱାର-ହିଟିଂ ପ୍ରଶିକ୍ଷକ ଜୁଲିଆନ୍ ଉଡ୍ ବାଂଲାଦେଶର ପ୍ରଶିକ୍ଷକଭାବେ ନିଯୁକ୍ତି ହୋଇଛନ୍ତି। ଅଗଷ୍ଟରେ ବାଂଲାଦେଶ ସେଟ୍-ଅପ୍‌ରେ ଯୋଗ ଦେବେ। ସେପ୍ଟେମ୍ବର ୯ ର ୟୁଏଇରେ ହେବାକୁ ଥିବା ଆଗାମୀ ଟି୨୦ ଏସିଆ କପ୍ ପାଇଁ ପ୍ରସ୍ତୁତି କରିବା ସମୟରେ ସେମାନଙ୍କ ସଟ୍ ପରିସରକୁ ଉନ୍ନତ କରିବାରେ ସାହାଯ୍ୟ କରିପାରିବେ। ବ୍ୟସ୍ତ କାର୍ଯ୍ୟସୂଚୀ ସମାପ୍ତ କରିବା ପରେ ବିରତି ଉପଭୋଗ କରୁଥିବା ବାଂଲାଦେଶର ଜାତୀୟ କ୍ରିକେଟରମାନେ ଅଗଷ୍ଟ ୬ ରୁ ଶେର-ଏ-ବାଂଲା ଜାତୀୟ କ୍ରିକେଟ ଷ୍ଟାଡିୟମରେ ଏସିଆ କପ୍ ପାଇଁ ସେମାନଙ୍କର ପ୍ରସ୍ତୁତି ଶିବିର ଆରମ୍ଭ କରିବେ। ପାୱାର-ହିଟିଂ ପଦ୍ଧତି ପ୍ରଚଳନ କରି ଇଂଲଣ୍ଡର ଧଳା ବଲ୍ ଦଳକୁ ପରିବର୍ତ୍ତନ କରିବା ପାଇଁ ଶ୍ରେୟ ପାଇଥିବା ଉଡ୍ ଅଗଷ୍ଟରେ ଶିବିର ଆରମ୍ଭ ହେବା ପୂର୍ବରୁ ପହଞ୍ଚିବେ ଏବଂ ଖେଳାଳିମାନଙ୍କୁ ତିନି ସପ୍ତାହ ପାଇଁ ମାର୍ଗଦର୍ଶନ କରିବେ ବୋଲି ଆଶା କରାଯାଉଛି। 'ଆମେ ଆଶା କରୁଛୁ ଯେ ସେ ଏସିଆ କପ୍ ପୂର୍ବରୁ ନିର୍ଦ୍ଧାରିତ ଶିବିର ଆରମ୍ଭ ହେବା ପୂର୍ବରୁ ପହଞ୍ଚିବେ,' ବିସିବିର ଜଣେ ଉଚ୍ଚ ଅଧିକାରୀ ଶନିବାର କ୍ରିକବଜ୍‌କୁ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ବାଂଲାଦେଶ ପ୍ରିମିୟର ଲିଗ୍ ସମୟରେ ପ୍ରତିଯୋଗିତାରେ ଚାଟୋଗ୍ରାମ ଚ୍ୟାଲେଞ୍ଜର୍ସକୁ ମାର୍ଗଦର୍ଶନ କରି ବାଂଲାଦେଶୀ କ୍ରିକେଟରମାନଙ୍କ ସହିତ କାମ କରିଥିବା ଉଡ୍ ଏହି ୱେବସାଇଟରେ ସମାନ ଭାବନା ପ୍ରତିଫଳିତ କରିଛନ୍ତି। ଜୁଲିଆନଙ୍କ ମତରେ 'ମୁଁ ଭାବୁଛି ବାଂଲାଦେଶରେ ବହୁତ ପ୍ରତିଭା ଅଛି। ସେମାନଙ୍କ ପାଖରେ ସର୍ବଦା ପ୍ରତିଭା ରହିଛି। 'ମୋର କାମ ହେବ ସେମାନଙ୍କୁ ସୂଚନା ଦେବା ଏବଂ ମୁଖ୍ୟ କଥା ହେଉଛି କିପରି ସେମାନଙ୍କର ଶକ୍ତି ବ୍ୟବହାର କରିବେ, କିପରି ସେମାନଙ୍କର ଶକ୍ତି ସୃଷ୍ଟି କରିବେ ଏବଂ ସେହି ଶକ୍ତିକୁ ଅଧିକ ଦକ୍ଷତାର ସହିତ ବ୍ୟବହାର କରିବେ। 'ମୁଁ ପ୍ରକୃତରେ ଏହି ତିନି ସପ୍ତାହ ପାଇଁ ଅପେକ୍ଷା କରିଛି କାରଣ ମୋର ସେଠାରେ ଇତିହାସ ଅଛି। ଏବଂ ସେମାନେ କିଛି ସମୟ ଧରି ଏହା ବିଷୟରେ କଥା ହୋଇଛନ୍ତି।' କ୍ରୀଡା, ବ୍ୟାୟାମ ଏବଂ ମନସ୍ତତ୍ତ୍ୱ କ୍ଷେତ୍ରରେ ଶିକ୍ଷାଦାନ ଏବଂ ଗବେଷଣା କରୁଥିବା ସ୍କଟ୍ ବହୁ ସଂଖ୍ୟକ ସରକାରୀ ବିଭାଗ ଏବଂ ଘରୋଇ କମ୍ପାନୀ ସହିତ ପରାମର୍ଶଦାତା ଅଛନ୍ତି, ଏହା ସହିତ ସେ ଅନେକ ଦଳ ଏବଂ ସଂଗଠନ ସହିତ କ୍ରୀଡା ମନସ୍ତତ୍ତ୍ୱ ପରାମର୍ଶଦାତା ମଧ୍ୟ ଅଛନ୍ତି। ଏହି ସମୟରେ, ଜଣେ ବିସିବି ଅଧିକାରୀ କହିଛନ୍ତି ଯେ ସେମାନେ ଚଳିତ ବର୍ଷ ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ ପାଇଁ ପ୍ରସ୍ତୁତି ସ୍ୱରୂପ ଏକ ଦ୍ୱିପାକ୍ଷିକ ସିରିଜ୍ ଖେଳିବା ପାଇଁ ନେପାଳ ଏବଂ ନେଦରଲ୍ୟାଣ୍ଡ ସମେତ ଅନେକ ଅନ୍ତର୍ଜାତୀୟ ଦଳ ସହିତ ଆଲୋଚନା କରୁଛନ୍ତି। 'ଭାରତ ବାଂଲାଦେଶ ଆସିବା କଥା ଥିଲା। ଆମେ ଏହା ଉପରେ ନିର୍ଭର କରୁଥିଲୁ। ଆମେ ଭାବୁଥିଲୁ ଯେହେତୁ ଆମେ ଘରୋଇ ଭାରତ ସହିତ ଖେଳିବା ପରେ ଏସିଆ କପ୍ ଖେଳିବୁ। ଯେହେତୁ ସେମାନେ ବର୍ତ୍ତମାନ ଆସୁନାହାଁନ୍ତି, ଆମେ ଅନ୍ୟ ଏକ ଦେଶକୁ ବାଂଲାଦେଶ ଆସିବାକୁ ଚେଷ୍ଟା କରୁଛୁ। ଅନ୍ୟ ପ୍ରମୁଖ ଦେଶଗୁଡ଼ିକ ସେମାନଙ୍କର କାର୍ଯ୍ୟସୂଚୀ ସହିତ ବ୍ୟସ୍ତ ଅଛନ୍ତି। ଆମେ ଏହାଠାରୁ ଅଧିକ ଚେଷ୍ଟା କରୁଛୁ। ଏହା ନେପାଳ କିମ୍ବା ନେଦରଲ୍ୟାଣ୍ଡ ହୋଇପାରେ, 'ବିସିବି କ୍ରିକେଟ୍ ଅପରେସନ୍ ଅଧକ୍ଷ ନଜମୁଲ୍ ଆବେଦିନ ଶନିବାର ସାମ୍ବାଦିକମାନଙ୍କୁ କହିଛନ୍ତି। 'ଯଦି ଆମେ ବିଦେଶୀ ଦଳ ନ ପାଆନ୍ତି, ତେବେ ଏବେଠାରୁ, ଆମେ ପରବର୍ତ୍ତୀ ସମ୍ଭାବ୍ୟ ସର୍ବୋତ୍ତମ ଦଳ ସହିତ ଏକ ସିରିଜ୍ ଖେଳିବାକୁ ଚିନ୍ତା କରୁଛୁ - ଏହା ବାଧ୍ୟତାମୂଳକ ହେବ। ଏହିପରି ଭାବରେ, ଜାତୀୟ ଦଳ ଭଲ ଭାବରେ ପ୍ରସ୍ତୁତ ହେବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁମାନେ ଜାତୀୟ ଦଳର ନିକଟତର ସେମାନେ ମଧ୍ୟ ଭଲ ପ୍ରତିଯୋଗିତାର ସମ୍ମୁଖୀନ ହେବେ। କିନ୍ତୁ ବର୍ତ୍ତମାନ, ଆମର ପ୍ରଥମ ପ୍ରାଥମିକତା ହେଉଛି ଏକ ବିଦେଶୀ ଦଳ ଆଣିବା,' ସେ କହିଛନ୍ତି।

# ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟି ୨୦ ସିରିଜ୍: ଚତୁର୍ଥ ମ୍ୟାଚ୍‌କୁ ତିନି ୱିକେଟ୍‌ରେ ଜିତିଲା ଅଷ୍ଟ୍ରେଲିଆ




ନୂଆଦିଲ୍ଲୀ: ଟି୨୦ ସିରିଜରେ ଅଷ୍ଟ୍ରେଲିଆ ସେମାନଙ୍କର ଦୃଢ଼ ଫର୍ମ ଜାରି ରଖି ଚତୁର୍ଥ ମ୍ୟାଚ୍‌କୁ ତିନି ୱିକେଟରେ ଜିତି ୪-୦ରେ ଆଗୁଆ ରହିଛି। ଜୋଶ୍ ଇଂଲିସ୍ ଏବଂ କ୍ୟାମେରନ୍ ଗ୍ରୀନ୍ ଉଭୟ ଅର୍ଦ୍ଧଶତକ ହାସଲ କରିଥିଲେ। ଗ୍ଲେନ୍ ମ୍ୟାକ୍ସୱେଲ୍ ମାତ୍ର ୧୮ ବଲ୍ ରୁ ଦ୍ରୁତ ୪୭ ରନ୍ କରିଥିଲେ। ଅଷ୍ଟ୍ରେଲିଆ ଟସ୍ ଜିତ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ବ୍ୟାଟିଂ ପାଇଁ ଭଲ ହେବ ବୋଲି ଆଶା କରାଯାଉଥିଲା ଏବଂ ୱେଷ୍ଟଇଣ୍ଡିଜ୍ ଆକ୍ରମଣାତ୍ମକ ଭାବରେ ଆରମ୍ଭ କରିଥିଲା, ପ୍ରଥମ ଛଅ ଓଭରରେ ୫୮ ରନ କରିଥିଲା। କିନ୍ତୁ ଏହି ପ୍ରକ୍ରିୟାରେ ସେମାନେ ତିନୋଟି ୱିକେଟ ମଧ୍ୟ ହରାଇଥିଲେ। ବ୍ରାଣ୍ଡନ୍ କିଙ୍ଗ କିଛି ପ୍ରାରମ୍ଭିକ ବାଉଣ୍ଡରୀ ମାରିଥିଲେ କିନ୍ତୁ ଦ୍ୱିତୀୟ ଓଭରରେ ସେ ଜାଭିୟର ବାର୍ଟଲେଟଙ୍କୁ ମିଡ-ୱିକେଟରେ ଚିପ୍ କରି ଆଉଟ ହୋଇଥିଲେ। ଶାଇ ହୋପ୍ ପରବର୍ତ୍ତୀ ଖେଳାଳି ଥିଲେ, ଏକ ପୁଲ୍ ସଟ୍ ଭୁଲ କରିଥିଲେ ଯାହା ସିଧାସଳଖ ମିଡ-ଅନରେ ମ୍ୟାକ୍ସୱେଲଙ୍କ ପାଖକୁ ଯାଇଥିଲା। ପାୱାରପ୍ଲେର ତୃତୀୟ ୱିକେଟ ସେତେବେଳେ ଆସିଥିଲା ଯେତେବେଳେ ରୋଷ୍ଟନ୍ ଚେଜ୍ ଉପରକୁ ଯିବାକୁ ଚେଷ୍ଟା କରିଥିଲେ କିନ୍ତୁ ମ୍ୟାକ୍ସୱେଲଙ୍କ ଦ୍ୱାରା ପୁଣି ଚମତ୍କାର ଭାବରେ କ୍ୟାଚ୍ ହୋଇଥିଲେ, ଯିଏ ମିଡ-ଅନରେ ଦୌଡ଼ି ଦୌଡ଼ି ଗୋଟିଏ ହାତରେ କ୍ୟାଚ୍ ନେଇଥିଲେ। ସେହି ବିପର୍ଯ୍ୟୟ ସତ୍ତ୍ୱେ, ଶେରଫେନ୍ ରୁଥରଫୋର୍ଡ ଆକ୍ରମଣ ଜାରି ରଖିଲେ ଏବଂ ୧୫ ବଲ୍ ରେ ୩୧ ରନରେ ଦୁଇଟି ଛକା ଏବଂ ଚାରି ଚୌକା ମାରିଲେ। କିନ୍ତୁ ଏକ ବଡ଼ ଛକା ମାରିବା ପରେ, ସେ ପୁଣି ଥରେ ଯିବାକୁ ଚେଷ୍ଟା କଲେ ଏବଂ ଆଡାମ ଜାମ୍ପାଙ୍କ ବଲରେ ମିଚେଲ ମାର୍ଶଙ୍କୁ ସିଧା ଏକ ସଟ୍ ମାରିଲେ। ଏହା ପରେ, ହେଟମାୟର ଏବଂ ପାୱେଲ କିଛି ଦ୍ରୁତ ରନ ଯୋଡିଲେ, ହେଟମାୟର ଜାମ୍ପାଙ୍କ ବଲରେ ପଛପଟୁ ଛକା ମାରିଲେ। କିନ୍ତୁ ସେ ମଧ୍ୟ ଏକ ବଡ଼ ସଟ୍ ଖେଳି ଲଙ୍ଗ-ଅନ୍ ରେ ମିଚେଲ୍ ଓୱେନ୍‌ଙ୍କ ଦ୍ୱାରା କ୍ୟାଚ୍ ହୋଇ ଆଉଟ୍ ହୋଇଥିଲେ। ମଧ୍ୟଭାଗରେ, ୱେଷ୍ଟଇଣ୍ଡିଜ୍ ୫ ୱିକେଟ୍ ହରାଇ ୧୧୧ ରନ୍ କରିଥିଲା ଏବଂ ଏକ ଦୃଢ଼ ଫିନିସ୍ ପାଇଁ ଆଶା କରିଥିଲା। ଜାସନ୍ ହୋଲ୍ଡର୍ ଏବଂ ରୋମାରିଓ ସେଫର୍ଡ ଇନିଂସରେ ପରେ ଉପଯୋଗୀ ରନ୍ ଯୋଡିଥିଲେ, ଜାମ୍ପା ଏବଂ ବାର୍ଟଲେଟ୍ ଙ୍କୁ କିଛି ବାଉଣ୍ଡାରୀ ମାରିଥିଲେ। ଆକିଲ୍ ହୋସେନ୍ ମଧ୍ୟ ଥରେ ରସ୍ କ୍ଲିଅର୍ କରିଥିଲେ କିନ୍ତୁ ଶେଷ ପାଞ୍ଚ ଓଭର ମାତ୍ର ୪୧ ରନ୍ ଆଣିଥିଲେ। ଇନିଂସରେ ଚାରିଟି ବଲ୍ ବାକି ଥିବା ବେଳେ ବର୍ଷା ଖେଳକୁ କିଛି ସମୟ ପାଇଁ ବାଧା ଦେଇଥିଲା କିନ୍ତୁ ପୁନଃଆରମ୍ଭ ପରେ, ନାଥନ୍ ଏଲିସ୍ ଏକ ସଫାସୁତୁରା ଶେଷ ଓଭର ବୋଲିଂ କରି ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍ ରେ ୨୦୫ ରନ୍ କରିଥିଲା। ଜବାବରେ, ଅଷ୍ଟ୍ରେଲିଆ ପ୍ରଥମ ଓଭରରେ ଅଧିନାୟକ ମିଚେଲ୍ ମାର୍ଶଙ୍କୁ ଶୂନ୍ୟରେ ହରାଇଥିଲା। ତାଙ୍କୁ ଜେଡିଆ ବ୍ଲେଡ୍ସଙ୍କ ଦ୍ୱାରା ଏଲବିଡବ୍ଲୁ ଆଉଟ୍ କରାଯାଇଥିଲା, ଯଦିଓ ପରେ ରିପ୍ଲେ ଦେଖାଯାଇଥିଲା ଯେ ବଲ୍ ଗୋଡ଼ର ବାହାରେ ପିଚ୍ ହୋଇଥିଲା। ଏହା ଅଷ୍ଟ୍ରେଲିଆକୁ ଧୀର କରିନଥିଲା କାରଣ ଜୋଶ୍ ଇଙ୍ଗଲିସ୍ ଏବଂ ଗ୍ଲେନ୍ ମ୍ୟାକ୍ସୱେଲ୍ ତୁରନ୍ତ ଆକ୍ରମଣରେ ଲାଗିଥିଲେ। ଇଙ୍ଗଲିସ୍ ବାଉଣ୍ଡାରୀ ଖୋଜିବା ପାଇଁ ସ୍କୁପ୍, କଟ୍ ଏବଂ ପୁଲ୍ ର ମିଶ୍ରଣ ବ୍ୟବହାର କରିଥିଲେ ଯେତେବେଳେ ମ୍ୟାକ୍ସୱେଲ୍ ୧୦୧ ମିଟର ଛକା ଲଞ୍ଚ କରିଥିଲେ ଏବଂ ସହଜରେ ରସ୍ କ୍ଲିଅର୍ କରିଚାଲିଥିଲେ। ଇଙ୍ଗଲିସ୍ ମାତ୍ର ୨୮ ବଲ୍ ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ସେଫର୍ଡଙ୍କ ପାଖରେ ଡିପ୍ ରେ ଧରାପଡ଼ିଥିଲେ। ମ୍ୟାକ୍ସୱେଲ୍ ପ୍ରାଧାନ୍ୟ ବିସ୍ତାର କରି ଚାଲିଥିଲେ, ଫୋର୍ଡ ଏବଂ ସେଫର୍ଡଙ୍କ ପାଖରେ ଛକା ମାରିଥିଲେ କିନ୍ତୁ ସେ ପୁଣି ଥରେ ବଡ଼ ହେବାକୁ ଚେଷ୍ଟା କରିବା ସମୟରେ ତାଙ୍କର ଅର୍ଦ୍ଧଶତକରୁ ତିନୋଟି ପଛରେ ପଡ଼ିଯାଇଥିଲେ ଏବଂ ଆକିଲ୍ ହୋସେନ୍ ଙ୍କ ପାଖରେ ଡିପ୍ ରେ ଧରାପଡ଼ିଥିଲେ। ୧୨୯ ରନରେ ୨ ୱିକେଟରୁ ଅଷ୍ଟ୍ରେଲିଆ ହଠାତ୍ ୫ ୱିକେଟରେ ୧୩୪ ରନରେ ଖସିଗଲା କାରଣ ମିଚେଲ୍ ଓୱେନ୍ ଏବଂ କୁପର୍ କନୋଲି ଉଭୟ ସମାନ ଓଭରରେ ବ୍ଲେଡ୍ସଙ୍କ ହାତରେ ପଡ଼ିଗଲେ, ଯିଏ ୨୯ ରନରେ ୩ ୱିକେଟରେ ଉତ୍କୃଷ୍ଟ ଚିତ୍ର ସହିତ ଶେଷ ହୋଇଥିଲେ।




ଉଚ୍ଚ ରକ୍ତଶର୍କରା (ହାଇ ବ୍ଲଡ ସୁଗାର) ସମସ୍ୟାକୁ ସମୟଥାଉ ଚିହ୍ନଟ କରିବା ଅତ୍ୟନ୍ତ ଜରୁରୀ, ନଚେତ୍ ଆପଣଙ୍କ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇପାରେ। ଆପଣଙ୍କ ଅଜାଣତରେ ଶରୀରରେ ରକ୍ତଶର୍କରା ବଢ଼ିଥାଏ । ଯାହାଦ୍ୱାରା ଶରୀରରେ କିଛି ଲକ୍ଷଣ ଦେଖାଯାଇଥାଏ । ଆସନ୍ତୁ ଜାଣିବା ଏପରି କିଛି ଲକ୍ଷଣ ବିଷୟରେ, ଯାହା ଉପରେ ଧ୍ୟାନ ଦେବା ନିହାତି ଆବଶ୍ୟକ। ସକାଳୁ ଉଠିବା ମାତ୍ରେ କ'ଣ ଆପଣ ଥକାପଣ ଅନୁଭବ କରୁଛନ୍ତି ? ଯଦି ହଁ, ତେବେ ଏହି ଲକ୍ଷଣକୁ ସାଧାରଣ ଭାବି ଅଣଦେଖା କରିବା ଭୁଲ କରନ୍ତୁ ନାହିଁ। ରକ୍ତଶର୍କରା ବଢ଼ିଲେ ଆପଣଙ୍କ ଶକ୍ତି ସ୍ତର ଗୁରୁତର ଭାବେ ପ୍ରଭାବିତ ହୋଇପାରେ, ଯାହାଫଳରେ ଥକାପଣ ଓ ଦୁର୍ବଳତା ଅନୁଭବ ହୁଏ। ଏହା ସହ, ଉଚ୍ଚ ରକ୍ତଶର୍କରା ଯୋଗୁ ମୁଣ୍ଡ ବୁଲାଇବା ମଧ୍ୟ ହୋଇପାରେ। ସକାଳୁ ଉଠିବା ମାତ୍ରେ ଯଦି ଆପଣଙ୍କୁ ପ୍ରଚଣ୍ଡ ଶୋଷ ଲାଗୁଛି, ତେବେ ଏହା ଉଚ୍ଚ ରକ୍ତଶର୍କରାର ଏକ ସଙ୍କେତ ହୋଇପାରେ। ଯଦି ଏହା ସହ ଆପଣଙ୍କ ପାଟି ଶୁଖିଲା ଲାଗୁଛି, ତେବେ ରକ୍ତଶର୍କରା ବଢ଼ିବାର ସମ୍ଭାବନା ଆହୁରି ବେଶୀ। ଆପଣଙ୍କ ଜାଣିବା ପାଇଁ କହୁଛୁ ଯେ ସକାଳୁ ମୁଣ୍ଡବ୍ୟଥା ଅନୁଭବ ହେବା ମଧ୍ୟ ହାଇ ବ୍ଲଡ ସୁଗାରର ଏକ ଲକ୍ଷଣ ହୋଇପାରେ। ଆପଣ କ'ଣ ଜାଣିଛନ୍ତି ଯେ ଉଚ୍ଚ ରକ୍ତଶର୍କରା ଆପଣଙ୍କ ଆଖିକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିପାରେ? ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ, ରକ୍ତଶର୍କରା ବଢ଼ିବା ଯୋଗୁଁ ଧୁଆଁଦୃଷ୍ଟି (ବ୍ଲର ଭିଜନ) ସମସ୍ୟା ଦେଖାଦେଇପାରେ। ଏହା ସହ, ଆଖିରେ ଜଳାପୋଡ଼ା ଅନୁଭବ ହେବା ମଧ୍ୟ ଉଚ୍ଚ ରକ୍ତଶର୍କରାର ଏକ ସଙ୍କେତ।

# ଆସ ବୁଲିଯିବା ନବରଙ୍ଗପୁର

# ପୁରାତନ ଐତିହାସିକ ଶୈବପୀଠ



*ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁରାତନ ପ୍ରତିଷ୍ଠିତ ଐତିହାସିକ ଶୈବପୀଠ ସମ୍ବନ୍ଧିତ ଲୋକକଥା ରହିଛି। କିମ୍ବଦନ୍ତୀ ଅନୁଯାୟୀ ଯାହା ସମସ୍ତେ ଅବଗତ ହେବା ସହ ଶୈବଭକ୍ତମାନେ ନିଜର ସମୟ ସୁବିଧା ଅନୁସାରେ ମହାଦେବଙ୍କୁ ଦର୍ଶନ ପୂର୍ବକ ମନୋସ୍କାମନା ପୂର୍ଣ୍ଣ ସହ କୃପା ଲାଭ କରୁଛନ୍ତି। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆଉ ଏକ ପରିବର୍ତ୍ତିତ ମାନସିକତା ନେଇ ଗତ ଏକ ଦଶନ୍ଧି ଧରି କ୍ରମଶଃ ବୃଦ୍ଧି ପାଇଥିବା ଯୁବ ଶିବଭକ୍ତ ଯେଉଁମାନେ 'କାଉଡିଆ' ଭାବେ ଅଭିହିତ ଓ ସୁପରିଚିତ । ଶ୍ରାବଣ ମାସରେ ବର୍ଷାରେ ଭିଜି ଭିଜି ବମ୍ ବମ୍ ଭୋଲେ , ଆମେ ତ କାଉଡିବାଲା ଇତ୍ୟାଦି ଭକ୍ତି ଗୀତର ତାଳେ ତାଳେ ଖାଲି ପାଦରେ ଚାଲି ଚାଲି ଦୂରଦୂରାନ୍ତ ପଥ ଅତିକ୍ରମ କରି କାଉଡିରେ ଜଳପୂର୍ଣ୍ଣ କଳସକୁ ନେଇ ବିଭିନ୍ନ ଶୈବପୀଠକୁ ପବିତ୍ରତା ପୂର୍ବକ ଯାଇ ଭଗବାନ ଶିବଙ୍କୁ ଜଳାଭିଷେକ କରନ୍ତି । ତାହା ଦେଖିବାକୁ ଯେତିକି ଆନନ୍ଦ ଦାୟକ ମନରେ ସେତିକି ଭକ୍ତି ପ୍ଲାବିତ କରେ...*

## ମାଣ୍ଡାଡଙ୍ଗରୀ ଶୈବପୀଠ



ମାଣ୍ଡାଡଙ୍ଗରୀ ଶୈବପୀଠ ନବରଙ୍ଗପୁରର ଏକ ଅନନ୍ୟ ଆକର୍ଷଣ। ଏହା ନବରଙ୍ଗପୁର ଠାରୁ ମାତ୍ର ୧୧ କିଲୋମିଟର ଦୂରରେ ଥିବା ଚଟାହାଣ୍ଡି ନିକଟସ୍ଥ ମାଣ୍ଡାଡଙ୍ଗରୀ ଠାରେ ଅବସ୍ଥିତ। ଡଙ୍ଗରୀ ଅର୍ଥ ପାହାଡ, ଅତଏବ ଏହାକୁ କୈଳାସ ପର୍ବତର ମାନ୍ୟତା ଦେଇ ନିରୀହ ଆଦିବାସୀମାନେ ତାଙ୍କ ଈଶ୍ୱରଙ୍କୁ ଯେଉଁ ପରି ଭାବେ ଭକ୍ତିପୂତ ପ୍ରାଣରେ ପ୍ରତିଷ୍ଠିତ କରନ୍ତି ତାହା ଏକ ନିଆରା । ମନ୍ଦିର ପ୍ରାଙ୍ଗଣରେ ଶିବ ପାଦୁକା ସ୍ୱରୂପ ଝରି ଯାଉଥିବା ନିର୍ଝରିଣୀ ଏହି ପବିତ୍ର ସ୍ଥାନକୁ ଅଧିକ ନୈସର୍ଗିକ ଓ ଉପଭୋଗ୍ୟ କରିଛି । ଏହାର ବିଶେଷତା ହେଲା ଶିବରାତ୍ରି ପରଦିନ ଏଠାରେ ଅନୁଷ୍ଠିତ ଯାତ୍ରା ଏବଂ ପ୍ରବଳ ଜନସମାଗମର ଏକ ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳେ ।

## ଘୁମରେଶ୍ୱର ଶୈବପୀଠ



ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମ୍ମା ଠାରେ ଅବସ୍ଥିତ ଘୁମରେଶ୍ୱର ଶୈବପୀଠ । ଏହା ଉଭୟ ଶୈବପୀଠ ଏବଂ ପର୍ଯ୍ୟଟନସ୍ଥଳୀ ହିସାବରେ ଜଣାଶୁଣା ଏବଂ ପ୍ରାୟ ବର୍ଷ ସାରା ଏଠାକୁ ଲୋକଙ୍କ ଯାତାୟାତ ଜାରି ରହିଥାଏ।ଏହାକୁ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଚୀନତମ ଐତିହାସିକ ସର୍ବଶ୍ରେଷ୍ଠ ଶୈବପୀଠ 'ଗୁପ୍ତେଶ୍ୱର' ଙ୍କ ପରେ ଲୋକେ ଘୁମରେଶ୍ୱରକୁ ଦ୍ୱିତୀୟ ଗୁପ୍ତେଶ୍ୱରର ମାନ୍ୟତା ଦେଇଛନ୍ତି।

## ପୋଡାଗଡ ଶୈବପୀଠ



ଉମରକୋଟ ବ୍ଲକ୍‌ର ଭଣ୍ଡାରିଗୁଡା ପଞ୍ଚାୟତର ପୋଡାଗଡ ଶୈବପୀଠ ଅନ୍ୟ ଏକ ପବିତ୍ର ସ୍ଥାନ। ଏକ ଜୀର୍ଣ୍ଣଶୀର୍ଣ୍ଣ ଭଗ୍ନାବଶେଷ ମନ୍ଦିରକୁ ପରିବେଷ୍ଟିତ ସୁରମ୍ୟ ବନାନୀ ମଧ୍ୟରେ ଅନେକ ଶିଳାଖଣ୍ଡ ପ୍ରାଚୀନ ଶିଳାଲେଖ ଓ ଶିଳାମୂର୍ତ୍ତି ସହ କିଛି ଭଗ୍ନାବଶେଷ ଏବଂ ଐଶ୍ୱର୍ଯ୍ୟପୂର୍ଣ୍ଣ ବିଭବଭରା ରାଜବଂଶ ଓ ଇତିହାସର ସ୍ୱାକ୍ଷର ବହନ କରି ଆଜି ବି ନୀରବ ନିଶ୍ଚଳ ଭାବେ ଦଣ୍ଡାୟମାନ କରୁଛି ପୋଡାଗଡ । ଏହାର ଇତିହାସ ଯେତିକି ରହସ୍ୟମୟ ସେତିକି ଗବେଷଣା ସାପେକ୍ଷ । ଏହି ଦର୍ଶନୀୟ ସ୍ଥାନର ଦୂରତା ନବରଙ୍ଗପୁର ଠାରୁ ମାତ୍ର ୫୨ କିମି, ଧୋଡ୍ରା ଠାରୁ ଡାହାଣ ପଟେ ଥିବା ରାସ୍ତା ଦେଇ ଯିବାକୁ ପଡେ।

## କେଲିଆ ଶୈବପୀଠ

ଡାବୁଗାଁ ବ୍ଲକ ଅଧିନସ୍ଥ କେଲିଆ ଶୈବପୀଠ ଏକ ପର୍ଯ୍ୟଟନସ୍ଥଳୀ ଓ ଧର୍ମାନୁଷ୍ଠାନ ଭାବେ ବେଶ୍ ପରିଚିତ। ଏଠାରେ ଶିବରାତ୍ରି ପୂର୍ବରୁ ଭକ୍ତମାନଙ୍କ ଭିଡ ଆରମ୍ଭ ହୁଏ । ମନ୍ଦିର ଚର୍ତୁପାର୍ଶ୍ୱର ମନୋରମ ଶୋଭା ସତେ ଯେମିତି ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବାରେ ତତ୍ପର ହୋଇ ଉଠିଛି । ଜିଲ୍ଲା ସଦର ମହକୁମା ଠାରୁ ୪୫ କିମି ତଥା ଡାବୁଗାଁ ବ୍ଲକ ସଦର ମହକୁମା ଠାରୁ ୧୩ କିମି ଦୂରରେ ରହଛି ଏହି କେଲିଆ ଶୈବପୀଠ । ମାନ୍ୟତା ଅନୁସାରେ ଏଠାରେ ପୂଜା ପାଉଥିବା ବାବା ଝାଡ଼େଶ୍ୱର ମହାଦେବଙ୍କ ପ୍ରସାଦ ସେବନ ଓ ପାଦୁକା ଲେପନ କଲେ କୁଆଡେ କୁଷ୍ଠ ରୋଗ ମଧ୍ୟ ଭଲ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି ।



## ଗର୍ଭରାଇ ଶୈବପୀଠ




ନବରଙ୍ଗପୁର ସହର ଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ପାପଡାହାଣ୍ଡି ବ୍ଲକର ମୈଦଲପୁର ଅନ୍ତର୍ଗତ ଗର୍ଭରାଇ ଶୈବପୀଠ ଶିବଭକ୍ତ ଶୈବଙ୍କ ପାଇଁ ଯେତିକି ପବିତ୍ର ସେତିକି ଆକର୍ଷଣୀୟ । ପୁଣି ଜିଲ୍ଲାର ସଦର ମହକୁମା ଠାରୁ ମାତ୍ର ୧୦ କିମି ଦୂରରେ ଅବସ୍ଥିତ ପାପଡାହାଣ୍ଡି ବ୍ଲକରେ ରହିଛି ଆଉଏକ ପ୍ରସିଦ୍ଧ ଶୈବପୀଠ ଏହା ଯେତିକି ପୂରାତନ ସେତିକି ପ୍ରତିଷ୍ଠିତ।



## ଚନ୍ଦନଧାରା ଶୈବପୀଠ

ଝରିଗାଁ ବ୍ଲକର ସାନଟେମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚନ୍ଦନଧାରା ଜଳପ୍ରପାତର ସୁଶୋଭିତ ସୁଷମା ଦୃଷ୍ଟିଗୋଚର ହୁଏ ଚନ୍ଦନଧାରା ଶୈବପୀଠ। ନବରଙ୍ଗପୁର ସହରରୁ ଏହାର ଦୂରତା ଯଦିଚ ୧୦୦ କିଲୋମିଟର ତେବେ ଡାବୁଗାଁ ପଟରୁ ଜାଣିବା ଲୋକ ଏଠାକୁ ଆସିବାକୁ ଡାବୁଗାଁ -ଝରିଗାଁ ରାସ୍ତା ଦେଇ ଗଲେ ବାଟର ଦୂରତା ବହୁତ କମିଯାଏ। ବାବାଙ୍କର ଏହି ସମସ୍ତ ପୀଠ ଉପରେ ବହୁ ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ ରହିଛି । ଜିଲ୍ଲାର ଅନେକ ଶିବ ମନ୍ଦିର ର ଅବସ୍ଥିତି ସତ୍ତ୍ୱେ ଉପରୋକ୍ତ ନଅ ଗୋଟି ପ୍ରସିଦ୍ଧ ଶୈବପୀଠ ର ସ୍ୱତନ୍ତ୍ର ବୈଶିଷ୍ଟ୍ୟତା , ଅଲୌକିକତା, ଐତିହାସିକତା , ଆଧ୍ୟାତ୍ମିକତା, ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ୱର୍ଗୀୟ ବାତାବରଣ ରେ ଭରି ରହିଥିବା ପ୍ରାଚୁର୍ଯ୍ୟର ଯେ ନିଶ୍ଚିତ ଭାବେ ନବରଙ୍ଗପୁର ଜିଲ୍ଲାର ଧର୍ମ ,ସଂସ୍କୃତି ଓ ସାହିତ୍ୟ ର ଏକ ବଳିଷ୍ଠ ଉତ୍ସ ଓ କେନ୍ଦ୍ରସ୍ଥଳୀ ଏହା କହିବା ଅତ୍ୟୁକ୍ତି ହେବ ନାହିଁ।

## ପାରୁଆ ଶୈବପୀଠ



ରାଇଘର ବ୍ଲକ୍ ଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ ପାରୁଆ ଶୈବପୀଠ । ଏହି ଅଞ୍ଚଳରେ 'ଗଣ୍ଡ' ସଂପ୍ରଦାୟ ଆଦିବାସୀ ଓ ଅନ୍ୟମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସର ପୂଜା ଓ ଯାତ୍ରାର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଅଟେ । ଏଠାରୁ ଅନତି ଦୂରରେ ରାଣୀପଦର ଗାଁ ଦୃଶ୍ୟାମାନ । ଅତଏବ ଏଠାରେ ରାଣୀ ମା'ଙ୍କ ଅବସ୍ଥାନ ପଡୋଶୀ ରାଜ୍ୟ ବସ୍ତର ରାଜ ପରିବାର ରାଜବଂଶ ସହ ଜଡିତ ଥିବା କିଛି ରହସ୍ୟ ଓ କିମ୍ବଦନ୍ତୀ ଶ୍ରୁତିଗୋଚର ହୁଏ । ରାଇଘର ନିକଟସ୍ଥ ରାଣୀଗୁମ୍ମା ସହ ମଧ୍ୟ ଶୈବ ପୀଠର କିଛି ଲୁକ୍କାୟିତ ତଥ୍ୟ ଲୋକମୁଖରେ ଶୁଣିବାକୁ ମିଳେ ଯାହାର ସତ୍ୟତା ଓ ବିବରଣୀ ହୁଏତ ଭବିଷ୍ୟତରେ ପ୍ରକଟ ହୋଇପାରେ ଯଦି ଗବେଷଣା କରାଯାଏ ।

## ନୀଳକଣ୍ଠେଶ୍ୱର ମନ୍ଦିର

ଉମରକୋଟ ସହରରେ ଅନେକ ଗୁଡିଏ ଶିବ ମନ୍ଦିର ଥିବା ସତ୍ତ୍ୱେ ଥାନା ନିକଟସ୍ଥ ପ୍ରସିଦ୍ଧ ନୀଳକଣ୍ଠେଶ୍ୱର ମନ୍ଦିର ସ୍ୱତନ୍ତ୍ର ଏବଂ ସର୍ବ ପୁରାତନ ଅଟେ। କେବଳ ଯେ ଶିବରାତ୍ରୀ ବା କାର୍ତ୍ତିକ ସୋମବାର ଏଠି ପୂଜା ହୁଏ ଏବଂ ଲମ୍ବା ଧାଡି ଲାଗିଥାଏ ତା' ନୁହେଁ ବରଂ ଅନ୍ୟ ସୋମବାର ଏବଂ ପର୍ବପର୍ବାଣୀରେ ମଧ୍ୟ ପ୍ରଭୁଙ୍କ ଆଶିଷ ପାଇଁ ଭକ୍ତ ମାନଙ୍କର ଭିଡ ଲାଗିଥାଏ।

# ମନେପଡନ୍ତି ହାସ୍ୟ ଅଭିନେତା

# ନରି ଭାଇ

'ଗୁଲୁଗୁଲି ଗୁଲୁଗୁଲି ମଲେଇ ଖାଇ ମୋ ଓଲେଇ ବିଲେଇ' ସିନ୍ଦୂର ବିନ୍ଦୁ ଚଳଚ୍ଚିତ୍ରର ଏହି ମଜାଳିଆ ଗୀତ ଦୃଶ୍ୟରେ ଅଭିନୟ କରି ପ୍ରସିଦ୍ଧ ହୋଇଥିବା ହାସ୍ୟ କଳାକାର ହେଉଛନ୍ତି ନରେନ୍ଦ୍ର କୁମାର ବେହେରା। ଏକଦା ଏନ୍ କୁମାର ଭାବେ ସେ ରୂପେଲି ପରଦାକୁ ଆସିଥିଲେ ହେଁ ନରି ନାମରେ ଜନପ୍ରିୟ ଥିଲେ। ଏକ ଗୋପାଳ ପରିବାରରେ ସେ ଜନ୍ମ ହୋଇଥିଲେ। ତେବେ, ପିତା ସ୍ୱର୍ଣ୍ଣକାର ଭାବେ କାମ କରୁଥିଲେ। ପିତା ଥିଲେ ସଙ୍ଗୀତ ପ୍ରିୟ। ପିତାଙ୍କ ଜୀବନର ଏହି ଦିଗର ପ୍ରଭାବ ଶୈଶବରେ ନରିଙ୍କ ଉପରେ ପଡ଼ିଥିଲା। ସେ ତବଲା, ମୃଦଙ୍ଗ ବଜାଇବାରେ ଦକ୍ଷତା ଲାଭ କରିଥିଲେ। ମିସନ୍ ସ୍କୁଲରେ ପଢୁଥିଲେ ହେଁ ପାଠରେ ମନ ନଥିଲା। ଲକ୍ଷ୍ୟ ଥିଲା ସଙ୍ଗୀତ ନ ହେଲେ ଅଭିନୟ ଦୁନିଆରେ ନାମ କମାଇବେ। ଅଭିନେତା ବନିବା ପାଇଁ ଦିନେ ହଠାତ୍ ଘର ଛାଡ଼ି ମୁମ୍ବାଇ ପଳେଇଥିଲେ। ଏଠି ସେଠି ଘୁରିବୁଲି ଅଭିନେତା ହେବା ଲାଗି ଉଦ୍ୟମ କରିଥିଲେ। ପଇସା ସରିଯିବାରୁ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଆରଟିଆଇରେ ତାଲିମ ନେଇ କିଛି କାଳ ମେକାନିକ୍ ଭାବେ କାର୍ଯ୍ୟ କରିଥିଲେ। ଅଭିନେତା ହେବାକୁ କାର୍ଯ୍ୟ କରିଥିଲେ। ଅଭିନେତା ହେବାକୁ ଯାହାଙ୍କ ଜନ୍ମ, ସେ ଏଭଳି ପେସାରେ ସନ୍ତୁଷ୍ଟ ହେବେ ବା କେମିତି। କାଳଶ୍ରୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ ଆରମ୍ଭ ହେଲା ଅଭିନେତା ଜୀବନ। ନରିଙ୍କ ସମ୍ପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ସେ ଟ୍ରାଙ୍ଗୋ ବାଦନରେ ନିପୁଣ ଥିଲେ। ତେଣୁ ମେଲୋଡ଼ି ଆଦିରେ କାମ ମିଳୁଥିଲା। ମଞ୍ଚରେ ହାସ୍ୟ ରସ ମଧ୍ୟ ପରିବେଷଣ କରୁଥିଲେ। ପ୍ରତିଷ୍ଠିତ ଅଭିନେତାଙ୍କ କଣ୍ଠ ସ୍ୱରକୁ ଅବିକଳ ନକଲ କରିବାରେ ତାଙ୍କର ଦକ୍ଷତା ଥିଲା। ଭାଇ ଭାଉଜ ନରି ଅଭିନୀତ ପ୍ରଥମ ଚଳଚ୍ଚିତ୍ର। ପଚାଶରୁ ଅଧିକ ଫିଲ୍ମରେ ଆମକୁ ହସାଇଥିବା ନରିଙ୍କ ଜନ୍ମ ୧୯୪୩ ଜୁଲାଇ ଆଜିର ଦିନରେ କଟକ ଅନ୍ତର୍ଗତ ଶେଖ ବଜାରରେ ହୋଇଥିଲା।



# ରାମ୍ପରେ ଜଲୱା ଦେଖାଇଲେ ତାରା



ବଲିଉଡ୍‌ର ସୁନ୍ଦରୀ ଅଭିନେତ୍ରୀ ତାରା ସୁତାରିଆ। ବର୍ତ୍ତମାନ ସେ ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଅଭିନେତ୍ରୀ ତାରା ସୁତାରିଆ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆ କାଉଚର ୱିକ୍ ୨୦୨୫ରେ ନିଜର ଜଲୱା ଦେଖାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ଡିଜାଇନର ଈଶା ଜାଜୋଡିଆଙ୍କ ପାଇଁ ଶୋ'ଟପର ସାଜିଥିଲେ। ତାରା ଏକ ସୁନେଲି ରଙ୍ଗର ଗାଉନ୍ ପିନ୍ଧିଥିଲେ, ଯାହାର ମୁଖ୍ୟ ଆକର୍ଷଣ ଥିଲା ୧୮ କ୍ୟାରେଟ୍ ସୁନାରେ ତିଆରି ହୋଇଥିବା ଏକ କର୍ସେଟ୍। ଏହି ଲୁକ୍‌ରେ ସେ କୌଣସି ରାଜକୁମାରୀ ଠାରୁ କମ୍ ଦେଖାଯାଉନଥିଲେ। ଏହି କର୍ସେଟକୁ ତିଆରି କରିବା ପାଇଁ ଚାରି ମାସ ସମୟ ଲାଗିଥିଲା ଏବଂ ଏଥିରେ ମୋତି ମଧ୍ୟ ଯୋଡାହୋଇଛି। ଯାହା ଏହାକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି ପୋଷାକଟି ଈଶା ଜାଜୋଡିଆଙ୍କ 'ହ୍ୱିସପର୍ସ ଅଫ୍ ଲଭ୍ ଟୁ ମାଇସେଲ୍ଫ' ନାମକ ସଂଗ୍ରହର ଏକ ଅଂଶ ଥିଲା। ତାରାଙ୍କ ଏହି ରାଜକୀୟ ଲୁକକୁ ଏକ ସୁନ୍ଦର ହୀରା ନେକଲେସ୍ ସହିତ ପୂରା କରାଯାଇଥିଲା, ଯେଉଁଥିରେ ୧୮୧୯ଟି ହୀରା ଏବଂ ଦକ୍ଷିଣ ସାଗରର ମୋତି ଲାଗିଥିଲା । ଏହା ୧୮ କ୍ୟାରେଟ୍ ଧଳା ସୁନାରେ ତିଆରି ହୋଇଥିଲା। ରାମ୍ପରେ ଚାଲିବା ବେଳେ ତାରା ନିଜର ପ୍ରେମିକ ବୀର ପହାରିୟାଙ୍କୁ ଏକ ଫ୍ଲାଇଂ କିସ୍ ଦେଇଥିଲେ, ଯାହା ସେହି ମୁହୂର୍ତ୍ତକୁ ଆହୁରି ସ୍ମରଣୀୟ କରିଥିଲା । ତାଙ୍କର ଏହି ଅବତାର ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି ଏବଂ ପ୍ରଶଂସକମାନେ ତାଙ୍କର ଏହି ଲୁକକୁ ବହୁତ ପସନ୍ଦ କରୁଛନ୍ତି।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମହାକାଳପଡା, (ଭାସ୍କର ନ୍ୟୁଜ୍): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ମହାନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ୟା ସ୍ରୋତରେ ଭାସିଯାଇ ଜଣେ ବୃଦ୍ଧ ନିଖୋଜ ହୋଇଯାଇଛନ୍ତି। ଖବର ପାଇ ମାର୍ଶାଘାଇ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ମହାକାଳପଡ଼ା ବ୍ଲକ ପାଟଳିପଙ୍କ ଗ୍ରାମର ମୋହନ ଚରଣ ବେହେରା (୮୦ ବର୍ଷ) ଶୌଚ ହେବାକୁ ଯାଇଥିଲେ। ସନ୍ଧ୍ୟା ହେବା ପରେ ବି ସେ ଘରେ ପହଞ୍ଚି ନଥିଲେ। ତାଙ୍କ ଘର ଲୋକେ ଗ୍ରାମରେ ବହୁତ୍ ଖୋଜାଖୋଜି କଲା ପରେ ବି ସେ ମିଳି ନଥିଲେ। ନଦୀକୂଳେ ଆସି ଦେଖିଲାବେଳକୁ ତାଙ୍କ ହାତ ବାଡ଼ି ପଡ଼ିଛି ସେ ନାହାନ୍ତି। ହେଲେ ତାଙ୍କ ଗୋଡ଼ ଖସିଯିବାରୁ ସେ ବନ୍ୟାସ୍ରୋତରେ ଭାସି ଯାଇଥିବା ସନ୍ଦେହ କରାଯାଉଛି। ପ୍ରଥମଦିନ ମାର୍ଶାଘାଇ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଦ୍ୱିତୀୟଦିନ ଓଡ୍ରାଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଦ୍ୱିତୀୟ ଦିନ ବିତିଯାଇଥିଲେ ସୁଦ୍ଧା ମୋହନଙ୍କୁ ଉଦ୍ଧାର କରାଯାଇ ପାରିନାହିଁ ଓ ଏ ସମ୍ପର୍କରେ ମହାକାଳପଡା ତହସିଲଦାର ଶିବ ମଲ୍ଲିକଙ୍କୁ ପଚାରିବା ପାଇଁ ସମ୍ପର୍କ କରାଯାଇଥିଲେ ବି ସେ ତାଙ୍କ ଫୋନ୍ ଉଠାଇ ନଥିଲେ। ଖବର ଲେଖାହେବା ଯାଏଁ ବି ମଲ୍ଲିକଙ୍କ ପ୍ରତିକ୍ରିୟା ମିଳିପାରି ନଥିଲା।

## ସୁନା ଅଳଙ୍କାର ଚୋରି ଅଭିଯୋଗରେ ଦୁଇ ଗିରଫ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ କଲୋନୀରୁ ସୁନା ଅଳଙ୍କାର ଚୋରୀ ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କୁ ଟାଉନ୍ ଥାନା କେସ୍ ନମ୍ବର ୫୧୩ ତାରିଖ ୨୬.୦୭.୨୦୨୫ ଧାରା ୩୩୧(୪)/୩୦୫(କ)ରେ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସିଲୁଆଁ ଗ୍ରାମର ସୁଜିତ୍ ମାଜି ଓରଫ କୁନୁ ଓରଫ ଚିଲୁ (୨୮) ଓ ଉମେଶ ମୁଣ୍ଡା ଓରଫ କାଟେ(୨୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀଣୀ ସୀମାରାଣୀ କାରା ଓଏସଏମଇ କଲୋନୀ ଲେଡିଜ୍ ହଷ୍ଟେଲ୍ ମାଇନିଂ ରୋଡ୍ କେନ୍ଦୁଝରରେ ମାଟ୍ରନ୍ ଭାବରେ କାମ କରୁଥିଲେ। ୨୪ତାରିଖ ରାତିରେ ସେ ମହିଳା ହଷ୍ଟେଲରେ ଡ୍ୟୁଟି କରୁଥିବାରୁ, ସେ ରାତିରେ ତାଙ୍କ କ୍ୱାର୍ଟରରେ ଅନୁପସ୍ଥିତ ଥିଲେ। ସକାଳେ ସେ ତାଙ୍କ ଡ୍ୟୁଟିରୁ ଫେରିବା ପରେ ଦେଖିଲେ ଯେ ମୁଖ୍ୟ ଦ୍ୱାର ଖୋଲା ଥିଲା ଏବଂ କିଛି ଅଜ୍ଞାତ ଅପରାଧୀ ଘରର କିଛି ଜିନିଷପତ୍ର ଚୋରି କରି ନେଇଛନ୍ତି ଯେଉଁଥିରେ ୪ଟି ସୁନା ଲକେଟ, ୬ଟି ରୂପା କଡା ଏବଂ ଗୋଟିଏ ରୂପା କଟି ଚେନ୍ ଅନ୍ତର୍ଭୁକ୍ତ। ତେଣୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ମାମଲା ରିପୋର୍ଟ କରିଥିଲେ ଓ କେନ୍ଦୁଝର ଟାଉନ୍ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧(୪)/୩୦୫(କ) ଓ ମାମଲା ନଂ ୫୧୩ ତାରିଖ ଦିନ ପଞ୍ଜୀକୃତ କରିଥିଲେ। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ସ୍ଥାନ ଏବଂ ଟୋଲ୍ ଗେଟରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି, ଚୋରି ହୋଇଥିବା ଜିନିଷଗୁଡ଼ିକୁ ଖୋଜିବା ଏବଂ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନର ଗୁପ୍ତଚରମାନଙ୍କ ସୂଚନା ଓ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଚଢାଉ କରାଯାଇ ଅଭିଯୁକ୍ତ ବ୍ୟକ୍ତି ସୁଜିତ ଓ ଉମେଶଙ୍କୁ ଗିରଫ କରି ଗୋଟିଏ ଗ୍ୟାସ ସିଲିଣ୍ଡର, ୪ଟି ନୂଆ ଶାଢ଼ି, ସାକ୍ଷୀଙ୍କ ଉପସ୍ଥିତିରେ ୮ ଟି ସୋରିଷ ତେଲ ଜବତ କରିଥିଲେ। ଉଭୟଙ୍କୁ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଛି।

## ଉଭେଇ ଗଲା ଆଖୁ ଓ ଚିନାବାଦାମ ଚାଷ



ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକରେ ଦୀର୍ଘ ବର୍ଷ ହେବ ଆଖୁ ଓ ଚିନାବାଦାମ ଚାଷ ଆଉ ଦେଖିବାକୁ ମିଳୁନାହିଁ। ଲୋପ ପାଇଗଲାଣି ପାରମ୍ପରିକ ଆଖୁ ଓ ଚିନାବାଦାମ ଚାଷ। ଏପରି ସମୟ ଥିଲା ଗୋପ ବ୍ଲକରେ ଆଖୁ ଓ ଚିନାବାଦାମ ଚାଷ କରିବା ନିମନ୍ତେ ଚାଷୀ ମାନେ ଆଗୁଆ ବିହନ ଆଣି ଚାଷ କରୁଥିଲେ। ଏବଂ ଯେ ଆଖୁ ଚାଷ କରୁଥିଲା ସେ ହିଁ ସଫଳ ଚାଷୀ ଭାବେ ଅଂଚଳରେ ଖ୍ୟାତି ଅର୍ଜନ କରିଥିଲା । ଧିରେ ଧିରେ ଆଖୁ ଚାଷରୁ ଲାଭାଂଶ ଏବଂ ଚିନି କଳ ଗୁଡିକ ବନ୍ଦ ହେବା ପରେ ଏହି ଚାଷରେ ଯେପରି ଚଡକ ପଡିଯାଇଛି । ଯାହାର ଫଳସ୍ୱରୂପ ଚିନି ଦର ଏବେ ବଜାରରେ ହୁ ହୁ ହୋଇ ବଢି ଚାଲିଛି। ମାତ୍ର ଏହି ଚାଷ ଏବେ ଗହିର ଠାରୁ ଆରମ୍ଭ କରି ନଦୀ ପଠା ପର୍ଯ୍ୟନ୍ତ କୌଣସି ସ୍ଥାନରେ ଦେଖିବାକୁ ମଧ ମିଳୁନି। ଏହାର ଅନେକ କାରଣ ଏବେ ସାମ୍ନାକୁ ଆସୁଛି। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ବିଶେଷକରି ନଦୀ ପଠା ବାଲିଆ ମାଟିରେ ଚିନାବାଦାମ ଚାଷ କରାଯାଇ ଥାଏ। ମାତ୍ର ସରକାରୀ ସ୍ତରରେ ସଠିକ୍ ସମୟରେ ବିହନ ନମିଳୁଥିବାରୁ ଏବଂ ନଦୀପଠା ଗୁଡିକରେ ବନ୍ୟା ଯୋଗୁଁ ପଟୁ ମାଟି ମୋଟା ଆକାର ରେ ନପଡୁଥିବାରୁ ଏବେ ଏହି ଚାଷ କରିବା ଅସୁବିଧା ହେଉଛି। ଚାଷର ଅମଳ ପରେ ଚିନାବାଦାମ ର ଅଭାବୀ ବିକ୍ରୀ ମଧ ଅନ୍ୟ ଏକ ମୂଖ୍ୟ କାରଣ ପାଲଟିଛି। ସରକାର ଯେପରି ଭାବେ ଧାନ, ବିରି, ମୁଗ ଓ ମାଣ୍ଡିଆ ନିମନ୍ତେ ମଣ୍ଡିର ବ୍ୟବସ୍ଥା କରିଛନ୍ତି ସେପରି ଚିନାବାଦାମ ନିମନ୍ତେ କୌଣସି ବ୍ୟବସ୍ଥା କରିନାହାନ୍ତି। ଯାହାକି ଚାଷୀ ମାନେ ଏହି ଚାଷରୁ ଏବେ ମୁହଁ ମୋଡୁଛନ୍ତି। ଅନ୍ୟପକ୍ଷରେ ଦୋରସା ଓ ଚିକିଟା ମାଟିରେ ବିଶେଷକରି ଚାଷ ହେଉଥିବା ଆଖୁ ଚାଷ ସେପରି ଲାଭଦାୟକ ହୋଇ ରହିନାହିଁ। ଆଖୁର ବିହନ ଓ ଅମଳ ପରେ ଏହାର ଅଭାବୀ ବିକ୍ରୀ ହିଁ ଚାଷ ନହେବାର ମୂଖ୍ୟ କାରଣ ପାଲଟିଛି। ଜିଲ୍ଲା କିମ୍ବା ଏହାର ପାଖାପାଖି କୌଣସି ସ୍ଥାନରେ ଏବେ ଚିନି କଳ ନଥିବାରୁ ଚାଷୀ ମାନେ ଏହାର ସମସ୍ୟା ଭୋଗୁଛନ୍ତି। ଏ ନେଇ ଆଖୁ ଚାଷୀ ନିରଞ୍ଜନ ବେହେରା କହିଛନ୍ତି ଯେ ଆମେ ଚାଷ ବନ୍ଦ କରିବାର ଅନେକ କାରଣ ରହିଛି। ସେଥିରୁ ମୂଖ୍ୟ କାରଣ ହେଲା ଚାଷ ପରେ ଏହାର ଅଭାବୀ ବିକ୍ରୀ। ଅନ୍ୟପକ୍ଷରେ ଗୋପ ଅଂଚଳର ନଦୀପଠାରେ ଚିନାବାଦାମ ଚାଷ କରୁଥିବା ଅନେକ ଚାଷୀ କହିଛନ୍ତି ଯେ ସଠିକ୍ ସମୟରେ ସରକାରୀ ସ୍ତରରେ ଚିନାବାଦାମ ବିହନ ନମିଳିବା ଓ ନଦୀ ପଠାରେ ଆଉ ଆଗ ଭଳି ପଟୁ ନପଡିବା ଯୋଗୁଁ ଚାଷ କରିବା ଏବେ ସମ୍ଭବ ହେଉନାହିଁ। ଏ ନେଇ ଗୋପ ବ୍ଲକ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁ କହିଛନ୍ତି ଯେ ଆମେ ଚିନାବାଦାମ ବିହନ ଆଣି ଗଚ୍ଛିତ ରଖି ଫେରଉଥିବା ବେଳେ ଚାଷୀମାନେ ନେଉନାହାନ୍ତି । ଆଖୁ ଚାଷ ଅନେକ ଦିନ ହେବ ବନ୍ଦ ରହିଥିବା ନଜରକୁ ଆସୁଥିବା ବେଳେ ଯଦି କୌଣସି ଚାଷୀ ଆଖୁ ଚାଷ କରିବାକୁ ଚାହାନ୍ତି ତେବେ ଆମେ ତାଙ୍କୁ ସହାୟତା ଯୋଗାଇ ଦେବୁ।

## ଦପଲାରୁ ଗୁଆବାହାଲ ରାସ୍ତା ପାଲଟିଛି ମରଣଯନ୍ତା



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦପଲା ଆରଡ଼ି ରାସ୍ତାଠାରୁ ରୁଗୁଡ଼ିପାଲି, ହରିପୁର, ଦେଇ ଗୁଆବାହାଲ ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଗୁଆବାହାଲ ନାଳ ଉପରେ ହେଉଥିବା ବ୍ରିଜ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି। ଅନେକ ଲୋକ ଯାତାୟାତ ସମୟରେ ପଡ଼ି ଯିବା ସହ ଆହତ ମଧ ହୋଇଥିବା ଅଞ୍ଚଳବାସୀ କହୁଛନ୍ତି। ଉକ୍ତ ରାସ୍ତାରେ ଶତାଧିକ ଲୋକଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମାନେ ମଧ ଉକ୍ତ କାଦୁଅ ରାସ୍ତାରେ ସ୍କୁଲ, କଲେଜ ଯାଇଥାନ୍ତି। ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡେ। ଏହି ରାସ୍ତାରେ ପ୍ରତିଦିନ ଶହଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତାର କାରଣ ପାଲଟେ। ବର୍ଷାଦିନ ହେଲେ ଏହି ରାସ୍ତାରେ ଯିବା ମଧ ବହୁତ କଷ୍ଟକର ହୋଇ ପଡେ। ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତ ମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ରାସ୍ତାକୁ ଖୁବ୍ ଶୀଘ୍ର ମରାମତି କରାଯିବା ପାଇଁ ଅଞ୍ଚଳବାସି ଦାବୀ କରିଛନ୍ତି।

## ନବମ ଶ୍ରେଣୀ ଝିଅ ଗର୍ଭବତୀ
## ପୁଅଘରେ ପହଞ୍ଚାଇଲେ ବାପା-ମା'

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କମ୍ବୁଗଣ୍ଡା ପଞ୍ଚାୟତ ବଡମାଥୁର ଗ୍ରାମର ଜଣେ ୯ମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ଝିଅଟି କମ୍ବୁଗଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରହି ପାଠ ପଢୁଥିଲେ। ଚଳିତ ୨୦୨୪-୨୫ ଶିକ୍ଷା ବର୍ଷରେ ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ପଞ୍ଜିକୃତ କରି ରହି ପାଠ ପଢୁଛନ୍ତି। ତେବେ ବାଳିକା ଜଣକ ଗର୍ଭବତୀ ଥିବା ବାପା ମାଆ ଜାଣିବା ପରେ ବାପା ମାଆ ଝିଅକୁ ନେଇ କୁମ୍ଭାରିପୁଟ ପଞ୍ଚାୟତ କୁପାଖାଲ ଗାଁକୁ ନେଇ ଛାଡ଼ି ଦେଇ ଥିବା ଜାଣିବାକୁ ମିଳିଛି। ପୁଅ ଜଣକ ବର୍ତ୍ତମାନ କୁମ୍ଭାରିପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀର ୨ୟ ବର୍ଷର ଛାତ୍ର ଅଟନ୍ତି। ସିଡ଼ିପିଓ ଶ୍ରୀମତୀ ଗୀତାଞ୍ଜଳୀ ମହାରଣା ଠାରୁ ପ୍ରାପ୍ତ ସୁଚନା ଅନୁଯାଇ ଆଧାର କାର୍ଡ ପ୍ରକାରେ ଛାତ୍ରୀଙ୍କ ବୟସ ୧୫ ବର୍ଷ ୩ ମାସ ହେଉଛି। ବାଳିକାର ପ୍ରାପ୍ତ ବୟସ ହୋଇ ନ ଥିବା ବେଳେ ଗର୍ଭବତୀ ହେବା ପୁଣି ବାପା ମାଆ ଲୋକଲୋଜ୍ଜା ଠାରୁ ଦୂରେଇ ରହିବା ପାଇଁ ନୀରବ ରହିଥିବା ଜାଣିବାକୁ ମିଳିଛି। ତେବେ ବାଳିକା ଜଣକ କେଉଁ ବିଦ୍ୟାଳୟରେ ରହି ପାଠ ପଢୁଥିବା ବେଳେ ପୁଅ ସହିତ ସମ୍ପର୍କ ରଖି ଗର୍ଭବତୀ ହୋଇଛନ୍ତି ତଦନ୍ତ ସାପେକ୍ଷ।

## କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଛାତ୍ର ଆନ୍ଦୋଳନ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ରବିଭିନ୍ନ ସମସ୍ୟା କୁ ନେଇ ମହାବିଦ୍ୟାଳୟରେ ଛାତ୍ରଙ୍କ ଅଶାନ୍ତି ଦେଖାଦେଇଛି,ବିଭିନ୍ନ ସମସ୍ୟା ନେଇ ଛାତ୍ରଛାତ୍ରୀ ଶ୍ରେଣୀ ବର୍ଜନ କରିଥିଲେ। ଦୁଇ ଦିନ ତଳେ ଛାତ୍ରଛାତ୍ରୀମାନେ ଅଧକ୍ଷଙ୍କୁ ଘେରାଉ କରି ସମସ୍ୟା ନେଇ ଜଣାଇଥିଲେ। ଅଧକ୍ଷ ଯୋଗେଶ୍ୱର ମହାନ୍ତ ସମସ୍ତ ସମସ୍ୟାର ସମାଧାନ ହୋଇଯିବାର ପ୍ରତିଶୃତି ଦେଇଥିଲେ। ବିଭିନ୍ନ ସମସ୍ୟାଗୁଡିକ ଭିତରେ, ବିଶୁଦ୍ଧ ପାନୀୟ ଜଳଯୋଗାଣ, ପରିସ୍ରାଗାର, ଶୌଚାଳୟ, କ୍ଲାସରୁମ ଗୁଡିକରେ ପାଣି ଗଳୁଥିବା, କ୍ଲାସରୁମରେ ଉଇଁଉଙ୍କା ହୋଇଗଲାଣି, ଲାଇବ୍ରେରୀର ସମସ୍ୟା ଏମିତି ବହୁ ସମସ୍ୟା ଦର୍ଶାଇ ଶୁକ୍ରବାର ଦିନ କଲେଜ ପରିସରରେ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଥିଲେ। ଛାତ୍ର ନେତା ଅସଗର ଅଲ୍ଲୀ, ଆଦିତ୍ୟ ଦାସ, ଅନୁଭବ ତ୍ରିପାଠୀ, ସିଦ୍ଦିକି ଆଲମ, ହରିସିଦ ଭାରୁକା, ପ୍ରତୀକ ଦାସଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଅଧକ୍ଷଙ୍କୁ ଦାବିପତ୍ର ଦେଇଥିଲେ। ତେବେ ଏହି ଘାଟଣାକୁ ନେଇ ଅଧକ୍ଷ ଯୋଗେଶ୍ୱର ମହାନ୍ତଙ୍କୁ ପଚାରିବାରୁ, ମହାବିଦ୍ୟାଳୟର ବିଭିନ୍ନସମସ୍ୟା ରହିଛି, ଆସ୍ତେ ଆସ୍ତେ ସମସ୍ୟା ଦୂରହେବ। ସରକାର ମହାବିଦ୍ୟାଳୟ ପାଇଁ ନୂତନ କ୍ଲାସରୁମର ଗୃହନିର୍ମାଣ କରିଛନ୍ତି, ମହାବିଦ୍ୟାଳୟ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି, ପରମୁହୂର୍ତ୍ତରେ ପୁଣି ଆହୁରି ୧୧ ଗୋଟି ରୁମ ତିଆରି ହେବାର ପ୍ରସ୍ତାବ ରହିଛି। ସମସ୍ତ ସମସ୍ୟାଗୁଡିକ ସମାଧାନ ହୋଇଯିବ ବୋଲି ପ୍ରକାଶ କରିଥିଲେ।

## ୫ବାଇକ ସହ ୨କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ଜବତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଧୀନ ଖଣ୍ଡିକନପା ନିକଟରୁ ପୋଲିସ ବାଇକ ସହ ବିପୁଳ ଗଞ୍ଜେଇ ଜବତ କରିଥିବା ବେଳେ ମାଫିଆ ଘଟଣା ସ୍ଥଳରୁ ଫେରାର ମାରିଛି। ସୂଚନା ଅନୁସାରେ, ଶଗଡା ଫାଣ୍ଡି ପୋଲିସ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣ୍ଡିକନପା ନିକଟରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ମାଫିଆ ମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ପୋଲିସ ଉକ୍ତ ସ୍ଥାନରୁ ୨ କ୍ୱିଣ୍ଟାଲ ୭୦କେଜି ଗଞ୍ଜେଇ ସହ ୫ ଗୋଟି ବାଇକ ଜବତ କରିଥିଲା। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଜବତ ଗଞ୍ଜେଇ ସହ ବାଇକ ଗୁଡ଼ିକୁ କୋର୍ଟରେ ପ୍ରଦର୍ଶନ କରିଛି।

## ଅଲଟ୍ରାସାଉଣ୍ଡ କକ୍ଷ ନିକଟରେ ରୋଗୀଙ୍କ ଭିଡ଼



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି, ରୋଗୀମାନେ ଚିକିତ୍ସା ପାଇଁ ଏଠାକୁ ଆସୁଥିବାବେଳେ ଯମଯନ୍ତ୍ରଣା ପାଇ ବିନା ଚିକିତ୍ସାରେ ଫେରୁଥିବା ଅଭିଯୋଗ ହୋଇଛି। ଏପରି ଅଚଳାବସ୍ଥା ବେଶ ଗତକିଛି ଦିନ ହେବ ଚାଲିଥିଲେ ମଧ ଏହାର କୌଣସି ପ୍ରତିକାର କରାଯାଉ ନାହିଁ। ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଅଲଟ୍ରାସାଉଣ୍ଡ ପରୀକ୍ଷା ବ୍ୟବସ୍ଥାରେ। ରୋଗୀମାନେ ବିଭିନ୍ନ ରୋଗର ପରୀକ୍ଷା କରାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଲଟ୍ରାସାଉଣ୍ଡ ପାଇଁ ଆସୁଥିବାବେଳେ ବିନା ସୂଚନାରେ ଘଣ୍ଟାଘଣ୍ଟା ବସି ଶେଷରେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ପ୍ରତ୍ୟେକ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ହେଉଥିବା ବେଳେ ଏବେ ମାସର କେଉଁ ଦିନ ଅଲଟ୍ରାସାଉଣ୍ଡ କରାଯିବ ନାହିଁ ତାହାର ଏକ ତାଲିକା ଲଗାଯାଇଛି। ସୂଚନା ମୁତାବକ ଚଳିତ ଜୁଲାଇ ମାସର ୩, ୫, ୧୦, ୧୪, ୧୬, ୧୭, ୧୮, ୧୯, ୨୨, ୨୩, ୨୪, ୨୫, ୨୯, ୩୦ ଓ ଅଗଷ୍ଟ ମାସର ୧ତାରିଖରେ ଅଲଟ୍ରାସାଉଣ୍ଡ କରାଯିବ ନାହିଁ ବୋଲି ଏକ ନୋଟିସ ମରାଯାଇଛି। ଗୋଟିଏ ମାସରେ ୧୪ଦିନ ଅଲଟ୍ରାସାଉଣ୍ଡ ହେବ ନାହିଁ, ତାହା ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକଥା ଏକ ବିକଶିତ ଜିଲ୍ଲା ପାଇଁ କେତେଦୂର ଗ୍ରହଣୀୟ ତାହା ଆଲୋଚନାର ବିଷୟବସ୍ତୁ ହୋଇଥିବାବେଳେ ସୂଚନା ମୁତାବକ ଜୁଲାଇ ୨୬ତାରିଖ ଦିନ ଅଲଟ୍ରାସାଉଣ୍ଡ ହେବା କଥା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏଥିପାଇଁ ଶହଶହ ରୋଗୀ ଅଲଟ୍ରାସାଉଣ୍ଡ ବିଭାଗ ଆଗରେ ଭିଡ ଲଗାଇଥିଲେ, ମାତ୍ର ଦୀର୍ଘସମୟ ପରେ ଜାଣିବାକୁ ପାଇଲେ ଯେ ଶନିବାର ଦିନ ଡାକ୍ତର ନଆସିବାରୁ ଅଲଟ୍ରାସାଉଣ୍ଡ ହେବ ନାହିଁ, ଯନ୍ତ୍ରଣାରେ ଆତୁର ହେଉଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ ବିରକ୍ତି ସହକାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ପରେ ମେସିନ ଅଛି କିନ୍ତୁ ଡାକ୍ତର ନ ଥିବାରୁ ଅଲଟ୍ରାସାଉଣ୍ଡ ହୋଇପାରିବ ନାହିଁ କହି ହାତ ଟେକି ଦେଇଥିଲେ। ହତାଶ ହୋଇ ରୋଗୀ ଓ ତାଙ୍କ ସମ୍ପର୍କୀୟ ନିଜ ଘରକୁ ଫେରିବା ପରେ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଚିକିତ୍ସାଳୟରେ ଏପରି ବିକଳ ଓ ବିପର୍ଯ୍ୟସ୍ତ ଅବସ୍ଥାକୁ ନେଇ ଏହା ଏବେ ଜିଲ୍ଲାବ୍ୟାପୀ ଚିନ୍ତାର କାରଣ ହୋଇଛି।

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ!

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଅନେକଦିନ କାର୍ଯ୍ୟ କଲାପରେ ତା'ର ମାନସିକସ୍ତରରେ ସ୍ଥାୟୀ ରହିଥିବାର ମନୋଭାବ ଆସିଥାଏ। ଯାହା ପାଇଁ କର୍ମଚାରୀ ମନ ଇଚ୍ଛା ଭାବେ ନିର୍ଦ୍ୱନ୍ଦ୍ୱରେ ସରକାରୀ ବିଦ୍ଧି ବ୍ୟବସ୍ଥା ଓ ପଦବୀର ଦୂରୁପଯୋଗ କରି ଅର୍ଥ ଲାଳସାରେ ଅନେକଗୁଡ଼ିଏ ଭୁଲ୍ କାର୍ଯ୍ୟ କରିବାକୁ ସାହସ ପାଇଥାଏ। ଯାହାକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ବ୍ୟବସ୍ଥା ପ୍ରଶାସନିକ ସ୍ତରରେ ଲାଗୁ କରାଯାଇ ଥାଏ। ଅନେକ ସମୟରେ ବିଭିନ୍ନ ବିଭାଗ ଦ୍ୱାରା ମଧ ଅନେକଦିନ ବିନା ବଦଳିରେ ରହିଥିବା ସରକାରୀ ପଦସ୍ତ କର୍ମଚାରୀଙ୍କୁ ବଦଳି କରାଯାଇଥାଏ। ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ନିକଟରେ ଥିବା ସହକାରି ଉଦ୍ୟାନ କୃଷୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦୀର୍ଘବର୍ଷ ହେବ ବଦଳି ବ୍ୟବସ୍ଥା କାର୍ଯ୍ୟ କାରି ହେଉନଥିବା ଦେଖା ଦେଇଛି। ୨୫ ଜୁନ୍ ଉକ୍ତ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ଦ୍ୱାରା ମିଳିଥିବା ତଥ୍ୟ ଅନୁଯାୟୀ ୭ ବର୍ଷ ହେବ ବିନା ବଦଳିରେ କାର୍ଯ୍ୟ କରୁଛନ୍ତି ୭ ଜଣ କର୍ମଚାରୀ। ତାଙ୍କ ମଧ୍ୟରୁ ୫ଜଣ ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ପିଅନ ରହିଛନ୍ତି ଓ ଜଣେ ଜୁନିୟର ଆସିଷ୍ଟାଣ୍ଟ ଭାବେ ଯୋଗ ଦେଇ ଥିବାବେଳେ ପଦୋନ୍ନତି ପାଇ ସିନିଅର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଏବେ ଅନେକ ତ୍ରୁଟିପୂର୍ଣ୍ଣ କାର୍ଯ୍ୟର ତଥ୍ୟ ଦେଖିବାକୁ ମିଳୁଥିବା ବେଳେ ବିନା ବଦଳିରେ ଥିବା କର୍ମଚାରୀ ମାନଙ୍କ ସିଧାସଳଖ ସମ୍ପୃକ୍ତି ଏଥିରେ ଥିବା ବୁଦ୍ଧିଜୀବୀ ଅଭିଯୋଗ ଆଣିଛନ୍ତି। ଏଠି ଚାଷୀମାନେ ବିଭିନ୍ନ ସମୟରେ ଉଦ୍ୟାନ କୃଷି କରିବାରୁ ବଞ୍ଚିତ ହୋଇ ଅନ୍ୟ ବୃତ୍ତିକୁ ଆପଣାଉ ଥିବା ବେଳେ କଣ ପାଇଁ ବିନା ବଦଳୀରେ କାର୍ଯ୍ୟାଳୟରେ ବସି ମୋଟା ଅଙ୍କର ଦରମା ପାଉଛନ୍ତି ଓ ଏହାକୁ ଜାଣିମଧ ସହକାରୀ ଉଦ୍ୟାନ କୃଷୀ ନିର୍ଦ୍ଦେଶକ କୌଣସି ପଦକ୍ଷେପ ଗ୍ରହଣ ନକରିବା ଏହି କାର୍ଯ୍ୟାଳୟରେ ହେଉଥିବା କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି।

## ଚାଳି ହୋଟେରେ ଚାଲିଛି ଚୋରା ମଦବେପାର

ନିଆଳି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଆଳି ସପ୍ତାହିକ ହାଟରେ ଉଠା ହୋଟେଲ ନାଁ'ରେ ଦୀର୍ଘ ବର୍ଷ ଧରି ଚାଲିଛି ଚୋରା ମଦ ବେପାର। ଏଭଳି ସଙ୍ଗିନ ଅଭିଯୋଗ ହେଉଥିବା ବେଳେ କଟକ ଜିଲ୍ଲା ଅବକାରୀ ବିଭାଗ ମାସିକିଆ ବଟି ନେଇ ସାଜିଛି ନିଦାବିଷ୍ଟୁ। ନିଆଳି ସପ୍ତାହିକ ହାଟ ରବିବାର ଓ ଗୁରୁବାର ହେଉଥିବା ବେଳେ ଜୈନିକ ଯୁବକ ନାମକୁ ହୋଟେଲ କରି ମଦ ବେପାର କରୁଥିବା ନେଇ ଅଭିଯୋଗ ହୋଇଛି। କିନ୍ତୁ ଅବକାରୀ ବିଭାଗ ନିଆଳି ହାଟ ଚାଳିରେ ଉଠା ହୋଟେଲକୁ ମଦ ବେପାର ପାଇଁ ପୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ନଚେତ ମଦ ଚୋରାରେ ବିକ୍ରି କରୁଥିବା ଉଠା ହୋଟେଲ ମାଲିକଙ୍କ ବିରୁଦ୍ଧରେ ଆଜିପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି ନିଆଳିବାସୀ। ସାଧାରଣ ଚାଷୀ, ଖାଉଟି ଓ ବ୍ୟବସାୟୀ ମଦ ବେପାରୀଙ୍କ ପାଲରେ ପଡି ମଦ ପିଇବା ସହିତ ସର୍ବଶାନ୍ତ ହେଉଛନ୍ତି। ହାଟରେ ଥିବା ପିର ବାବାଙ୍କ ପଛ ପଟରେ ନିଆଳି ହାଟ ଦିନ ହୋଟେଲ ନାଁରେ ମଦ ବେପାର ଚାଲିଛି ବୋଲି ଅଭିଯୋଗ ହେଉଛି। ଯୁବକଜଣକ ହାଟ ଠାରୁ ମାତ୍ର ଦୁଇଶହ ମିଟର ଘରେ ମଦ ରଖୁଥିବା ବେଳେ ହୋଟେଲ ଚାଳ ଓ ଗାଡିରେ ମଦ ରଖି ବେପାର କରୁଥିବା ନେଇ ଅଭିଯୋଗ କରିଛନ୍ତି ଚୋରାରେ ମଦ କ୍ରୟ କରୁଥିବା ବ୍ୟକ୍ତି। ଖାଲି ସେତିକି ନୁହେଁ ପୂର୍ବରୁ ମଦ ବେପାରୀଙ୍କ ଘରେ ଜିଲ୍ଲା ଅବକାରୀ ବିଭାଗ ରେଡ କରିଥିବା ନେଇ ମଧ ସୂଚନା ରହିଛି। ଚୋରା ମଦ ଓ ଗଞ୍ଜେଇ ବେପାର ମାଷ୍ଟରମାଇଣ୍ଡ ହେଉଛନ୍ତି ଏହି ଦୋକାନି ଓ ପରିବାର ସଦସ୍ୟ ବୋଲି ନିଆଳିରେ ଚର୍ଚ୍ଚା ହେଉଛି। ଏବେ କଟକ ଜିଲ୍ଲା ଅବକାରି ବିଭାଗ ଚେଇଁବ ନା ମୋଟାଅଙ୍କର ଅର୍ଥ ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବ ଦେଖିବାକୁ ବାକି ରହିଲା।

## ମାଓଦମ୍ପତିଙ୍କ ଆତ୍ମସମର୍ପଣ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଓବାଦୀ ସଂଗଠନରେ ସକ୍ରିୟ ମାଓ ଦମ୍ପତିଙ୍କ ପୁଲିସ ନିକଟରେ ଆତ୍ମସମର୍ପଣ। ଆତ୍ମସମର୍ପଣ କରିଥିବା ମାଓବାଦୀ ହେଲେ ଜୋରିଗେ ନାଗରାଜୁ ଓରଫ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାଇ, ଆନ୍ଧ୍ରପ୍ରଦେଶ ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତାଙ୍କ ସମ୍ମୁଖରେ ମାଓ ଦମ୍ପତି ଆତ୍ମସମର୍ପଣ କରିଥିବା ଜଣାପଡିଛି। କମଲେଶ ମାଓ ସଂଗଠନର ଏସଜିସିଏମ ଏବଂ ପୂର୍ବ ବସ୍ତର ଡିଭିଜନର ପ୍ରଭାରୀ ଥିଲେ ସେ ୩୪ ବର୍ଷ ଧରି ମାଓ ସଂଗଠନରେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମୋବାଇଲ୍ ଏକାଡେମିକ୍ ପଲିଟିକାଲ୍ ଅର୍ଗାନାଇଜେସନ୍ ସ୍କୁଲ୍‌ର ପ୍ରଭାରୀ ଥିଲେ। ପ୍ରାୟ ୩୦ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରୁଥିଲେ। ନାଗରାଜୁଙ୍କ ମୁଣ୍ଡ ଉପରେ ୨୦ ଲକ୍ଷ ଟଙ୍କା ଇନାମୀ ରାସି ଘୋଷଣା ଥିବା ବେଳେ ଜ୍ୟୋତିଶ୍ୱରୀଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କା ଇନାମୀ ଘୋଷଣା ଥିଲା। ମାଓ ସଂଗଠନ ଧୀରେ ଧୀରେ ଦୁର୍ବଳତା ହେବା ଯୋଗୁଁ ଉଭୟ ଆତ୍ମସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଆଗାମୀ ଦିନରେ ଯୋଗାଇ ଦିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## କାର୍‌ଗିଲ୍ ବିଜୟ ଦିବସ ପାଳିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ମଇ ଭାରତ ଢେଙ୍କାନାଳ ଓ ଆର୍ତ୍ତବନ୍ଧୁ କ୍ଲବ୍‌ର ମିଳିତ ସହଯୋଗରେ ଜକ୍ଷୀରା ଗ୍ରାମରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ସୈନିକି ଗିରିଶ ଚନ୍ଦ୍ର ବେହେରା, ସ୍ୱେଚ୍ଛାସେବୀ ବିପ୍ରବର ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବୀର ପୁରୁଷ ମାନଙ୍କର ବିରଗାଥା ମନେ ପକାଇ ଦେବା ପାଇଁ ଅଭିଭାଷଣ ପ୍ରତି ପାଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା ରେ ସହଯୋଗ କରିଥିଲେ ଆର୍ତ୍ତବନ୍ଧୁ କ୍ଲବ୍‌ର ସମ୍ପାଦକ ବିଘ୍ନେଶ୍ୱର ବେହେରା, ବୀରେନ୍ଦ୍ର ବେହେରା, ଅନିଲ ଦେହୁରୀ, ଜ୍ଞାନରଞ୍ଜନ ବେହେରା, ଅମରଜିତ୍ କ୍ଷେଣ୍ଟ, ଦିବ୍ୟ ରଞ୍ଜନ ବେହେରା, ଶୁଭମ୍ ଦେହୁରୀ, କ୍ରିଷ୍ଣା ଦେହୁରୀ, ଅମରଜିତ୍ କ୍ଷେଣ୍ଟ, ପ୍ରମୁଖ ସଦସ୍ୟ ମାନେ ଉକ୍ତ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ବିଘ୍ନେଶ୍ୱର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ଶେଷ କରିଥିଲେ।

## ଜିଲ୍ଲା ଅଙ୍ଗନୱାଡୀ ସଂଘର ୨୭ ତମ ସମ୍ମିଳନୀ

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ, ନବରଙ୍ଗପୁର ଜିଲ୍ଲା ତରଫରୁ ୨୭ ତମ ବାର୍ଷିକ ସମ୍ମିଳନୀ ବୈଭବ କଲ୍ୟାଣ ମଣ୍ଡପ, ନବରଙ୍ଗପୁର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଂଘର ଜିଲ୍ଲା ସଭାନେତ୍ରୀ ଭାଗ୍ୟବତୀ ଷଡଙ୍ଗୀ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଲେ। ମୁଖ୍ୟ ଅତିଥି ଭାବେ ଅଙ୍ଗନୱାଡ଼ି ସଂଘ ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, ମୁଖ୍ୟବକ୍ତା। ଭାବେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବାଙ୍କ ବିହାରୀ ବିଷୋୟୀ, ଉପଦେଷ୍ଟା ପରମେଶ୍ୱର ବିଷୋୟୀ,ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ, ଅଙ୍ଗନବାଡି ସଂଘ ରାଜ୍ୟ ଉପଦେଷ୍ଟା ସବିତା ନାୟକ, ଜିଲ୍ଲା ସମ୍ପାଦିକା ସଂନ୍ଧ୍ୟାରାଣୀ ବିଶ୍ୱାଳ,ଜିଲା କୋଷାଧକ୍ଷା ମମତା ବ୍ରହ୍ମା, କୋଠାବାଡି ସଂଘ ଜିଲ୍ଲା ସମ୍ପାଦକ ରାମ ବିଷୋୟୀ ବିଶ୍ୱ କର୍ମା ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଖଗେଶ୍ୱର ବିଷୋୟୀ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘ ଭାରତବର୍ଷର ସର୍ବ ବୃହତ ଶ୍ରମିକ ସଂଗଠନ, ଭାରତ ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ,ଭାରତୀୟ ସଂସ୍କୃତି ଓ ବିଚାରଧାରାକୁ ଆଧାର କରି ଅଙ୍ଗନୱାଡ଼ି ସଂଘ କାମ କରି ଆସୁଛି। ନବରଙ୍ଗପୁର ଜିଲ୍ଲା ଅଙ୍ଗନୱାଡ଼ି ସଂଘ ନିଷ୍ଠାପର ଭାବେ କାମ କରି ଆସୁଅଛି। ନବରଙ୍ଗପୁର ଜିଲ୍ଲା କୁ ପ୍ରଗତି ପଥରେ ଅଗ୍ରସର କରି, ସବୁରି ମୁହଁରେ ହସ ଫୁଟାଇବାର ପ୍ରଚେଷ୍ଟା କରାଯାଉଛି। ନବରଙ୍ଗପୁର ଜିଲ୍ଲା ରେ ଅଙ୍ଗନୱାଡ଼ି ସଂଘ, ସଂଗଠନର ସଭ୍ୟ ମାନଙ୍କୁ ଦେଶାତ୍ମକ ଚିନ୍ତାଧାରାରେ ଅନୁପ୍ରାଣିତକରି ଶିଶୁ, ମହିଳା ଓ କିଶୋରୀ ମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ଅଙ୍ଗନୱାଡ଼ି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଅଙ୍ଗନବାଡି କର୍ମିମାନଙ୍କ ଦାବୀ ପୁରଣ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ଓ କେନ୍ଦ୍ର ସ୍ତରରେ ଧାରଣା ରାଲି କରି ଦାବୀ ପତ୍ର ଦିଆଯାଉଛି ବୋଲି ବକ୍ତାମାନେ କହିଥିଲେ। ସମ୍ପାଦିକା ସଂନ୍ଧ୍ୟାରାଣୀ ବିଶ୍ୱାଳ ବିବରଣୀ ପଠନ କରିଥିଲେ। କୋଷାଧକ୍ଷା ମମତା ବ୍ରହ୍ମା ବାର୍ଷିକ ଖର୍ଚ୍ଚ ବିବରଣୀ ପାଠ କରିଥିଲେ। ପରେ ସର୍ବସମ୍ମତି କ୍ରମେ ନୂତନ ଭାବେ ନବରଙ୍ଗପୁର ଜିଲା କମିଟି ଗଠନ କରାଯାଇଥିଲା। ଉପଦେଷ୍ଟା ଭାବେ ସବିତା ନାୟକ, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ମମତା ବ୍ରହ୍ମା, ସଭାନେତ୍ରୀ ଛବିଳ କୁମାରୀ ମାଝୀ,ଉପ ସଭାନେତ୍ରୀ ପୁନେଇ ନାୟକ ଓ ହେମଲତା ନାୟକ, ସମ୍ପାଦିକା ଉମା ନାୟକ,ସଂଗଠନ ସମ୍ପାଦିକା ଭାଗ୍ୟବତୀ ଷଡଙ୍ଗୀ, ସହ ସମ୍ପାଦିକା ଶୁଭାସିତା ପାତ୍ର ଓ ଗୌରିମଣି ହରିଜନ,କୋଷାଧକ୍ଷା ଯମୁନା ଭତରାଙ୍କ ସମେତ ବ୍ଲକର ସଭାନେତ୍ରୀ ଓ ସମ୍ପାଦିକାଙ୍କର ନାମ ଘୋଷଣା କରିଥିଲେ ମୁଖ୍ୟ ଅତିଥି କୁଞ୍ଜଲତା ଦାସ।

## 'ଦି ସେବକ ସଂଗଠନ' ତରଫରୁ ଅଗ୍ନିବିପନ୍ନଙ୍କୁ ସହାୟତା



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜୀବନର ଦୋଛକିରେ କିଏ କେତେବେଳେ ସହଯୋଗର ହାତ ବଢ଼ାନ୍ତି ତାହା କେବଳ ଭଗବାନ ଜାଣନ୍ତି। ସହାୟତାର ହାତ ବଢ଼ାଇବାକୁ ଭଗବାନ ନିଜେ ଧରାପୃଷ୍ଠକୁ ଓଲ୍‌ହାଇନଥାନ୍ତି। ମଣିଷ ରୁପି ଭଗବାନ ହିଁ ସହଯୋଗ କରିବାକୁ ଧାଇଁ ଆସନ୍ତି। ୩ ବଖରା ଚାଳ ଘରେ ଚଳନ୍ତି କପିଳେନ୍ଦ୍ର କାଣ୍ଡି (କପିଳ) ଙ୍କ ପରିବାର। ଦାଉ ସାଧିଲା ଦଇବ, ହସିଲା ସଂସାର ସବୁ ଜଳି ପୋଡି ପାଉଁଶ ହୋଇଗଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଶିଶୁଅ ପଞ୍ଚାୟତ ଉଦୟକଣି ଗ୍ରାମର ୫ନମ୍ବର ୱାର୍ଡର କପିଳେନ୍ଦ୍ର କାଣ୍ଡିଙ୍କ ପରିବାର ଶୋଇଥିବା ବେଳେ କୌଣସି କାରଣ ବଶତଃ ଶନିବାର ବିଳମ୍ବିତ ରାତ୍ରରେ ଅଗ୍ନିକାଣ୍ଡ ଘଟି କ୍ଷଣିକ ମଧ୍ୟରେ ସବୁ ଜଳି ପୋଡି ପାଉଁଶ ହୋଇଯାଇଥିଲା। ଏମିତି କି କୋଣାର୍କ ଅଗ୍ନିଶମ ଗାଡି ନିଆଁକୁ ଆୟତ୍ତ କରିଥିଲେ ମଧ କିନ୍ତୁ ସବୁ ଜଳି ନିଆଁରେ ଭସ୍ମିଭୂତ ହୋଇଯାଇ ଥିଲା। ଏମିତିକି ଝିଅ ବାହାଘର ପାଇଁ ରଖିଥିବା ସୁନା ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହର, ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର, ସ୍କୁଟି, ସାଇକେଲ ସମେତ ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ଖବର ପ୍ରକାଶିତ ପରେ ଯେଉଁଠି ପ୍ରଶାସନ ତରଫରୁ କେବଳ ପାଲ ଖଣ୍ଡେ ମିଳିଛି, କିନ୍ତୁ ସେଠୀ ପୁରୀ ଜିଲ୍ଲାର ଗୋପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଦି ସେବକ ସଂଗଠନ' ତରଫରୁ ସଭାପତି ଆଲୋକ ଜେନା, ସାଥି ପୁପୁନା ମଲ୍ଲିକ୍, ପ୍ରଦୀପ୍ତ କାଣ୍ଡି, ପିଙ୍କୁ କାଣ୍ଡି ସମେତ ଅନ୍ୟ ସଦସ୍ୟ ଅଗ୍ନି ବିପନ୍ନଙ୍କ ଘରେ ପହଞ୍ଚି ପାଲ, ପରିବାର ସଦସ୍ୟଙ୍କ ପାଇଁ ବସ୍ତ୍ର, ମାସକ ପାଇଁ ରାସନ ସାମଗ୍ରୀ ଓ ଅର୍ଥରାଶି ସହାୟତା ପ୍ରଦାନ କରିଥିଲେ।



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିଆଳି ତରଫରୁ ଏକ ବୃହତ୍ତର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା, ଯେଉଁଥିରେ +୨ଓ +୩ ଏନ୍‌ଏସ୍‌ଏସ୍ ନିଆଳି ସ୍ୱେଚ୍ଛାସେବୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଶିବିରର ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ବିନୋଦ ବିହାରୀ ଦାସଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ନିଆଳି ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ମହୋଦୟ ଉପସ୍ଥିତ ଥିଲେ। ଏହି ଶିବିରଟି ନିଆଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ନିଆଳି କାର୍ଯ୍ୟକ୍ରମ ଅଧିକାରୀ ହିରଣ୍ୟ ବିଦାରକ ମହାପାତ୍ରଙ୍କ ନେତୃତ୍ୱ ଓ ନିୟନ୍ତ୍ରଣରେ ଉନ୍ମୁକ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାର୍ଥକ କରିବାରେ ବହୁ ସଙ୍ଗଠନ ଓ ଅଧ୍ୟାପକଅଧ୍ୟାପିକା ମାନଙ୍କ ଯଥେଷ୍ଟ ସହଯୋଗ ଥିଲା। ତାଙ୍କ ମଧ୍ୟରେ ଉଲ୍ଲେଖନୀୟ ହେଲେ-ସରୋଜିନୀ ମହାପାତ୍ର, ଅନୁପ କୁମାର ମଲ୍ଲିକ, ଡା. ସତ୍ୟନାରାୟଣ ସାହୁ, ସନ୍ତୋଷକାମି ମଲ୍ଲିକ, ଡା. ନୀରୁପମା ମଲ୍ଲିକ, ପଦ୍ମନାଭ ସ୍ୱାଇଁ, ହରେକୃଷ୍ଣ ଦାସ, ଇପ୍ସିତା ସାରଙ୍ଗୀ, ଡା. ଶ୍ରୀଧର ବାରିକ, ଡା. ବିଜୟଲକ୍ଷ୍ମୀ ମହାନ୍ତି, ସୌଦାମିନୀ ମିଶ୍ର, ଅଣିମା ମିଶ୍ର, ପୂନମ ଧଳ, ଡା. ତପସ୍ୱିନୀ ନାୟକ, ଭିନମ ଦାସ, ପ୍ରିୟଦର୍ଶୀନୀ ଲେଙ୍କା, ଯୋଗମାୟା ବିଶ୍ୱାଳ, ଉମେଶ କୁମାର ଲେଙ୍କା ଓ ଚିତ୍ତରଞ୍ଜନ ସାହୁ। ସମସ୍ତଙ୍କ ଏକତ୍ରିତ ପ୍ରୟାସ ଓ ଉଦ୍ୟମ ଦ୍ୱାରା ମୋଟ ୮୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯାହା ଏହି ଶିବିରକୁ ଗୋଟିଏ ବିଶିଷ୍ଟ ସଫଳତା ରୂପେ ପରିଣତ କରିଛି।

# ବନ୍ୟାରେ ଭାସିଗଲା ତିଖିଲିଆ ଗେଙ୍ଗୁଟି ସେତୁ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବୈତରଣୀ ନଦୀରେ ଶାଖା ନଦୀ ଗେଙ୍ଗୁଟି ଉପରେ ପଞ୍ଚାୟତ ସମିତି ଦ୍ୱାରା ନିର୍ମିତ ତିଖିଲିଆକୁ ସଂଯୋଗକାରୀ ସେତୁର ଏକ ଅଂଶ ଭାସିଯାଇଥିବା ଜଣାଯାଇଛି। ଫଳରେ ତିଖିଲିଆକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡିଥିବା ବେଳେ ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ମାତ୍ର ଚଳିତ ବର୍ଷ ଦାଣ୍ଡକୂଳ ଓ ତିଖିଲିଆର ହାତଗଣିତି କେତେଜଣ ବାଲିମାଫିଆ ଗେଙ୍ଗୁଟି ଶଯ୍ୟାକୁ ୧୦ଫୁଟ ଗଭୀର ଖୋଳି ବାଲି ଉଠାଇ ବିକ୍ରିକରି ମାଲାମାଲ ହୋଇଯାଇଥିଲେ। ଦାଣ୍ଡକୂଳ ଅଞ୍ଚଳର ଜନୈକ ପୂର୍ବତନ ଶିକ୍ଷକ ଓ ଶିକ୍ଷକ ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ଥିବା ଜଣାଶୁଣା କଥା। ଫଳରେ ଗତ ୧୫ ଦିନ ପୂର୍ବରୁ ନଦୀରେ ସାମାନ୍ୟ ପାଣି ଆସି ଗେଙ୍ଗୁଟି ନଦୀରେ ପ୍ରବେଶ କରିବା ଫଳରେ ଏହି ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଛ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟ ମୂଳଦୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ମାତ୍ର ସେତେବେଳେ ରାଜନେତା ଓ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇନଥିଲେ। ଗତ ଶନିବାର ମଧ୍ୟରାତ୍ରରେ ସଂପୃକ୍ତ ସେତୁର ଖମ୍ବ ଭାସିଯାଇ ସେତୁ ୨ଖଣ୍ଡ ହୋଇଯାଇଥିଲା। ରବିବାର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦି ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ନୂତନ ସେତୁ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ବର୍ଷାଋତୁ ଚାଲିଥିବାରୁ ଏହା ସହଜସାଧ୍ୟ ନୁହେଁ। ଏବେ ପ୍ରଶାସନ ପକ୍ଷରୁ ଯୋଗାଯୋଗ ପାଇଁ କିଭଳି ଅସ୍ଥାୟୀ ବ୍ୟବସ୍ଥା କରାଯାଉଛି ତାହା ଦେଖିବାକୁ ବାକି ରହିଲା।

# ନିର୍ମାଣର ଦୁଇବର୍ଷ ପରେ ମଧ୍ୟ କାର୍ଯ୍ୟାଳୟରେ ହୋଇନି ବିଦ୍ୟୁତ ସଂଯୋଗ




କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ତହସିଲ ଅଧୀନ ଦପଲା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣକୁ ଦୁଇ ବର୍ଷରୁ ଅଧିକ ସମୟ ହୋଇଥିଲେ ମଧ୍ୟ କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରି ନାହିଁ। ଯାହାଫଳରେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳିରେ କର୍ମଚାରୀମାନେ ନୂତନ କାର୍ଯ୍ୟାଳୟରେ ବସି ଅଫିସ କାର୍ଯ୍ୟ କରୁଛନ୍ତି। ବିଦ୍ୟୁତ ନ ଥିବାରୁ ଅନଲାଇନ କାର୍ଯ୍ୟ ମଧ୍ୟ ହୋଇପାରୁ ନାହିଁ। ପ୍ରଚଣ୍ଡ ଖରା ସହିତ ବିଜୁଳି ନଥିବାରୁ ଲୋକଙ୍କ ସମସ୍ୟା ଦ୍ୱିଗୁଣ ହୋଇଯାଇଛି। ନୂତନ କାର୍ଯ୍ୟାଳୟରେ ଅଫିସ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ପାଇଁ କର୍ମଚାରୀଙ୍କୁ କହି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆ ଯାଇ ନାହିଁ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏଥି ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି।

# ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ୍ ଆସୋସିଏସନ୍‌ର ଜିଲ୍ଲା ସମ୍ମିଳନୀ

ରାଇଘର, (ଭାସ୍କର ନ୍ୟୁଜ୍): ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କରସ ଆସୋସିଏସନ ନବରଙ୍ଗପୁର ଜିଲ୍ଲାତରଫରୁ ୨୭-ତମ ବାର୍ଷିକ ସମ୍ମିଳନୀ ବୈଭବ କଲ୍ୟାଣ ମଣ୍ଡପ ଗରାମୁଣ୍ଡା, ନବରଙ୍ଗପୁର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀରେ ବକ୍ତା ଭାବେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବାଙ୍କ ବିହାରୀ ବିଷୋୟୀ, ମୁଖ୍ୟ ଅତିଥି ଭାବେ ଅଙ୍ଗନୱାଡି ସଂଘ ରାଜ୍ୟ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, ଜିଲ୍ଲା ଉପଦେଷ୍ଟା ଶ୍ରୀଯୁକ୍ତ ପରମେଶ୍ୱର ବିଷୋୟୀ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ବିଷୋୟୀ, ଅଙ୍ଗନବାଡି ସଂଘ ରାଜ୍ୟ ସଭ୍ୟ-ସବିତା ନାୟକ, ଜିଲ୍ଲା ସଭାନେତ୍ରୀ କୁମାରୀ ଭାଗ୍ୟବତୀ ଷଡଙ୍ଗୀ, ଜିଲ୍ଲା କୋଷାଧ୍ୟକ୍ଷା ମମତା ବ୍ରହ୍ମା, କୋଠାବାଡି ସଂଘ ଜିଲ୍ଲା ସମ୍ପାଦକ ରାମ ବିଷୋୟୀ ବିଶ୍ୱ କର୍ମା ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଖଗେଶ୍ୱର ବିଷୋୟୀ ଯୋଗ ଦେଇଥିଲେ। ଭାରତୀୟ ମଜଦୁର ସଂଘ ଭାରତବର୍ଷର ସର୍ବ ବୃହତ ଶ୍ରମିକ ସଂଗଠନ, ଭାରତ ସରକାରଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ, ଭାରତୀୟ ସଂସ୍କୃତି ଓ ବିଚାରଧାରାକୁ ଆଧାର କରି ଅଙ୍ଗନୱାଡି ସଂଘ କାମ କରି ଆସୁଛି। ନବରଙ୍ଗପୁର ଜିଲ୍ଲା ଅଙ୍ଗନୱାଡି ସଂଘ ନିଷ୍ଠାପର ଭାବେ କାମ କରି ଆସୁଅଛି। ନବରଙ୍ଗପୁର ଜିଲ୍ଲାକୁ ପ୍ରଗତି ପଥରେ ଅଗ୍ରସର କରି, ସବୁରି ମୁହଁରେ ହସ ଫୁଟାଇବାର ପ୍ରଚେଷ୍ଟା କରାଯାଉଛି। ନବରଙ୍ଗପୁର ଜିଲ୍ଲାରେ ଅଙ୍ଗନୱାଡି ସଂଘ, ସଂଗଠନର ସଭ୍ୟ ମାନଙ୍କୁ ଦେଶାତ୍ମକ ଚିନ୍ତାଧାରାରେ ଅନୁପ୍ରାଣିତକରି ଶିଶୁ, ମହିଳା ଓ କିଶୋରୀ ମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ଅଙ୍ଗନୱାଡି କର୍ମୀମାନଙ୍କ ବିଭିନ୍ନସମସ୍ୟା ସମାଧାନ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଅଙ୍ଗନବାଡି କର୍ମୀମାନଙ୍କ ଦାବୀ ପୂରଣ ପାଇଁ ବ୍ଲକ ଓ ଜିଲ୍ଲା ତଥା ରାଜ୍ୟ ଓ କେନ୍ଦ୍ର ସ୍ତରରେ ଧାରଣା ରାଲି କରି ଦାବୀ ପତ୍ର ଦିଆଯାଉଛି ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାସ ବିବରଣୀ ପଠନ କରିଥିଲେ। କୋଷାଧକ୍ଷା ମମତା ବ୍ରହ୍ମା ବାର୍ଷିକ ଖର୍ଚ୍ଚ ବିବରଣୀ ପାଠ କରିଥିଲେ କ୍ଷ ନୂତନ ନବରଙ୍ଗପୁର ଜିଲ୍ଲା କମିଟିଗଠନ କରାଯାଇ ଥିଲା। ଉପଦେଷ୍ଟା ସବିତା ନାୟକ, ସନ୍ଧ୍ୟାରାଣୀ ବିଶ୍ୱାଳ, ମମତା ବ୍ରହ୍ମା, ସଭାନେତ୍ରୀ ଛବିଳ କୁମାରୀ ମାଝୀ,ଉପ ସଭାନେତ୍ରୀ ପୁନେଇ ନାୟକ, ହେମଲତା ନାୟକ, ସମ୍ପାଦିକା ଉମା ନାୟକ, ସଂଗଠନ ସମ୍ପାଦିକା ଭାଗ୍ୟବତୀ ସଡଙ୍ଗୀ, ସହ ସମ୍ପାଦିକା ଶୁଭାଶିତା ପାତ୍ର, ଗୌରିମଣି ହରିଜନ, କୋଷାଧକ୍ଷା ଯମୁନା ଭତରା, ବ୍ଲକର ସଭାନେତ୍ରୀ ଓ ସମ୍ପାଦିକା ସଭ୍ୟ ରହିବେ ବୋଲି ଘୋଷଣା କରିଥିଲେ ମୁଖ୍ୟ ଅତିଥି କୁଞ୍ଜଲତା ଦାସ। ନୂତନ ଭାବେ ଦାୟିତ୍ୱ ନେଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇ ଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲାର ଦଶ ଗୋଟି ବ୍ଲକରୁ ପ୍ରାୟ ୫୦୦ଜଣ କର୍ମୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଯୁବକ ଗୁରୁତର, ଗାଈ ମୃତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଦିଗରୁ କାମାକ୍ଷାନଗର ଦିଗକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ମୁକ୍ତାପଶି ଛକରେ ରବିବାର ସନ୍ଧ୍ୟା ସମୟରେ ଗାଈ ସହିତ ପିଟି ହୋଇ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। କାମାକ୍ଷାନଗର, ଆଳତୁମା ଗ୍ରାମର ବାଙ୍କ ଦେହୁରୀଙ୍କ ପୁଅ ବିକାଶ ଦେହୁରୀ (୨୦)ବର୍ଷ ନାମକ ଯୁବକ ପରଜଙ୍ଗ ଦିଗରୁ ବାଇକ ରେ ନିଜ ଘରକୁ ଯାଉଥିବା ବେଳେ ମୁକ୍ତାପଶି ମେଡିକାଲ ଛକ ଉପରେ ଏକ ଗାଈ ସହିତ ଶକ୍ତ ଧକ୍କା ହୋଇଥିଲା। ଫଳରେ ଗାଈଟି ମୃତ୍ୟୁ ବରଣ କରିଛି। ହଠାତ ସ୍ଥାନୀୟ ଲୋକେ ଦେଖି ଏନଏଚର ବ୍ୟବହୃତ ଆମ୍ବୁଲାନ୍ସ ଗାଡ଼ି ଡାକି ପରଜଙ୍ଗ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ।

# ସିଦ୍ଧି ବିନାୟକ ପୀଠରେ ନୂତନ କମିଟି ଗଠନ



ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍): ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପଞ୍ଚମା ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧି ବିନାୟକ ପୀଠରେ ରାଜ୍ୟ ଖଣି ଇସ୍ପାତ୍ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଅଶୋକ ସାମନ୍ତରାୟଙ୍କ ସଭାପତିତ୍ୱରେ ମନ୍ଦିରର ପୁରୁଣା କମିଟି ଭଙ୍ଗ କରାଯାଇ ସବୁ ଦିନିଆ ୩୧ ଜଣିଆ ନୂତନ କମିଟି ଗଠନ କରାଯାଇଛି। ଏଥିରେ ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳର ପ୍ରାୟ ୨୫ଖଣ୍ଡ ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ଏହି ବୈଠକରେ ତିନୋଟି ପ୍ରସ୍ତାବ କାର୍ଯ୍ୟକାରୀ କମିଟି, ବ୍ୟାଙ୍କ୍ ଖାତା ପରିଚାଳନା,ଆସନ୍ତା ପୂଜା ଦାୟିତ୍ୱ ନିର୍ବାହ କରିବ। ଏହି କମିଟିରେ ସଭାପତି ଭାବେ ସିମାଞ୍ଚଳ ପାତ୍ର, ଉପ ସଭାପତି ଟୁନା ଜେନା, ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭକ୍ତବତ୍ସଳ ନାୟକ, ସହସମ୍ପାଦକ କୈଳାସଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଶୁଭେନ୍ଦୁ ଶେଖର ସାମନ୍ତରାୟ, ଏହି ତିନିଜଣଙ୍କ ନାମରେ ବ୍ୟାଙ୍କ୍ ଖାତା ପରିଚାଳନା କରିବା ପାଇଁ କମିଟି ସୁପାରିଶ କରିଛନ୍ତି। ଜାତୀୟକରଣ ବ୍ୟାଙ୍କ୍ ଖାତା ଖୋଲାଯିବ। ସଂଯୋଜକ ଭାବେ ସୁଧୀର ମଣ୍ଡଳ ସହ ସଂଯୋଜକ ଶରତ ଚନ୍ଦ୍ର କର ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ଆସନ୍ତା ମାସ ୨୭ ତାରିଖରେ ହେବାକୁ ଥିବା ଗଣେଶ ଚତୁର୍ଥୀ ପୂଜା କିପରି ଭାବେ ସଫଳତାର ସହ ପାଳନ ହେବ ତାକୁ ନେଇ ଆଲୋଚନା ହୋଇଥିଲା। ଆସନ୍ତା ରବିବାର ଦିନ ଏହି ବର୍ଷ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲ୍ଲା ପରିଷଦ ମନ୍ତ୍ରୀ ପ୍ରତିନିଧି ବିନୋଦ ଚନ୍ଦ୍ର ମିଶ୍ର, ବ୍ଲକ୍ ପ୍ରତିନିଧି ବ୍ରଜମୋହନ ନାହାକ, କମିଟି ପୂର୍ବତନ ସଭ୍ୟ ଗୌରୀ ସାମନ୍ତରାୟ, ସୁବାସ ମଣ୍ଡଳ, ପ୍ରକାଶ ଚନ୍ଦ୍ର ସାମନ୍ତ, ପ୍ରକାଶ ଚନ୍ଦ୍ର ସେଠୀ, ପ୍ରମୁଖ ଯୋଗ ଦେଇଥିବା ବେଳେ ବିକ୍ରମ ଦାସ ସହଯୋଗ କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କ କର୍ତ୍ତବ୍ୟ ପରାୟଣାତା

# ନଦୀ ପାଣିରେ ପଶି ଶିଶୁଙ୍କ ନିକଟରେ ପହଞ୍ଚାଉଛନ୍ତି ଖାଦ୍ୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଗତକାଲି ଲଗାଣ ବର୍ଷାରେ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କାଦକଳା ପଞ୍ଚାୟତ ହଳଡିହି ଗାଁ ବଳଦା ନଦୀ ଫୁଲି ଉଠିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଛି। ନଦୀରେ ପୋଲ ନଥିବାରୁ ସାମାନ୍ୟ ବର୍ଷାହେଲେ ହଳଡିହି ଗାଁ ଜଳବନ୍ଦୀ। ନଦୀରେ ପାଣି କୁଳ ଖାଉଥିବାରୁ ଯାଆ ଆସ କରିବା ଠପ୍ ହୋଇ ଯାଇଛି, ଅତି ଜରୁରୀ ପରିସ୍ଥିତିରେ ନଦୀରେ ପହଁରି ଲୋକେ ଗାଁ ରୁ ବାହାରକୁ ଯାଉଛନ୍ତି। ତେବେ ଏପରି ପରିସ୍ଥିତିରେ ମଧ୍ୟ ହଳଡିହି ଝରାସାହି ଅଙ୍ଗନବାଡି କେନ୍ଦ୍ରର କର୍ମୀ କାଦକଳା ଗାଁ ର କରିଶ୍ମା ନାଏକ ତାଙ୍କ କର୍ତ୍ତବ୍ୟ ଭୁଲି ନାହାନ୍ତି। ନଦୀରେ ଟିକିଏ ପାଣି କମିବାରୁ, ମଳଦା ନଦୀ ଲଂଘି ପହଞ୍ଚିଥିଲେ। କାଦକଳା ଗାଁ ର ସୁଦର୍ଶନ ଠାକୁରଙ୍କ ସ୍ତ୍ରୀ କରିଶ୍ମା। କରିଶ୍ମା ଗତ ୩ବର୍ଷ ପୂର୍ବେ ହଳଡିହି ଝରାସାହିରେ ଅଙ୍ଗନବାଡି କର୍ମୀ ଭାବେ ଯୋଗ ଦେଇଛନ୍ତି। ହଳଡିହି ଗାଁ'କୁ କାଦକଳା ଠାରୁ ଦୁଇ କିଲୋମିଟର ଚାଲିଚାଲି ଯିବା ପରେ ମଳଦା ନଦୀ ପାରି ହୋଇ ହଳଡିହି ଗାଁକୁ ଯିବାକୁ ପଡୁଛି। ନଦୀରେ ପୋଲ ନଥିବାରୁ ଅଧିକ ବର୍ଷା ପାଣି ପ୍ରବାହିତ ହେଲେ ନଦୀ ପାରି ହୋଇଯିବା ଅସମ୍ଭବ। ତେବେ କରିଶ୍ମା ଅଙ୍ଗନବାର୍ଡି କେନ୍ଦ୍ରର ସହାୟିକା ରୋଷେଇ କରି ଶିଶୁମାନଙ୍କୁ ଦେଇଥାନ୍ତି। ନଦୀରେ ଟିକିଏ ପାଣି କମିଲେ ଗାଁ' ଲୋକଙ୍କ ସହାୟତାରେ ନଦୀ ଲଂଘି ଆରପାରିକୁ ଯାଉଛନ୍ତି। ପୁଣି ଲୋକଙ୍କ ସାହାଯ୍ୟରେ ଫେରୁଛନ୍ତି। କରିଶ୍ମାଙ୍କ ଏପରି କାମ ତାଙ୍କ କର୍ତ୍ତବ୍ୟ ପରାୟଣାତାକୁ ନେଇ ଗ୍ରାମବାସୀ ବେଶ ଖୁସି। କିନ୍ତୁ ଅନ୍ୟପଟେ ଦୀର୍ଘ ଦିନରୁ ନଦୀରେ ପୋଲ ନିର୍ମାଣ ପାଇଁ ଦାବି କରି କରି ନିରାଶ ହୋଇଛନ୍ତି।

# ଗୋପରେ ଲକ୍ଷ୍ମୀ ବସ୍ ପାଇଁ ନାହିଁ ବସ୍‌ଷ୍ଟାଣ୍ଡ

ଗୋପ, (ଭାସ୍କର ନ୍ୟୁଜ୍): ଗୋପ ବ୍ଲକରେ ଚାଲୁଥିବା ଲକ୍ଷ୍ମୀ ବସ୍ ନିମନ୍ତେ ଏବେ ଷ୍ଟାଣ୍ଡ ନଥିବାରୁ ଏହାର କର୍ମଚାରୀଙ୍କ ସମେତ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କେତେବେଳେ ଏହା ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହେଇ ରହୁଛି ତ କେତେବେଳେ ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ପାର୍ଶ୍ୱ ରାସ୍ତା ତ କେତେବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପାଲଟିଛି ଲକ୍ଷ୍ମୀ ବସ୍ ଷ୍ଟାଣ୍ଡ। ରାଜ୍ୟ ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା ହେଉଛି ଲକ୍ଷ୍ମୀ ବସ୍ ଯୋଜନା। ଲକ୍ଷ୍ୟ ରହିଛି ଗ୍ରାମାଂଚଳର ଲୋକମାନେ ନିଜ ଘର ଦୁଆର ନିକଟରେ ବା ହାତପାଆନ୍ତାରେ ପାଇବେ ବସ୍ ସେବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ମହିଳା ମାନେ ମାତ୍ର ୧୦ ଟଙ୍କାରେ ଏହି ବସ୍ ରେ ଯିବା ଆସିବା କରିପାରିବେ। ରାଜ୍ୟ ସରକାର ମହିଳା ମାନଙ୍କୁ ଯେପରି ଭାବେ ପୁରୁଷମାନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ନିଜକୁ ଶ୍ରେଷ୍ଠତା ପ୍ରତିପାଦନ କରିପାରିବେ ତାହାକୁ ନେଇ ସମସ୍ତ ବିଭାଗରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସେମାନେ ଗ୍ରାମ କିମ୍ବା ପଂଚାୟତରୁ ବ୍ଲକକୁ ଆସିବା ନିମନ୍ତେ ଯେପରି କୌଣସି ଅସୁବିଧାର



ସମ୍ମୁଖିନ ନହୁଅନ୍ତି ସେ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ବୋଲି ମହିଳା ମାନେ ନିଜ ନିଜର ମନ୍ତବ୍ୟ ରଖିଛନ୍ତି। ମାତ୍ର ଗୋପ ବ୍ଲକରେ ଲକ୍ଷ୍ମୀ ବସ୍‌ର ପରିଚାଳନା କିପରି ହେଉଛି ତାହାକୁ ନେଇ ଏବେ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କେବଳ ଯେ ବସ୍‌ର କର୍ମଚାରୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତାହା ନୁହେଁ ଏହି ଅସୁବିଧାକୁ ଦେଖି ଏବେ ଏହି ବସ୍‌ରେ ଯାତ୍ରୀମାନେ ମଧ୍ୟ ମୁହଁ ମୋଡୁଛନ୍ତି। ଗୋପ ବ୍ଲକରେ ଚାଲୁଥିବା ୪ଟି ଲକ୍ଷ୍ମୀ ବସ୍‌ରେ ଏବେ କୌଣସି ଯାତ୍ରୀ ଯାଉନଥିବା ବେଳେ ପ୍ରତ୍ୟେକ ଦିନ ଏହା ଖାଲି ପଡୁଥିବା ନଜରକୁ ଆସିଛି। ଏ ନେଇ ଗୋପ ବ୍ଲକ ଦୁର୍ନୀତିନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ କହିଛନ୍ତି ଯେ ଗୋପ ବସ୍ ଷ୍ଟାଣ୍ଡର ନିର୍ମାଣ ଏବେ ନାଲି ଫିତା ତଳେ ରହିଥିବା ବେଳେ ଲକ୍ଷ୍ମୀ ବସ୍ ନିମନ୍ତେ ନିହାତି ଜରୁରୀକାଳୀନ ଭିତିରେ ଷ୍ଟାଣ୍ଡ ଅନ୍ୟ କେଉଁଠାରେ ନିର୍ମାଣ କରାଯାଉ ଯଦ୍ୱାରା କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଯାତ୍ରୀମାନେ ମଧ୍ୟ ଏହାର ସୁଫଳ ପାଇପାରିବେ।

# ସାପ କାମୁଡ଼ାରେ ପୂର୍ବତନ ୱାର୍ଡ଼ ସଦସ୍ୟଙ୍କ ମୃତ୍ୟୁ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ ସ୍ଥିତ ବାଣିଦା ଗ୍ରାମର ଦକ୍ଷିଣସାହି ୱାର୍ଡ଼ ନମ୍ବର ୧୫ର ସ୍ୱର୍ଗତ ଯତୀନ୍ଦ୍ର ରଣାଙ୍କ ୪୫ ବର୍ଷର ପୁତ୍ର ଗଣେଶ ରଣାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆଜି ଦିନରେ ବିଲରେ ଚାଷ କାମ କରୁଥିବା ସମୟରେ ବିଷାକ୍ତ ସାପ କାମୁଡ଼ାରେ ବିଲ ମଧ୍ୟରେ ମରି ପଡିଥିବା ଲୋକେ ଦେଖି ଡାକ୍ତରଖାନା ନେଇ ଯାଇଥିଲେ। ରଣା ସୁଗୋ ପଞ୍ଚାୟତର ପୂର୍ବତନ ୱାର୍ଡ ମେମ୍ବର ଥିବାରୁ ସୁଗୋ ସରପଞ୍ଚ ଓ ସମସ୍ତ ୱାର୍ଡମେମ୍ବର ରଣାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି। ସରପଞ୍ଚ ଜୟନ୍ତୀ ପରିଡ଼ା ସ୍ଥାନୀୟ ନାମ୍ପୋ ଫାଣ୍ଡି ଅଧିକରୀ, ନାମ୍ପୋ ଆରଆଇ, ଜଳେଶ୍ୱର ତହସିଲଦାର, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ, ଜଳେଶ୍ୱର ବିଧାୟକ ପ୍ରମୁଖଙ୍କୁ ମୃତ୍ୟୁର ଦୁଃଖଦ ଖବର ଦେଇ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ

# ଦୁଷ୍ମନ୍ତ ଜେନା ସଭାପତି, ଅଶୋକ ମିଶ୍ର ସମ୍ପାଦକ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇ ଯାଇଛି। ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଥିରେ କୋରାପୁଟ ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଏବଂ ସମ୍ପାଦକ ନବିନ ମାଦଲା ଯୋଗ ଦେଇ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ମାନେ ନିର୍ବାଚନ ପ୍ରକ୍ରିୟା କରି ସର୍ବ ସମ୍ମତି କ୍ରମେ ମନୋନୀତ ପ୍ରକ୍ରିୟା କରିବାକୁ ନିର୍ବାଚନ ଅଧିକାରୀ ଦ୍ୱୟଙ୍କୁ ଜଣାଇଥିଲେ। ଏହି ପ୍ରସ୍ତାବକୁ ନିର୍ବାଚନ ଅଧିକାରୀ ମାନେ ଗ୍ରହଣ କରି ମାଲକାନଗିରି ଜିଲ୍ଲା ଶାଖା ସଭାପତି ଭାବେ ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଭାବେ ଲମ୍ବୋଦର ତୁରୁକ, ସଂମ୍ପାଦକ ରୂପେ ସାମ୍ବାଦିକ ଅଶୋକ ମିଶ୍ର, ଯୁଗ୍ମ ସମ୍ପାଦକ ରୂପେ ପ୍ରମୋଦ କୁମାର ସେନାପତି, ସଙ୍ଗଠନ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, କୋଷାଧକ୍ଷ ଚିତ୍ତରଞ୍ଜନ ସରକାର ମନୋନୀତ ହୋଇଥିଲେ। ମନୋନୀତ କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ପରିଷଦ ଜିଲ୍ଲା ପରିଷଦର ସଦସ୍ୟ ମାନଙ୍କୁ ମନୋନୀତ କରିଥିଲେ। ସେହିପରି ଉପଦେଷ୍ଟା ରୂପେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ରବିନ୍ଦ୍ର କୁମାର ମହାରଣା, ରଞ୍ଜନ କୁମାର ସ୍ୱାଇଁଙ୍କୁ ମନୋନୀତ କରଯାଇଥିଲା। ଏହାପରେ ଉତ୍କଳ ସମ୍ମିଳନୀର ଗଠନ କାର୍ଯ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରଯାଇ ଥିଲା। ନବ ନିର୍ବାଚିତ ପ୍ରତିନିଧି ମାନେ ଜିଲ୍ଲାଶାଖାକୁ ସୃଦୃଢ଼କରିବା ପାଇଁ ବିଭିନ୍ନ ବିଷୟରେ ଉପରେ ଆଲୋକପାତ କରିଥିଲେ। ଶେଷରେ ନୂତନ ସଭପତି ଜେନା ଉପସ୍ଥିତ ଅତିଥି ଓ ସଦସ୍ୟମାନଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ମହିଳା କଲେଜ ସମ୍ମୁଖ ରାସ୍ତାରେ ରୋଡ଼ ରୋମିଓଙ୍କ ଦୌରାତ୍ମ୍ୟ ଅଭିଯୋଗ

ବଡ଼ଚଣା, (ଭାସ୍କର ନ୍ୟୁଜ୍), ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ଏକମାତ୍ର ବଡ଼ଚଣା କନିଷ୍ଠ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରୋଡ଼ ରୋମିଓ ମାନେ ଦୌରାତ୍ମ୍ୟ ଦେଖାଇ ଛାତ୍ରୀ ମାନଙ୍କୁ ହଇରାଣ ହରକତ କରୁଥିବା ନେଇ କେତେକ ଅଭିଭାବକ ଅଭିଯୋଗ ଉଠାଇ ଏହାକୁ ରୋକିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ପ୍ରତିଦିନ ଏହି କଲେଜ ଖୋଲିବା ଠାରୁ ବନ୍ଦ ହେବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର କେତେକ ରୋଡ଼ ରୋମିଓ କଲେଜ ସମ୍ମୁଖର ଭାଗରେ ଥିବା ବଡ଼ଚଣା- ଧାନମଣ୍ଡଳ ରାସ୍ତାରେ ଦ୍ରୁତ ଗାମୀ ରେ ବାଇକ ଚଳାଇ ଯିବା, କର୍କଶ ଶବ୍ଦ କରିବା, ବାରମ୍ବାର ସେହି ରାସ୍ତା ଦେଇ ଯାତାୟତ କରିବା ସହ କଲେଜ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ଭଳି ଘଟଣା ଘଟାଉଛନ୍ତି। ଫଳରେ ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ତେବେ ଏନେଇ ସାମାଜିକ କର୍ମୀ କିଶୋର ଚନ୍ଦ୍ର ବାରିକ ଓ ଯୁବ ସମାଜସେବୀ ପ୍ରଦ୍ୟୁମ୍ନ କୁମାର ଓଝା ବଡ଼ଚଣା ଥାନା ଅଧିକାରୀଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କଲେଜ ସମ୍ମୁଖ ଭାଗ ମୁଖ୍ୟ ଦ୍ୱାର ନିକଟରେ ପୋଲିସ ପ୍ରହରା ପାଇଁ ଦାବି କରିଛନ୍ତି।

# ସାମ୍ବାଦିକ ଅଜିତ୍ ମଲ୍ଲିକଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

କାକଟପୁର, (ଭାସ୍କର ନ୍ୟୁଜ୍): କୋଣାର୍କର ଉଦୀୟମାନ ସାମ୍ବାଦିକ ଅଜିତ୍ ମଲ୍ଲିକଙ୍କ ଅକାଳ ବିୟୋଗରେ କାକଟପୁର ପ୍ରେସ କ୍ଲବ ଆୟୋଜନ ରେ ରେ ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ର ଏକ ଶ୍ରଦ୍ଧାଞ୍ଜଳି ସଭା କାକଟପୁର ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅଜିତ୍ ଜଣେ ଦକ୍ଷ, ଉଚ୍ଚ କୋଟିର ସାମ୍ବାଦିକ କେବଳ ନଥିଲେ ଜଣେ ଜନହିତକର ସମାଜସେବୀ ମଧ୍ୟ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ନିଷ୍ଠାବାନ ପ୍ରଚେଷ୍ଟା ଆଉ ତ୍ୟାଗ ସମାଜ କଲ୍ୟାଣ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ବଳଙ୍ଗାରେ ଜନ୍ମ ଗ୍ରହଣ କରିଥିଲେ ୧୯୭୩ ମସିହା ମଇ ମାସ ୨୪ ତାରିଖ, ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରରୁ ଆସିଥିଲେ ଅଜିତ। ତାଙ୍କ ଜେଜେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବାପା ମା ଉଭୟ ସାଧାରଣ ଶିକ୍ଷକ ଆଉ ସେ ଥିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଏକ ଉଚ୍ଚକୋଟିର ସାମ୍ବାଦିକ, ତାଙ୍କର ଅନ୍ୟ ଏକ ପରିଚୟ ରହିଛି 'ସାଲିସ ବିହୀନ ସାମ୍ବାଦିକ'। କୋଣାର୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମୟରେ ଚଳିତ ବର୍ଷ ଜୁଲାଇ ମାସ ୨୧ତାରିଖରେ ଟଳି ପଡ଼ିଥିଲେ। ଏପରି ଅବସ୍ଥାରେ ଥିଲେ ଅନ୍ୟ ମାନେ ଭାବୁଛନ୍ତି ସେ ଶୋଇଛନ୍ତି କିନ୍ତୁ ବାସ୍ତବରେ ସବୁଦିନ ପାଇଁ ଶୋଇ ଯାଇଥିଲେ ଅଜିତ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ଗୋପ ପ୍ରେସ କ୍ଲବର ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ, ସାମ୍ବାଦିକ ନିରଞ୍ଜନ ଦାସ, କାକଟପୁର ପ୍ରେସ କ୍ଲବ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ ମଞ୍ଚାସିନ ହୋଇ ଅଜିତଙ୍କ ସ୍ମୃତି ଚାରଣ କରିଥିଲେ ଓ ତାଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ମଞ୍ଚାସିନ ଅନ୍ୟ ଜଣେ ବରିଷ୍ଠ ସାମ୍ବାଦିକ ତଥା ବିଶ୍ୱବାଣୀ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି ସ୍ମୃତି ଚାରଣ କରିବା ସହିତ ଅଜିତ ମଲ୍ଲିକଙ୍କ ପରିବାରକୁ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ ଜେନା, ଭାଗବତ ସ୍ୱାଇଁ, ଶୁଭଦର୍ଶନ ମିଶ୍ର, ପ୍ରଦୀପ୍ତ ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ମାନସ ଦୀକ୍ଷିତ, ସମୀର କର, ପ୍ରଶାନ୍ତ ବାରିକ, ଆର୍ଯ୍ୟ ବିଶ୍ୱାଳ, ମନୋଜ ବିଶ୍ୱାଳ, ଲୋକନାଥ ସ୍ୱାଇଁ, ସମୀର ବେହୁରା, ବିଜୟ ବେହେରାଙ୍କ ସମେତ ଏହି ଶ୍ରଦ୍ଧାଞ୍ଜଳି ସଭାରେ କାକଟପୁର, ଚାରିଛକ, ନିମାପଡା, ଗୋପ, କୋଣାର୍କ ସମେତ ଶତାଧିକ ବରିଷ୍ଠ ଓ ଯୁବ ସାମ୍ବାଦିକ ରହି ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି ମଞ୍ଚ ପରିଚାଳନା କରିଥିଲେ।

# ଓୟୁଡବ୍ଲୁଜେର ବାର୍ଷିକ ଉତ୍ସବରେ ସାମ୍ବାଦିକଙ୍କ ମହାମିଳନ



ବୋଲଗଡ, (ଭାସ୍କର ନ୍ୟୁଜ୍): ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ବିଜେପି ମିଡିଆ ସେଲର ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକଙ୍କ ସମସ୍ୟାକୁ ନେଇ ଚିନ୍ତା ବ୍ୟକ୍ତ କରିବା ସହିତ ସରକାର ଏ ସବୁ ସମସ୍ୟା ପ୍ରତି ସଚେତନ ଅଛନ୍ତି ବୋଲି କହିଥିଲେ। ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା ମୁଖ୍ୟବକ୍ତା ଭବେ ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ କହିଲେ ରାଜ୍ୟର ବିକାଶରେ ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଆମ ସରକାର ଯେଭଳି ଭାବେ ବିକାଶମୂଳକ ଯୋଜନା ଉପରେ ଜୋର ଦେଇ କାମ କରୁଛନ୍ତି, ସେ ସବୁ ବାର୍ତ୍ତାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ଦାୟିତ୍ୱ ମଧ୍ୟ ଏହି ସବୁ ସାମ୍ବାଦିକଙ୍କର। ଏଣୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଗମ୍ଭୀରତା ସହିତ ବିଚାର କରୁଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ପୂର୍ବତନ ଜିଲ୍ଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର ସାମ୍ବାଦିକ କଲ୍ୟାଣରେ ନିୟୋଜିତ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ ସଂଘର ଡିଜିଟାଲ ସାର୍ଟିଫିକେଟ ପ୍ରଦର୍ଶନ ପୂର୍ବକ ଜାଲିଆତି କାମରେ ଲିପ୍ତ ଥିବା ସାମ୍ବାଦିକଙ୍କୁ ଚେତାବନୀ ଦେଇ କହିଲେ, ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରୀତ ଋତୁରାଜ, ଶ୍ରମ ବିଭାଗର କମି ନର ଥିଲାବେଳେ ଏହି ନୁତନ ସାର୍ଟିଫିକେଟ ଇସ୍ୟୁ କରିଛନ୍ତି। ପରେ ଅତିଥିମାନଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସେମାନେ ହେଲେ ସଂଜୟ ଦାସ-ସଭାପତି, ପ୍ରଦ୍ୟୁମ୍ନ ଦାଶ-ସାଧାରଣ ସମ୍ପାଦକ, ପ୍ରସନ୍ନ ପୃଷ୍ଟି-କୋଷାଧ୍ୟକ୍ଷ, ଉପ-ସଭାପତି ଭାବେ- କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଦାସ, ସୁବାସ ପଣ୍ଡା, ବାବୁ ଦାସଙ୍କ ସହିତ ଆଉ ୫କାର୍ଯ୍ୟକାରୀ ସଦସ୍ୟ। ସେହିପରି ଖୋର୍ଦ୍ଧା ଜିଲ୍ଲା ପାଇଁ ସଭାପତି ହେମନ୍ତ ବେହେରା, ରଜନୀକାନ୍ତ ଜଗଦେବ, ଯୋଗୋ ପଣ୍ଡା, ଦେବବ୍ରତ ହୋତା, ଉପ ସଭାପତି, ନିରଞ୍ଜନ ନାୟକ-ସମ୍ପାଦକ, ମଞ୍ଜୁଲତା ଇନ୍ଦ୍ରଜିତ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପୁରୀ, କଟକ, ବଡମ୍ବା, କଳାହାଣ୍ଡି ଓ ନୟାଗଡ ଜିଲ୍ଲା କର୍ମକର୍ତ୍ତା ନିର୍ବାଚିତ ହେଲେ। ଏହାସହିତ ସର୍ବ ସମ୍ମତିକ୍ରମେ ଉମାକାନ୍ତ ପଟ୍ଟନାୟକଙ୍କୁ ଭାରତୀୟ ଗଣମାଧ୍ୟମ ପରିଷଦର ଅଧ୍ୟକ୍ଷ ଭାବେ ମନୋନୀତ କରାଗଲା। ଏହି କାର୍ଯ୍ୟକ୍ରମରେ ୧୦୦ଜଣ ସାମ୍ବାଦିକ ଉପସ୍ଥିତ ଥିଲା ବେଳେ ୪୦ ଜଣ ସାମ୍ବାଦିକ ନୂତନ ସଦସ୍ୟତା ଗ୍ରହଣ କଲେ। ଏହି ଅଧିବେଶନ ବରୁଣେଇ ଡାକବଙ୍ଗଳାରେ ବହୁ ଉତ୍ସାହ ଓ ଉଦ୍ଦୀପନା ସହ ପାଳିତ ହେଲା ବୋଲି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ ସୂଚନା ଦେଇଛନ୍ତି।

## କାର୍ଗିଲ ବିଜୟ ଦିବସ ପାଳିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ବିକାଶ କଲେଜର ୱିସଡମ୍ ପାର୍କର ସମ୍ମିଳନୀ କକ୍ଷରେ ୨୬ ତମ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଏଥିରେ କଳାହାଣ୍ଡିର ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି ରାମ କୁମାର, ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ହରଜିନ୍ଦର୍ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍ଘାଟନ କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ୨୦ଟି ପେଣ୍ଟିଂ ସହ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ପରେ ପରେ ଆୟୋଜିତ ସଭାରେ ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଅଧ୍ୟକ୍ଷ ଡ଼ ଅଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ କାର୍ଗିଲ୍ ଯୁଦ୍ଧରେ ଲଢେଇ କରିଥିବା ୯ ଜଣ ସମେତ ୧୧ ଜଣ ସେନା ଅଧିକାରୀ ଓ ସେବା ନିବୃତ୍ତ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କାର୍ଗିଲ୍ ବିଜୟ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଂସ୍କୃତିକ କୂଟନୀତି ଉଦ୍ଦେଶ୍ୟରେ ବିଦେଶରେ ଆୟୋଜିତ ଭାରତ ଉତ୍ସବରେ କଳାହାଣ୍ଡିର ଲୋକକଳା ପ୍ରଦର୍ଶନ କରି କଳାହାଣ୍ଡି ପାଇଁ ଗୌରବ ଆଣିଥିବା କଳାକାର ମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪ ମସିହାରେ ଜାପାନ ଠାରେ ଆୟୋଜତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନର ୧୩ ଜଣ କଳାକାର ଓ ଗତ ମାସରେ ଋଷିଆର ମସ୍କୋ ଠାରେ ଆୟୋଜିତ ଭାରତ ଉତ୍ସବରେ ଅଂଶ ଗ୍ରହଣ କରିଥିବା ପ୍ରତିଭା ଅନୁଷ୍ଠାନର ୧୨ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଆଶୁତୋଷ ପାତ୍ର ମଞ୍ଚ ସଂଯୋଜନା କରିଥିଲେ। ଇଣ୍ଡିଆନ୍ କ୍ରିଏଟିଭ ଆର୍ଟିଷ୍ଟ ନେଟୱର୍କ ଟ୍ରଷ୍ଟର ଉପ ସଭାପତି ଶିଳ୍ପୀ ତରୁଣ ମହାପାତ୍ର, ସମ୍ପାଦକ ଅଭିଜିତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳକକର ଝୁଲନ୍ତା ମୃତଦେହ ଉଦ୍ଧାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପ୍ରେମିକା ସହ ଗପୁଥିବା ବେଳେ ହଠାତ ପ୍ରେମିକାଙ୍କ ମା' ପହଞ୍ଚିବା ପରେ ନାବାଳକଙ୍କୁ ମାରପିଟ ସହ ଗାଳିଗୁଲଜ କରିଥିଲେ। ଏହାପରଠାରୁ ନାବାଳକ ଜଣଙ୍କ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଥାନାରେ ପୁଅ ନିଖୋଜ ହେବା ଅଭିଯୋଗ କରିବା ପରେ ଶନିବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଏହା ଆତ୍ମହତ୍ୟା ବୋଲି ମନେ ହେଉଥିଲେ ହେଁ ପରିବାରଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ। ଥାନାରେ କରାଯାଇଥିବା ଅଭିଯୋଗ ଅନୁଯାୟୀ, ବିରିକୋଟ ଗ୍ରାମର ପୁରୀ ସାହୁଙ୍କ ପୁଅ ନରେଶ ସାହୁ (୧୫) ପାଖ ଗାଁର ଜଣେ ଝିଅଙ୍କୁ ପ୍ରେମ କରୁଥିଲେ। ଗତ ବୁଧବାର ଦୁହେଁ କଥା ହେବା ସମୟରେ ଝିଅଙ୍କ ମା' ଦେଖି ନରେଶଙ୍କୁ ଗାଳିଗୁଲଜ ସହ ମାରପିଟ ମଧ୍ୟ କରିଥିଲେ। ମା'ଙ୍କ ରାଗ ଦେଖି ଝିଅ ସେଠାରୁ ପଳାଇ ଯାଇ ଅନ୍ୟ ଜଣେ ବନ୍ଧୁଙ୍କ ଫୋନ୍‌ରୁ



ନରେଶଙ୍କ ବିଷୟରେ ପଚାରୁଥିଲେ। ହେଲେ ସେ ଘରକୁ ଫେରି ନ ଥିବାରୁ ନାବାଳକଙ୍କ ପରିବାରଲୋକଙ୍କୁ ଯାହା ଘଟିଥିଲା ତାହା କହିଥିଲେ। ଏହାକୁ ନେଇ ନରେଶଙ୍କ ବାପା ଏପରିକି ଆଖପାଖ ବନ୍ଧୁବାନ୍ଧବଙ୍କ ଘର ସହ ଅନ୍ୟାନ୍ୟ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ପୁଅ ନରେଶଙ୍କ ସନ୍ଧାନ ମିଳିପାରି ନ ଥିଲା। ଶେଷରେ ସେ ଝିଅଙ୍କ ପରିବାରକୁ ଦାୟୀ କରି ଥୁଆମୂଳ ରାମପୁର ପୋଲିସରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା କେସ୍ ନମ୍ବର ୯୮/୨୫ ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ନିଖୋଜ ଥିବା ନରେଶଙ୍କ ମୃତଦେହ ବିରିକୋଟ-ବଲଙ୍ଗି ମଝି ରାସ୍ତା ନିକଟ ଜୁଆଡ ଖୋଲା ନାମକ ପାହାଡରେ ଥିବା ଏକ ବାହାଡ଼ା ଗଛରୁ ନିଜେ ପିନ୍ଧିଥିବା ଏକ ଧଳା ସାର୍ଟରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତଦେହକୁ ବିରିକୋଟ ଗ୍ରାମର କିଛି ଯୁବକ ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକଙ୍କୁ ଜଣାଇବାରୁ ପରିବାରଲୋକେ ଥୁଆମୂଳ ରାମପୁର ଥାନାକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ଏସ୍ଆଇ ରଶ୍ମିରଞ୍ଜନ ବାଗ ଏବଂ ଏଏସ୍ଆଇ ପ୍ରହଲ୍ଲାଦ ପାଣିଗ୍ରାହୀ ଓ ପୋଲିସ କର୍ମଚାରୀଙ୍କ ସମେତ ମାଜିଷ୍ଟ୍ରେଟ ସନାତନ ମହାରଣା ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସନ୍ଧ୍ୟା ହୋଇଥିବା ବେଳେ ପରିବାରଲୋକେ ହତ୍ୟା ଅଭିଯୋଗ ଆଣି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

## ବିଦ୍ୟୁତ ଅଘାତରେ ଯୁବ ବ୍ୟବସାୟୀ ମୃତ



ଗୋଲାମୁଣ୍ଡା/ଧର୍ମଗଡ଼,(ଭାସ୍କର ନ୍ୟୁଜ୍): ଶନିବାର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଗୋଲାମୁଣ୍ଡା ଗ୍ରାମରେ ଜଣେ ଯୁବ ବ୍ୟବସାୟୀଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଯୁବ ବ୍ୟବସାୟୀ ଜଣକ ହେଲେ ଗୋଲାମୁଣ୍ଡା ଗ୍ରାମର ରାକେଶ କୁମାର ଅଗ୍ରୱାଲ(୩୮)। ସେ ଗୋଲାମୁଣ୍ଡା ବ୍ଲକର ଜଣେ ସୁପରିଚିତ ଯୁବ ବ୍ୟବସାୟୀ ଥିଲେ। ସୂଚନାଯୋଗ୍ୟ ଯେ, ସେ ତାଙ୍କ ଗୋଦାମ ଗୃହରେ ଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ସେହି ସମୟରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା ଫଳରେ ସେଠାରେ ସେ ଅଚେତ ହୋଇପଡ଼ିଥିଲେ। ପରେ ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଗୋଲାମୁଣ୍ଡା ସ୍ଥିତ ଶ୍ମଶାନରେ ଶେଷ ସତ୍କାର ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଗୋଲାମୁଣ୍ଡା ସହର ବାସୀ ଶୋକ ପାଳନ କରିଥିବା ବେଳେ ଦୋକାନ ବଜାର ବନ୍ଦ ରଖିଥିଲେ। ମୃତ ଯୁବ ବ୍ୟବସାୟୀଙ୍କ ଶୋକ ଖବର ପାଇବା ପରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜନ ସଂଗ୍ରାମ ସମିତି ସଭାପତି ସାଉଳ ମଙ୍ଗରାଜ, ପିସିସି ସମ୍ପାଦକ ତୁଳେଶ୍ୱର ନାଏକ, ବ୍ଲକ କଂଗ୍ରେସ ସଭାପତି ନୌକେଶ୍ୱର ପୁଟେଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଖବର ପାଇ ଗୋଲାମୁଣ୍ଡା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ବିପଦପୂର୍ଣ୍ଣ ଅବସ୍ଥାରେ ଷ୍ଟ୍ରିଟ୍ ଲାଇଟ୍



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତ ସିଉନୀ ଟିକ୍ରାପଡାଠାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଦିର୍ଘ ଦିନରୁ ବିପଦପୂର୍ଣ୍ଣ ଭାବେ ରହିଛି। ଏନେଇ ପଡାବାସୀ ଏହାର ମରାମତି ପାଇଁ ଅନେକ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ସୁଦ୍ଧା କାହାରି ଦୃଷ୍ଟି ପଡୁନାହିଁ। ଯାହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟଟି ନଇଁ ପଡ଼ିଲାଣି। ରାସ୍ତାରେ ଯିବା ଆସିବା ସମୟରେ ଖୁଣ୍ଟ ପଡିଯିବାର ବହୁ ସମ୍ଭାବନା ରହିଛି। କୌଣସି ମୁହୂର୍ତ୍ତରେ ମଧ୍ୟ ଖୁଣ୍ଟ ପଡ଼ିଯାଇ ଅଘଟଣ ଘଟିବାର ଆଶଙ୍କା ରହିଛି। ତେଣୁ ବିଦ୍ୟୁତ୍ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବା ପାଇଁ ଦାବି ହୋଇଛି।

## ବ୍ଲକ ପ୍ରଶାସନକୁ କେନ୍ଦ୍ରୀୟ ଅଧିକାରୀଙ୍କ ପ୍ରଶଂସା

କେସିଙ୍ଗା, (ଭାସ୍କର ନ୍ୟୁଜ୍): ଦିଲ୍ଲୀରୁ ଓଡିଶା ଗସ୍ତରେ ଆସିଥିବା ଦୁଇ ଜଣ ଉଚ୍ଚ ପଦାଧିକାରୀ କେସିଙ୍ଗା ବ୍ଲକର ଫଟକାମାଲ ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଜିଲା ପ୍ରଶାସନଙ୍କ ନେତୃତ୍ୱରେ ଜାତୀୟ ସ୍ତରୀୟ ପର୍ଯ୍ୟବେକ୍ଷକ ଦଳର ମିନିଷ୍ଟ୍ରି ଅଫ ରୁରାଲ ଡେଭଲପ ବିଭାଗର ଡେପୁଟି ଡ଼ାଇରେକ୍ଟର ରଜତ ବର୍ମା, କୋରଡ଼ିନେଟର ପ୍ରମୋଦ ବର୍ମା ଶନିବାର ପରିଦର୍ଶନ କରିଥିଲେ। ପ୍ରଥମେ ଫଟକାମାଲ ଗ୍ରାମସ୍ଥିତ ହାଇସ୍କୁଲ, ଗୋଷ୍ଠୀ ଶୌଚାଳୟ ପରିଦର୍ଶନ କରିବା ସହ ନିକଟସ୍ଥ ଚେକ ଡ୍ୟାମ ପରିଦର୍ଶନ କରିଥିଲେ। ଫଟକାମାଲ ଗ୍ରାମର ଦୁଲ୍ଲାରି ଜାଲଙ୍କୁ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦେଖି ଅଧିକାରୀଗଣ ଖୁସି ହୋଇ ବ୍ଲକ ପ୍ରଶାସନ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଫଟକାମାଲ ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଲା ସୁଭଦ୍ରା ଯୋଜନା, ବୁଢ଼ାବୁଢ଼ୀ ଭତ୍ତା, ମନରେଗା ଯୋଜନା, ପୋଖରୀ, ଆବାସ ଯୋଜନା ଦେଖି ଅଧିକାରୀ ଖୁସି ହୋଇଥିଲେ।



ଫଟକାମାଲ ଗ୍ରାମ ପଞ୍ଚାୟତରେ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ ବିଷୟରେ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯନ୍ତ୍ରୀ ଜଳେଶ୍ୱର ନାଏକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ଅଧିକାରୀ ଭାବେ ଡିପିସି ତ୍ରିଲୋଚନ ବାରିକ, ଡ଼ିଏସଏ ଶଶାଙ୍କ ଶେଖର ଭୋଇଙ୍କ ସମେତ କେସିଙ୍ଗା ବ୍ଲକର ବିଆରସି ନମିତା ପ୍ରଧାନ, ଡିପିସି ପ୍ରତିମା ସାହୁଙ୍କ ସମେତ ବ୍ଲକ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଜେଇ ସୁବାଷ ନାଏକ ଏହି ସବୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବର୍ଷା ହେଉଥିବାରୁ କେସିଙ୍ଗା ବ୍ଲକର ସିରଜାପାଲି ଗ୍ରାମ ପଞ୍ଚାୟତ ବାତିଲ କରି ଅଧିକାରୀଗଣ ଭବାନୀପାଟଣା ଫେରିଯାଇଥିଲେ।

## ଫରୱାର୍ଡ଼ ବ୍ଲକ ତରଫରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ

ଜୁନାଗଡ଼ (ଭାସ୍କର ନ୍ୟୁଜ୍) : ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଦିବଙ୍ଗତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଶୃତି ଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ଲକ କଲୋନୀ ପରିସର ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଗୟାରାମ ପୁଝାରୀ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ସୌମ୍ୟାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଓଡିଶା ସରକାର ସୌମ୍ୟଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ନାରୀ ନିର୍ଯାତନା ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ କର୍ମକର୍ତ୍ତା ମତପ୍ରକାଶ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଖିତି ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ବ୍ଲକର ନେତ୍ରୀ ଦିଶା ବାରିକ, ସାମ୍ବାଦିକ ରବିଶଙ୍କର ସୁନାନୀ, ଆଦିତ୍ୟ ମହାନ୍ତି, ସପ୍ତେଶ୍ୱର ପାଢ଼ୀ, କମଳା କାନ୍ତ ନାଏକ, ଭବାନୀ ନାଏକ, କମଳାକାନ୍ତ କୁମାର, ପ୍ରମୋଦ ବାରିକ, ରାଜେଶ ମହାଳିକ ପ୍ରମୁଖ ଉପସ୍ଥିତ ରହିଥିଲେ।



## କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ




ଜୁନାଗଡ଼ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚକ୍ଷରବାହାଲ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ଏନର୍ଜି କ୍ଲବ ବ୍ଲକ ସ୍ତରୀୟ ପ୍ରଦର୍ଶନୀର ସଭାପତୀ ତପନ ମାଝିଙ୍କ ସଭାପତିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଚାରବାହାଳ ଗ୍ରାମ ପଞ୍ଚାୟତ ସରପଞ୍ଚ ସତ୍ୟଭମା ପଣ୍ଡା, ମୁଖ୍ୟ ବକ୍ତା ଭାବେ ଏସବିଆଇ ବ୍ୟଙ୍କ ଶାଖ ପରିଚାଳକ ତପନ କୁମାର ବରା, ସମ୍ମାନିତ ଅତିଥି ନୋଡାଲ ପ୍ରଧାନ ଶିକ୍ଷକ ଚନ୍ଦ୍ର ବାଗ, ବିଆର୍‌ସିସି ସମ୍ପାଦକ ମଳୟ ପଣ୍ଡା, କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ମଞ୍ଚାସିନ ଅଥିତି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷଣୀୟ ଶିକ୍ଷା ଦେଇ ଥିଲା। ଉକ୍ତ ପ୍ରଦର୍ଶନୀରେ ପଚାଶଟି ପ୍ରକଳ୍ପ ୩୮ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂର୍ଯ୍ୟ ପ୍ରସାଦ ଠାକୁର ପରିଚାଳନା କରିଥିବା ବେଳେ ସତ୍ୟଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକଳ୍ପ ପ୍ରଦର୍ଶନ ସହ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚାରାରୋପଣ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଜମନ ସାଗର, ସିଆର୍‌ସିସି ଉମେଶ ନାଏକ, ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗରେ ସୁଚାରୁ ରୂପେ ପ୍ରଦର୍ଶନୀ ସମ୍ପାଦନ ହୋଇଥିଲା।


## ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ହୋଟେଲ ରାଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୪ତମ ମନ କି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଜେପି ନଗର ସଭାପତି ସୋରଭ ମିତ୍ତଲଙ୍କ ନେତୃତ୍ୱରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ବିଜେପି କର୍ମକର୍ତ୍ତା ନେତୃବୃନ୍ଦ ଉପସ୍ଥିତ ରହିଥିଲେ। ସାଧାରଣ ସମ୍ପାଦକ ଘନଶ୍ୟାମ ଭାଟି ଓ ବାଞ୍ଛାନିଧି ଯୋଶୀ, ଜିଲ୍ଲା ପ୍ରତିନିଧି ଡମ୍ବରୁ ଧର ଠାକୁର, ବରିଷ୍ଠ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀକାନ୍ତ ବାଗ, ହରେକୃଷ୍ଣ ପଣ୍ଡା, ହେମନ୍ତ ମାଝୀ, ମନୀନ୍ଦ୍ର ପାତ୍ର, ଚନ୍ଦନ ପାତ୍ର ମହିଳା କର୍ମୀ ମମତା ମେହେର ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ରାଶିଫଳ

ସୋମବାର, ୨୮ ଜୁଲାଇ ୨୦୨୫



**ମେଷ:** ଆପଣ ଉତ୍ସାହଜନକ ସୂଚନା ପାଇବେ। ଆପଣ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବେ। ଅପଚୟ ଖର୍ଚ୍ଚ ହେବ। କିଛି ଭଲ କାମ କରିବାକୁ ଇଚ୍ଛୁକ ହେବେ। ବ୍ୟବସାୟରେ ଲାଭ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦି ଅନୁକୂଳ ଲାଭ ଦେବ। ଭାଇମାନଙ୍କର ସମର୍ଥନ ପାଇବେ।




**ବୃଷ:** ଆଘାତ ଏବଂ ରୋଗ ହେତୁ ବାଧା ସମ୍ଭବ। ଅସୁବିଧାରେ ପଡ଼ନ୍ତୁ ନାହିଁ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଭ୍ରମଣ ଲାଭଦାୟକ ହେବ। ବ୍ୟବସାୟ ବୃଦ୍ଧି ପାଇବ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ।



**ମିଥୁନ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଅପଚୟ ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଏକାଠି ଖାଇବା ଠାରୁ ଦୂରେଇ ରୁହନ୍ତୁ। ପରିବାର ପାଇଁ ଚିନ୍ତା ହେବ। ଆତ୍ମ ସମ୍ମାନର ସହ ରୁହ। କୌଣସି ବ୍ୟକ୍ତିର ଉତ୍ତେଜନାରେ ଶିକାର ହୁଅନ୍ତୁ ନାହିଁ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟ ଜାରି ରହିବ।



**କର୍କଟ:** ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ, ଚେଷ୍ଟା କର। ବ୍ୟବସାୟ ଯାତ୍ରା ସଫଳ ହେବ। ବିନିଯୋଗ ଅନୁକୂଳ ଲାଭ ଦେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ବୃଦ୍ଧି ପାଇବ। କିଛି ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଆସିପାରେ।



**ସିଂହ:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବିନିଯୋଗ ଭଲ ହେବ। ଚାକିରିରେ ଉଭୟ କାର୍ଯ୍ୟଭାର ଏବଂ ପ୍ରାଧିକରଣ ବୃଦ୍ଧି ପାଇପାରେ। ବାହାରକୁ ଯିବାକୁ ଏକ ଯୋଜନା ପ୍ରସ୍ତୁତ କରିବେ। ଶତ୍ରୁମାନେ ପରାସ୍ତ ହେବେ।




**କନ୍ୟା:** ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ରହିବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି। ଟଙ୍କା ପାଇବା ସହଜ ହେବ। ଚାକିରିରେ ଶାନ୍ତି ରହିବ। ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗତି ଲାଭ କରିବ। ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଥାଇପାରେ।



**ତୁଳା:** ଖରାପ ଖବର ଗ୍ରହଣ କରାଯାଇପାରେ, ଧର୍ଯ୍ୟବାନ ହୁଅ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। କାମ କରିବାକୁ ଇଚ୍ଛା ହେବ ନାହିଁ। ବିବାଦ କାରଣରୁ ଦ୍ୱନ୍ଦ୍ୱ ସମ୍ଭବ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ। କଠିନ ପରିଶ୍ରମ ଅଧିକ ହେବ ଏବଂ ଲାଭ କମ୍ ହେବ।



**ବିଛା:** ସ୍ୱାସ୍ଥ୍ୟର ଯତ୍ନ ନିଅ। ଅତ୍ୟଧିକ ଉତ୍ସାହ ଏବଂ ବ୍ୟସ୍ତତା ରହିବ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ବ୍ୟବସାୟ ଭଲ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ଲାଭ ସୁଯୋଗ ଆସିବ। ଭାଗ୍ୟ ଅନୁକୂଳ, ଏହାର ଲାଭ ନିଅ। ଘର ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।



**ଧନୁ:** ସ୍ଥିର ସମ୍ପତ୍ତି ବୃଦ୍ଧି ହୋଇପାରେ। ସମ୍ପତ୍ତି ଅପରେସନ୍ ବହୁତ ଲାଭ ଦେଇପାରେ। ବିନିଯୋଗ ଭଲ ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ତୁମେ ଚାକିରି ପାଇବ। ପ୍ରଗତିର ରାସ୍ତା ଖୋଲିଯିବ। ସହଭାଗୀମାନଙ୍କ ସହିତ ମତଭେଦ ସମାଧାନ ହେବ। ଶୀଘ୍ର କୈଣସି ନିଷ୍ପତ୍ତି ନିଅ ନାହିଁ। ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ। ବେପରୁଆ ହୁଅ ନାହିଁ।



**ମକର:** ସୃଜନଶୀଳ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯିବ। ଆୟ ବୃଦ୍ଧି ପାଇବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ। ବ୍ୟସ୍ତ ରହିବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ବ୍ୟବସାୟ ଲାଭଦାୟକ ହେବ। ଘରେ ଏବଂ ବାହାରେ ସବୁ ଦିଗରୁ ସଫଳତା ଏବଂ ସୁଖ ମିଳିବ।



**କୁମ୍ଭ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ। ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ। ଅଧିକ ତ୍ୱରାନ୍ୱିତ ହେବ। ଚାକିରିରେ ଅଧସ୍ତନମାନଙ୍କ କମ୍ ସହଯୋଗ ହେବ।



**ମୀନ:** ପରିଶ୍ରମର ଫଳ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯିବ। ଭ୍ରମଣ ଲାଭଦାୟକ ହେବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ବହୁତ ଭଲ କାମ କରିବାକୁ ଇଚ୍ଛୁକ ହେବେ। ପରିବାର ସହାୟତା ଉପଲବ୍ଧ ହେବ। ଆୟ ବୃଦ୍ଧି ପାଇବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ସୁଖ ମିଳିବ। ଆପଣ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ।




ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯